# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୭/୨୦୨୩ (୧୬ ପୃଷ୍ଠା) | Bhubaneswar, Tuesday, November 7/2023 | Page 16 | ₹ 7.00

୪୯ଶ ଭାଗ ୩୪୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 342 | ମୂଲ୍ୟ ₹୭/-





**ସଂକ୍ଷେପରେ**

### ସିଆଇସି ଭାବେ ଶପଥ ନେଲେ ହୀରାଲାଲ୍ ସମରିୟା



**ନୂଆଦିଲ୍ଲୀ,୬।୧୧:** ଭାରତର ମୁଖ୍ୟ ସୂଚନା କମିଶନର (ସିଆଇସି) ଭାବେ ବରିଷ୍ଠ ପ୍ରଶାସନିକ ଅଧିକାରୀ ହୀରାଲାଲ୍ ସମରିୟା ସୋମବାର ଶପଥ ଗ୍ରହଣ କରିଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ଭବନରେ ୬୩ ବର୍ଷୀୟ ହୀରାଲାଲ୍‌ଙ୍କୁ ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ଜଗଦୀପ୍ ଧନ୍‌କର, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର କାର୍ମିକ ବିଭାଗ ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ଆଇଏଏସ୍ ଅଫିସର ହୀରାଲାଲ୍ ଶ୍ରମ ଓ ନିୟୋଜନ ସଚିବ ଭାବେ ପୂର୍ବରୁ କାର୍ଯ୍ୟ କରିଥିଲେ। ଅକ୍ଟୋବର ୩ରେ ୱାଇ.କେ. ସିହ୍ନାଙ୍କ କାର୍ଯ୍ୟକାଳ ଶେଷ ହେବା ପରେ କେନ୍ଦ୍ରୀୟ ସୂଚନା ଆୟୋଗର ଶୀର୍ଷ ପଦ ଖାଲି ପଡ଼ିଥିଲା।

### ମହିଳା ଅଫିସର ହତ୍ୟା ମାମଲାରେ ଡ୍ରାଇଭର ଗିରଫ

**ବେଙ୍ଗାଲୁରୁ,୬।୧୧:** କର୍ଣ୍ଣାଟକ ଖଣି ବିଭାଗ ଉପନିର୍ଦ୍ଦେଶିକା ପ୍ରଥିମା କେ.ଏସ୍.ଙ୍କୁ ହତ୍ୟା ମାମଲାରେ ବେଙ୍ଗାଲୁରୁ ପୋଲିସ ତାଙ୍କ ଡ୍ରାଇଭରଙ୍କୁ ଗିରଫ କରିଛି। ୫ ବର୍ଷ ହେଲା ଠିକାରେ ନିଯୁକ୍ତି ପାଇଥିବା କିରଣ ନାମକ ଉକ୍ତ ଡ୍ରାଇଭରଙ୍କୁ ୭ରୁ ୧୦ ଦିନ ପୂର୍ବରୁ ଚାକିରିରୁ ବହିଷ୍କାର କରାଯାଇଥିଲା ବୋଲି ବେଙ୍ଗାଲୁରୁ ପୋଲିସ କମିଶନର ବି. ଦୟାନନ୍ଦ କହିଛନ୍ତି। ବହିଷ୍କାରର ପ୍ରତିଶୋଧ ନେବା ପାଇଁ କିରଣ ପ୍ରଥିମାଙ୍କୁ ହତ୍ୟା କରିଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ଶନିବାର ରାତିରେ ହତ୍ୟାକାଣ୍ଡ ଘଟାଇବା ପରେ ସେ ବେଙ୍ଗାଲୁରୁରୁ ୨୦୦ କିଲୋମିଟର ଦୂର ଚାମରାଜନଗରକୁ ଚାଲିଯାଇଥିଲେ।

### ନୂଆ ଆପରାଧିକ ଆଇନ ପାଇଁ ବିଲ୍ ଉପରେ ରିପୋର୍ଟ ସଂସଦୀୟ କମିଟିରେ ଗୃହୀତ

**ନୂଆଦିଲ୍ଲୀ,୬।୧୧:** ବର୍ତ୍ତମାନର ଆପରାଧିକ ଆଇନ ସ୍ଥାନରେ ନୂଆ ଆଇନ ଆଣିବା ପାଇଁ ବିଲ୍ ଉପରେ ୩ଟି ରିପୋର୍ଟ ସୋମବାର ସ୍ୱରାଷ୍ଟ୍ର ବ୍ୟାପାର ସଂସଦୀୟ କମିଟିରେ ଗୃହୀତ ହୋଇଛି। ତେବେ କମିଟିର କେତେଜଣ ବିରୋଧୀ ସଦସ୍ୟ ଭିନ୍ନ ମତ ଉପସ୍ଥାପନ କରିଥିଲେ ବୋଲି ଜଣାପଡ଼ିଛି। ଚିଠା ରିପୋର୍ଟର ଅଧ୍ୟୟନ ପାଇଁ ସଦସ୍ୟମାନେ ଗତ ମାସରେ ଅଧିକ ସମୟ ଚାହିଁବାରୁ ୧୦ ଦିନ ପରେ ସୋମବାର ଭାଜପା ଏମ୍‌ପି ବ୍ରିଜ୍‌ଲାଲ୍‌ଙ୍କ ଅଧକ୍ଷତାରେ ସଂସଦୀୟ କମିଟି ବୈଠକ ବସିଥିଲା। ବର୍ତ୍ତମାନର ଭାରତୀୟ ଦଣ୍ଡ ସଂହିତା(ଆଇପିସି), ଦଣ୍ଡ ପ୍ରକ୍ରିୟା ସଂହିତା ଏବଂ ଭାରତୀୟ ତଥ୍ୟ ପ୍ରମାଣ ଆଇନ ସ୍ଥାନରେ ନୂଆ ଆଇନ ଆଣିବା ପାଇଁ କେନ୍ଦ୍ର ସରକାର ଗତ ଅଧିବେଶନରେ ୩ଟି ବିଲ୍ ଆଣିଥିଲେ। ସେଗୁଡ଼ିକ ହେଲା ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ।

# ରଣକ୍ଷେତ୍ରରେ ରିପୋର୍ଟିଂ ଚ୍ୟାଲେଞ୍ଜ

## ଜଣେ ଖବରଦାତାଙ୍କ ମୃତ୍ୟୁରେ ମରିଯାଏ ଲକ୍ଷାଧିକ ଲୋକଙ୍କ ଖବର




ଅକ୍ଟୋବର ୩୦ରେ ଅଲ୍-ଜଜିରାର ଗାଜା ଷ୍ଟ୍ରିପ୍ ରିପୋର୍ଟର ୟୋଉମ୍ନା ଏଲ୍-ସୟେଦଙ୍କ ସ୍ୱାମୀଙ୍କୁ 'ସ୍ଥାନ ଛାଡ଼ି ଚାଲିଯାଅ, ନଚେତ୍ ମର' ବୋଲି ଇସ୍ରାଏଲୀ ଡିଫେନ୍ସ ଫୋର୍ସେସ୍ (ଆଇଡିଏଫ୍) ପକ୍ଷରୁ ଧମକ ଦିଆଯାଇଥିଲା। ଦକ୍ଷିଣ ଗାଜାରେ ଇସ୍ରାଏଲ ତୁହାକୁ ତୁହା ବୋମାମାଡ଼ କରୁଥିବାବେଳେ ୟୋଉମ୍ନାଙ୍କ ପରିବାର ଲୋକେ ଆତଙ୍କିତ ହୋଇ ପଳାୟନ କରିବାକୁ ବାଧ ହୋଇଥିଲେ।

**ତେଲ୍ ଆଭିଭ୍/ ଗାଜା ସିଟି, ୬।୧୧**
**(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)**

ସାମ୍ବାଦିକତା ଏକ ବୃତ୍ତି ନୁହେଁ, ମିଶନ। ଏହି ଅଭିଯାନରେ ଥାଇ ଯୁଦ୍ଧ ରିପୋର୍ଟିଂ କରୁଥିବା ଖବରଦାତାମାନଙ୍କ ଅନୁଭୂତି ସ୍ୱତନ୍ତ୍ର। ଗାଜା ଭିତରେ ରହି ଯୁଦ୍ଧର ଘନଘଟା କଭର କରୁଥିବା ପାଲେଷ୍ଟିନୀୟ ଖବରଦାତାଙ୍କ ଦୃଷ୍ଟାନ୍ତ ବିଶ୍ୱରେ ବିରଳ। ସେମାନେ ଯୁଦ୍ଧର ବିବରଣୀ/ଦୃଶ୍ୟ ପାଠକ ବା ଦର୍ଶକଙ୍କ ନିକଟରେ ପହଞ୍ଚାଇବା ପାଇଁ କୌଣସି ଅନ୍ୟ ଦେଶର ସୀମାକୁ ଯାଇନାହାନ୍ତି, ବରଂ ଯୁଦ୍ଧ ସେମାନଙ୍କ ଘରକୁ ଆସିଯାଇଛି। ସେମାନଙ୍କ ଛାତ ଉପରେ ବୋମା ବର୍ଷା ହେଉଛି। ଗାଜାରେ ଲୁଚିବା ପାଇଁ ସ୍ଥାନ ନାହିଁ। ସେଠାରୁ ପଳାୟନ ଲାଗି ପନ୍ଥା ନାହିଁ ଏବଂ ଗାଜାରେ ରହିବାର ମାନେ ହେଉଛି ମୃତ୍ୟୁ। ହେଲ୍‌ମେଟ ଓ ବୁଲେଟ୍ ପ୍ରୁଫ୍ ଜ୍ୟାକେଟ କୌଣସି କାମକୁ ନୁହେଁ। ଏସବୁ ଜାଣି ସୁଦ୍ଧା ଖବରଦାତାମାନେ ଅଦ୍ୟାବଧି ଗାଜାଠାରୁ ରିପୋର୍ଟିଂ ବନ୍ଦ କରିନାହାନ୍ତି। ସେମାନଙ୍କ ଅନେକ ସାଥୀ ହତ୍ୟାର ଶିକାର ହେବା ପରେ ମଧ୍ୟ ରିପୋର୍ଟିଂ ଜାରି ରହିଛି। ଏହି ଖବରଦାତାମାନେ ଖବର ପାଇଁ ନିଜ ଜୀବନକୁ ବାଜି ଲଗାଇ ସାହସ ଓ ସାଧନର ସବୁ ଆହ୍ୱାନକୁ ନ୍ୟୂନ ପ୍ରମାଣିତ କରିଛନ୍ତି। ବିନା ଖାଦ୍ୟ, ପାନୀୟ ଓ ଦରମାରେ ରିପୋର୍ଟିଂ କରୁଥିବା ପାଲେଷ୍ଟିନୀୟ ରିପୋର୍ଟରମାନେ କର୍ମଭୂମି ଯୁଦ୍ଧଭୂଇଁରେ ମୃତ୍ୟୁକୁ ଆଦରିନେଉଛନ୍ତି। ବେଞ୍ଜାମିନ୍ ନେତାନ୍ୟାହୁଙ୍କ ଶକ୍ତିଶାଳୀ ଇସ୍ରାଏଲୀ ଡିଫେନ୍ସ ଫୋର୍ସେସ୍ (ଆଇଡିଏଫ୍) ସେମାନଙ୍କୁ ଜାଣିଶୁଣି ଟାର୍ଗେଟ କରୁଥିବା ଅଭିଯୋଗ ହୋଇଛି।

ରଣକ୍ଷେତ୍ରରେ ରିପୋର୍ଟିଂ କଲାବେଳେ ବୁଲେଟ୍ ପ୍ରୁଫ୍ ଜ୍ୟାକେଟର କୌଣସି ମୂଲ୍ୟ ନାହିଁ। ତେଣୁ ପ୍ରେସ୍ ଲେଖାଥିବା ସୁରକ୍ଷା କବଚକୁ ନିଜ ଦେହରୁ ଉତାରିଦେଇଛନ୍ତି ପାଲେଷ୍ଟିନୀୟ କର୍ତ୍ତୃପକ୍ଷଙ୍କ ଟିଭି ଚ୍ୟାନେଲ ପାଇଁ କାମ କରୁଥିବା ସଲମାନ୍ ଅଲ-ବସିର। କାରଣ ତାଙ୍କ ସହକର୍ମୀ ମୋହମେଦ୍ ଅବୁ ହତାବ୍ ଅଧଘଣ୍ଟା ପୂର୍ବରୁ ନାସେର ହସ୍ପିଟାଲରୁ ଲାଇଭ୍ ରିପୋର୍ଟିଂ କରିବା ସମୟରେ ଏପରି ଜ୍ୟାକେଟ୍ ପରିଧାନ କରିଥିଲେ। କିନ୍ତୁ ତାହା ତାଙ୍କୁ ସୁରକ୍ଷା ଦେଇପାରି ନ ଥିଲା। ଇସ୍ରାଏଲର ରକେଟ୍ ମାଡ଼ରେ ହତାବ୍ ନିହତ ହୋଇଛନ୍ତି। ତାଙ୍କ ମୃତଦେହ ପଡ଼ିଥିବା ସ୍ଥାନରୁ ରିପୋର୍ଟିଂ ବେଳେ ସଲମାନ୍ କାନ୍ଦି କାନ୍ଦି କହିଥିଲେ, ଆଉ ସହି ହେଉନାହିଁ। ଆମ ଦୁଇଜଣଙ୍କ ମଧ୍ୟରେ କେବଳ ଗୋଟିଏ ଫରକ୍ ରହିଛି। ତାହା ହେଉଛି, ମୃତ୍ୟୁ କାହାକୁ ପ୍ରଥମେ ଓ କାହାକୁ ପରେ କୋଳେଇ ନେବ। ଜଣେ ପରେ ଜଣେ ମରୁଛୁ। ଗାଜା ଉପରେ ଯେଉଁ ବିପତ୍ତି ମାଡ଼ିଆସିଛି, ତାକୁ କାହାରି ଖାତିର ନାହିଁ। ଆମେ ଲାଇଭ୍, ଅନ୍ ଏୟାର୍ ଭିକ୍ଟିମ୍। ଆମେ ସେହି ପୀଡ଼ିତ, ମରିବା ପାଇଁ ନିଜ ପାଳିକୁ ଅପେକ୍ଷା କରିବା ବ୍ୟତୀତ ଯାହାଙ୍କ ଅନ୍ୟ ଗତି ନାହିଁ। ଏସବୁ ଦେଖି ନ୍ୟୁଜ୍‌ରୁମ୍‌ରେ ଆଙ୍କରିଂ କରୁଥିବା ଉପସ୍ଥାପିକାଙ୍କ ଆଖିରେ ମଧ ଲୁହ ଆସିଯାଇଥିଲା।

### ଇସ୍ରାଏଲ-ଗାଜା ଯୁଦ୍ଧଭୂଇଁରେ ୩୬ ସାମ୍ବାଦିକ ନିହତ

ଗାଜାରେ ଖବରଦାତାମାନେ ଯୁଦ୍ଧର ରିପୋର୍ଟିଂ ବେଳେ ବହୁବିପଦ ଓ ଆହ୍ୱାନପୂର୍ଣ୍ଣ ପରିସ୍ଥିତି ଦେଇ ଗତି କରୁଛନ୍ତି। ବିଶେଷକରି ଇସ୍ରାଏଲୀ ବଳ ଆକାଶମାର୍ଗରୁ ଏୟାରଷ୍ଟ୍ରାଇକ୍ ପରେ ସ୍ଥଳଭାଗରେ ଗାଜା ସିଟିକୁ ଟାର୍ଗେଟ କରି ଯୋଗାଯୋଗ ଭିତ୍ତିଭୂମିକୁ ନଷ୍ଟଭ୍ରଷ୍ଟ କରିଦେଇଥିବାରୁ ଇଣ୍ଟରନେଟ୍ ଓ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଯାଇଛି। ଏହାସତ୍ତ୍ୱେ ସେମାନେ ହାର ନ ମାନି ବିଶ୍ୱବାସୀଙ୍କ ନିକଟରେ ଖବର ପହଞ୍ଚାଇବା ମିଶନ ଜାରି ରଖିଛନ୍ତି।

ଅକ୍ଟୋବର ୭ରେ ହମାସ୍‌ର ଅଭୂତପୂର୍ବ ଆକ୍ରମଣ ପରେ ଇସ୍ରାଏଲ-ଗାଜା ଯୁଦ୍ଧରେ ଅନେକ ଖବରଦାତାଙ୍କ ଜୀବନ ଗଲାଣି। ସେବେଠୁ ନିହତ, ଆହତ, ନିଖୋଜ ଓ ଗିରଫ ସାମ୍ବାଦିକ ତଥା ଗଣମାଧ୍ୟମ କର୍ମୀଙ୍କ ସମ୍ପର୍କରେ କମିଟି ଟୁ ପ୍ରୋଟେକ୍ଟ ଜର୍ନାଲିଷ୍ଟ (ସିପିଜେ) ପକ୍ଷରୁ ତଦନ୍ତ ଚାଲିଛି। ସିପିଜେର ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ନଭେମ୍ବର ୫ ସୁଦ୍ଧା:

- ➩୩୬ ଖବରଦାତା ଓ ମିଡିଆ ୱାର୍କର୍ସଙ୍କ ମୃତ୍ୟୁ ଘଟିଛି।
- ➩ମୃତ ରିପୋର୍ଟର୍ସଙ୍କ ମଧ୍ୟରୁ ୩୧ ପାଲେଷ୍ଟିନୀୟ, ୪ ଇସ୍ରାଏଲୀ ଓ ଜଣେ ଲେବାନନ୍ ନାଗରିକ।
- ➩୮ ଖବରଦାତା ଆହତ ଓ ୩ ନିଖୋଜ।
- ➩ଅନ୍ୟ ୮ ଖବରଦାତା ଗିରଫ।
- ➩ଅନେକ ଜର୍ନାଲିଷ୍ଟ ନିଜ ପରିବାରକୁ ହରାଇଛନ୍ତି।
- ➩ଖବରଦାତାମାନଙ୍କ ପାଖରେ ବ୍ୟକ୍ତିଗତ ସୁରକ୍ଷାତ୍ମକ ଉପକରଣ (ପିପିଇ) ନାହିଁ।
- ➩ଯୁଦ୍ଧ ଆରମ୍ଭରୁ ଇସ୍ରାଏଲୀ ପୋଲିସ ଓ ସେନା ବିବିସି, ଅଲ୍-ଜଜିରା, ଆର୍‌ଟି ଆରବିକ୍, ଅଲ୍-ଆରବୀ ଟିଭି ଭଳି ଆଉଟ୍‌ଲେଟ୍‌ର ଖବରଦାତାମାନଙ୍କୁ ରିପୋର୍ଟିଂରେ ବାଧା ସୃଷ୍ଟି କରୁଛନ୍ତି।




ପାଲେଷ୍ଟାଇନ୍ ଟିଭି ଖବରଦାତା ମୋହମେଦ ଅବୁ ହତାବ୍।




ଅବୁ ହତାବ୍‌ଙ୍କ ମୃତଦେହକୁ ଶୋଭାଯାତ୍ରାରେ ନିଆଯାଉଛି।



" ଗାଜାରେ ଖବରଦାତାମାନଙ୍କ ମୃତ୍ୟୁ ଘଟଣାକୁ ଆମେ ଅଣଦେଖା କରିପାରିବା ନାହିଁ। ଏହି ମୃତ ଖବରଦାତାଙ୍କ ସଂଖ୍ୟା ରୁଷିଆ-ୟୁକ୍ରେନ୍ ଯୁଦ୍ଧ ମୃତ୍ୟୁକୁ ଟପିଯାଇଛି। ଯାହା ଘଟୁଛି, ତାହା ଅବିଶ୍ୱସନୀୟ ଭାବେ ଆଚମ୍ବିତ କରିଦେବା ଭଳି। ଗାଜାରେ ବର୍ତ୍ତମାନର ମିଡିଆ ବ୍ଲାକ୍‌ଆଉଟ୍ ସ୍ଥିତିରେ ଖବରଦାତାମାନେ ରିପୋର୍ଟିଂ କରିବା ଅସମ୍ଭବ ହୋଇଯାଇଛି।

**-ଖ୍ରୀଷ୍ଟୋଫର ଡେଲୋଇରେ, ରିପୋର୍ଟର୍ସ ୱିଦାଉଟ୍ ବର୍ଡର୍ସ ମହାସଚିବ**



" ଯୁଦ୍ଧ ସମୟରେ ଭୁଲ୍ ସୂଚନା ଓ ଗୁଜବ ରୋକିବା ଖବରଦାତାଙ୍କ ଦାୟିତ୍ୱ। ସେମାନଙ୍କୁ ବାଦ୍‌ଦେଇ ଲଢ଼ାଯାଉଥିବା ଯୁଦ୍ଧ କେବଳ ଏକ ୱାର୍ ପ୍ରୋପାଗଣ୍ଡା। ତେଣୁ ଜର୍ନାଲିଷ୍ଟଙ୍କ ଉପରେ ଆକ୍ରମଣ ବନ୍ଦ ହେଉ।

**-ଶେରିଫ୍ ମନ୍‌ସୋଉର୍, ସିପିଜେର ମଧ୍ୟପ୍ରାଚ୍ୟ ପ୍ରୋଗ୍ରାମ୍ ଡାଇରେକ୍ଟର**




ସଲମାନ୍ ଅଲ୍-ବସିର ରିପୋର୍ଟିଂ କରୁଥିବାବେଳେ ଟିଭି ଉପସ୍ଥାପିକା କାନ୍ଦି ପକାଉଛନ୍ତି।

### ସବୁଠୁ ଘାତକ ସମୟ

➩ନଭେମ୍ବର ୨ରେ ପାଲେଷ୍ଟିନୀୟ ଟିଭି ଚ୍ୟାନେଲ ପାଇଁ କାମ କରୁଥିବା ମୋହମେଦ୍ ଅବୁ ହତାବ୍ ଓ ତାଙ୍କ ପରିବାରର ୧୧ ସଦସ୍ୟଙ୍କୁ ଦକ୍ଷିଣ ଗାଜାର ଖାନ୍ ୟୁନିସ୍ ସହରରେ ବୋମାମାଡ଼ କରି ହତ୍ୟା କରାଯାଇଥିଲା।

➩ଅକ୍ଟୋବର ୧୩ରେ ରଏଟର୍ସ ଖବରଦାତା ଇସାମ୍ ଅବ୍‌ଦାଲହଙ୍କୁ ଇସ୍ରାଏଲ ସୀମାରେ ଆଇଡିଏଫ୍ ସୈନ୍ୟ ଟାର୍ଗେଟ କରି ହତ୍ୟା କରିଥିବା ଗଣମାଧ୍ୟମ ଜଗୁଆଳି ସଂସ୍ଥା ରିପୋର୍ଟର୍ସ ୱିଦାଉଟ୍ ବର୍ଡର୍ସ ତଦନ୍ତରୁ ଜାଣିବାକୁ ପାଇଥିଲା।

➩ରଏଟର୍ସକୁ ଇସ୍ରାଏଲୀ ସେନା ଲେଖିଥିବା ଏକ ପତ୍ରରେ ଉଲ୍ଲେଖ କରିଛି ଯେ, ହମାସ୍ ଆତଙ୍କବାଦୀମାନେ ଇସ୍ରାଏଲର ସାମରିକ ଅଭିଯାନକୁ ନାଗରିକ ଓ ଖବରଦାତାଙ୍କ ନିକଟକୁ ଟାଣିନେଇଥିବାରୁ ରିପୋର୍ଟରମାନଙ୍କ ସୁରକ୍ଷା ଗ୍ୟାରେଣ୍ଟି ଦିଆଯାଇପାରିବ ନାହିଁ।



➩୧୯୯୨ରୁ ଯୁଦ୍ଧର ଟ୍ରାକିଂ କରୁଥିବା ସିପିଜେ କହିଛି, ସଦ୍ୟ ସଂଘର୍ଷର ପ୍ରଥମ କିଛି ସପ୍ତାହ ଅନେକ ଦଶନ୍ଧି ଭିତରେ ଖବରଦାତାମାନଙ୍କ ପାଇଁ ସବୁଠୁ ଘାତକ ସମୟ।

➩ଅନ୍ତର୍ଜାତୀୟ ଆପରାଧିକ ଅଦାଲତ (ଆଇସିସି) ପାଲେଷ୍ଟିନୀୟ ଖବରଦାତାମାନଙ୍କ ମୃତ୍ୟୁର ତଦନ୍ତ କରିବା ଉଚିତ। ଯୁଦ୍ଧ ଆରମ୍ଭରୁ ଗାଜାରେ ୫୦ ଗଣମାଧ୍ୟମ ସଂସ୍ଥା ଅଫିସକୁ ଟାର୍ଗେଟ କରାଯାଇଥିବା ରିପୋର୍ଟର୍ସ ୱିଦାଉଟ୍ ବର୍ଡର୍ସ ପକ୍ଷରୁ ଦାବି କରାଯାଇଛି।

➩ଅନ୍ୟପକ୍ଷେ ଆଇସିସିର ୧୨୩ ସଦସ୍ୟ ରାଷ୍ଟ୍ର ମଧ୍ୟରେ ନ ଥିବା ଇସ୍ରାଏଲ କହିଛି, ଏହି ଯୁଦ୍ଧକୁ ନେଇ ତଦନ୍ତ କରିବା ଆଇସିସିର କ୍ଷମତା ପରିସରଭୁକ୍ତ ନୁହେଁ।

# ନେପାଳରେ ପୁଣି ଭୂକମ୍ପ

### ଦିଲ୍ଲୀ ସମେତ ଉତ୍ତର ଭାରତରେ ଝଟକା

**କାଠମାଣ୍ଡୁ/ନୂଆଦିଲ୍ଲୀ,୬।୧୧**

ନେପାଳରେ ୩ ଦିନ ମଧ୍ୟରେ ଦ୍ୱିତୀୟ ଭୂକମ୍ପ ସୋମବାର ଅପରାହ୍ନ ୪ଟା ୧୪ ମିନିଟ୍‌ରେ ହୋଇଛି। ଭୂକମ୍ପର ତୀବ୍ରତା ୫.୬ ଥିଲା। ଏହାର ପ୍ରଭାବରେ ଦିଲ୍ଲୀ-ଏନ୍‌ସିଆର୍ ସମେତ ଉତ୍ତର ଭାରତରେ ଶକ୍ତିଶାଳୀ ଝଟକା ଅନୁଭୂତ ହୋଇଛି। ଗତ ଶୁକ୍ରବାର ରାତିରେ ଏହି ପାର୍ବତ୍ୟାଞ୍ଚଳ ଦେଶରେ ୬.୪ ତୀବ୍ରତାର ଭୂକମ୍ପ ୧୫୭ ଲୋକଙ୍କ ଜୀବନ ନେଇଥିବାବେଳେ ୨୫୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଶକ୍ତିଶାଳୀ ଭୂକମ୍ପ ଯୋଗୁ ଶହ ଶହ ଘର ମାଟିରେ ମିଶିଯାଇଛି। ଏହାର କେନ୍ଦ୍ରସ୍ଥଳ ରାଜଧାନୀ କାଠମାଣ୍ଡୁଠାରୁ ୫୦୦ କିଲୋମିଟର ପଶ୍ଚିମରେ ବୋଲି ଜଣାପଡ଼ିଥିଲା। ସୋମବାର ଭୂକମ୍ପର କେନ୍ଦ୍ରସ୍ଥଳ ୧୦ କିଲୋମିଟର ଗଭୀରରେ ହୋଇଥିବା ଜାତୀୟ ଭୂକମ୍ପ କେନ୍ଦ୍ର ପକ୍ଷରୁ କୁହାଯାଇଛି। ନେପାଳ ସବୁଠୁ ସକ୍ରିୟ ଟେକ୍ଟୋନିକ୍ ଜୋନ୍ ୪ ଓ ୫ ମଧ୍ୟରେ ରହୁଥିବାରୁ ଏଠାରେ ଭୂକମ୍ପ ଅତ୍ୟଧିକ କ୍ଷତିକାରକ ହୋଇଥାଏ। ନେପାଳରେ ଭୂକମ୍ପ ହେଲେ ଭାରତର ଗାଙ୍ଗେୟ ସମତଳ ଭୂମି ପ୍ରଭାବିତ ହୋଇଥାଏ ବୋଲି ବିଶେଷଜ୍ଞମାନେ କହିଛନ୍ତି।

ଶୁକ୍ରବାର ଭୂକମ୍ପରେ ଘରଦ୍ୱାର ହରାଇଥିବା ହଜାର ହଜାର ଲୋକେ ପ୍ରବଳ ଶୀତରେ ଖୋଲା ଆକାଶ ତଳେ ପଡ଼ିରହି ନାହିଁ ନ ଥିବା ଯନ୍ତ୍ରଣା ଭୋଗୁଛନ୍ତି। ଏପର୍ଯ୍ୟନ୍ତ ସେମାନଙ୍କ ପାଖରେ ଆବଶ୍ୟକ ରିଲିଫ ସହାୟତା ପହଞ୍ଚିପାରି ନାହିଁ। ସେମାନେ ଖାଦ୍ୟ, ପୋଷାକ ଓ ଔଷଧ ବିନା ବାହାରେ ପଡ଼ିରହିଛନ୍ତି। ଆମର ସବୁକିଛି ଘରର ଭଗ୍ନାବଶେଷ ତଳେ ରହିଯାଇଛି ବୋଲି ଜଣେ ବିପନ୍ନ କହିଛନ୍ତି। ଭୂକମ୍ପରେ ପ୍ରାଣ ହରାଇଥିବା ଲୋକଙ୍କ ଶେଷକୃତ୍ୟ ରବିବାର ତାଙ୍କ ଆତ୍ମୀୟ ସ୍ୱଜନମାନେ କରିଥିଲେ।



ଶୁକ୍ରବାର ବିଳମ୍ବିତ ରାତିରେ ହୋଇଥିବା ଭୂକମ୍ପ ଯୋଗୁ ବିଧ୍ୱସ୍ତ ଏକ ଘର।

# ପୋଲିଂ ପାର୍ଟିକୁ ମାଓବାଦୀଙ୍କ ଟାର୍ଗେଟ

### ବିସ୍ଫୋରଣରେ ଜଣେ ଯବାନ, ୨ ପୋଲିଂ କର୍ମଚାରୀ ଆହତ

**ରାୟପୁର,୬।୧୧**

ଛତିଶଗଡ଼ରେ ପ୍ରଥମ ପର୍ଯ୍ୟାୟ ମତଦାନର ଦିନକ ପୂର୍ବରୁ କଙ୍କେର୍ ଜିଲାରେ ପୋଲିଂ ପାର୍ଟିକୁ ଟାର୍ଗେଟ କରି ମାଓବାଦୀମାନେ ଆଇଇଡି ବିସ୍ଫୋରଣ ଘଟାଇଛନ୍ତି। ଏଥିରେ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)ର ଜଣେ କନ୍‌ଷ୍ଟେବଲ ଏବଂ ଦୁଇଜଣ ପୋଲିଂ କର୍ମଚାରୀ ଆହତ ହୋଇଛନ୍ତି। ଆହତ କନ୍‌ଷ୍ଟେବଲ ପ୍ରକାଶ ଚାନ୍ଦଙ୍କ ଦୁଇ ଗୋଡ଼ରେ କ୍ଷତ ହୋଇଥିବାବେଳେ ତାଙ୍କୁ ଚିକିତ୍ସା ପାଇଁ ଛୋଟେପେଠିୟା ନିଆଯାଇଛି। ପୋଲିଂ କର୍ମଚାରୀ ଦୁଇଜଣ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ବିଏସ୍‌ଏଫ୍ ଏବଂ ଡିଷ୍ଟ୍ରିକ୍ଟ ଫୋର୍ସ କଙ୍କେର୍ ଜିଲାର ଛୋଟେବେଟିୟା ଥାନାରୁ ୪ଟି ପୋଲିଂ ଟିମ୍‌କୁ ନେଇ ରେଙ୍ଗାଘାଟି ରେଙ୍ଗାଗୋଣ୍ଡି ବୁଥ୍‌କୁ ନେଉଥିବାବେଳେ ବିସ୍ଫୋରଣ ଘଟିଥିଲା।

### ଆଜି ଛତିଶଗଡ଼, ମିଜୋରାମରେ ଭୋଟ

**ନୂଆଦିଲ୍ଲୀ,୬।୧୧**

ଛତିଶଗଡ଼ ଓ ମିଜୋରାମ ବିଧାନସଭା ନିର୍ବାଚନ ଲାଗି ମଙ୍ଗଳବାର ମତଦାନ ହେବାକୁ ଯାଉଛି। ୯୦ ଆସନ ବିଶିଷ୍ଟ ଛତିଶଗଡ଼ ବିଧାନସଭାର ୨୦ଟି ଆସନରେ ମଙ୍ଗଳବାର ପ୍ରଥମ ପର୍ଯ୍ୟାୟରେ ଭୋଟ ନିଆଯିବ। ସେହି ନିର୍ବାଚନ ମଣ୍ଡଳୀଗୁଡ଼ିକ ମାଓବାଦୀ ପ୍ରବଣ ବସ୍ତର ଓ ଜଗଦଳପୁର ଜିଲାରେ ରହିଛି। ଏଥିପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବା ସହ ୬୦,୦୦୦ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯାଇଛି। ପୋଲିଂ କର୍ମଚାରୀମାନେ ବୁଥ୍‌ଗୁଡ଼ିକରେ ପହଞ୍ଚି ସାରିଛନ୍ତି। ରବିବାର ପ୍ରଚାର ଶେଷ ହୋଇଥିବାବେଳେ ବିଭିନ୍ନ ଦଳର ନେତା ଭୋଟରମାନଙ୍କୁ ଆକୃଷ୍ଟ କରିବା ପାଇଁ ଚୂଡ଼ାନ୍ତ ଉଦ୍ୟମ କରିଥିଲେ। ମହାଦେବ ବେଟିଂ ଆପ୍ ସହ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲଙ୍କ ସମ୍ପୃକ୍ତିକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ଟାର୍ଗେଟ କରିଥିଲେ। ଅନ୍ୟପକ୍ଷରେ ଭାଜପା ବିରୋଧୀ ନେତାମାନଙ୍କ ବିରୋଧରେ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ଦୁରୁପଯୋଗ କରୁଥିବା କଂଗ୍ରେସ ଅଭିଯୋଗ କରିଥିଲା। କଂଗ୍ରେସ ବିଦାୟୀ ମୁଖ୍ୟମନ୍ତ୍ରୀ ବଘେଲଙ୍କ ନେତୃତ୍ୱରେ ନିର୍ବାଚନ ଲଢୁଥିବାବେଳେ ଭାଜପା ପ୍ରଧାନମନ୍ତ୍ରୀ ମୋଦିଙ୍କ ଲୋକପ୍ରିୟତାକୁ ପୁଞ୍ଜି କରି ନିର୍ବାଚନ ମଇଦାନକୁ ଓହ୍ଲାଇଛି। ୪୦ ଆସନ ବିଶିଷ୍ଟ ମିଜୋରାମ ବିଧାନସଭା ପାଇଁ ୧,୨୭୬ ଭୋଟଦାନ କେନ୍ଦ୍ର ମଧ୍ୟରୁ ୧୪୯ଟି ଦୁର୍ଗମ ଅଞ୍ଚଳରେ, ୩୦ଟି ଆନ୍ତଃରାଜ୍ୟ ଓ ଅନ୍ତର୍ଜାତୀୟ ସୀମାରେ ରହିଛି। ରାଜ୍ୟ ସୀମା ଓ ବାଂଲାଦେଶ, ମ୍ୟାନ୍‌ମାର ସୀମାରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଶାନ୍ତିଶୃଙ୍ଖଳାର ସହ ମତଦାନ ପାଇଁ ୩,୦୦୦ ପୋଲିସ ଏବଂ ୫,୪୦୦ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି।




ମିଜୋରାମ ଭୋଟ ପାଇଁ ପୋଲିଂ କର୍ମଚାରୀମାନେ ଇଭିଏମ୍ ଓ ଅନ୍ୟ ସାମଗ୍ରୀ ସଂଗ୍ରହ କରୁଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୭/୨୦୨୩ | Bhubaneswar, Tuesday, November 7/2023 | ପୃଷ୍ଠା-୧



## ଭାଇରାଲ ଭିଡିଓ ଖୁବ୍ ଆଘାତ ଦେଇଛି

ସାଉଥ୍ ଅଭିନେତ୍ରୀ ରଶ୍ମିକା ମନ୍ଦାନା ନିକଟରେ ଭାଇରାଲ ହୋଇଥିବା ତାଙ୍କର ଏକ ଭିଡିଓକୁ ନେଇ ସେ ଦୁଃଖ ପ୍ରକାଶ କରି ଏହା ତାଙ୍କୁ ଆଘାତ ଦେଇଥିବା କହିଛନ୍ତି।

୧୦

୧୪

## ଭିଦିତ ଗୁଜରାଠୀ ଚାମ୍ପିୟନ

ଫିଡେ ଗ୍ରାଣ୍ଡ୍ ସୁଇସ୍ ଚେସ୍ ପ୍ରତିଯୋଗିତାର ଓପନ କାଟେଗୋରିରେ ଚାମ୍ପିୟନ ହୋଇଛନ୍ତି ଭିଦିତ ଗୁଜରାଠୀ।





ଇସ୍ରାଏଲର ରକେଟ୍ ମାଡ଼ରେ ବିଧ୍ୱସ୍ତ ଗାଜା ଷ୍ଟ୍ରିପ୍‌ର ଖାନ୍ ୟୁନିସ୍‌ରେ ଭଗ୍ନାବଶେଷ ତଳୁ ଲୋକଙ୍କୁ ଉଦ୍ଧାର କରାଯାଉଛି। **(ଫଟୋ ସୌଜନ୍ୟ: ଦି ଗାର୍ଡିଆନ୍)**

# ଗାଜାକୁ ଦୁଇଭାଗ କଲା ଇସ୍ରାଏଲୀ ସେନା

### ହମାସ୍-ଇସ୍ରାଏଲ୍ ଯୁଦ୍ଧକୁ ମାସେ

**ତେଲ୍ ଆଭିଭ୍,୬।୧୧**

ହମାସ୍ ଇସ୍ରାଏଲ୍ ଯୁଦ୍ଧକୁ ସୋମବାର ମାସେ ପୂରିଛି। ଅକ୍ଟୋବର ୭ରେ ହମାସ୍ ଆତଙ୍କବାଦୀ ଇସ୍ରାଏଲ୍ ଉପରେ ଅତର୍କିତ ଆକ୍ରମଣ କରିବାରୁ ତେଲ୍ ଆଭିଭ୍ ପକ୍ଷରୁ ଯୁଦ୍ଧ ଘୋଷଣା କରାଯାଇଥିଲା। ଇସ୍ରାଏଲୀ ସେନା ଗାଜା ଉପରେ ପ୍ରବଳ ଆକ୍ରମଣ ଜାରି ରଖିଛି। ଗାଜା ଷ୍ଟ୍ରିପ୍‌ର ଉତ୍ତର ଭାଗ ସମେତ ଅନେକ ଅଞ୍ଚଳରେ ବୋମାମାଡ଼ ହେଉଛି। ଇସ୍ରାଏଲ୍ ଡିଫେନ୍ସ ଫୋର୍ସ (ଆଇଡିଏଫ୍) ଗାଜାକୁ ଦୁଇଭାଗ ଉତ୍ତର ଗାଜା ଓ ଦକ୍ଷିଣ ଗାଜାରେ ବିଭକ୍ତ କରିସାରିଲାଣି ବୋଲି କହିଛି। ଏଥିସହିତ ରବିବାର ସେଠାରେ ଜୋର୍‌ଦାର ବୋମାମାଡ଼ କରାଯାଇଛି। ଇସ୍ରାଏଲୀ ସେନା ଗାଜା ସିଟିକୁ ସମ୍ପୂର୍ଣ୍ଣ ଘେରି ରହିଥିବାବେଳେ ଅଧିକ ସୈନ୍ୟ ଗାଜାରେ ପ୍ରବେଶ କରିବାକୁ ଯାଉଛନ୍ତି। ବିଜୟୀ ନ ହେବା ପର୍ଯ୍ୟନ୍ତ ଯୁଦ୍ଧ ଜାରି ରହିବ ବୋଲି ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଘୋଷଣା କରିଛନ୍ତି।

ମାସକର ଯୁଦ୍ଧରେ ଗାଜାରେ ମୃତ୍ୟୁସଂଖ୍ୟା ୧୦ ହଜାର ଟପିଥିବାବେଳେ ଅନେକ ହଜାର ଆହତ ହେଲେଣି। ଅଧିକାଂଶ ଅଞ୍ଚଳ ଧ୍ୱଂସସ୍ତୂପରେ ପରିଣତ ହେଲାଣି। ରବିବାର ଆମେରିକା ପରରାଷ୍ଟ୍ର ସଚିବ ଅଚାନକ ୱେଷ୍ଟ ବ୍ୟାଙ୍କ ଗସ୍ତ କରି ପାଲେଷ୍ଟିନୀୟ କର୍ତ୍ତୃପକ୍ଷ ଅଧ୍ୟକ୍ଷ ମହମ୍ମଦ ଆବ୍ବାସଙ୍କୁ ଭେଟିଥିଲେ। ଗାଜାରେ ତୃତୀୟ ଥର ପାଇଁ ଟେଲି ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବାବେଳେ ସେଠାରେ ଖାଦ୍ୟ, ପାନୀୟ, ଇନ୍ଧନ, ଔଷଧ ଆଦି ଅତ୍ୟାବଶ୍ୟକ ସମାଗ୍ରୀର ଘୋର ଅଭାବ ଦେଖାଦେଇଛି। ଯୁଦ୍ଧ ଲାଗିରହିଥିବାରୁ ବାହାର ସହାୟତା ପର୍ଯ୍ୟାପ୍ତ ପରିମାଣରେ ପହଞ୍ଚିପାରୁ ନାହିଁ। ସହାୟତା ପହଞ୍ଚାଇବା ପାଇଁ ମାନବୀୟତା ଦୃଷ୍ଟିକୋଣରୁ ଯୁଦ୍ଧବିରତି ପାଇଁ ଜାତିସଂଘ ସମେତ ବିଭିନ୍ନ ଦେଶ ଆହ୍ୱାନ ଦେଇଛନ୍ତି। ☞ପୃଷ୍ଠା-୨

# ଫସଲ ବୀମା ନାଁରେ ଦୁର୍ନୀତି

## ଚାଷୀଙ୍କ ଜମି ପଟ୍ଟା ନେଇ ହୋଇଥିଲା ୧୦କୋଟି ହଡ଼ପ ଯୋଜନା, ୧୪ ଗିରଫ

**ବଲାଙ୍ଗୀର, ୬।୧୧ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଜିଲାରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା(ପିଏମ୍ଏଫ୍‌ବିୱାଇ) ନାଁରେ ଏକ ବଡ଼ଧରଣର ଅନ୍‌ଲାଇନ୍ ଠକେଇର ପର୍ଦ୍ଦାଫାଶ ହୋଇଛି। ଚାଷୀଙ୍କ ଜମିପଟ୍ଟା ଓ ଅନ୍ୟାନ୍ୟ କାଗଜପତ୍ର ଚଞ୍ଚକତା କରି ୧୦କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଫସଲ ବୀମା ହଡ଼ପ ଯୋଜନା ହୋଇଥିବା ଜଣାପଡ଼ିଛି। ଏହି ଠକେଇ କାରବାରରେ ସମ୍ପୃକ୍ତ ସହଜ ଜନସେବା କେନ୍ଦ୍ର (ସିଏସ୍‌ସି)ର ୧୪ ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନଙ୍କଠାରୁ ୭ଟି ଲାପ୍‌ଟପ, ୧୧ କମ୍ପ୍ୟୁଟର ସିପିୟୁ, ୫ ପ୍ରିଣ୍ଟର, ୩ ମନିଟର, ୪ ଫିଙ୍ଗର ପ୍ରିଣ୍ଟ ସ୍କାନର ଏବଂ ୧୬ ମୋବାଇଲ ଜବତ କରାଯାଇଛି। ଠିକଣା ସମୟରେ କୃଷି ବିଭାଗର ହସ୍ତକ୍ଷେପ ଯୋଗୁ କୋଟିକୋଟି ଟଙ୍କାର ଅନ୍‌ଲାଇନ୍ ଠକେଇକୁ ରୋକାଯାଇ ପାରିଥିବା ସୋମବାର ବଲାଙ୍ଗୀର ଏସ୍‌ପି ଋଷିକେଶ ଖିଲାରୀ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ପିଏମ୍ଏଫ୍‌ବିୱାଇ ୨୦୨୩ରେ ଏକ ବଡଧରଣର ଚଞ୍ଚକତା କରାଯାଇ କୋଟି କୋଟିଟଙ୍କା ହଡପ୍‌ଯୋଜନା କରାଯାଇଥିବା ନେଇ ବଲାଙ୍ଗୀର କୃଷି ବିଭାଗ ପକ୍ଷରୁ ପୋଲିସର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ପିଏମ୍ଏଫ୍‌ବିୱାଇର କ୍ଷତିପୂରଣ ରାଶି ହଡ଼ପ ପାଇଁ ଚାଷୀଙ୍କ ଜମିପଟ୍ଟା ଓ ଅନ୍ୟାନ୍ୟ କାଗଜପତ୍ରକୁ ଚଞ୍ଚକତା କରି ସହଜ ଜନସେବା କେନ୍ଦ୍ର ଜରିଆରେ ଏକ ଗୋଷ୍ଠୀ ଚକ୍ରାନ୍ତ କରିଥିବା କୃଷି ବିଭାଗ ପକ୍ଷରୁ ସନ୍ଦେହ କରାଯାଇଥିଲା। ଏନେଇ କୃଷି ବିଭାଗ ପକ୍ଷରୁ ବିଧିବଦ୍ଧ ଅଭିଯୋଗ ପରେ ବଲାଙ୍ଗୀର ସାଇବର ଅପରାଧ ଥାନାରେ ଏକ ମାମଲା (୨୭/୨୩) ରୁଜୁ କରାଯାଇଥିଲା। ଏସ୍‌ପି ଖିଲାରୀଙ୍କ ନିର୍ଦ୍ଦେଶ କ୍ରମେ ଏହି ମାମଲାର ତଦନ୍ତ ପାଇଁ ୪ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ସ୍ୱତନ୍ତ୍ର ଟିମ୍ ତଦନ୍ତ ସମୟରେ ବିଭିନ୍ନ ସହଜ ଜନ ସେବା କେନ୍ଦ୍ର ଉପରେ ଚଢ଼ାଉ କରାଯାଇଥିଲା। ଜିଲାରେ ଯେତିକି ଚାଷୀ ଅଛନ୍ତି ତା'ଠୁ ଢେର ଅଧିକ ଚାଷୀ ଏବଂ ଜିଲାରେ ଯେତିକି ସମୁଦାୟ ଚାଷଜମି ଅଛି ତା'ଠୁ ଅଧିକ ଚାଷଜମି ଚଳିତବର୍ଷ ପିଏମ୍ଏଫ୍‌ବିୱାଇରେ ଅନ୍ତର୍ଭୁକ୍ତ ହୋଇଥିବା ଜଣାପଡ଼ିଥିଲା। ଏଭଳି ତଥ୍ୟ ସାମ୍ନାକୁ ଆସିବା ପରେ ଫସଲ ବୀମା କମ୍ପାନୀ ଓ କୃଷି ବିଭାଗ ଚକିତ ହୋଇଯାଇଥିଲେ। ବଲାଙ୍ଗୀର ଜିଲାର ୧୩ଟି ଏବଂ କଳାହାଣ୍ଡିର ଜିଲାର ଗୋଟିଏ ସହଜ ଜନସେବା କେନ୍ଦ୍ରରେ ଚାଷୀଙ୍କ ଜମିପଟ୍ଟା ଏବଂ ଅନ୍ୟାନ୍ୟ କାଗଜପତ୍ର ଚଞ୍ଚକତା କରାଯାଇଥିବା ଜଣାପଡିଥିଲା। ଫସଲ ବୀମା ପାଇଁ ଚାଷୀମାନେ ନିଜର ଜମିପଟ୍ଟା, ଆଧାର କାର୍ଡ, ବ୍ୟାଙ୍କ ଜମାଖାତା, ମୋବାଇଲ ନମ୍ବର ସଂଲଗ୍ନ ଆବେଦନ ପତ୍ରକୁ ସହଜ ଜନସେବା କେନ୍ଦ୍ରରେ ଦେଇଥାନ୍ତି। ଚାଷୀଙ୍କ ଏହି ସବୁ ତଥ୍ୟ ଏବଂ ଡକ୍ୟୁମେଣ୍ଟ ପାଇବା ପରେ ସହଜ ଜନସେବା କେନ୍ଦ୍ରର ସ୍ୱତ୍ୱାଧିକାରୀ ଏବଂ ☞ପୃଷ୍ଠା-୨

## ଜାତିସଂଘର ୮୮ କର୍ମଚାରୀ ନିହତ

**ତେଲ ଆଭିଭ୍,୬।୧୧**

ଗାଜାରେ ଚାଲିଥିବା ଯୁଦ୍ଧରେ ଜାତିସଂଘର ୮୮ ଜଣ କର୍ମଚାରୀଙ୍କ ମୃତ୍ୟୁ ଘଟିଲାଣି। କୌଣସି ଗୋଟିଏ ଯୁଦ୍ଧରେ ଏହା ଜାତିସଂଘ କର୍ମଚାରୀଙ୍କ ସର୍ବାଧିକ ମୃତ୍ୟୁ ବୋଲି କୁହାଯାଇଛି। ଅକ୍ଟୋବର ୭ରେ ଯୁଦ୍ଧ ଆରମ୍ଭ ହେବା ଦିନଠାରୁ ଏପର୍ଯ୍ୟନ୍ତ ପାଲେଷ୍ଟିନୀୟ ଶରଣାର୍ଥୀ ସଂସ୍ଥା ୟୁଏନ୍‌ଆର୍‌ଡବ୍ଲ୍ୟୁଏର ୮୮ ଷ୍ଟାଫ୍ ମେମ୍ବର ପ୍ରାଣ ହରାଇଥିବା ରିପୋର୍ଟ ପ୍ରକାଶ ପାଇଛି। ଗାଜାରେ ଯୁଦ୍ଧ ମୃତ୍ୟୁସଂଖ୍ୟା ପାଖାପାଖି ୧୦ ହଜାର ଟପିଥିବାବେଳେ ମାନବିକତା ଦୃଷ୍ଟିରୁ ତୁରନ୍ତ ଯୁଦ୍ଧବିରତି ଘୋଷଣା ପାଇଁ ଆହ୍ୱାନ ଦିଆଯାଇଛି। ଅନ୍ୟପକ୍ଷରେ ହମାସ୍ ଅପହରଣ କରିନେଇ ପଣବନ୍ଦୀ ରଖିଥିବା ଇସ୍ରାଏଲୀମାନଙ୍କୁ ତୁରନ୍ତ ମୁକ୍ତ କରିଦେବାକୁ ଜେରୁଜେଲମ୍ ପକ୍ଷରୁ ଦାବି କରାଯାଇଛି। ଗାଜାରେ ଏବେ ୨୪୦ ଇସ୍ରାଏଲୀ ପଣବନ୍ଦୀ ରହିଛନ୍ତି। ହମାସ୍ ଆତଙ୍କବାଦୀମାନେ ପଣବନ୍ଦୀଙ୍କୁ ନ ଛାଡ଼ିବା ପର୍ଯ୍ୟନ୍ତ ଯୁଦ୍ଧ ବନ୍ଦ ହେବ ନାହିଁ ବୋଲି ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ରବିବାର ଘୋଷଣା କରିଥିଲେ। ହମାସ୍‌କୁ ପରାସ୍ତ କରିବା ପର୍ଯ୍ୟନ୍ତ ଯୁଦ୍ଧ ଜାରି ରହିବ ବୋଲି ସେ କହିଛନ୍ତି।

**ଆଜିର ସମ୍ପାଦକୀୟ** କଥାରେ ଗୋମାତା

## ପାଟିରେ ବିଷ କାଢ଼ି ମହିଳା ଗୁରୁତର

**ହାଟଡିହୀ, ୬।୧୧(ଶୁଭକାନ୍ତ ନାୟକ)**

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ସୋସୋ ଥାନା ଝଣଝଣା ଗ୍ରାମରେ ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମାତ୍ର ସାପ ବିଷକୁ ମୁହଁ ଲଗାଇ କାଢ଼ିବାକୁ ଯାଇ ଅନ୍ୟଜଣେ ମହିଳା ଗୁରୁତର ହୋଇଛନ୍ତି। ମୃତା ହେଲେ ସୂର୍ଯ୍ୟମଣି ବେହେରାଙ୍କ ସ୍ତ୍ରୀ ଝୁନୁରାଣୀ(୪୨)। ଗୁରୁତର ମହିଳା ହେଲେ ତାଙ୍କ ସାଙ୍ଗ ମିନତି ଦେହୁରୀ (୪୫)।

ସୂଚନା ଅନୁଯାୟୀ, ଝୁନୁରାଣୀ ରବିବାର ଅପରାହ୍ଣରେ ଜମିକୁ ଧାନ ଫସଲ ଦେଖିବାକୁ ଯାଇଥିଲେ। ସେଠାରେ ଏକ ବିଷାକ୍ତ ସାପ ତାଙ୍କୁ କାମୁଡ଼ିଥିଲା। ଏ ବିଷୟରେ ସେ ଘରେ ଜଣାଇଥିଲେ। ପରିବାର ଲୋକେ ଗ୍ରାମରେ ଝଡ଼ାଫୁଙ୍କା କରୁଥିବା ମିନତିଙ୍କୁ ଡାକିଥିଲେ। ସେ ପହଞ୍ଚି ନିଜ ପାଟି ଲଗାଇ ଝୁନୁରାଣୀଙ୍କ ଗୋଡ଼ରୁ ବିଷ କାଢ଼ିବାକୁ ଚେଷ୍ଟା କରିଥିଲେ। ଏଥିସହ ଝଡ଼ାଫୁଙ୍କା କରିଥିଲେ। ମାତ୍ର ଝୁନୁରାଣୀଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଆନନ୍ଦପୁର ଉପଖଣ୍ଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କିଛି ଘଣ୍ଟା ପରେ ମିନତିଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ମଧ୍ୟ ଆନନ୍ଦପୁର ଉପଖଣ୍ଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଭଲ ଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି। ପୋଲିସ ଝୁନୁରାଣୀଙ୍କ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଦିଲ୍ଲୀକୁ ଫେରିଲା ଯୁଗ୍ମ-ଅଯୁଗ୍ମ ଫର୍ମୁଲା

### ୧୩ରୁ ୨୦ ଲାଗୁ ହେବ

### ଦଶମ, ଦ୍ୱାଦଶ ଶ୍ରେଣୀକୁ ଛାଡ଼ି ସବୁ ସ୍କୁଲ ବନ୍ଦ

**ନୂଆଦିଲ୍ଲୀ,୬।୧୧**

ଦିଲ୍ଲୀ ବାୟୁ ପ୍ରଦୂଷଣ ଅତି ଉତ୍କଟ ସ୍ଥିତିରେ ପହଞ୍ଚିଛି। ବିଷାକ୍ତ ସ୍ମଗ୍ (ଧୂଳିକଣା, ଧୂଆଁ ଓ କୁହୁଡ଼ି)ର ଘନ ଆସ୍ତରଣ ଦିଲ୍ଲୀ ଆକାଶକୁ ଆଚ୍ଛାଦିତ କରିରଖିଛି। ବାୟୁ ପ୍ରଦୂଷଣର ମୁକାବିଲା ପାଇଁ ଆଉ କେତେକ କଟକଣା ଲାଗୁ କରିବାକୁ ନିଷ୍ପତ୍ତି ହୋଇଥିବା ରାଜ୍ୟ ପରିବେଶ ମନ୍ତ୍ରୀ ଗୋପାଳ ରାୟ ସୋମବାର କହିଛନ୍ତି। ଉକ୍ତ ନିଷ୍ପତ୍ତି ଅନୁଯାୟୀ ଦୀପାବଳି ପରଦିନ ଅର୍ଥାତ୍ ୧୩ ତାରିଖଠାରୁ ୨୦ ତାରିଖ ପର୍ଯ୍ୟନ୍ତ ଜାତୀୟ ରାଜଧାନୀରେ ଗାଡ଼ି ଚଳାଚଳ କ୍ଷେତ୍ରରେ ଯୁଗ୍ମ-ଅଯୁଗ୍ମ ସୂତ୍ର ଲାଗୁ କରାଯିବ। ଅର୍ଥାତ୍ ଗୋଟିଏ ଦିନ ଯୁଗ୍ମ ନମ୍ବର ଥିବା ଗାଡ଼ି ରାସ୍ତାରେ ଚାଲିଲେ, ଅନ୍ୟ ଦିନ ଅଯୁଗ୍ମ ନମ୍ବର ଗାଡ଼ିକୁ ଅନୁମତି ମିଳିବ। ଆବଶ୍ୟକ ପଡ଼ିଲେ ଏହି ସମୟସୀମାକୁ ଆହୁରି ବଢ଼ାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ସେହିପରି ଆସନ୍ତା ଶୁକ୍ରବାର ପର୍ଯ୍ୟନ୍ତ ଦଶମ ଓ ଦ୍ୱାଦଶ ଶ୍ରେଣୀକୁ ବାଦ୍ ଦେଇ ସମସ୍ତ ସ୍କୁଲ୍ ବନ୍ଦ ରହିବ। ପୂର୍ବରୁ କେବଳ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ୍‌କୁ ବନ୍ଦ ଘୋଷଣା କରାଯାଇଥିବା ବେଳେ ନିର୍ମାଣ କାର୍ଯ୍ୟକୁ ବନ୍ଦ ରଖାଯାଇଛି। ସେହିପରି ସହର ମଧ୍ୟକୁ ଡିଜେଲ ଟ୍ରକ୍ ଓ ଭାରି ଯାନ ଯାତାୟାତ ଉପରେ କଟକଣା ଲାଗୁ ହୋଇଛି। ସେହିପରି ବିଏସ୍୩ ପେଟ୍ରୋଲ ଏବଂ ବିଏସ୍୪ ଡିଜେଲ ଗାଡ଼ି ଉପରେ ବ୍ୟାନ୍ ଜାରି ରହିବ ବୋଲି ମନ୍ତ୍ରୀ ରାୟ କହିଛନ୍ତି।

## ରାତି ୧୦ରୁ ସକାଳ ୬ ବାଣଫୁଟା ବନ୍ଦ

**ଦୀପାବଳିରେ ପ୍ରଦୂଷଣ ଭୟ**

**ଭୁବନେଶ୍ୱର,୬।୧୧(ଅନିଲ ଦାସ)**

ପରିବେଶ ପ୍ରଦୂଷଣ ଏବେ ମୁଖ୍ୟ ଚିନ୍ତାର ବିଷୟ ହୋଇଛି। କେବଳ ସହର ନୁହେଁ, ଗାଁ ଗଣ୍ଡା ମଧ୍ୟ ପ୍ରଦୂଷଣ ଜ୍ୱାଳାରେ ଛଟପଟ ହେଲାଣି। କେଉଁଠି ଜଳ ପ୍ରଦୂଷଣ ତ କେଉଁଠି ବାୟୁ ପ୍ରଦୂଷଣ ପରିବେଶକୁ ବିଷଜ୍ୱାଳାରେ ଭରି ଦେଲାଣି। ରାଜଧାନୀ ଦିଲ୍ଲୀ ପ୍ରଦୂଷଣରେ ଅଣନିଃଶ୍ୱାସୀ ହେଉଛି। ସେଠାରେ ସ୍କୁଲ ବନ୍ଦ ସହ ଶିକ୍ଷାନୁଷ୍ଠାନ ଓ ନିର୍ମାଣ କାର୍ଯ୍ୟ ଉପରେ କଟକଣା ଜାରି କରାଯାଇଛି। ସହରାଞ୍ଚଳଗୁଡ଼ିକ ବେଳକୁ ବେଳ ଅତି ପ୍ରଦୂଷିତ ହେବାରେ ଲାଗିଛି। ଓଡ଼ିଶାରେ ମଧ୍ୟ ଅନେକ ସହର ପ୍ରଦୂଷିତ ହେବାରେ ଲାଗିଛି। ଆସନ୍ତା ୧୨ ତାରିଖରେ ଆଲୋକର ପର୍ବ ଦୀପାବଳି ପାଳନ ହେବ। ଏହି ଅବସରରେ ଆତସବାଜିରେ ସାରା ରାଜ୍ୟ କମ୍ପିବ। ଏଥିଯୋଗୁ ବାୟୁ ଅତିମାତ୍ରାରେ ପ୍ରଦୂଷିତ ହେବ। ବାୟୁରେ କାର୍ବନ ଡାଇଅକ୍ସାଇଡଠାରୁ ଆରମ୍ଭ କରି କାର୍ବନ ମନୋକ୍ସାଇଡ, ନାଇଟ୍ରୋଜେନ ଡାଇଅକ୍ସାଇଡ, ସଲଫର ଡାଇଅକ୍ସାଇଡ ଭଳି ବିଷାକ୍ତ ପଦାର୍ଥ ବାୟୁ ମଣ୍ଡଳରେ ଭରି ଯିବ। ଶୀତଦିନ ଆରମ୍ଭ ହୋଇଥିବାରୁ ଏବେ ଅଧିକାଂଶ ଲୋକ ଥଣ୍ଡା ଓ କାଶରେ ଆକ୍ରାନ୍ତ ହୋଇଛନ୍ତି। ବାୟୁ ପ୍ରଦୂଷଣ ଯୋଗୁ ଏହା ଆହୁରି ସଂକ୍ରମିତ ହେବାର ସମ୍ଭାବନା ରହିଛି। କେବଳ ମନୁଷ୍ୟ ନୁହନ୍ତି ଜୀବଜନ୍ତୁ ମଧ୍ୟ ଆତସବାଜି ଯୋଗୁ ପ୍ରଭାବିତ ହେବା ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଦୀପାବଳି ପାଇଁ ସୋମବାର ଏକ ଗାଇଡ୍ ଲାଇନ ଜାରି କରାଯାଇଛି। ୧୨୫ ଡେସିବଲରୁ ଊର୍ଦ୍ଧ୍ୱ ଶବ୍ଦ ସୃଷ୍ଟି କରୁଥିବା ବାଣ ବ୍ୟବହାର ଉପରେ କଟକଣା ଜାରି କରାଯାଇଛି। ରାତି ୧୦ଟାରୁ ସକାଳ ୬ଟା ଯାଏ ବାଣ ☞ପୃଷ୍ଠା-୨

# ବିଶ୍ୱର ପ୍ରଥମ ଖେଳାଳି ଭାବେ ମାଥ୍ୟୁସ୍ 'ଟାଇମ୍ ଆଉଟ୍'




ଟାଇମ୍ ଆଉଟ ପରେ ଶ୍ରୀଲଙ୍କା ଖେଳାଳି ଆଞ୍ଜେଲୋ ମାଥ୍ୟୁସ୍ ପ୍ରତିପକ୍ଷ ଖେଳାଳିଙ୍କ ସହ ଆଲୋଚନା କରୁଛନ୍ତି।

**ନୂଆଦିଲ୍ଲୀ, ୬।୧୧(ପି.ଟି.)**

ଶ୍ରୀଲଙ୍କା ଅଲ୍‌ରାଉଣ୍ଡର ଆଞ୍ଜେଲୋ ମାଥ୍ୟୁସ୍ ଏକ ଅଲୋଡା ରେକର୍ଡ ନିଜ ନାମରେ କରିଛନ୍ତି। ବିଶ୍ୱର ପ୍ରଥମ ଖେଳାଳି ଭାବରେ ସେ 'ଟାଇମ୍ ଆଉଟ୍'ର ଶିକାର ହୋଇଛନ୍ତି। ବାଂଲାଦେଶ ବିପକ୍ଷ ମ୍ୟାଚରେ ଚତୁର୍ଥ ଉଇକେଟର ପତନ ପରେ ମାଥ୍ୟୁସ୍ ବ୍ୟାଟିଂ କରିବାକୁ ଆସିଥିଲେ। ତେବେ ବ୍ୟାଟିଂ କରିବା ପୂର୍ବରୁ ତାଙ୍କ ହେଲମେଟର ଷ୍ଟ୍ରାପ୍ ଭାଙ୍ଗିଯାଇଥିବା ସେ ଦେଖିଥିଲେ। ଏହାକୁ ବଦଳାଇବା ପାଇଁ ମାଥ୍ୟୁସ୍ ଡ୍ରେସିଂ ରୁମ୍‌କୁ ସିଗ୍‌ନାଲ ଦେଇଥିଲେ। ତେବେ ହେଲମେଟ ବଦଳାଇବାରେ ବିଳମ୍ବ ହେବାରୁ ବାଂଲାଦେଶ ଅଧିନାୟକ ଶାକିବ୍ ଅଲ ହସନ ଟାଇମ୍ ଆଉଟ୍ ପାଇଁ ଆବେଦନ କରିଥିଲେ। ଦୁଇ ଅମ୍ପାୟର ମାଥ୍ୟୁସଙ୍କୁ ଆଉଟ ଦେବା ପରେ ସେ ଅମ୍ପାୟରଙ୍କ ସହିତ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ। ପରେ ତାଙ୍କୁ ପଡ଼ିଆ ଛାଡ଼ିବାକୁ ପଡ଼ିଥିଲା। ଆଇସିସିର ଧାରା ୪୦(୧)(୧) ଅନୁସାରେ ଜଣେ ଖେଳାଳି ଆଉଟ ହେବାର ଦୁଇ ମିନିଟ ମଧ୍ୟରେ ଅନ୍ୟ ଖେଳାଳି ବ୍ୟାଟିଂ ପାଇଁ ପ୍ରସ୍ତୁତ ଥିବା ଦରକାର। ଏପରି ନ ହେଲେ ଉକ୍ତ ଖେଳାଳିଙ୍କୁ ଆଉଟ ଘୋଷଣା କରାଯିବ। ମାଥ୍ୟୁସ୍ ଦୁଇ ମିନିଟ ମଧ୍ୟରେ ପଡ଼ିଆକୁ ଆସିଥିଲେ ମଧ୍ୟ ହେଲମେଟ ଷ୍ଟ୍ରାପ୍ ବଦଳାଇବାକୁ ଯାଇ ଦୁର୍ଭାଗ୍ୟଜନକ ଭାବରେ ଆଉଟ ହୋଇଥିଲେ। ତେବେ ମାଥ୍ୟୁସଙ୍କ ଉଇକେଟ କୌଣସି ବୋଲରଙ୍କ ଖାତାକୁ ଯାଇ ନ ଥିଲା।

### ବର୍ତ୍ତିଯାଇଥିଲେ ଗାଙ୍ଗୁଲି

ଭାରତର ଅନ୍ୟତମ ସଫଳ ଅଧିନାୟକ ସୌରଭ ଗାଙ୍ଗୁଲି ଅଳ୍ପକେ ଟାଇମ୍ ଆଉଟ୍ ହେବାରୁ ବର୍ତ୍ତି ଯାଇଥିଲେ। ୨୦୦୧ ମସିହାରେ ଏହି ଘଟଣା ଘଟିଥିଲା। କେପ୍‌ଟାଉନ୍‌ରେ ଅନୁଷ୍ଠିତ ତୃତୀୟ ଟେଷ୍ଟରେ ଗାଙ୍ଗୁଲି ୬ ମିନିଟ ବିଳମ୍ବରେ କ୍ରିଜ୍‌ରେ ପହଞ୍ଚିଥିଲେ ମଧ୍ୟ ଦକ୍ଷିଣ ଆଫ୍ରିକା ଅଧିନାୟକ ଗ୍ରେମ୍ ସ୍ମିଥ୍ ଖେଳୁଆଡ ମନୋଭାବ ପ୍ରଦର୍ଶନ କରି ଆଉଟ ଆବେଦନ କରି ନ ଥିଲେ। ଭାରତ ତୃତୀୟ ଇନିଂସରେ ବ୍ୟାଟିଂ କରୁଥିବା ବେଳେ ମାତ୍ର ୫ ରନ୍‌ରେ ୨ ଉଇକେଟ ହରାଇଥିଲା। ଦୁଇ ଓପନର ବୀରେନ୍ଦ୍ର ସେହ୍ୱାଗ ଓ ୱାସିମ୍ ଜାଫର ପ୍ୟାଭିଲିୟନ୍ ଫେରି ଆସିଥିଲେ। ☞ପୃଷ୍ଠା-୨

**ଆଜିର ମନ୍ତବ୍ୟ**

" ସନାତନ ଧର୍ମ ବିରୋଧରେ ମନ୍ତବ୍ୟ ଦେଇ କିଛି ଭୁଲ୍ କରିନାହିଁ। ଏଥିପାଇଁ ଆଇନଗତ ପରିଣାମର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ଅଛି।
– ଉଦୟନିଧି ଷ୍ଟାଲିନ୍, ତାମିଲନାଡୁ ମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଢୁକି ଢୁକି ପାଣି ପିଇଲେ
ମହାଦେବଙ୍କ ବାପ ମଧ ଜାଣିପାରିବ ନାହିଁ**

ଆମ ସମାଜରେ ଏଭଳି କେତେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ କି ଲୁଚାଛପାରେ ଅନେକ କୁକର୍ମ କରୁଥିବାର ଦେଖିବାକୁ ମିଳିଥାଏ। ଗୋପନରେ ଦୁଷ୍କର୍ମ କଲେ କେହି ଜାଣି ନ ପାରିବା ପରିପ୍ରେକ୍ଷୀରେ ସେମାନଙ୍କ କାର୍ଯ୍ୟକଳାପ ପ୍ରତି ଏଭଳି କଟୁକ୍ତି ପ୍ରକାଶ କରାଯାଇଛି।

**ଡାଳ ମାଙ୍କଡ଼ ଥାଇ
ଖଡେଇ ହୁଅଇ କେତେ,
କରାଗତ କରି ମାରଗତ କଲେ
ସଲାମ କରଇ କେତେ।**

ବନ୍ୟ ପଶୁଙ୍କୁ ଶିକ୍ଷା ଦେଲେ ସେ ମନୁଷ୍ୟର ବଶୀଭୂତ ହୁଏ। ଏହା ମାଙ୍କଡ଼ର ସଭା ହୋଇଥିବା ବେଳେ ପରୋକ୍ଷରେ କିଛି ମନୁଷ୍ୟର ମଧ ଏପରି ସଭା ରହିଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




# ସଂସ୍କୃତି, ଆଧୁନିକତାର ସମନ୍ୱୟ ହିଁ ବିକାଶର ଆଦର୍ଶମାର୍ଗ: ମୁଖ୍ୟମନ୍ତ୍ରୀ




## କନ୍ଧମାଳ ପାଇଁ ୮୫.୫୦ କୋଟି, ଅନୁଗୋଳ ପାଇଁ ୧୧୨.୫୦ କୋଟି, ଗଜପତି ପାଇଁ ୭୪.୫୦ କୋଟି ମଞ୍ଜୁର

ଭୁବନେଶ୍ୱର,୬।୧୧(ଅନିଲ ଦାସ)

ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମର ୧୧ତମ ଦିବସରେ କନ୍ଧମାଳ, ଅନୁଗୋଳ ଓ ଗଜପତି ଜିଲାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି। ଏଥିରେ କନ୍ଧମାଳ ଜିଲାର ବାଲିଗୁଡା, ଜି. ଉଦୟଗିରି ଓ ଫୁଲବାଣୀ ନିର୍ବାଚନମଣ୍ଡଳୀକୁ ୮୫.୫୦ କୋଟି ଟଙ୍କା ମିଳିଥିବା ବେଳେ ଅନୁଗୋଳ ଜିଲାର ତାଳଚେର, ପାଲଲହଡା, ଛେଣ୍ଡିପଦା, ଆଠମଲ୍ଲିକ ଓ ଅନୁଗୋଳ ନିର୍ବାଚନମଣ୍ଡଳୀକୁ ୧୧୨.୫୦ କୋଟି ଟଙ୍କା ଦିଆଯାଇଛି। ସେହିପରି ଗଜପତି ଜିଲାର ମୋହନା ଓ ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀକୁ ୭୪.୫୦ କୋଟି ଟଙ୍କା ମିଳିଛି।

ଆଭାସୀ ଜରିଆରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ସଂସ୍କୃତିର ପ୍ରସାର ଓ ଆଧୁନିକ ଭିତ୍ତିଭୂମିର ଉନ୍ନତି ଗାଁଗୁଡ଼ିକୁ ବିକାଶର ଶିଖରରେ ପହଞ୍ଚାଇବ। ସଂସ୍କୃତି ସହିତ ଆଧୁନିକତାର ସମନ୍ୱୟ ହିଁ ବିକାଶର ଆଦର୍ଶମାର୍ଗ। ଗାଁ ଲୋକ ସମସ୍ତେ ଶିକ୍ଷା ଓ ସ୍ୱାସ୍ଥ୍ୟର ଗ୍ୟାରେଣ୍ଟି ପାଇବେ। ଓଡ଼ିଶା ହେଉଛି ଜଗନ୍ନାଥଙ୍କ ଭୂମି। ବିଶ୍ୱ ପ୍ରେମ, ଶାନ୍ତି, ସଦ୍ଭାବ, ସମାନତା ଓ ସେବା ହେଉଛି ଜଗନ୍ନାଥ ସଂସ୍କୃତିର ବାର୍ତ୍ତା। 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମରେ ପ୍ରତି ଗାଁ ଗାଁରେ ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ କରାଯିବ। ଗାଁରେ ଡିଜିଟାଲ ଭିତ୍ତିଭୂମିର ବିକାଶ ଏହି ଯୋଜନାର ଅନ୍ୟତମ ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

୫-ଟି ତଥା ନବୀନ ଓଡ଼ିଶା ଅଧକ୍ଷ ଭି.କେ. ପାଣ୍ଡିଆନ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରି ରୂପାନ୍ତର କାର୍ଯ୍ୟକ୍ରମ ଲୋକଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଛି ବୋଲି କହିଛନ୍ତି। ସେ ଅହୁରି କହିଛନ୍ତି, ଏବେ ଓଡ଼ିଶାରେ ଗାଁ ଲୋକମାନେ ବିକାଶର ପ୍ରକୃତ ଭାଗୀଦାର ହୋଇଛନ୍ତି। ସେମାନଙ୍କ ଦାବି, ଅନୁରୋଧ ଅନୁଯାୟୀ ମୁଖ୍ୟମନ୍ତ୍ରୀ ପ୍ରକଳ୍ପ ଅନୁମୋଦନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହା ହେଉଛି ୫ମ ପାଳି। ଏଥିରେ ସେ ମା'ମାନଙ୍କ ପାଇଁ ୫ଟି ଉପହାର ଦେଇଛନ୍ତି। ୫ ଟଙ୍କାରେ ଆହାର, ୫ ଟଙ୍କାରେ ଲକ୍ଷ୍ମୀ ବସ୍, ମମତାରେ ୫ ହଜାର ଟଙ୍କା, ମିଶନ ଶକ୍ତିରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସମସ୍ତଙ୍କ ପାଇଁ ୫ ଲକ୍ଷ, ମା' ମାନଙ୍କ ପାଇଁ ଆଉ ୫ ଲକ୍ଷ ଟଙ୍କା ଦିଆଯାଉଛି ବୋଲି ପାଣ୍ଡିଆନ କହିଛନ୍ତି। ସେ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜିଲାଗସ୍ତ ପରେ କନ୍ଧମାଳ ଜିଲାର ବାଲିଗୁଡ଼ା ନିର୍ବାଚନମଣ୍ଡଳୀ ପାଇଁ ୧୩ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୯୬ କୋଟି ଟଙ୍କା ମଞ୍ଜୁର କରାଯାଇଥିବା ବେଳେ ଜି. ଉଦୟଗିରି ନିର୍ବାଚନମଣ୍ଡଳୀରେ ୧୨ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୧୬.୪୬ କୋଟି ଟଙ୍କା ମଞ୍ଜୁର କରାଯାଇଛି। ସେହିପରି ଫୁଲବାଣୀ ନିର୍ବାଚନମଣ୍ଡଳୀରେ ୧୪ଟି ପ୍ରକଳ୍ପ ପାଇଁ ୩୫.୯୧ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହିପରି କନ୍ଧମାଳ ଜିଲାର ୩ଟି ନିର୍ବାଚନମଣ୍ଡଳୀରେ ସମୁଦାୟ ୩୯ଟି ପ୍ରକଳ୍ପ ପାଇଁ ୧୪୮.୩୭ କୋଟି ଟଙ୍କା ମଞ୍ଜୁର କରାଯାଇଛି ବୋଲି ପାଣ୍ଡିଆନ କହିଛନ୍ତି। ସେହିପରି ଅନୁଗୋଳ ଜିଲାର ପାଲଲହଡ଼ା ନିର୍ବାଚନମଣ୍ଡଳୀରେ ୧୨ଟି ପ୍ରକଳ୍ପ ପାଇଁ ୧୪୪.୮୮ କୋଟିଟଙ୍କା ମଞ୍ଜୁର କରାଯାଇଥିବା ବେଳେ ତାଳଚେର ନିର୍ବାଚନମଣ୍ଡଳୀରେ ୭ଟି ପ୍ରକଳ୍ପ ପାଇଁ ୧୭.୪୦ କୋଟି, ଅନୁଗୋଳ ନିର୍ବାଚନମଣ୍ଡଳୀରେ ୯ଟି ପ୍ରକଳ୍ପ ପାଇଁ ୯.୩୭ କୋଟି, ଛେଣ୍ଡିପଦା ନିର୍ବାଚନମଣ୍ଡଳୀରେ ୮ଟି ପ୍ରକଳ୍ପ ପାଇଁ ୫.୯୩ କୋଟି ଏବଂ ଆଠମଲ୍ଲିକ ନିର୍ବାଚନମଣ୍ଡଳୀରେ ୧୦ଟି ପ୍ରକଳ୍ପ ପାଇଁ ୧୪.୪୮ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଅନୁଗୋଳ ଜିଲାର ୫ଟି ନିର୍ବାଚନମଣ୍ଡଳୀରେ ସମୁଦାୟ ୪୬ଟି ପ୍ରକଳ୍ପ ପାଇଁ ୧୯୨.୦୬ କୋଟି ଟଙ୍କା ମଞ୍ଜୁର କରାଯାଇଛି ବୋଲି ପାଣ୍ଡିଆନ ସୂଚନା ଦେଇଛନ୍ତି।

ଅନୁରୂପ ଭାବେ ଗଜପତି ଜିଲାର ମୋହନା ନିର୍ବାଚନମଣ୍ଡଳୀରେ ୧୯ଟି ପ୍ରକଳ୍ପ ପାଇଁ ୪୫.୨୪ କୋଟି ଟଙ୍କା ମଞ୍ଜୁର କରାଯାଇ ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀରେ ୧୪ ପ୍ରକଳ୍ପ ସକାଶେ ୭୮.୮୨ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହିପରି ଗଜପତି ଜିଲାର ୨ ନିର୍ବାଚନମଣ୍ଡଳୀରେ ସମୁଦାୟ ୩୩ ପ୍ରକଳ୍ପ ଲାଗି ୧୨୪.୦୬ କୋଟି ଟଙ୍କା ମଞ୍ଜୁର କରାଯାଇଛି ବୋଲି ପାଣ୍ଡିଆନ କହିଛନ୍ତି। ୩ ଜିଲାରେ ସମୁଦାୟ ୧୧୮ ପ୍ରକଳ୍ପ ନିମନ୍ତେ ୪୬୪.୫୦ କୋଟି ଟଙ୍କା ମଞ୍ଜୁର ହୋଇଛି ବୋଲି ପାଣ୍ଡିଆନ ସୂଚନା ଦେଇଛନ୍ତି।

ଏସବୁ କାର୍ଯ୍ୟକ୍ରମରେ ଉପବାଚସ୍ପତି ରଜନୀ କାନ୍ତ ସିଂହ, ଏମ୍‌ପି ଚନ୍ଦ୍ରଶେଖର ସାହୁ, ମହେଶ ସାହୁ, ଅଚ୍ୟୁତ ସାମନ୍ତ, ବିଧାୟକ ଚକ୍ରମଣି କହଁର, ସାଲୁଗା ପ୍ରଧାନ, ଅଙ୍ଗଦ କହଁର, ବ୍ରଜ କିଶୋର ପ୍ରଧାନ, ମୁକେଶ ପାଲ୍, ସୁଶାନ୍ତ ବେହେରା, ରମେଶ ଚନ୍ଦ୍ର ସାଏଙ୍କ ସମେତ ଜିଲାପରିଷଦ ସଭାପତି ଓ ନିର୍ବାଚିତ ପ୍ରତିନିଧିମାନେ ଆଭାସି ମାଧମରେ ଆଲୋଚନାରେ ଭାଗ ନେଇଛନ୍ତି। କାର୍ଯ୍ୟକ୍ରମରେ ୩ ଜିଲାର ଜିଲାପାଳ ଧନ୍ୟବାଦ ଦେଇଥିଲେ।

# ରାଜ୍ୟ ପୌରାଧକ୍ଷା, ପୌରାଧକ୍ଷ ସଂଘ ସଭାପତି ହେଲେ ବସନ୍ତ


ସମର୍ଥକମାନଙ୍କ ଗହଣରେ ବସନ୍ତ ବିଶ୍ୱାଳ।

ପାରାଦୀପ, ୬।୧୧(ଶରତ ରାଉତ)

ରାଜ୍ୟର ସମସ୍ତ ୧୧୦ ପୌରପରିଷଦ ଓ ବିଜ୍ଞପିତ ପୌରାଧକ୍ଷା ପୌରାଧକ୍ଷ, ଉପାଧକ୍ଷା ଉପାଧକ୍ଷଙ୍କୁ ନେଇ ସଂଘ ଗଠନ କରାଯାଇଛି। ଏହାର ସଭାପତି ଭାବେ ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳଙ୍କୁ ଚୟନ କରାଯାଇଛି। ଏହି ଖବର ଜଣାପଡ଼ିବା ପରେ ସୋମବାର ପାରାଦୀପର ଏକାଧିକ ସଙ୍ଗଠନ, ରାଜନୈତିକ ବ୍ୟକ୍ତି, ପ୍ରଶାସନିକ ଅଧିକାରୀ, କର୍ମୀ ଓ ସମର୍ଥକମାନେ ଶୁଭେଚ୍ଛା ଜଣାଇଛନ୍ତି। ବସନ୍ତଙ୍କୁ ପାରାଦୀପ ପୌର ପ୍ରଶାସନିକ ଭବନ ଆଗରେ ଉଲ୍ଲାସ ବିଶ୍ୱାଳ, ବିଜେଡି ଜିଲା ଉପସଭାପତି ଜ୍ୟୋତିକାନ୍ତ ପରିଡା, କାଉନ୍‌ସିଲର ଜଗନ୍ନାଥ ରାଓଙ୍କ ସମେତ ଅନ୍ୟ କାଉନ୍‌ସିଲରମାନେ ଶୁଭେଚ୍ଛା ଜଣାଇଛନ୍ତି। ସୂଚନାଯୋଗ୍ୟ, ବସନ୍ତ ୩୦ ବର୍ଷ ହେବ ରାଜନୀତି କରୁଥିବାବେଳେ ପାରାଦୀପ ପୌରପରିଷଦରେ ୨ଥର କାଉନ୍‌ସିଲର, ଥରେ ଉପାଧକ୍ଷ ଓ ୨ଥର ଅଧକ୍ଷ ଭାବେ ମନୋନୀତ ହୋଇଛନ୍ତି। ତାଙ୍କ ସମୟରେ ପୌରାଞ୍ଚଳରେ ଅନେକ ନୂତନ ପ୍ରକଳ୍ପ କରାଯାଇଛି। ଏପରିକି ପାରାଦୀପ ପୌରପରିଷଦ ୨ଥର ରାଷ୍ଟ୍ରପତି ପୁରସ୍କାର ପାଇଛି। ବସନ୍ତ ରାଜ୍ୟ ସଂଘ ସଭାପତି ହେବା ପରେ କହିଛନ୍ତି, ଆମର ୧୪ଟି ପ୍ରମୁଖ ଦାବି ରହିଛି। ପୌରାଧକ୍ଷା ପୌରାଧକ୍ଷମାନଙ୍କୁ ଭତ୍ତା ଦେବାପାଇଁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଖରେ ଅନୁରୋଧ କରିବେ ବୋଲି କହିଛନ୍ତି।

# ଦୁର୍ନୀତିଗ୍ରସ୍ତ ଏଏସ୍‌ଆଇ ବହିଷ୍କୃତ

ଭୁବନେଶ୍ୱର,୬।୧୧(ସତ୍ୟଜିତ୍ ରାଉତ)

ଲାଞ୍ଚ ନେଇ ବେଆଇନ ମଦ କାରବାରକୁ ପ୍ରୋତ୍ସାହନ ଦେବା ସହ ଦୁର୍ନୀତି ଅଭିଯୋଗରେ କଟକ ଜିଲା ଅବକାରୀ ଏଏସ୍‌ଆଇ ନିରଞ୍ଜନ ଖଟୁଆଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି। ଭାରତୀୟ ସମ୍ବିଧାନର ଧାରା ୩୧୧(୨) (ଖ) ଅନୁଯାୟୀ ଜନସ୍ୱାର୍ଥ ଦୃଷ୍ଟିରୁ ତାଙ୍କ ବିରୋଧରେ ଅବକାରୀ କମିଶନର ନରସିଂହ ଭୋଳ ଏହି କଡ଼ା କାର୍ଯ୍ୟାନୁଷ୍ଠାନ ନେଇଥିବା ସୋମବାର ସୂଚନା ଦିଆଯାଇଛି। ନିରଞ୍ଜନଙ୍କ ବିରୋଧରେ ଏ ସଂକ୍ରାନ୍ତରେ ଅନେକ ଅଭିଯୋଗ ଆସିଥିଲା। ଆଇଟି ଆପ୍ଲିକେଶନ୍ ଜରିଆରେ ତଦନ୍ତରୁ ବେଆଇନ ମଦ କାରବାରରେ ମଦ ବେପାରିଙ୍କ ସହ ତାଙ୍କର ସମ୍ପୃକ୍ତି ଥିବା ପ୍ରମାଣିତ ହୋଇଥିଲା। ଏହା ପୂର୍ବରୁ ଏକ ବିଦେଶୀ ମଦ ଦୋକାନରେ ମଦ ବେପାରିଙ୍କ ସହ ମଦ ପିଇବା ଅଭିଯୋଗରେ ତାଙ୍କୁ ନିଲମ୍ବିତ କରାଯାଇଥିଲା। ଏହି ମାମଲାର ଏବେ ବିଭାଗୀୟ ତଦନ୍ତ ଜାରି ରହିଛି। ପୂର୍ବରୁ ବେଆଇନ ଭାବେ ବିଦେଶୀ ମଦ ବିକ୍ରି କରୁଥିବାବେଳେ ତାଙ୍କ ବାପାଙ୍କୁ କଟକ ଇଆଇ ଓ ଇବି ୟୁନିଟ୍-୧ ପକ୍ଷରୁ ଗିରଫ କରାଯାଇ ଜେଲ୍ ହାଜତକୁ ପଠାଯାଇଥିଲା। ଉଲ୍ଲେଖଯୋଗ୍ୟ, ଗତ ପାଞ୍ଚମାସ ମଧ୍ୟରେ ୫ଜଣ ଅବକାରୀ କର୍ମଚାରୀଙ୍କୁ ବେଆଇନ କାର୍ଯ୍ୟ ପାଇଁ ବହିଷ୍କାର କରାଯାଇଛି।

**ପ୍ରଥମ ପୃଷ୍ଠାରୁ...**

## ବିଶ୍ୱର ପ୍ରଥମ ଖେଳାଳି...

ତେବେ ୩ ନମ୍ବର ସ୍ଥାନରେ ବ୍ୟାଟିଂ କରିବାକୁ ଥିବା ଭିଭିଏସ୍ ଲକ୍ଷ୍ମଣ ବାଥ୍‌ରୁମ୍‌ରେ ଥିବା ବେଳେ ସଚିନ୍ ୮ ମିନିଟ୍ ପୂର୍ବରୁ ବ୍ୟାଟିଂ କରିବାକୁ ଆସି ପାରିବେ ନାହିଁ ବୋଲି ଅମ୍ପାୟର ମନା କରିଥିଲେ। ଫଳରେ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କ ବ୍ୟତୀତ ଭାରତ ନିକଟରେ ଆଉ କୌଣସି ବିକଳ୍ପ ନ ଥିଲା। ଟ୍ରାକ୍ ଶୁଟ୍‌ରେ ଛିଡା ହୋଇଥିବା ଗାଙ୍ଗୁଲି ତୁରନ୍ତ ପ୍ୟାଡ ଅପ୍ ହୋଇ ବାହାରିଥିଲେ। ଏପରି କି ପଡିଆରେ ପହଞ୍ଚିବା ବେଳକୁ ୬ ମିନିଟ ମଧ ହୋଇ ଯାଇଥିଲା। ସେ ସମୟରେ ଟାଇମ୍ ଆଉଟ୍‌ର ସମୟ ୩ ମିନିଟ ରହିଥିଲା। ଦକ୍ଷିଣ ଆଫ୍ରିକା ଖେଳାଳି ଆବେଦନ କରିଥିଲେ ବିଶ୍ୱର ପ୍ରଥମ ଅନ୍ତର୍ଜାତୀୟ ଖେଳାଳି ଭାବରେ ଗାଙ୍ଗୁଲି ଟାଇମ୍ ଆଉଟ୍‌ର ଶିକାର ହୋଇଥାନ୍ତେ। ତେବେ ସ୍ମିଥ୍ ଓ ଦକ୍ଷିଣ ଆଫ୍ରିକା ଦଳ ଖେଳୁଆଡ ମନୋଭାବ ପ୍ରଦର୍ଶନ କରିବା ସହିତ ଆଉଟ ପାଇଁ ଆବେଦନ କରି ନ ଥିଲେ। ଏହି ଇନିଂସରେ ଗାଙ୍ଗୁଲି ୪୬ ରନ୍ କରିଥିଲେ ମଧ ଭାରତ ଏହି ମ୍ୟାଚ୍ ହାରିବା ସହ ୨-୧ରେ ସିରିଜ୍ ହାରିଥିଲା।

### ଘରୋଇ କ୍ରିକେଟରେ ଓଡ଼ିଶା ପ୍ରଥମ

ଅନ୍ତର୍ଜାତୀୟ କ୍ରିକେଟରେ ସୋମବାର ପ୍ରଥମ ଥର ଟାଇମ୍ ଆଉଟ୍‌ରେ ଜଣେ ଖେଳାଳି ଆଉଟ ହୋଇଥିବା ବେଳେ ଘରୋଇ କ୍ରିକେଟରେ ୬ ଥର ଏଭଳି ଘଟଣା ଘଟି ସାରିଛି। ୨୬ ବର୍ଷ ତଳେ ପ୍ରଥମ ଦଳ ଭାବରେ ଓଡ଼ିଶା ଟାଇମ୍ ଆଉଟ୍ ଅପିଲ୍ କରିଥିଲା। ଐତିହାସିକ ବାରବାଟୀ ଷ୍ଟାଡିୟମରେ ୧୯୯୭ରେ ତ୍ରିପୁରା ବିପକ୍ଷ ରଣଜୀ ଟ୍ରଫି ମ୍ୟାଚରେ ଏହି ଘଟଣା ଘଟିଥିଲା। ତ୍ରିପୁରାର ହେମୁଲାଲ ଯାଦବ ବିଳମ୍ବରେ କ୍ରିଜ୍‌ରେ ପହଞ୍ଚିଥିବା ବେଳେ ଓଡ଼ିଆ ଖେଳାଳିଙ୍କ ଆବେଦନରେ ତାଙ୍କୁ ଆଉଟ ଘୋଷଣା କରାଯାଇଥିଲା।

## ରାତି ୧୦ରୁ ସକାଳ ୬...

ଫୁଟାଇବା ଉପରେ କଟକଣା ଜାରି କରାଯାଇଛି। ଡାକ୍ତରଖାନା, ଶିକ୍ଷାନୁଷ୍ଠାନ, ନ୍ୟାୟାଳୟ, ଧାର୍ମିକ ସ୍ଥଳର ୧୦୦ ମିଟର ମଧ୍ୟରେ କୌଣସି ପ୍ରକାର ଶବ୍ଦକୁ ବାରଣ କରାଯାଇଛି। ୧୨୫ ଡେସିବଲରୁ ଉର୍ଦ୍ଧ୍ୱ ଶବ୍ଦ ସୃଷ୍ଟି କରୁଥିବା ବାଣ ପ୍ରସ୍ତୁତି, ବିକ୍ରି ଓ ବ୍ୟବହାର ଉପରେ ସମ୍ପୂର୍ଣ୍ଣ କଟକଣା ଜାରି କରାଯାଇଛି। ଏଥିସହିତ ଅତି ଉଚ୍ଚ ଶବ୍ଦ କରୁଥିବା ଯନ୍ତ୍ରାଂଶ, ଡିଜେ ଆଦି ୬୫ ଡେସିବଲକୁ ଅତିକ୍ରମ ନ କରିବାକୁ ପରାମର୍ଶ ଦିଆଯାଇଛି। ଉପରୋକ୍ତ ଗାଇଡ୍ ଲାଇନ ଖିଲାପ କଲେ ଓଡ଼ିଶା (ଆତସବାଜି ଓ ଡାକବାଜି ଯନ୍ତ୍ର ପ୍ରବିଧାନ) ଆଇନ ୧୯୫୮ ଏବଂ ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ ନିୟମ ୨୦୦୦ ଅନୁଯାୟୀ ଦଣ୍ଡ ବିଧାନ କରାଯିବ ବୋଲି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ କୁହାଯାଇଛି।

## ଫସଲ ବୀମା ନାଁରେ...

ସେମାନଙ୍କ ସହଯୋଗୀମାନେ ଚାଷୀଙ୍କ ଅଜାଣତରେ ଜମିପଟ୍ଟା ତଥ୍ୟ ବିଭିନ୍ନ ଲୋକଙ୍କୁ ଭାଗଚାଷୀ ଦର୍ଶାଇ ଅନ୍‌ଲାଇନ୍‌ରେ ଅପ୍‌ଲୋଡ କରିଥିଲେ। ଫସଲ ବୀମା କ୍ଷତିପୂରଣ ପାଇଁ ଚଳିତବର୍ଷ ଫସଲ ବୀମା ଗାଇଡ୍‌ଲାଇନ୍ ଅନୁଯାୟୀ ଆବଶ୍ୟକ ପ୍ରିମିୟମ୍ ଟଙ୍କା ମଧ ଜନସେବା କେନ୍ଦ୍ର ଗୁଡ଼ିକର ସ୍ୱତ୍ୱାଧିକାରୀମାନେ ଜମା କରିଥିଲେ। ଏନେଇ ତଦନ୍ତରେ ସ୍ପଷ୍ଟ ହେବା ପରେ ପୋଲିସ ୧୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବଙ୍ଗୋମୁଣ୍ଡା ଥାନା ଭାଲୁମୁଣ୍ଡାର କୁବେର ମେହେର (୨୮), ହୀରାଧର ମେହେର (୪୨), ବିଦ୍ୟାଧର ମେହେର (୪୩), ଡୁମେରପଡାର ସାମନ୍ତ ମାଝି (୨୫), ସାନଗମଡାର ଚମ୍ପାରାମ କୁମ୍ଭାର (୪୧), ମୁରିବାହାଲ ଥାନା କନ୍ଦାଖାଲ ଗାଁର ବଳରାମ ବେହେରା (୩୩), ପତ୍ରାପାଲିର ପ୍ରବୀଣ ସାହୁ (୨୨), ସିନ୍ଧେକେଲା ଥାନା ଶ୍ରୀରାମର ଚୁଡେଶ୍ୱର ବେହେରା (୪୧), ଶିଶିର ଭୁଏ (୩୨), କଣ୍ଟାବାଞ୍ଜିର କୁନାଲ ଜିନ୍ଦଲ (୨୪), ସଇଁତଲା ଥାନା ଅଞ୍ଚଳର ପୁରେନ୍ଦର ପୁଟେଲ (୪୩), ପାଟଣାଗଡ଼ ମେହେରପଡାର ସୁନିଲ ମେହେର (୨୯), ବଲାଙ୍ଗୀର ସଦର ଥାନା ବାଦୀମୁଣ୍ଡାର ରାହୁଲ ରଞ୍ଜନ ଦୀପ (୩୧) ଏବଂ କଳାହାଣ୍ଡି ଜିଲା କେଗାଁ ଥାନା କୁହୁରା ଗାଁର ଦୁର୍ଯ୍ୟୋଧନ ବାଗ (୨୫)। ଏଭଳି ଠକେଇ ଆହୁରି ହୋଇଥିବା ସନ୍ଦେହ କରାଯାଉଥିବାରୁ ଆଗକୁ ମଧ ତଦନ୍ତ ଜାରି ରହିବ ବୋଲି ଏସପି ଖିଲାରୀ ସୂଚନା ଦେଇଛନ୍ତି। ସ୍ୱତନ୍ତ୍ର ଟିମ୍‌ରେ ଡିଆଇବି ଡିଏସ୍‌ପି ଯୋଗେଶ୍ୱର ପଣ୍ଡା, ସାଇବର ଥାନା ଆଇଆଇସି ଭାରତୀ ନାଏକ, ଟାଉନ୍ ଥାନା ଅତିରିକ୍ତ ଆଇଆଇସି ଅନିତା ପଟ୍ଟନିଆ, ବଙ୍ଗୋମୁଣ୍ଡା ଥାନା ଆଇଆଇସି ହରେବନ୍ଧୁ ଗଡ଼ତ୍ୟା, ଲାଠୋର ଥାନା ଆଇଆଇସି ଝସକେତନ ଭୋଇ, ଖପ୍ରାଖୋଲ ଥାନା ଆଇଆଇସି ରମାକାନ୍ତ ସାହୁ, ସାଇବର ଥାନା ସବ୍‌ଇନ୍ସପେକ୍ଟର ଅବିନାଶ ନାୟକ, ଆକାଶ ସାମଲ ଏବଂ ଟାଉନ୍ ଥାନା ସବ୍‌ଇନ୍ସପେକ୍ଟର ସୁଜ୍ଞାନ ବାରିକ ପ୍ରମୁଖ ସାମିଲ ଥିଲେ।


ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅନ୍‌ଲାଇନ୍ ଠକେଇରେ ଗିରଫ ହୋଇଥିବା ୧୪ ଅଭିଯୁକ୍ତ ଏବଂ ଜବତ ସାମଗ୍ରୀ।

## ଗାଜାକୁ ଦୁଇଭାଗ କଲା...

ଗାଜା ଜନସଂଖ୍ୟାର ୭୦ ପ୍ରତିଶତ ଅର୍ଥାତ୍ ୧୫ ଲକ୍ଷ ଲୋକେ ଘର ଛାଡ଼ି ପଳାଇଗଲେଣି। ଅନ୍ୟପକ୍ଷରେ ହମାସ୍ ଆତଙ୍କବାଦୀଙ୍କ ଆକ୍ରମଣରେ ଇସ୍ରାଏଲ୍‌ରୁ ୧,୪୦୦ରୁ ଅଧିକ ଲୋକ ପ୍ରାଣ ହରାଇଥିବାବେଳେ ୨୪୦ ଜଣଙ୍କୁ ହମାସ ପଣବନ୍ଦୀ ରଖିଛି। ଉତ୍ତର ଗାଜାର ଲୋକମାନଙ୍କୁ ତୁରନ୍ତ ଦକ୍ଷିଣ ଭାଗକୁ ଚାଲିଯିବା ଲାଗି ଇସ୍ରାଏଲ୍ ବାରମ୍ବାର ଆହ୍ୱାନ ଦେଇଥିଲା। ଆକାଶମାର୍ଗରୁ ଲିଫ୍‌ଲେଟ୍ ପକାଯାଇ ଲୋକଙ୍କୁ ସତର୍କ କରାଯାଇଥିଲା। ଏବେ ଉତ୍ତର ଗାଜାରେ ୩.୫ ଲକ୍ଷ ଲୋକ ରହିଯାଇଥିବାବେଳେ ଏହା ଏବେ ସହରାଞ୍ଚଳ ୱାର୍ ଜୋନ୍‌ରେ ପରିଣତ ହୋଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ପ୍ରତ୍ୟେକ କ୍ଷେତ୍ରରେ ଗରମ ମିଜାଜ୍‌ରେ କାମ କରିବାକୁ ପଡ଼ିବ। କୃତ୍ତିକା ନକ୍ଷତ୍ର କାର୍ଯ୍ୟ ହାସଲ କରିବାରେ ସଫଳ ହେବେ ନାହିଁ। ବନ୍ଧୁମାନଙ୍କ ସହ ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ତର୍କର ସମ୍ମୁଖୀନ ହେବେ। ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ।

**ବୃଷ**
ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ମୃଗଶିରା ନକ୍ଷତ୍ର ସନ୍ତାନଙ୍କ ଗୌରବରେ ଗୌରବାନ୍ୱିତ ହୋଇପାରନ୍ତି। ଅସମ୍ପୂର୍ଣ୍ଣ କାମରୁ ପୂର୍ଣ୍ଣାଙ୍ଗ କରିବାରେ ସାବଧାନତା ଅବଲମ୍ବନ କରିବା ଭଲ। ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହୋଇପାରେ।

**ମିଥୁନ**
ଗତକାଲିର ଅଟକି ରହିଥିବା କାମକୁ ଆଜି ପୂର୍ଣ୍ଣାଙ୍ଗ କରିବେ। ବିବାଦୀୟ ଘଟଣାକୁ ନେଇ ମନ ଅସ୍ଥିର ରହିବ। ଆରଦ୍ରା ନକ୍ଷତ୍ର ଅନ୍ୟର କଥା ଶୁଣି ବ୍ୟସ୍ତତା ଅନୁଭବ କରିପାରିବେ। ବାଧ୍ୟବାଧକତାରେ କେତେକ କାମ କରିବାକୁ ବାଧ୍ୟ ହେବେ। ସାମାଜିକ ସ୍ତରରେ ସହମତିରେ କାମକଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି।

**କର୍କଟ**
ପୁନର୍ବସୁ ନକ୍ଷତ୍ର କର୍ମକ୍ଷେତ୍ରରୁ ଅର୍ଥ ଓ ସମ୍ମାନ ଲାଭ କରି ଉତ୍‌ଫୁଲ୍ଲିତ ହେବେ। ବାଣିଜ୍ୟ, ବ୍ୟବସାୟରେ ସତର୍କ ନ ହେଲେ ଠକାମିରେ ପଡ଼ିପାରନ୍ତି। ସଙ୍ଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିପାରନ୍ତି। ଅଶ୍ଲେଷା ନକ୍ଷତ୍ର କିନ୍ତୁ ସଙ୍ଗଦୋଷ ପାଇଁ ସମାଲୋଚିତ ହୋଇପାରନ୍ତି।

**ସିଂହ**
ଆଜି ସଭାସମିତି, ଜମିଜମା ଏବଂ ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହୋଇପାରେ। ବନ୍ଧୁଙ୍କ ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହେବେ। ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ମଘା ନକ୍ଷତ୍ର ସକାଶେ ଆଜିର ସକାଳ ସମୟଟି ପ୍ରାୟତଃ ଭଲ ରହିବ।

**କନ୍ୟା**
ସମସ୍ତ ପ୍ରକାର ସୁବିଧା ଥିଲେ ମଧ ସୁଯୋଗର ସଦ୍‌ବ୍ୟବହାର କରିପାରିବେ ନାହିଁ। ଚିତ୍ରା ନକ୍ଷତ୍ର ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ। ଅନ୍ୟମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିବ। ଅପରାହ୍ନେ ଖୋଜୁଥିବା ଜିନିଷଟି ପାଇଯିବେ ଓ ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସମ୍ଭାଳିନେବେ।

**ତୁଳା**
ସାଧାରଣ କଥାକୁ କେନ୍ଦ୍ରକରି ଗୃହରେ କଳହ ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ ତର୍କବିତର୍କ କାରଣରୁ ସାୟାହ୍ନେ ମନ ଭଲ ରହିବ ନାହିଁ। ସ୍ୱାତୀ ନକ୍ଷତ୍ର ଆଜିର ଫେରନ୍ତା ରାସ୍ତାରେ ମିତ୍ରତାର ବନ୍ଧନରେ ଆବଦ୍ଧ ହେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ମାନମନାନ୍ତର ଦେଖାଦେଇପାରେ।

**ବିଛା**
ଆଜି ଯେଉଁ କାମରେ ହାତ ଦେବେ ସାହାଯ୍ୟର ଅଭାବ ରହିବ ନାହିଁ। ସାଧାରଣ କଥାକୁ କେନ୍ଦ୍ରକରି ମନରେ ବିରକ୍ତିଭାବ ସୃଷ୍ଟି ହେବ। ଜ୍ୟେଷ୍ଠା ନକ୍ଷତ୍ରର କୂଟନୈତିକ କାର୍ଯ୍ୟାନୁସରଣରେ ସାମାଜିକ ପ୍ରତିଷ୍ଠା ବଢ଼ିବ। ଉପସ୍ଥିତ ବୁଦ୍ଧ ଯୋଗୁ ବିପଦ ମୁକ୍ତ ହେବେ। ଉଚ୍ଚବର୍ଗଙ୍କ ସହାୟତା ପାଇ ଆଶ୍ୱସ୍ତି ଲାଭ କରିବେ।

**ଧନୁ**
ମୂଳା ନକ୍ଷତ୍ରର ସ୍ୱାସ୍ଥ୍ୟ ସମସ୍ୟା ଦୁଶ୍ଚିନ୍ତାର କାରଣ ହୋଇପାରେ। ବନ୍ଧୁଙ୍କ ସଦ୍‌ଭାବ, ସହକର୍ମୀମାନଙ୍କ ସହଯୋଗ ପାଇ କାମ ହାସଲ କରିବାରେ ସମର୍ଥ ହେବେ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। ସମସ୍ୟା ଲାଗି ରହିବା କାରଣରୁ ସହଜରେ କାମ ହାସଲ ହେବା କଷ୍ଟକର ହୋଇପାରେ।

**ମକର**
ଗତକାଲିର ସ୍ଥଗିତ କାମକୁ ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେବେ। ସଭାସମିତି, ସଙ୍ଗଠନ ଓ ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ଶ୍ରବଣା ନକ୍ଷତ୍ରର ସ୍ନାୟବିକ ଦୁର୍ବଳତା ଦେଖାଦେଇପାରେ। ବନ୍ଧୁମାନଙ୍କ ଶ୍ରଦ୍ଧା ଓ ଗଠନମୂଳକ ପରାମର୍ଶ ପାଇ ଖୁସି ରହିବେ।

**କୁମ୍ଭ**
ବିଭିନ୍ନ ପ୍ରକାର ପାରିବାରିକ ବିଷୟକୁ ନେଇ ମନ ଭାରାକ୍ରାନ୍ତ ରହିବ। ଶିକ୍ଷାକ୍ଷେତ୍ର, ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରୁ ଉପକୃତ ହେବେ। ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ଶତଭିଷା ନକ୍ଷତ୍ରର ରୁକ୍ଷ ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେଇପାରେ।

**ମୀନ**
କର୍ମକ୍ଷେତ୍ରର ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ପୂର୍ବଭାଦ୍ରପଦ ନକ୍ଷତ୍ର ଯୋଜନା ମୁତାବକ କାର୍ଯ୍ୟରେ ସଫଳତା ପାଇବେ। ଯେତେ ଭଲ କାମ କଲେ ମଧ ଅନ୍ୟମାନେ ଦୋଷ ଖୋଜି ବୁଲିବେ। ଜମିଜମା କ୍ରୟ ବିକ୍ରୟ କ୍ଷେତ୍ରରେ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ପଡ଼ିପାରେ।

ଆଜି କାର୍ତ୍ତିକ କୃଷ୍ଣ ଦଶମୀ ମଙ୍ଗଳବାର, ନଭେମ୍ବର ୭ ତାରିଖ, ବୈଜ୍ଞାନିକ ସି. ଭି. ରମଣଙ୍କ ଜୟନ୍ତୀ। ରାଶି ନକ୍ଷତ୍ର-ମଘା/ସିଂହ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫।୫୪ ଗତେ, ଘ.୦୬।୩୯ ମଧ୍ୟେ, ଘ.୦୮।୪୨ ଗତେ, ଘ.୧୧।୦୭ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୨।୧୮ ଗତେ, ଘ. ୦୩।୪୨ ମଧ୍ୟେ ରାହୁକାଳ।

# ଚାଉଳ ପାଇଁ ଓଡ଼ିଆ କୃଷି ବୈଜ୍ଞାନିକ ପାଇବେ ଅନ୍ତର୍ଜାତୀୟ ପୁରସ୍କାର

ଭୁବନେଶ୍ୱର, ୬।୧୧
(ଅସମାପିକା ସାହୁ)


ଡ. ସମରେନ୍ଦୁ ମହାନ୍ତି

ବିଶ୍ୱ ଚାଉଳ ଶିଳ୍ପରେ ଉଲ୍ଲେଖନୀୟ ଅବଦାନ ପାଇଁ ଓଡ଼ିଆ କୃଷି ବୈଜ୍ଞାନିକ ଡ. ସମରେନ୍ଦୁ ମହାନ୍ତିଙ୍କୁ 'ୱାର୍ଲଡ ରାଇସ୍ ଇଣ୍ଡଷ୍ଟ୍ରି ଗ୍ଲୋବାଲ ସର୍ଭିସ୍ ଆୱାର୍ଡ' ମିଳିବ। ଆସନ୍ତା ୨୮ରୁ ୩୦ ତାରିଖ ମଧ୍ୟରେ ଫିଲିପାଇନ୍ସର ସେବୁଠାରେ ହେବାକୁ ଥିବା ବିଶ୍ୱ ଚାଉଳ ସମ୍ମିଳନୀରେ ତାଙ୍କୁ ଏହି ଅନ୍ତର୍ଜାତୀୟ ସମ୍ମାନରେ ସମ୍ମାନିତ କରାଯିବ। ଆନ୍ତର୍ଜାତିକ ଚାଉଳ ଗବେଷଣା ପ୍ରତିଷ୍ଠାନ(ଆଇଆର୍ଆର୍ଆଇ)ର ପୂର୍ବତନ ପ୍ରିନ୍ସିପାଲ ସାଇଣ୍ଟିଷ୍ଟ ତଥା ପ୍ରୋଗ୍ରାମ ଲିଡର ସମରେନ୍ଦୁ ମହାନ୍ତି ବର୍ତ୍ତମାନ ଆନ୍ତର୍ଜାତିକ ଆଳୁ କେନ୍ଦ୍ର(ସିଆଇପି)ରେ ଏସିଆ ଆଞ୍ଚଳିକ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି। ବଜାରକୁ ସୁରୁଖୁରୁରେ ଚଳାଇବା ପାଇଁ ଠିକ୍ ତଥ୍ୟ ଆଣିବାରେ ସେ ସରକାର ଓ ଚାଉଳ ଶିଳ୍ପ ସହ ମିଶି କାମ କରୁଛନ୍ତି। ସେ ମଧ୍ୟ ଅନେକ ଏସୀୟ ଦେଶର କୃଷକଙ୍କ ସହ ମିଶି ନୂତନ ଜ୍ଞାନ କୌଶଳ ଗ୍ରହଣ, ବିହନ ପ୍ରଣାଳୀ ବିକାଶ ଏବଂ ବଜାର ସଂଯୋଗୀକରଣ ମାଧ୍ୟମରେ ସେମାନଙ୍କ ଜୀବିକାରେ ଉନ୍ନତି ଆଣିବା ଦିଗରେ ପ୍ରମୁଖ ଭୂମିକା ନେଉଛନ୍ତି। ଧାନ ଓ ଆଳୁ ଫସଲ ପ୍ରଣାଳୀକୁ ନିରନ୍ତର ଭାବେ ବୃଦ୍ଧି କରିବା ଏବଂ କମ୍ ମୂଲ୍ୟର ଆଳୁ ମଞ୍ଜି ଉତ୍ପାଦନ ପ୍ରଯୁକ୍ତି ଆରମ୍ଭ ଓ ବୃଦ୍ଧି କରିବା ହେଉଛି ତାଙ୍କର ବର୍ତ୍ତମାନର ଲକ୍ଷ୍ୟ। ଡ. ମହାନ୍ତିଙ୍କ ପୈତୃକ ଘର ଯାଜପୁର ଜିଲା ବିଞ୍ଝାରପୁରରେ। ଦୀର୍ଘ ୩୨ବର୍ଷ ଧରି ଦେଶ ବାହାରେ ରହୁଥିଲେ ମଧ୍ୟ ଡ. ମହାନ୍ତି ଓଡ଼ିଶାରୁ ଆରମ୍ଭ ହୋଇଥିବା ସଫଳତାର ମୂଳଦୁଆକୁ ଭୁଲି ନାହାନ୍ତି। ଓଡ଼ିଶା ରାଜ୍ୟକୁ ଆଳୁ ଉତ୍ପାଦନରେ ଆତ୍ମନିର୍ଭରଶୀଳ କରିବାରେ ସରକାରଙ୍କ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ସହ କାର୍ଯ୍ୟ କରି ଆସୁଛନ୍ତି।


ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ କଳିଙ୍ଗ ଷ୍ଟାଡିୟମରେ ସୋମବାର ଉଦ୍‌ଘାଟିତ ରାଜ୍ୟସ୍ତରୀୟ ଶିଶୁ ଉତ୍ସବ ମହକ ଓ ଉତ୍ସାହରେ ଅଭିନେତ୍ରୀ ଅନୁ ଚୌଧୁରୀଙ୍କ ସହ ଛାତ୍ରୀମାନେ ନୃତ୍ୟ କରୁଛନ୍ତି।

# ଅସ୍ପୃଶ୍ୟତା: କେନ୍ଦ୍ର, ରାଜ୍ୟକୁ ଏନ୍ଏଚ୍ଆର୍‌ସିଙ୍କ ନୋଟିସ୍

ନୂଆଦିଲ୍ଲୀ,୬।୧୧(କୁଳଦୀପ ସିଂ)

ଓଡ଼ିଶାର 'ଚଣ୍ଡାଳ' ସମ୍ପ୍ରଦାୟର ଲୋକଙ୍କ ପ୍ରତି ହୋଇଥିବା ଅନ୍ୟାୟ ସମ୍ପର୍କରେ ଜାତୀୟ ମାନବାଧିକାର ଆୟୋଗ (ଏନ୍ଏଚ୍ଆର୍‌ସି) କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର ସଚିବ ଏବଂ ରାଜ୍ୟ ମୁଖ୍ୟ ସଚିବଙ୍କୁ ନୋଟିସ ଜାରି କରିଛନ୍ତି। ମାଲକାନଗିରି, ନବରଙ୍ଗପୁର ଏବଂ କୋରାପୁଟ ଜିଲାରେ ଏହି ସମ୍ପ୍ରଦାୟର ଲୋକେ ରହୁଛନ୍ତି। ସେମାନେ ସରକାରଙ୍କ କଲ୍ୟାଣକାରୀ ଯୋଜନା ଏବଂ ମୌଳିକ ସୁବିଧା ସୁଯୋଗ ପାଇବାରେ ଭେଦଭାବର ଶିକାର ହେବା ସହ ଅସ୍ପୃଶ୍ୟତାର ସମ୍ମୁଖୀନ ହେଉଥିବା ଆୟୋଗ ନିକଟରେ ମାନବାଧିକାର କର୍ମୀ ରାଧାକାନ୍ତ ତ୍ରିପାଠୀ ଅଭିଯୋଗ କରିଛନ୍ତି। ଏହାକୁ ଆଧାର କରି ଆୟୋଗ କେନ୍ଦ୍ର ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ ସଚିବଙ୍କୁ ମଧ୍ୟ ନୋଟିସ ଜାରି କରିଛନ୍ତି।

ତ୍ରିପାଠୀ ଆୟୋଗଙ୍କୁ ଜଣାଇଛନ୍ତି ଯେ, ସମ୍ପ୍ରଦାୟର ନାମ 'ଚଣ୍ଡାଳ'କୁ ପରିବର୍ତ୍ତନ କରି 'ଆଦିଉତ୍କଳ' ଭାବେ ନାମିତ କରିବା ପାଇଁ ଏକ ଆନ୍ଦୋଳନ ଆରମ୍ଭ କରାଯାଇଥିଲା। ଏନେଇ ରାଜ୍ୟ ସରକାରଙ୍କ ହରିଜନ କଲ୍ୟାଣ ପରାମର୍ଶଦାତା ବୋର୍ଡ ନିକଟରେ ଏକ ପ୍ରସ୍ତାବ ଦାଖଲ କରାଯାଇଥିଲା ଏବଂ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟକୁ ମଧ୍ୟ ପଠାଯାଇଥିଲା। କେନ୍ଦ୍ର ସରକାର ଏହି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରି କହିଥିଲେ ଯେ ଏହା ଜାତି ପ୍ରମାଣପତ୍ର ବଣ୍ଟନରେ ଅସୁବିଧା ସୃଷ୍ଟି କରିବ। କାରଣ ଜମି ପଟ୍ଟା(ଆର୍ଓଆର୍)ରେ 'ଆଦିଉତ୍କଳ' ଜାତି ଭାବେ ଉଲ୍ଲେଖ ନାହିଁ। ଆବେଦନକାରୀ ଅନୁରୋଧ କରିଛନ୍ତି ଯେ, ଚଣ୍ଡାଳ ସମ୍ପ୍ରଦାୟର ମୋଟ ଜନସଂଖ୍ୟା କମ୍। ସେମାନଙ୍କ ମଧ୍ୟରୁ ଖୁବ୍ କମ୍ ଲୋକଙ୍କର ଜମିପଟ୍ଟା ରହିଛି। ଅନ୍ୟମାନେ ଅତ୍ୟନ୍ତ ଗରିବ। ତେଣୁ ଜାତି ପ୍ରମାଣପତ୍ର ପ୍ରଦାନ କରିବା କଷ୍ଟସାଧ୍ୟ ହେବ ନାହିଁ। ତ୍ରିପାଠୀ ଯୁକ୍ତି ବାଢ଼ିଛନ୍ତି ଯେ, ଏହି ସମ୍ପ୍ରଦାୟର ଲୋକ ତଥା ସେମାନଙ୍କ ଭବିଷ୍ୟତ ପିଢ଼ିକୁ ସମ୍ମାନ ଏବଂ ଉପଶମ ଦେବା ନିମନ୍ତେ ଚଣ୍ଡାଳ ନାମ ପରିବର୍ତ୍ତନ କରିବାର ଆବଶ୍ୟକତା ରହିଛି। ଏନେଇ ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ଆୟୋଗ ଉପରୋକ୍ତ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ବିଡିଏକୁ ଉତ୍କଳର ଜମି ହସ୍ତାନ୍ତର ନେଇ ପ୍ରତିବାଦ

ଭୁବନେଶ୍ୱର,୬।୧୧
(ଅନୁରାଧା ମହାରଣା)

ଉତ୍କଳ ବିଶ୍ୱବିଦ୍ୟାଳୟର ୨୦ ଏକର ଜମି ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)କୁ ହସ୍ତାନ୍ତର ନେଇ ବିଭିନ୍ନ ମହଲରୁ ବିରୋଧ କରାଯାଉଛି। ସୋମବାର ବିଶ୍ୱବିଦ୍ୟାଳୟର ଛାତ୍ରମାନେ ମୁଖ୍ୟ ଫାଟକ ସମ୍ମୁଖରେ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବିଡିଏ ପକ୍ଷରୁ ଉକ୍ତ ଜମିରେ ପାନ୍ଥନିବାସ, ପାର୍କ, ଫୁଡ୍ ଷ୍ଟଲ ଆଦି କରାଯିବ ବୋଲି ସୂଚନା ମିଳିଛି। ତେବେ ଏହାଦ୍ୱାରା ବିଶ୍ୱବିଦ୍ୟାଳୟରେ ଅଣଛାତ୍ର ଅବାଧ ପ୍ରବେଶ ସହ ଶୈକ୍ଷିକ ବାତାବରଣ ନଷ୍ଟ ହେବ ବୋଲି ଆନ୍ଦୋଳନରତ ଛାତ୍ରମାନେ ପ୍ରକାଶ କରିଛନ୍ତି। ତୁରନ୍ତ ନିଷ୍ପତ୍ତି ପ୍ରତ୍ୟାହାର ନ ହେଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଚେତାବନୀ ଦିଆଯାଇଛି।

**ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ**

# ମାଡ଼ଖାଇ ପାଚେରି ଡେଇଁ ପଳାଇଲେ ପ୍ରଧାନ ଶିକ୍ଷକ

ଭୋଗରାଇ,
୬।୧୧(ପ୍ରଦୀପ ଦାସ)

ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ କରି ଗ୍ରାମବାସୀଙ୍କ ଆକ୍ରୋଶର ଶିକାର ହୋଇଛନ୍ତି ପ୍ରଧାନଶିକ୍ଷକ। ବିଦ୍ୟାଳୟରେ ପଶି ଗ୍ରାମବାସୀ ପ୍ରଧାନଶିକ୍ଷକଙ୍କୁ ମାଡ଼ ମାରିବା ଓ ଭୟରେ ପ୍ରଧାନଶିକ୍ଷକ ପାଚେରି ଡେଇଁ ପଳାଇବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଘଟଣା ଘଟିଛି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ କଖଡ଼ା ପଞ୍ଚାୟତ ଅଧୀନ ଚଣ୍ଡୀପୁର-ମୁଣ୍ଡାବଣିଆ ନୋଡ଼ାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ।

ଗଣିତ ଓ ଜ୍ୟାମିତି ବୁଝାଇବା ବାହାନାରେ ପ୍ରଧାନ ଶିକ୍ଷକ ଗୋବିନ୍ଦ ଚରଣ ଜେନା ବିଭିନ୍ନ ସମୟରେ ଛାତ୍ରୀଙ୍କୁ ନିଜ କାର୍ଯ୍ୟାଳୟକୁ ଡାକି ଅସଦାଚରଣ କରୁଥିବା ନେଇ ପୂର୍ବରୁ ଅଭିଯୋଗ ହୋଇଆସୁଥିଲା। କେତେକ ଛାତ୍ରୀ ଲଜ୍ଜାରେ ଘରେ କହୁ ନ ଥିବା ବେଳେ ଅନ୍ୟ କେତେକ ଛାତ୍ରୀ ଘରେ ଜଣାଇଥିଲେ। ଏନେଇ ବାରମ୍ବାର ବିଦ୍ୟାଳୟ ପରିଚାଳନା କମିଟି ବୈଠକରେ ଆଲୋଚନା ହୋଇ ପ୍ରଧାନ ଶିକ୍ଷକଙ୍କୁ ତାଗିଦ୍ କରାଯାଇଥିଲା। ହେଲେ ପ୍ରଧାନଶିକ୍ଷକଙ୍କଠାରେ କୌଣସି ପରିବର୍ତ୍ତନ ଦେଖାଯାଇ ନ ଥିଲା। ସୋମବାର ଜଣେ ଅଷ୍ଟମ ଶ୍ରେଣୀର ଛାତ୍ରୀଙ୍କୁ ଅଶ୍ଳୀଳ ଇଙ୍ଗିତ ଦେଇ ନିଜ କାର୍ଯ୍ୟାଳୟ ପଛରେ ପଡିଥିବା ଖଟିଆକୁ ଡାକି ଅସଦାଚରଣ କରିବାକୁ ଉଦ୍ୟମ କରୁଥିବା ବେଳେ ଛାତ୍ରୀଜଣକ କୌଶଳକ୍ରମେ ସେଠାରୁ ଖସିଯାଇ କାନ୍ଦି କାନ୍ଦି ନିଜ ମା' ବାପାଙ୍କୁ ଜଣାଇଥିଲେ। ଏହି ଖବର ଗାଁରେ ପ୍ରଚାରିତ ହେବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଗ୍ରାମବାସୀ ବିଦ୍ୟାଳୟରେ ପହଞ୍ଚି ପ୍ରଧାନ ଶିକ୍ଷକଙ୍କୁ ଦୀର୍ଘ ସମୟ ତାଙ୍କ କାର୍ଯ୍ୟାଳୟରେ ଅଟକ ରଖି ପ୍ରବଳ ମାଡ଼ ମାରିଥିଲେ। ଖବରପାଇ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଓ କଖଡ଼ା ସିଆରସିସି ଲମ୍ବୋଦର ଜେନା ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରିବା ସହିତ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରି ଶାନ୍ତ କରାଇଥିଲେ। ଅନ୍ୟପକ୍ଷରେ ଗ୍ରାମବାସୀଙ୍କ ଦ୍ୱାରା ଅଟକ ଥିବା ପ୍ରଧାନ ଶିକ୍ଷକ ପାଚେରି ଡେଇଁ କୌଶଳକ୍ରମେ ସେଠାରୁ ଖସି ପଳାଇଥିଲେ। ଉଲ୍ଲେଖଯୋଗ୍ୟ, କିଛି ବର୍ଷ ପୂର୍ବେ କଟିସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସେ ପ୍ରଧାନ ଶିକ୍ଷକ ଥିବା ବେଳେ ଏଭଳି ଅସଦାଚରଣ ଅଭିଯୋଗରେ ଗ୍ରାମବାସୀଙ୍କଠାରୁ ପ୍ରବଳ ମାଡ଼ ଖାଇଥିଲେ। କମର୍ଦ୍ଦା ଥାନା ପୋଲିସ ତାଙ୍କୁ ଉଦ୍ଧାର କରି ତାଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ଏଭଳି ଘଟଣାର ପୁନରାବୃତ୍ତି ନେଇ ପ୍ରଧାନ ଶିକ୍ଷକଙ୍କୁ ତୁରନ୍ତ ଚାକିରିରୁ ବହିଷ୍କାର କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଘଟଣାର ସତ୍ୟତା ପ୍ରମାଣିତ ହେଲେ ପ୍ରଧାନ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଭୋଗରାଇ ଗୋଷ୍ଠୀ ଶିକ୍ଷାଧିକାରୀ କମଳଲୋଚନ ବିଶ୍ୱାଳ ସୂଚନା ଦେଇଛନ୍ତି।

# ପଞ୍ଚଭୂତରେ ବିଲୀନ ଶହୀଦ୍ ପ୍ରତାପଙ୍କ ପାର୍ଥିବ ଶରୀର

ଗୋପ, ୬।୧୧
(ଭାରତୀ ଭୂଷଣ ଉପାଧ୍ୟାୟ)

**ଦିଆଗଲା ଗାର୍ଡ ଅଫ୍ ଅନର, ଗାଁରେ ଶୋକାକୁଳ ପରିବେଶ**

ଦେଶ ପାଇଁ ନିଜକୁ ସମର୍ପିତ କରି ଶହୀଦ୍ ହୋଇଥିବା ପୁରୀ ଜିଲା ଗୋପ ବ୍ଲକ ବଡତରା ପଞ୍ଚାୟତ ଅନ୍ତର୍ଗତ ମଲ୍ଲଗ୍ରାମ ଗାଁର ପ୍ରତାପ ରଞ୍ଜନ ପରିଡ଼ାଙ୍କ ପାର୍ଥିବ ଶରୀର ସୋମବାର ପଞ୍ଚଭୂତରେ ବିଲୀନ ହୋଇଛି। ଅପରାହ୍ନରେ ଶୋକାକୁଳ ପରିବେଶ ମଧ୍ୟରେ ଗାଁ ଶ୍ମଶାନରେ ତାଙ୍କୁ ବିଏସ୍ଏଫ୍ ଯବାନଙ୍କ ପକ୍ଷରୁ ରାଷ୍ଟ୍ରୀୟ ମର୍ଯ୍ୟାଦା ପ୍ରଦାନ ସହିତ ଗାର୍ଡ ଅଫ୍ ଅନର ପୂର୍ବକ ତୋପ ସଲାମି ଦିଆଯାଇଥିଲା। ପରେ ଶହୀଦ୍ ପ୍ରତାପଙ୍କ ୧୧ବର୍ଷ ବୟସର ଏକମାତ୍ର ପୁତ୍ର ପ୍ରତୀକ୍ ପରିଡ଼ା ମୁଖାଗ୍ନି ଦେଇଥିଲେ। ଏହି ସମୟରେ ସମସ୍ତଙ୍କ ଆଖି ଲୁହ ଛଳଛଳ ହୋଇପଡ଼ିଥିବାବେଳେ ଶହୀଦ ପ୍ରତାପ ରଞ୍ଜନ ପରିଡ଼ା ଅମର ରହେ ଧ୍ୱନିରେ ମଲ୍ଲଗ୍ରାମ ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିଲା।

# ମୃଦୁପାନୀୟରେ ନିଶା ଦେଇ ମହିଳାଙ୍କୁ ଗଣବଳାତ୍କାର

ବଡ଼ବିଲ,୬।୧୧
(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡ଼ବିଲ ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ଗଣବଳାତ୍କାର ହୋଇଥିବା ଅଭିଯୋଗ ହୋଇଛି। ମହିଳାଙ୍କୁ ମୃଦୁ ପାନୀୟରେ ନିଶା ଦେଇ ବଳାତ୍କାର ହୋଇଥିବା ନେଇ ଅଭିଯୋଗରେ ଉଲ୍ଲେଖ ରହିଛି। ପୋଲିସ ଅଭିଯୋଗ ଆଧାରରେ ତଦନ୍ତ ଆରମ୍ଭ କରିଥିବା ବେଳେ ଅଭିଯୁକ୍ତମାନେ ଫେରାର ଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଗତ ଗୁରୁବାର ସନ୍ଧ୍ୟାରେ ପୀଡ଼ିତା ନିଜ ଘର ଛପର ସଜାଡୁଥିବା ବେଳେ ୨ ଯୁବକ ସେଠାରେ ପହଞ୍ଚି ତାଙ୍କୁ ଡାକି ମୃଦୁପାନୀୟ ପିଇବାକୁ ଦେଇଥିଲେ। ପାନୀୟ ପିଇସାରିବା ପରେ ମହିଳା ଜଣକ କିଛି ଜାଣିପାରି ନ ଥିଲେ। ବିଳମ୍ବିତ ରାତିରେ ମହିଳା ଘରଠାରୁ କିଛି ଦୂର ବେଲକୁଣ୍ଡି ଅଞ୍ଚଳରେ ପଡ଼ିଥିବା ଲୋକେ ଦେଖିଥିଲେ। ଖବର ପାଇ ବିଳମ୍ବିତ ରାତିରେ ବଡ଼ବିଲ ଥାନାର ମହିଳା ପୋଲିସ ପହଞ୍ଚି ପୀଡ଼ିତାଙ୍କୁ ଉଦ୍ଧାର କରିଥିଲା। ପରେ ଗଣବଳାତ୍କାର ଘଟଣା ସାମ୍ନାକୁ ଆସିଥିଲା। ମହିଳାଙ୍କ ଅଭିଯୋଗକୁ ଭିତ୍ତି କରି ବଡ଼ବିଲ ଥାନାରେ ଏକ ମାମଲା( ନଂ. ୩୧୩/୨୦୨୩) ରୁଜୁ ହୋଇଛି। ମହିଳାଙ୍କ ଡାକ୍ତରୀ ଚିକିତ୍ସା କରାଯାଇ ତଦନ୍ତ କରାଯାଉଥିବା ଥାନା ଅଧିକାରୀ ରମାକାନ୍ତ ମୁଦୁଲି କହିଛନ୍ତି।







> ଧାର୍ମିକ ଚେତନାରେ ପରିହାର କର ସବୁପ୍ରକାର ନୀଚତା- ସଂକୀର୍ଣ୍ଣତା ଓ ସ୍ଥଳଦର୍ଶତା। ବିସ୍ତୃତ ଦିଗ୍‌ବଳୟଠାରୁ ଆହୁରି ବିସ୍ତାରିତ କର ନିଜକୁ। ଉଚ୍ଚତମ କାଂଚନଜଙ୍ଘା ଶୃଙ୍ଗଠାରୁ ନିଜକୁ ଆହୁରି ଉଚ୍ଚକର ଏବଂ ଗଭୀରତମ ସମୁଦ୍ରଠାରୁ ଆହୁରି ଗଭୀର ହୁଅ। -ଶ୍ରୀଅରବିନ୍ଦ

# କଥାରେ ଗୋମାତା

ସତୁରି ଦଶକରେ ନ୍ୟାଶନାଲ ଡେରୀ ଡେଭଲପ୍‌ମେଣ୍ଟ ବୋର୍ଡ ଦୁଗ୍ଧ ଚାଷକୁ ବ୍ୟାପକ କରିବା ଲାଗି ଅପରେଶନ ଫ୍ଲଡ୍ ଯୋଜନା ଆରମ୍ଭ କରିଥିଲା। ଏହା ଶ୍ୱେତ ବିପ୍ଳବର ଆରମ୍ଭ ଥିଲା ଓ ଏହାର ଜନକ ଥିଲେ ଡ.ଭର୍ଗିସ କୁରିଏନ। ସେହି ବିପ୍ଳବ ଆରମ୍ଭ ହେବାର ଅର୍ଦ୍ଧଶତାବ୍ଦୀ ପରେ ଓଡ଼ିଶାର ସ୍ଥିତି ଦୁର୍ବଳ ଥିବା ଜାଣି ସମସ୍ତେ ଦୁଃଖିତ ହୋଇଥିବେ। ନିକଟରେ ନ୍ୟାଶନାଲ ବ୍ୟାଙ୍କ ଫର୍ ଏଗ୍ରିକଲ୍‌ଚର ଆଣ୍ଡ୍ ରୁରାଲ ଡେଭଲପ୍‌ମେଣ୍ଟ (ନାବାର୍ଡ) ଦ୍ୱାରା ପ୍ରକାଶିତ ଏକ ରିପୋର୍ଟରୁ ଜଣାପଡ଼ିଛି ଯେ, ରାଜ୍ୟରେ ମୁଣ୍ଡପିଛା ଦୁଗ୍ଧ ଉପଲବ୍ଧତା ଜାତୀୟ ହାରଠାରୁ କମ୍ ରହିଛି। ଜାତୀୟ ସ୍ତରରେ ଏହା ଦିନକୁ ହାରାହାରି ୪୪୪ ଗ୍ରାମ୍ ଥିବାବେଳେ ରାଜ୍ୟରେ ୧୪୪ ଗ୍ରାମ୍ ବୋଲି ନାବାର୍ଡ ସ୍ପଷ୍ଟ କରିଛି। ଇଣ୍ଡିଆନ୍ କାଉନ୍‌ସିଲ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍‌ଆର୍)ଅନୁଯାୟୀ ପୌଷ୍ଟିକ ଆବଶ୍ୟକତା ପାଇଁ ଜଣେ ବ୍ୟକ୍ତିର ପୁଷ୍ଟି ସାଧନ ଲାଗି ଦୈନିକ ୩୦୦ ଗ୍ରାମ୍ ଦୁଗ୍ଧ ଦରକାର। ସେ ଦୃଷ୍ଟିରୁ ବିଚାର କଲେ ଓଡ଼ିଶାରେ ଏହା ଅଧାରୁ କମ୍। ନାବାର୍ଡର ତଥ୍ୟରୁ ବୁଝାପଡ଼େ ଯେ, ଏବକାର ଦୁଗ୍ଧ ଉତ୍ପାଦନ ହାର ଆବଶ୍ୟକ ଚାହିଦା ପୂରଣ କରିପାରିନାହିଁ। ଗାଈ ଗଣତିରେ ଦେଖିବାକୁ ଗଲେ ଜାତୀୟ ସ୍ତରରେ ଶୀର୍ଷ ୧୦ଟି ରାଜ୍ୟ ମଧ୍ୟରେ ରହିଛି ଓଡ଼ିଶା। ବଡ଼ଦାଣ୍ଡଠାରୁ ଆରମ୍ଭ କରି କ୍ଷୁଦ୍ର ଗ୍ରାମାଞ୍ଚଳର ରାସ୍ତାରେ ଶୋଇଥିବା ଗାଈ ସମସ୍ତଙ୍କ ବାଟ ଅବରୋଧ କରିଥାନ୍ତି। ଏବେ ନିଜକୁ ହଠାତ୍ ଉତ୍ତରଭାରତୀୟଙ୍କ ଭଳି ଓଡ଼ିଆମାନେ ହିନ୍ଦୁ ପାଲଟିଯାଇ ନିଜର ଇତିହାସକୁ ଭୁଲିବାରେ ଲାଗିପଡ଼ିଥିବାବେଳେ ଗାଈକୁ ମଧ୍ୟ ଗୋମାତାର ଆଖ୍ୟା ଦେଉଛନ୍ତି। କଟକଠାରୁ ଆରମ୍ଭ କରି କୋରାପୁଟ ପର୍ଯ୍ୟନ୍ତ ସବୁଆଡ଼େ ଗୋରୁ ଚାଲାଣକୁ ରୋକିବା ପାଇଁ ଏହି ନବଜାତ ହିନ୍ଦୁମାନେ ଆଗଭର ହୋଇ ଟ୍ରକ ଚାଳକଙ୍କ ଉପରେ ହିଂସା ଭିଆଇବାକୁ ଚାଲିଆସୁଛନ୍ତି। କିନ୍ତୁ ଓଡ଼ିଶାର ପୁରପଲ୍ଲୀରେ ପୂର୍ବରୁ ଥିବା ଦେଶୀ ଗାଈଙ୍କୁ ବିକ୍ରି କରିବା କାର୍ଯ୍ୟରେ ଗ୍ରାମାଞ୍ଚଳର ସବୁ ଚାଷୀ ସମ୍ପୃକ୍ତ ଥାଆନ୍ତି। ଦେଶୀଗାଈଙ୍କଠାରୁ କ୍ଷୀର ଉତ୍ପାଦନ ମାତ୍ରା ଯଥେଷ୍ଟ ନୁହଁ ବୋଲି ଚିନ୍ତା କରି କୃଷକମାନେ ହଲଷ୍ଟିନ, ଜର୍ସି ଭଳି ଅନେକ ବିଦେଶୀ ପ୍ରାଣୀକୁ ପ୍ରବେଶ କରାଇଦେଲେଣି। ଏହି ଗାଈଙ୍କଠାରୁ କ୍ଷୀର ଉତ୍ପାଦନ ଅଧିକ ହେଉଥିବା ସତ୍ତ୍ୱେ, ଦେଶୀ ଗାଈଙ୍କ ତୁଳନାରେ ଯଥେଷ୍ଟ ବେଶୀ ଔଷଧ ଏବଂ ଖାଦ୍ୟ ବାବଦରେ ଖର୍ଚ୍ଚ କରିବାକୁ ପଡ଼ିଥାଏ। ଗିର୍ ଗାଈର କିଛି ମାତ୍ରାରେ ସ୍ଥାନୀୟ ପାଣିପବନ ସହିତ ଚଳାଚଳ କରିବାର ସକ୍ଷମତା ରହିଛି। ତତ୍‌କ୍ଷଣାତ୍ କ୍ଷୀର ବିକି ଲାଭବାନ ହେବା ଲକ୍ଷ୍ୟରେ ଯେଉଁ ଚାଷୀ କାମ କରୁଛି ତାହା ପାଇଁ ହଲଷ୍ଟିନ କିମ୍ବା ଗିର୍ ଭଳି ଗାଈ ଅଧିକ ଆକର୍ଷଣୀୟ ହେଉଛି। ଏହିସବୁ ଲକ୍ଷ୍ୟରେ ପହଞ୍ଚିବା ପାଇଁ ଉଦ୍ଦେଶ୍ୟ ରହୁଥିବାବେଳେ ପ୍ରଥମ ଶିକାର ହୋଇଯାଇଛି ଓଡ଼ିଶାର ଦେଶୀ ଗାଈ।

> ହିନ୍ଦୀଭାଷୀ ଲୋକଙ୍କ ଭଳି ଗାଈର କେବଳ 'ଗୋମାତା'ଆଖ୍ୟା ଦେଇ ଭୋକିଲା ଛାଡ଼ିଦେଲେ ଭବିଷ୍ୟତରେ ସମସ୍ୟା ବୃଦ୍ଧି ପାଇବ। ଭେଟେରିନାରି ସେବାକୁ ସୁଦୃଢ଼ କରିବା ସହିତ ବିଦେଶୀ ଗାଈର ପ୍ରଚଳନକୁ ନିରୁତ୍ସାହିତ କରିବା ସହ ଦେଶୀ ଗାଈ ଉପରେ ଗବେଷଣା କରି ମାନ ବୃଦ୍ଧି କରିବାର ସମୟ ଆସିଲାଣି।

ବ୍ୟବସାୟିକ ମନୋଭାବ ରଖି ଗାଈ ପାଳିଥିବା ଚାଷୀ ଅନେକ କ୍ଷେତ୍ରରେ କ୍ଷତିର ମଧ୍ୟ ସମ୍ମୁଖୀନ ହେଉଛି। ରାଜ୍ୟର ଅଧିକାଂଶ ଅଞ୍ଚଳରେ ଦକ୍ଷତାସମ୍ପନ୍ନ ଭେଟେରିନାରି ଡାକ୍ତରଙ୍କ ଅଭାବ ଯୋଗୁ ପ୍ରାଣୀ ପାଳନ କଷ୍ଟକର କାର୍ଯ୍ୟ। ଏଥି ସହିତ ଗତ ଦଶନ୍ଧି ମଧ୍ୟରେ ରାଜନୀତି ସହିତ ଧର୍ମର ମିଶ୍ରଣ ଫଳରେ କ୍ଷୀର ଦେଇପାରୁ ନ ଥିବା ବୁଢ଼ୀଗାଈକୁ ରକ୍ଷଣାବେକ୍ଷଣ କରିବା ପାଇଁ କେହି ନାହାନ୍ତି। ଯେଉଁ କେତୋଟି ଦେଖାଣିଆ ଗୋ-ଶାଳା ସୃଷ୍ଟି କରାଯାଇଛି ତାହା କେବଳ ଅତ୍ୟନ୍ତ ସୀମିତ ସଂଖ୍ୟକ ପ୍ରାଣୀ ରଖି ପାରୁଛନ୍ତି। ଫଳସ୍ୱରୂପ, ଅଦରକାରୀ ଗାଈ ଏବଂ ବୟସ୍କ ବଳଦଙ୍କୁ ମାଲିକମାନେ ଖାଦ୍ୟ ଦେବାରେ ସକ୍ଷମ ହେଉନାହାନ୍ତି। ସେଥିପାଇଁ ଗ୍ରାମାଞ୍ଚଳରେ ଅନେକ ଗୋରୁଙ୍କୁ ଖୋଲାରେ ଛାଡିଦେଉଛନ୍ତି ଏବଂ ସେମାନେ ବିଭିନ୍ନ ସମୟରେ ଚାଷ କାର୍ଯ୍ୟରେ ପ୍ରବଳ କ୍ଷତି ଘଟାଉଛନ୍ତି। ଆଜି ନାବାର୍ଡ ଯଦି ତାହାର ରିପୋର୍ଟରେ ଓଡ଼ିଶାକୁ ନିମ୍ନ କରିଦେଇଛି ତେବେ ସେଥିପାଇଁ ଆର୍ଥିକ ଲୋଭ ଏବଂ ଧର୍ମ ସହିତ ଜଡ଼ିତ ରାଜନୀତି ମୁଖ୍ୟତଃ ଦାୟୀ।

ଏହି ପରିସ୍ଥିତିରେ ପ୍ରତିକାର କରିବାକୁ ହେଲେ ଓଡ଼ିଶାର ଦେଶୀ ଗାଈ ପ୍ରଜାତିକୁ ପୁନରୁଦ୍ଧାର କରିବା ଦରକାର। ହିନ୍ଦୀଭାଷୀ ଲୋକଙ୍କ ଭଳି ଗାଈର କେବଳ 'ଗୋମାତା'ଆଖ୍ୟା ଦେଇ ଭୋକିଲା ଛାଡ଼ିଦେଲେ ଭବିଷ୍ୟତରେ ସମସ୍ୟା ବୃଦ୍ଧି ପାଇବ। ଭେଟେରିନାରି ସେବାକୁ ସୁଦୃଢ଼ କରିବା ସହିତ ବିଦେଶୀ ଗାଈର ପ୍ରଚଳନକୁ ନିରୁତ୍ସାହିତ କରିବା ସହ ଦେଶୀ ଗାଈ ଉପରେ ଗବେଷଣା କରି ମାନ ବୃଦ୍ଧି କରିବାର ସମୟ ଆସିଲାଣି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | | 9 | 5 | | | | | |
| 2 | | | | | | 5 | | 4 |
| | | | | | | 2 | 3 | |
| | | 8 | | | 6 | | 4 | |
| 1 | | | | | | 8 | | |
| | | | 3 | 5 | | | 2 | |
| | 8 | 6 | 7 | | | | | |
| | | 1 | | | | | 9 | 6 |
| | | | | 9 | | 3 | 5 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 4 | 3 | 7 | 9 | 2 | 1 | 5 | 8 |
| 2 | 1 | 9 | 4 | 8 | 5 | 3 | 6 | 7 |
| 8 | 5 | 7 | 6 | 1 | 3 | 4 | 9 | 2 |
| 3 | 8 | 5 | 9 | 7 | 1 | 6 | 2 | 4 |
| 1 | 9 | 4 | 3 | 2 | 6 | 7 | 8 | 5 |
| 7 | 2 | 6 | 5 | 4 | 8 | 9 | 1 | 3 |
| 9 | 6 | 8 | 2 | 3 | 7 | 5 | 4 | 1 |
| 4 | 7 | 2 | 1 | 5 | 9 | 8 | 3 | 6 |
| 5 | 3 | 1 | 8 | 6 | 4 | 2 | 7 | 9 |

ଗତକାଲିର ଉତ୍ତର

# ଇସ୍ରାଏଲ-ହମାସ ଯୁଦ୍ଧ ଓ ଗୁଟେରସ



ପ୍ରକାଶ ତ୍ରିପାଠୀ

ଇସ୍ରାଏଲ-ହମାସ ଯୁଦ୍ଧ ଅବସରରେ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସଙ୍କ ଭୂମିକାକୁ ନେଇ ସମ୍ପ୍ରତି ଅନ୍ତର୍ଜାତୀୟ ସ୍ତରରେ ଚର୍ଚ୍ଚା ଜୋର ଧରିଛି। ହମାସକୁ ଆତଙ୍କବାଦୀ ଗୋଷ୍ଠୀରେ ନ ରଖିବା ଓ ଗାଜାରେ ଯୁଦ୍ଧ ପ୍ରପୀଡ଼ିତ ଜନତାଙ୍କ ଉଦ୍ଦେଶ୍ୟରେ ଆସୁଥିବା ରିଲିଫ ସାମଗ୍ରୀ ହମାସ ଦ୍ୱାରା ହେଉଥିବା ଲୁଟ୍ ସମ୍ପର୍କରେ ଚୁପ୍ ରହିବା ତାଙ୍କର ଭୂମିକାକୁ ଅଧିକ ବିବାଦୀୟ କରିଛି। ଏପରିକି ଗୁଟେରସ ତୁରନ୍ତ ନିଜ ପଦବୀରୁ ଇସ୍ତଫା ଦେବାକୁ ଇସ୍ରାଏଲ ପକ୍ଷରୁ ଦାବି କରାଯାଇଛି। ଗୁଟେରସ ଯୁଦ୍ଧର ଅଗ୍ନିକୁ ପାଣି ଢାଳି ଶାନ୍ତି କରିବା ବଦଳରେ ଇନ୍ଧନ ଢାଳି ଅଧିକ ଭୟାନକ କରୁଛନ୍ତି ବୋଲି ଅଭିଯୋଗ ଆସୁଛି। ବିଶେଷକରି ଗୁଟେରସଙ୍କ ଅଦୂରଦର୍ଶିତା କାରଣ ପାଇଁ ଗାଜାପଟ୍ଟିରେ ସାଧାରଣ ନାଗରିକଙ୍କ ଦୁର୍ଦ୍ଦଶା ଦିନକୁ ଦିନ ବଢ଼ିବା ସହ ସେମାନଙ୍କ ପାଇଁ ବିଭିନ୍ନ ଦେଶରୁ ଯାଉଥିବା ରିଲିଫ ସାମଗ୍ରୀ ଠିକ୍‌ରେ ବଣ୍ଟନ ହୋଇପାରୁନାହିଁ। ଗୁଟେରସ ଜଣେ ପୋଖତ ରାଷ୍ଟ୍ରନୀତିଜ୍ଞ ଓ ଅନୁଭବୀ ରାଜନେତା। ଜାତିସଂଘ ମହାସଚିବ ହେବା ପୂର୍ବରୁ ସେ ପର୍ତ୍ତୁଗାଲର ପ୍ରଧାନମନ୍ତ୍ରୀ ଥିଲେ ଓ ଜାତିସଂଘର ଅନେକ ସଂସ୍ଥାରେ କାର୍ଯ୍ୟ ବି କରିଥିଲେ। ମିଳିତ ଜାତିସଂଘ ମହାସଚିବ ପଦବୀ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ। ଏହି ସଂସ୍ଥାର କାର୍ଯ୍ୟ ପ୍ରଣାଳୀ ଅତ୍ୟନ୍ତ ନିରପେକ୍ଷ, ସ୍ୱାଧୀନ ଓ ଅନୁକରଣୀୟ। ଏହା ଉପରେ ବିଶ୍ୱର ସମସ୍ତ ରାଷ୍ଟ୍ରଙ୍କ ବିଶ୍ୱାସ ଓ ଭରସା ତିଷ୍ଠି ଥାଏ। କିନ୍ତୁ ଇସ୍ରାଏଲ-ହମାସ ଯୁଦ୍ଧରେ ଜାତିସଂଘର ଭୂମିକା ଯାହା ହେବା କଥା ତାହା ହୋଇନାହିଁ। ମହାସଚିବଙ୍କ ଅଦୂରଦର୍ଶିତା ତଥା ପକ୍ଷପାତି ନୀତି ପାଇଁ ଏଠାରେ ଶାନ୍ତି ପ୍ରତିଷ୍ଠା ବଦଳରେ ଯୁଦ୍ଧର ଘନାଘଟା ତୀବ୍ର ହେବାରେ ଲାଗିଛି।

ପ୍ରଥମରୁ ହମାସର ପକ୍ଷ ନେଇ ଜାତିସଂଘ ମହାସଚିବ ଗୁଟେରସ ନିଜର ଅପାରଗପଣିଆ ପ୍ରଦର୍ଶନ କରିଛନ୍ତି। ହମାସ ପକ୍ଷରୁ ଇସ୍ରାଏଲ ଉପରେ ପ୍ରଥମେ ଆକ୍ରମଣକୁ ସେ ନିନ୍ଦା କରିବା ବଦଳରେ ଆକ୍ରମଣ ଅକାରଣ ହୋଇନାହିଁ ବୋଲି ମନ୍ତବ୍ୟ ଦେଇଛନ୍ତି। ହମାସର ଅଚାନକ ଆକ୍ରମଣ ଅତ୍ୟନ୍ତ ଅମାନବୀୟ ଓ ବର୍ବର ଥିଲା। ମହିଳାଙ୍କ ସହ ଛୋଟ ଛୋଟ ପିଲାମାନଙ୍କୁ ହତ୍ୟା କରିବା ସହ ମୃତ ମହିଳାଙ୍କୁ ବଳାତ୍କାର କରିବାକୁ ଭୁଲି ନ ଥିଲା ବର୍ବର ହମାସ ଆତଙ୍କଗୋଷ୍ଠୀ। ଏଭଳି ଭିଡିଓ ଦେଖି ସମଗ୍ର ବିଶ୍ୱ ସ୍ତବ୍ଧ ହେବା ସହ ହମାସ ସପକ୍ଷରେ ଥିବା ସାମାନ୍ୟ ସହାନୁଭୂତି ଶେଷ ହୋଇଯାଇଥିଲା। ହମାସ ରିଲିଫ ସାମଗ୍ରୀ ଲୁଟୁଛି ଓ ଏହାରି ଉପରେ ହିଁ ସେ ଆତଙ୍କିକାର୍ଯ୍ୟ କରିଚାଲିଛି। ଯୁଦ୍ଧ ପ୍ରପୀଡ଼ିତ ଲୋକଙ୍କ ପାଖରେ ରିଲିଫ ସାମଗ୍ରୀ ପହଞ୍ଚି ପାରୁନାହିଁ କି ଏହା କିପରି ଭୋକିଲା ଓ ଦୁର୍ଦ୍ଦଶାଗ୍ରସ୍ତ ଲୋକଙ୍କ ପାଖରେ ପହଞ୍ଚିବ ତାହା ଉପରେ କିଛି କାର୍ଯ୍ୟକ୍ରମ ବି ଜାତିସଂଘର ନାହିଁ। ହମାସର ଆତଙ୍କିକାର୍ଯ୍ୟକୁ ନିନ୍ଦା ନ କରି ଗୁଟେରସ ଜାତିସଂଘର ପ୍ରତିଷ୍ଠାରେ ଆଞ୍ଚ୍ ଆଣିଛନ୍ତି। ଏହାକୁ ଆଧାର କରି ସମ୍ପ୍ରତି ଇସ୍ରାଏଲ ଗୁଟେରସଙ୍କ



ବିରୋଧରେ ଲବି ଆରମ୍ଭ କରିଦେଇଛି। ଗତ କିଛି ବର୍ଷ ମଧ୍ୟରେ ଏହା ପ୍ରଥମ ଘଟଣା ଯେ କୌଣସି ରାଷ୍ଟ୍ର ଜାତିସଂଘର ମହାସଚିବଙ୍କ ବିରୋଧରେ ମୋର୍ଚ୍ଚା ପ୍ରସ୍ତୁତ କରିବା ଓ ମହାସଚିବଙ୍କ କାର୍ଯ୍ୟକୁ ବର୍ବର କହିବା। ଏହା ସତ୍ୟ ଯେ ହମାସର ଆକ୍ରମଣ ଅତ୍ୟନ୍ତ ବର୍ବର ଥିଲା, କିନ୍ତୁ ଇସ୍ରାଏଲର ପାଲଟା ଜବାବକୁ ସମର୍ଥନ ଏତେଟା ମହତ୍ତ୍ୱପୂର୍ଣ୍ଣ ହୋଇ ନ ଥାନ୍ତା ଯଦି ମହାସଚିବ ଗୁଟେରସ ହମାସ ସପକ୍ଷରେ ନିଜର ମନ୍ତବ୍ୟ ଦେବା ପୂର୍ବରୁ ସଂଯମ ଆଚରଣ କରିଥାନ୍ତେ। ହମାସର ଆକ୍ରମଣକୁ ନିନ୍ଦା ସହ ଶାନ୍ତି ଆଚରଣ ପାଇଁ ପରାମର୍ଶ ଦେଇଥିଲେ ତାହା ଭିନ୍ନ ରୂପ ନେଇଥାନ୍ତା। ଗୁଟେରସ ହମାସ ସପକ୍ଷରେ କହିଥିଲେ ଯେ, ପାଲେଷ୍ଟିନୀୟମାନେ ଅନେକ ନିର୍ଯାତନାର ସମ୍ମୁଖୀନ ହୋଇଛନ୍ତି, ସେମାନଙ୍କର ବସତି କ୍ଷତିଗ୍ରସ୍ତ ହେବା ସହ କ୍ରମାଗତ ହିଂସା ଦ୍ୱାରା ସେମାନ ପୀଡ଼ିତ ହୋଇଆସୁଛନ୍ତି। ସେମାନଙ୍କ ଅର୍ଥନୀତି ଭୁଶୁଡ଼ିଛି ଓ ସେମାନେ ବିସ୍ଥାପିତ ଓ ବେଘର ହୋଇଛନ୍ତି। ରାଜନୈତିକ ଆଧାରରେ ସେମାନଙ୍କର ସଙ୍କଟର ସମାଧାନର ବାଟ ବନ୍ଦ ହୋଇଯାଉଛି ବୋଲି ଗୁଟେରସ ମନ୍ତବ୍ୟ ପ୍ରଦାନ କରିଛନ୍ତି, ଯାହାକୁ କି ଇସ୍ରାଏଲ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ଆତଙ୍କବାଦକୁ ସହ୍ୟ କରିବା ଅର୍ଥ ସେମାନଙ୍କୁ ନ୍ୟାୟ ପ୍ରଦାନ କରିବା। ଏହାଦ୍ୱାରା ଜାତିସଂଘ ସେକ୍ରେଟାରି ଜେନେରାଲ ନିଜର ନୈତିକତା ଓ ନିରପେକ୍ଷତା ହରାଇଛନ୍ତି। ହମାସ ପକ୍ଷରୁ ଶିଶୁମାନଙ୍କ ମୁଣ୍ଡ କଟାଗଲା, ଘରଦ୍ୱାର ଓ ବ୍ୟବସାୟିକ ପ୍ରତିଷ୍ଠାନ ପୋଡ଼ି ଦିଆଗଲା, ମହିଳାମାନଙ୍କୁ ବଳାତ୍କାର କରାଗଲା। ଆଉ କେତେ ବର୍ବରକାଣ୍ଡ ହମାସ ପକ୍ଷରୁ ହୋଇଥିଲେ ଗୁଟେରସ ଖୁସି ହୋଇଥାନ୍ତେ। ଏହା ସତ୍ତ୍ୱେ ବି ଇସ୍ରାଏଲକୁ ଦୋଷ ଦେବା ପରିତାପର ବିଷୟ ବୋଲି ଇସ୍ରାଏଲ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଇସ୍ରାଏଲ ନାଗରିକଙ୍କ ଦୁଃଖ ଗୁଟେରସଙ୍କୁ ଦେଖାଯାଉନାହିଁ। ମହାସଚିବ ଗୁଟେରସ ତୁରନ୍ତ ତାଙ୍କ ପଦରୁ ଇସ୍ତଫା ଦେଇ ଜାତିସଂଘ କାର୍ଯ୍ୟାଳୟର ପବିତ୍ରତାକୁ ରକ୍ଷା କରିବାକୁ ଇସ୍ରାଏଲ ପକ୍ଷରୁ କୁହାଯାଇଛି।

ଇସ୍ରାଏଲ ପକ୍ଷରୁ କେବଳ ଗୁଟେରସଙ୍କୁ ସମାଲୋଚନା କରାଯାଇନାହିଁ, ବରଂ ମିଳିତ ଜାତି ସଂଘର ସମ୍ପୂର୍ଣ୍ଣ ସଂରଚନା ଓ ନୀତିକୁ ମଧ୍ୟ ନିନ୍ଦା କରାଯାଇଛି। ଯୁଦ୍ଧ ସମୟରେ ମିଳିତ ଜାତିସଂଘର ଭୂମିକା ଯେତିକି ଗୁରୁତ୍ୱପୂର୍ଣ୍ଣ ଯୁଦ୍ଧ ପ୍ରପୀଡ଼ିତ ଜନସାଧାରଣଙ୍କୁ ରିଲିଫ ସାମଗ୍ରୀ ବଣ୍ଟନ ଓ ଉଦ୍ଧାର କାର୍ଯ୍ୟ ମଧ୍ୟ ସେତିକି ମହତ୍ତ୍ୱପୂର୍ଣ୍ଣ। ମାନବିକ ଅଧିକାର ଓ ମାନବୀୟତା ରକ୍ଷା ହେଉଛି ଜାତିସଂଘର ଏକ ମୌଳିକ କାର୍ଯ୍ୟ। କିନ୍ତୁ ଗାଜାପଟ୍ଟିରେ ଜାତିସଂଘର ଉଦ୍ଧାରକାରୀ ଏଜେନ୍ସିକୁ ଉଦ୍ଧାର କାର୍ଯ୍ୟରେ ଓ ରିଲିଫ ସାମଗ୍ରୀ ବଣ୍ଟନରେ କୌଣସି ସହଯୋଗ ଓ ସହାୟତା ମିଳୁନାହିଁ। ମୋଟ ଉପରେ କହିବାକୁ ଗଲେ ଜାତିସଂଘର ବିଭିନ୍ନ ଏଜେନ୍ସି ଏଠାରେ ସମ୍ପୂର୍ଣ୍ଣ ନିଷ୍କ୍ରିୟ ହୋଇଯାଇଛି। ପ୍ରକାଶଯୋଗ୍ୟ ଯେ, ଇହୁଦୀ ଏଜେନ୍ସିର ମୁଖ୍ୟ ଡେଭିଡ ବେନ୍-ଗୁରିଅନ ଇସ୍ରାଏଲ ରାଜ୍ୟ ପ୍ରତିଷ୍ଠା ୧୯୪୮ରେ ଘୋଷଣା କରିଥିଲେ, ଯାହାକୁ କି ସେହି ଦିନ ଆମେରିକା, ରୁଷିଆ ସମେତ ଅନେକ ରାଷ୍ଟ୍ର ସ୍ୱୀକୃତି ପ୍ରଦାନ କରିଥିଲେ। ଅର୍ଥାତ ମିଳିତ ଜାତିସଂଘର ପ୍ରତିଷ୍ଠା ପରେ ଇସ୍ରାଏଲର ଜନ୍ମ ହୋଇଥିଲା। କିନ୍ତୁ ପାଲେଷ୍ଟାଇନର ଆତଙ୍କି ସଂଗଠନ ନୂତନ ଇସ୍ରାଏଲ ଗଠନକୁ ଗ୍ରହଣ କରିପାରୁନାହାନ୍ତି। ପାଲେଷ୍ଟାଇନରେ ଇସ୍‌ଲାମ ପୂର୍ବରୁ ଇହୁଦୀ ଓ ଇସାଇମାନଙ୍କର ଆବାସ ଥିଲା। ଇହୁଦୀମାନଙ୍କର ଅକ୍ଳାନ୍ତ ପ୍ରଚେଷ୍ଟା ଓ ଦେଶଭକ୍ତି ଭାବ ଯୋଗୁ ଆଜି ଇସ୍ରାଏଲ ଏକ ପ୍ରମୁଖ ବିକାଶଶୀଳ ଦେଶ ଭାବେ ଦଣ୍ଡାୟମାନ ହୋଇପାରିଛି। ଆରବ ରାଷ୍ଟ୍ର ସମୂହ ଓ ଇସ୍ରାଏଲ ମଧ୍ୟରେ ବିବାଦ ଅତି ପୁରୁଣା ଓ ଧର୍ମ ଆଧାରରେ ହେଉଥିବା ଯୁଦ୍ଧର ଏକ ଜ୍ୱଳନ୍ତ ପ୍ରମାଣ। ଯେ ପର୍ଯ୍ୟନ୍ତ ହମାସ ଭଳି ଆତଙ୍କବାଦୀ ଗୋଷ୍ଠୀ ଇସ୍ରାଏଲର ଅସ୍ତିତ୍ୱକୁ ସ୍ୱୀକାର କରିବେ ନାହିଁ, ସେ ପର୍ଯ୍ୟନ୍ତ ପାଲେଷ୍ଟାଇନ ସଙ୍କଟ ସମାଧାନ ହେବନାହିଁ।

ବିଶ୍ୱରେ ଯେବେବି କୌଣସି ବଡ଼ ସଙ୍କଟ ସୃଷ୍ଟି ହୁଏ, ସେତେବେଳେ ଏହାର ସମାଧାନ ନିମନ୍ତେ ବିଶ୍ୱବାସୀଙ୍କ ନଜର ପ୍ରଥମେ ଯାଇଥାଏ ମିଳିତ ଜାତିସଂଘ ଉପରକୁ। ଦେଶ ଦେଶ ମଧ୍ୟରେ ବିବାଦ, ଯୁଦ୍ଧ ଅବା କୌଣସି ପ୍ରାକୃତିକ ବିପର୍ଯ୍ୟୟ ହେଉ, ସାଧାରଣ ମଣିଷର ସୁରକ୍ଷା ପାଇଁ ଜାତିସଂଘର ଭୂମିକାକୁ ବିଶ୍ୱବାସୀ ଦେଖିଥାନ୍ତି। ମିଳିତ ଜାତିସଂଘ ହେଉଛି ବିଶ୍ୱର ସର୍ବବୃହତ ଆନ୍ତର୍ଜାତିକ ସଂଗଠନ, ଯେଉଁଥିରେ କି ବିଶ୍ୱର ସମସ୍ତ ରାଷ୍ଟ୍ର ସଦସ୍ୟ ଅଛନ୍ତି। ଏହାର ଅଧୀନ ପ୍ରତ୍ୟେକଟି ସଂସ୍ଥା ମାନବୀୟ ସଙ୍କଟ, ପ୍ରାକୃତିକ ବିପର୍ଯ୍ୟୟ ଭଳି ଦୁଃସମୟରେ ପ୍ରଥମେ ଆଗକୁ ଆସି ସହାୟତାର ହାତ ବଢ଼ାଇଥାଏ। ଦେଶ ଦେଶ ମଧ୍ୟରେ ଯୁଦ୍ଧ ସମୟରେ ଏହାର ଭୂମିକା ଓ ଦାୟିତ୍ୱ ଅଧିକ ବଢ଼ି ଯାଇଥାଏ। ଗୋଟିଏ ପଟେ ଯୁଦ୍ଧ ପ୍ରପୀଡ଼ିତ ମଣିଷକୁ ମାନବୀୟ ସହାୟତା ପହଞ୍ଚାଇବା ସହ ଯୁଦ୍ଧରତ ଦେଶ ମଧ୍ୟରେ ଯୁଦ୍ଧ ବିରାମ ଆଣିବା ଓ ସେମାନଙ୍କ ମଧ୍ୟରେ ଶାନ୍ତି ସ୍ଥାପନର ଗୁରୁଦାୟିତ୍ୱ ଜାତିସଂଘ ଉପରେ ଆସିଥାଏ। ଏହି ଦୁଇ କ୍ଷେତ୍ରରେ ଜାତିସଂଘର ଭୂମିକା କେତେଦୂର ସଫଳ ହେଉଛି ତାହା ଗତ କିଛି ଦଶକ ହେବ ସାରା ବିଶ୍ୱ ଦେଖୁଛି। ଜାତିସଂଘର ସାର୍ଥକତା, ଆବଶ୍ୟକତା, ନିରପେକ୍ଷତା ଓ ସକ୍ରିୟତାର ପ୍ରଶ୍ନ ଏବେ ସମଗ୍ର ବିଶ୍ୱବାସୀଙ୍କ ମନରେ ଉଙ୍କି ମାରୁଛି।

ମୋ: ୯୪୩୭୨୩୨୪୬୩

# ସମ୍ପର୍କ ପରିଭାଷା



ହରେକୃଷ୍ଣ ଦାସ

ସବୁବେଳେ ହସ ହସ ଦିଶୁଥିବା ବନ୍ଧୁଙ୍କର ଅଚାନକ ବିଷଣ୍ଣ ବଦନର କାରଣ ପଚାରିବା ମାତ୍ରେ ତାଙ୍କ ଭିତରର ଦାର୍ଶନିକଟା ପ୍ରଗଳ୍ଭ ହୋଇଉଠିଲା, ''ବୁଝିଲ, ଆଜିକାଲିର ଅଧିକାଂଶ ମଣିଷ ଖୁବ୍ ମତଲବି। ଟିକିଏ ବିରକ୍ତ ହୋଇ ବନ୍ଧୁ କହିଲେ,''କୋଟେଶନ ଯୋଉଠୁ ଆଣେ ପଛେ, କଥାଟା ସତ ନା ନାହିଁ?'' ମୁଁ ପ୍ରତିବାଦ କରି କହିଲି, '' ହେଲେ ଆମ ସମ୍ପର୍କ ଭିତରେ ଫାଇଦାର ଚିହ୍ନବର୍ଣ୍ଣ ତ ଦିଶୁନି। ଆମେ ଦୁହେଁ ତ କେହି କାହାଠାରୁ କିଛି ଫାଇଦା ଉଠାଉନେ। '' ବନ୍ଧୁ ଟିକିଏ ବିରକ୍ତ ହୋଇ କହିଲେ,''ଆମ ସମ୍ପର୍କକୁ ଦୁନିଆ ଯାକର ଲୋକଙ୍କର ସମ୍ପର୍କର ମାନଦଣ୍ଡ ବୋଲି ଭାବନି। ଏ ପ୍ରସଙ୍ଗରେ ମୁଁ ଯୋଉ ପ୍ରକାର ଚିନ୍ତାକରି କଷ୍ଟ ଅନୁଭବ କରୁଛି, ତମେ ବି ସେଇ ପ୍ରକାର ଅଶାନ୍ତି ଭୋଗୁଥାଇପାର। କିନ୍ତୁ ତମେ କିଛି ବି କେବେ ନ ଘଟିଥିବାର ଛଳନା କରିପାର ଯାହା।''

ଏକଥା ସତ ଯେ ଆମେ ସମସ୍ତେ ବିଭିନ୍ନ ପ୍ରକାର ଛଳନା ଭିତରେ ବଞ୍ଚୁଛେ। ଯେହେତୁ ମାତ୍ରାଧିକ ସତ୍ୟ ସବୁବେଳେ ବରଦାସ୍ତ କରିହୁଏନା କିମ୍ବା ପ୍ରକାଶ କରି ହୁଏନା, ଆମେମାନେ ବିଭିନ୍ନ ଛଳନା ଜରିଆରେ ନିଜକୁ ଭୁଲେଇବାକୁ ଚେଷ୍ଟାକରୁ। ଅନେକ ସମ୍ପର୍କ ଆମକୁ ଖୁବ୍ କଷ୍ଟ ଦିଏ, ଆମ ଶାନ୍ତି ନଷ୍ଟକରେ। କିନ୍ତୁ ବିଭିନ୍ନ କାରଣରୁ ଆମେ ସେସବୁ କାହା ଆଗରେ ପ୍ରକାଶ କରିପାରୁନା। ପାଦର ଆଙ୍ଗୁଠିକୁ ମୋଡ଼ି କ୍ଷତାକ୍ତ କରୁଥିବା ଅଥଚ ସୁନ୍ଦର ଦିଶୁଥିବା ଜୋତା ପରି ଆମେ ପ୍ରାୟତଃ ତାକୁ ସହ୍ୟ କରିନେଉ। କିନ୍ତୁ ସୁନ୍ଦର ଦିଶିବାର ଆତ୍ମପ୍ରବଞ୍ଚନାରୁ ନିଜକୁ ମୁକାଳିପାରିଲେ ଅଳ୍ପ ସମୟର ଦୁଃଖ ଆସେ ସିନା ମାତ୍ର ଦୀର୍ଘସ୍ଥାୟୀ ଶାନ୍ତି ମିଳିପାରେ।

ଆଉ ଏକଥା ବି ସତ ଯେ ଅନେକ ଲୋକ ଛଳନାପୂର୍ଣ୍ଣ ସମ୍ପର୍କକୁ ନିଜ ଚରିତ୍ରର ଏକ ବୈଶିଷ୍ଟ୍ୟ କରିଦେଇଥାନ୍ତି। ସାମ୍ନାରେ ଅତ୍ୟନ୍ତ ମଧୁର କଥା କହି ,ଏକଦମ ଆତ୍ମୀୟ ତଥା ଶୁଭାକାଂକ୍ଷୀ ବୋଲି ଦେଖେଇବାକୁ ଚେଷ୍ଟା କରୁଥିବା ଅନେକ ଲୋକ ପ୍ରକୃତରେ ଆମକୁ ହଇରାଣ କରିବାକୁ ନାନା ଫନ୍ଦିଫିକର କରୁଥିବାର ଆମେ ଜାଣୁ, କିନ୍ତୁ ଆମେ ବି ଛଳନା କରିବାରେ ଏତେ ମାହିର ଯେ କେବେ ଜଣେଇ ଦେଉନା ତାଙ୍କ ଚରିତ୍ର ଓ ଯୋଜନା ଆମେ ଠିକ୍ ଠିକ୍ ପଢ଼ିପାରିଛୁ ବୋଲି।

ଛଳନାର ଏ ସମ୍ପର୍କ ଏମିତି ଗୋଟେ ବ୍ୟାଧି ଯାହା ଘର ପରିବାରଠୁ ଆରମ୍ଭକରି ସମାଜ ପର୍ଯ୍ୟନ୍ତ ସବୁ ସ୍ତରକୁ ଆକ୍ରାନ୍ତ କରି ରଖିଛି। ଅନ୍ୟକୁ ହଇରାଣକରି ନିଜେ ଖୁସି ହେବା, ଅନ୍ୟର ଦୁଃଖକଷ୍ଟକୁ ଉପଭୋଗ



କରିବା, ଅନ୍ୟମାନଙ୍କ ପ୍ରତି ସମ୍ବେଦନଶୀଳ ନ ହେବା ତଥା ଅନ୍ୟର ସୁଖ ପ୍ରତି ଅସହିଷ୍ଣୁ ହୋଇଯିବାର ବିକୃତ ମାନସିକତା ଆମ ସବୁ ସମ୍ପର୍କକୁ କଳୁଷିତ କରିଦେଉଛି। ନିଜର ସ୍ୱାର୍ଥରେ ସାମାନ୍ୟ ଆଞ୍ଚ ଆସିଲେ ଅତି ମଧୁର ସମ୍ପର୍କକୁ ତିକ୍ତତାରେ ବଦଳେଇଦେବାକୁ ଆମେ ଟିକିଏ ବି ଦ୍ୱିଧା କରୁନା। ଆହୁରି ବିଚିତ୍ର ସ୍ଥିତି ହେଲା ଯେ ବର୍ତ୍ତମାନ ମଣିଷ ନିଜ ଘର, ପରିବାର, ଆତ୍ମୀୟସ୍ୱଜନଙ୍କ ସହ ଭଲ ସମ୍ପର୍କ ରହିବା ନ ରହିବାକୁ ଖାତିର ନ କରି ଆଦୌ ଦେଖି ନ ଥିବା ଜାଣି ନ ଥିବା ଲୋକଙ୍କ ସହ ସୋସିଆଲ ମିଡିଆରେ ସମ୍ପର୍କ ବଢ଼େଇବାକୁ ଯତ୍ନଶୀଳ। ଏ ପ୍ରକାର ଅଧିକାଂଶ ସମ୍ପର୍କ କେବଳ ମିଛ ପ୍ରଶଂସା ଓ ଚାଟୁକାରିତାକୁ ନେଇ ବଞ୍ଚିରହିଥାଏ । ଆମ ଅହଂକାର ଓ ଅଭିମାନକୁ ବାଧା ନ ଆସିବା ଯାଏଁ ହିଁ ସବୁକିଛି ଠିକ୍‌ଠାକ୍ ଥାଏ , ଅଥଚ ଏଇ ମିଛ ସମ୍ପର୍କରୁ ଖୁସି ସାଉଁଟିବାକୁ ସମସ୍ତେ ତତ୍ପର।

ଆଜି ଏତେ ଫିଲୋସଫିକାଲ ପାଲଟିଯିବାର ବିଶେଷ କାରଣ କ'ଣ ବୋଲି ପଚାରିବାରୁ ବନ୍ଧୁ କହିଲେ,''ଆମ ଅଫିସରେ ମଦନବାବୁଙ୍କ ସହ ମୋର ଘନିଷ୍ଠତା ବିଷୟରେ ତ ଜାଣିଛ। ଏମିତିରେ ବି ସେ ସମସ୍ତଙ୍କ ସହ ଖୁବ୍ ମଧୁର କଥାବାର୍ତ୍ତା କରି ହସଖୁସିଆ ଢଙ୍ଗରେ ମିଶନ୍ତି। କିନ୍ତୁ ସେ ଭିତରେ ଭିତରେ ମୋ ପ୍ରତି ଖୁବ୍ ଈର୍ଷାଳୁ ଓ ଅସହିଷ୍ଣୁ। ମୋ ପଛପଟେ ମୋ ନାଆଁରେ ଚୁଗୁଲି କରୁଥିବେ ଅଥଚ ସାମ୍ନାରେ ପଡ଼ିଲେ ମତେ ନିଜର ସବୁଠୁ ଅନ୍ତରଙ୍ଗ ବୋଲି ଦେଖେଇ ହେଉଥିବେ। ପ୍ରାୟ ସବୁ ଷ୍ଟାଫ୍‌ଙ୍କ ସହ ତାଙ୍କର ଏମିତିଆ ଚାଲବାଜିଆ ସମ୍ପର୍କ।'' ଯଦି ସେ ଏ ପ୍ରକାର ବୋଲି ସମସ୍ତେ ଜାଣିଛନ୍ତି, ତା'ହେଲେ ତ କେହି ତାଙ୍କ ସହ ଭଲରେ ମିଶିପାରୁ ନ ଥିବେ! ମୁଁ କହିଲି, '' ନା ନା , ପ୍ରକୃତରେ ସମସ୍ତେ ତାଙ୍କ ସହ ସେମିତି ଉପରଠାଉରିଆ ଭାବରେ ମିଶନ୍ତି। ସେ ବି କେବଳ ଫାଇଦା ଥିବାର ସମ୍ଭାବନା ଦେଖିଲେ ହିଁ କାହା ସହ ଭଲରେ ମିଶନ୍ତି। ତାଙ୍କ ପଛପଟେ ସମସ୍ତେ ତାଙ୍କୁ ଟାହିଟାପରା କଲେ ମଧ୍ୟ ବୟସ ଦୃଷ୍ଟିରୁ ସାମ୍ନାରେ କିଛି କହିହୁଏନି।'' ସେ ପିଲା ସହ ଯଦି ୟାଙ୍କ ମାନସିକତା ମିଶିଯାଉଥିବ ତେବେ ସେମାନଙ୍କ ଅନ୍ତରଙ୍ଗତାରେ ଅସୁବିଧା କୋଉଠି ରହିଲା ? ମୁଁ ପଚାରିବାରୁ ବନ୍ଧୁ କହିଲେ, ''ଅନାବିଳ ଆତ୍ମୀୟତା ଥିଲେ କିଛି ଅସୁବିଧା ନାହିଁ। ମତଲବ ଲୁଚେଇ ରଖି ଅନ୍ତରଙ୍ଗ ଦେଖେଇ ହେଇ କେହି କ'ଣ ସତରେ କାହାର ପ୍ରିୟ ହୋଇପାରିବ ?

ଅଧ୍ୟାପକ, ଇଂରାଜୀ ବିଭାଗ
ନିଆଳି, କଟକ
ମୋ: ୯୮୬୧୩୪୫୬୫୮

## ଏଇ ଭାରତରେ

ଏମିତି ଗାଁ ଯେଉଁଠି ସମସ୍ତେ ଜଣେ ଜଣେ ୟୁଟ୍ୟୁବର। ଛତିଶଗଡ଼ର ଏହି ଗାଁର ନାଁ ତୁଳସୀ। ସେଠାରେ କେହି ସରକାରୀ ଚାକିରି ଖୋଜୁନାହାନ୍ତି କିମ୍ବା କୌଣସି ଘରୋଇ ସଂସ୍ଥାରେ ଚାକିରି କରିବାକୁ ଚାହାନ୍ତି ନାହିଁ। କେବଳ ୟୁଟ୍ୟୁବର ଭାବେ ସେମାନେ ଆତ୍ମନିର୍ଭର ହୋଇଛନ୍ତି। ଉକ୍ତ ଗାଁରେ ସମସ୍ତେ ସେମାନଙ୍କ ସ୍ମାର୍ଟ ଫୋନ୍‌ରେ ଭିଡିଓ ପ୍ରସ୍ତୁତ କରୁଛନ୍ତି। ୫ ବର୍ଷର ପିଲାଠାରୁ ଆରମ୍ଭକରି ୮୦ ବର୍ଷର ବ୍ୟକ୍ତି ପର୍ଯ୍ୟନ୍ତ ଏହି କାର୍ଯ୍ୟରେ ଜଡ଼ିତ। ଏମାନେ ଫ୍ରିଲାନ୍ସ କାମକରି ଭଲ ରୋଜଗାର କରୁଛନ୍ତି। ଏହି ଅଭିଯାନ ୨୦୧୮ରେ ଆରମ୍ଭ ହୋଇଥିଲା ଯେତେବେଳେ ଗାଁର ଜ୍ଞାନେନ୍ଦ୍ର ଓ ଜୟ ବର୍ମା ' ବିଙ୍ଗ୍ ଛତିଶଗଡ଼ିଆ' ନାମକ ଏକ ୟୁଟ୍ୟୁବ୍ ଚ୍ୟାନେଲ ଖୋଲି ଛୋଟ ଛୋଟ ଘଟଣା, ପର୍ବପର୍ବାଣି ଓ କମେଡି ଭିଡିଓ କରି ଅପ୍‌ଲୋଡ୍ କରିବା ଆରମ୍ଭ କରିଥିଲେ। ଧୀରେଧୀରେ ଏହି ଭିଡିଓକୁ ଅନ୍ୟମାନେ ପସନ୍ଦ କରିବା ଦ୍ୱାରା ସେମାନେ ସେଥିରୁ ରୋଜଗାର କରିବାକୁ ଲାଗିଲେ। ଏବେ ସେହି ଗାଁରେ ୪୦ରୁ ଅଧିକ ୟୁଟ୍ୟୁବ୍ ଚ୍ୟାନେଲ ଖୋଲିସାରିଲାଣି। ଗାଁର ଲୋକେ କୌଣସି ପ୍ରଶିକ୍ଷଣ ବିନା ଭିଡିଓ ରେକର୍ଡିଂଠାରୁ ଆରମ୍ଭକରି ଆକ୍ଟିଂ ଓ ଏଡିଟିଂ କାର୍ଯ୍ୟ କରୁଛନ୍ତି । ଗ୍ରାମବାସୀଙ୍କ ଆଗ୍ରହକୁ ଦେଖି ସ୍ଥାନୀୟ ଜିଲାପାଳ 'ହମର ଫ୍ଲଇକସ'ନାମକ ଏକ ଷ୍ଟୁଡିଓ ନିର୍ମାଣ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୭ ନଭେମ୍ବର ୧୯୯୮

- ଖାଦ୍ୟ ପ୍ରକ୍ରୀୟାକରଣ ଓ କୃଷିଭିତ୍ତିକ ଶିଳ୍ପ ପରିଚାଳନା ପାଇଁ କେନ୍ଦ୍ର କୃଷି ମନ୍ତ୍ରୀ ସୋମ ପାଲଙ୍କ ନେତୃତ୍ୱରେ ଉଚ୍ଚ ସ୍ତରୀୟ ଜାତୀୟ ଟାସ୍କ ଫୋର୍ସ ଗଠନ।
- ଯୌନ ଉଦ୍ଦୀପକ ବଟିକା 'ଭାଏଗ୍ରା'ର ୬ ମାସ ପାଇଁ ପରୀକ୍ଷାମୂଳକ ଭାବେ ବିକ୍ରି ପାଇଁ ସିଙ୍ଗାପୁର ସରକାରଙ୍କ ଅନୁମତି।

## ଚିରନ୍ତନୀ

ଫିଟିଗଲା କବରୀ ତୁଟିଲା ହାର
ପୁଲକରେ ଝରିଲା ଲୋତକ ଧାର,
ତୁଆ ତୁଆ ହୋଇ ଯେ ଶୁଭିଲା 'ସ୍ୱନ'
ଛନ ଛନ ହୋଇଲା ପରାଣ ମନ।
-(ବଂଶୀ ଧ୍ୱନି)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଅଚ୍ଛେ ଦିନ୍‌ର ପ୍ରତୀକ୍ଷାରେ

ମହାଶୟ,

ଅଚ୍ଛେ ଦିନ୍ ଆସିବ ବୋଲି ଆମେ ଅନେକ ଥର ଶୁଣିଆସିଛୁ । ଏହାର ମାନେ ହେଲା ଭଲଦିନ । ଭାଜପା ସରକାର ସାଧାରଣ ଜନତାଙ୍କ ଆସ୍ଥାଭାଜନ ଦେବା ପାଇଁ ଏହିପରି ଗୋଟିଏ ଶବ୍ଦର ବାରମ୍ବାର ପ୍ରଚାର କରିଛନ୍ତି । ସତରେ କ'ଣ ଜନତାଙ୍କ ପାଇଁ କିଛି ଭଲ ସମୟ ଆସିଛି। ଗୋଟିଏ ରାଜନୈତିକ ଦଳ ଭୋଟ ପାଇବା ପାଇଁ ଜନତାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇଥାଏ। କିନ୍ତୁ ସବୁ ପ୍ରଲୋଭନଠାରୁ ବଡ଼ ହେଲା ସୁଖମୟ ଦିନ ବା ସୁଖମୟ ଜୀବନ । ଭାଜପା ସାଧାରଣ ଜନତାଙ୍କୁ ଯେଉଁ ଅଚ୍ଛେ ଦିନ୍‌ର ପ୍ରତିଶ୍ରୁତି ଦେଇଥିଲା ତାହା ଆଣିପାରିଲେ ନାହିଁ । ଦେଶରେ ଦରଦାମ ବୃଦ୍ଧି ସହ ବେରୋଜଗାର ବଢ଼ିଛି । ଧନୀ ଲୋକ ଆହୁରି ଧନୀ ହେଲେ । ଦେଶର ୪୦% ଧନ କେବଳ ୧% ଲୋକଙ୍କ ହାତକୁ ଚାଲିଗଲା ଏବଂ ୧୦% ଧନୀ ଲୋକ ଦେଶର ୭୭% ଧନର ମାଲିକ ହୋଇଗଲେ। ୯୦% ଲୋକ ବାକି ୨୩% ଧନକୁ ନେଇ ଚଳୁଛନ୍ତି । କୃଷକ ଆଜି ନିଜର ପରିଶ୍ରମର ମୂଲ୍ୟ ପାଉନାହିଁ। କୃଷି କାମ ଛାଡ଼ି ଦିନ ମଜୁରି କରିବା ପାଇଁ ଭିନ୍ନ ଭିନ୍ନ ଜାଗାକୁ ଯାଉଛି । ଗଛ, ମାଟିର ମୂଲ୍ୟ ସରକାରଙ୍କୁ ବୁଝିବାକୁ ହେବ ଏବଂ ପରିଶ୍ରମ କରୁଥିବା ଲୋକ ଯେମିତି ତା'ର ପ୍ରାପ୍ୟ ପାଇବ ସେଥିପାଇଁ କାମ କରିବାକୁ ପଡ଼ିବ । ବର୍ତ୍ତମାନ ଚାଷୀ ଆତ୍ମହତ୍ୟା ସବୁଆଡ଼େ ଶୁଣିବାକୁ ମିଳୁଛି । ଚାଷୀମାନଙ୍କ ଆୟ ଦୁଇଗୁଣ ହୋଇପାରିଲା ନାହିଁ। ସେମାନେ ଉତ୍ପାଦର ଉଚିତ ମୂଲ୍ୟ ପାଇପାରୁନାହାନ୍ତି। ସରକାରଙ୍କୁ ଏହା ଉପରେ କାମ କରିବାକୁ ପଡ଼ିବ ଏବଂ ଚିନ୍ତା ମଧ୍ୟ କରିବାକୁ ପଡ଼ିବ । ରାଜନୈତିକ ଦଳ କିପରି ଭୋଟ ପାଇବେ ସେଥିପାଇଁ ତତ୍ପର, କିନ୍ତୁ ଯଦି ସେମାନେ ଦେଶ ପାଇଁ ଓ ସାଧାରଣ ନାଗରିକଙ୍କ ସମସ୍ୟା ଉପରେ ଚିନ୍ତା କରନ୍ତେ ତା'ହେଲେ ଆମ ଦେଶର ବିକାଶ ନିଶ୍ଚୟ ହେଇପାରିବ । ଭୋଟବ୍ୟାଙ୍କ ରାଜନୀତି ଆମ ଦେଶର ପ୍ରଗତି ପଥରେ ସବୁଠାରୁ ବଡ଼ ଶତ୍ରୁ ।

-କାଳି ଦାସ, ବ୍ରହ୍ମପୁର, କଳିଙ୍ଗନଗର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

Govt. of Uttarakhand

Azadi Ka Amrit Mahotsav

# DESTINATION UTTARAKHAND

GLOBAL INVESTORS SUMMIT 2023

Peace To Prosperity

8th - 9th December | Dehradun

## Unveiling Uttarakhand's Opportunities

*A Preferred Investment Destination*



**Narendra Modi**
Prime Minister

**Pushkar Singh Dhami**
Chief Minister, Uttarakhand

## Tourism Investment Policy 2023

*Ushering in an Investor-friendly regime*

**Advantage Uttarakhand**

- Highest Average Room Rate in India
- 14% annual increase in international tourists
- 34% growth in domestic tourists
- 55 million tourists in the year 2022
- Expressway from Delhi to reduce road travel to 2.5 hours
- Unique experiences for all - Adventure, Wellness and Spiritual
- Salubrious climate

### Hospitality Projects

Upto 50% capital subsidy on hospitality projects depending upon the geographical location of the project





Uttarakhand offers the best incentives for investments in the tourism sector.

### Tourism Products

Upto 100% capital subsidy on eligible assets on various tourism products such as hot air ballooning, amusement parks, electric vehicles, fairs & festivals etc.



### Other Incentives

- Stamp duty and electricity
- Interest Subvention
- Incentives on waste Management, Training, Marketing etc.



For more detail please log on
**investuttarakhand.uk.gov.in**
Or **Scan QR Code**

/ukgis2023

**Issued in Public Interest by Information & Public Relations Department, Uttarakhand**

www.uttarainformation.gov.in | DIPR_UK | UttarakhandDIPR | UttarakhandDIPR

# ଜଙ୍ଗଲ ଅଧିକାର ସ୍ୱୀକୃତି ଆଇନ ନୈରାଶ୍ୟଜନକ

## ଯାଜପୁର ଜିଲା

- ମାଙ୍କଡ଼ିଆ ଜନଜାତିଙ୍କ ଆବାସ ନିମ୍ନମାନର ଅଭିଯୋଗ
- ମୋ ଜଙ୍ଗଲ ଜମି ଯୋଜନା ପାଇଁ ସ୍ୱତନ୍ତ୍ର ଅଭିଯାନ

ଯାଜପୁର,୬।୧୧(ହର୍ଷବର୍ଦ୍ଧନ ବେହେରା)


ଯାଜପୁର ଜିଲା ସୁକିନ୍ଦା ବ୍ଲକ ଡୁମୁଣି ଗ୍ରାମର ଆଦିବାସୀମାନେ ।

ଆଦିବାସୀମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ ୨୦୦୮ରୁ ଜଙ୍ଗଲ ଅଧିକାର ସ୍ୱୀକୃତି ଆଇନ-୨୦୦୬ କାର୍ଯ୍ୟକାରୀ ହେଉଛି। ଏହି ଆଇନରେ ଜଙ୍ଗଲ ଉପରେ ନିର୍ଭରଶୀଳ ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନଙ୍କୁ ଜଙ୍ଗଲ ଜମି ଉପରେ ବ୍ୟକ୍ତିଗତ ଓ ଗୋଷ୍ଠୀ ଅଧିକାର ପ୍ରଦାନ କରାଯାଇଛି। ଏହିକ୍ରମରେ ଯାଜପୁର ଜିଲାରେ ୩୫୨ ଗ୍ରାମକୁ ଜଙ୍ଗଲ ସ୍ୱୀକୃତି ଆଇନରେ ପରିସରଭୁକ୍ତ କରାଯାଇଛି। କିନ୍ତୁ ଏହି ଆଇନରେ ବିକାଶ ପ୍ରକ୍ରିୟାର ସଫଳତା ଯେତିକି ସମ୍ଭାବନା ରହିଛି, ସେତିକି ହାସଲ କରାଯାଇ ପାରିନାହିଁ। ଜିଲାର ଦାନଗଦି, ସୁକିନ୍ଦା, କୋରେଇ ଓ ବଡଚଣା ବ୍ଲକ ଅଞ୍ଚଳରେ ପ୍ରାୟ ୮ ହଜାର ପରିବାର ଏହି ଆଇନରେ ଜମି ପଟ୍ଟା ପାଇଥିବା ସୂଚନା ମିଳିଛି। ହେଲେ ସେହି ବନବାସୀମାନଙ୍କ ମଧ୍ୟରୁ ୫୦%ଙ୍କୁ ବି ବିଭିନ୍ନ ଆବାସ ଯୋଜନାରେ ସାମିଲ କରାଯାଇ ପାରି ନ ଥିବା ଜଣାପଡ଼ିଛି। ଏହାବାଦ୍ ଜଙ୍ଗଲ ଗ୍ରାମ ଏବଂ ସର୍ବେକ୍ଷଣ ହୋଇ ନ ଥିବା ଜନବସତିଗୁଡ଼ିକୁ ରାଜସ୍ୱ ଗ୍ରାମରେ ପରିବର୍ତ୍ତନ କରିବା ନୈରାଶ୍ୟଜନକ ରହିଛି ବୋଲି ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ଉଦ୍‌ବେଗ ପ୍ରକାଶ କରାଯାଇଛି। ତେଣୁ ଜିଲାରେ ଜଙ୍ଗଲ ଅଧିକାର ସ୍ୱୀକୃତିର ସମସ୍ତ ପ୍ରକ୍ରିୟା ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଶେଷ କରିବା ପାଇଁ ବିଭାଗ ପକ୍ଷରୁ ଜିଲାପାଳଙ୍କୁ ନିର୍ଦ୍ଦେଶ ହୋଇଛି। ଯେଉଁ କେତେକ ଆଦିବାସୀଙ୍କୁ ଜମି ପଟ୍ଟା ପ୍ରଦାନ ସହ ଘର ନିର୍ମାଣ କରାଯାଇଛି, ତାହା ଅତି ନିମ୍ନମାନର ବୋଲି ଲୋକାୟୁକ୍ତରେ ମାମଲା ବିଚାରାଧୀନ ରହିଛି।

ବନବାସୀ ଓ ଆଦିବାସୀ ନିଜ ଭିଟାମାଟିର ଅଧିକାର ପାଇବା ସହ ବିଭିନ୍ନ ଆବାସ ଯୋଜନାରେ ସାମିଲ ହୋଇପାରିବେ ବୋଲି ଜଙ୍ଗଲ ଅଧିକାର ଆଇନରେ ସରକାର ପ୍ରତିଶ୍ରୁତି ଦେଇଥିଲେ। ଏହି ଆଇନ କାର୍ଯ୍ୟକାରୀ କରାଯିବାର ୧୫ ବର୍ଷ ବିତିଗଲାଣି, ହେଲେ ଯାଜପୁରରେ ଏହା କଚ୍ଛପ ଗତିରେ ଚାଲିଛି। ବିଶେଷକରି ଏହି ଆଇନ ଅନ୍ତର୍ଗତ ଉପଯୁକ୍ତ ହିତାଧିକାରୀଙ୍କୁ ଇନ୍ଦିରା ଆବାସ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମୋ କୁଡ଼ିଆ, ବିଜୁ ପକ୍କାଘର ଆଦି ଆବାସ ଯୋଜନାରେ ପ୍ରାୟ ୧୦ ପ୍ରତିଶତ ହିତାଧିକାରୀଙ୍କୁ ସାମିଲ କରାଯାଇପାରିଛି। ଏହି ଆଇନ ମାଧ୍ୟମରେ ସୁକିନ୍ଦା ବ୍ଲକ ରାଁସୋଲ ପଞ୍ଚାୟତ କୁସୁମୁଣ୍ଡିଆ ଗ୍ରାମରେ ମାଙ୍କଡିଆ ସମ୍ପ୍ରଦାୟର ୮୭ ପରିବାରବର୍ଗଙ୍କୁ ଜମି ଯୋଗାଇ ଗୃହ ନିର୍ମାଣ ବାବଦକୁ ୩ କୋଟି ୨୫ ଲକ୍ଷ ୧୮ ହଜାର ୩୯୨ ଟଙ୍କା ଡିଏମଏଫ୍‌ରୁ ମଞ୍ଜୁର ହୋଇଛି। ସେଥିରୁ ୨୦୨୧-୨୨ ସୁଦ୍ଧା ୨ କୋଟି ୮୧ ଲକ୍ଷ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥିବାବେଳେ ସେଥିରୁ ୨ କୋଟି ୮୧ ଲକ୍ଷ ୧୯ ହଜାର ୯୨୯ ଟଙ୍କା ଖର୍ଚ୍ଚ ହୋଇସାରିଛି। ହେଲେ ଏଯାଏ ସମ୍ପୃକ୍ତ ଆଦିବାସୀଙ୍କ ପକ୍କା ଘରେ ରହିବା ସ୍ୱପ୍ନ ଅଧୁରା ରହିଛି। ଏପରିକି ଠିକାଦାର ସିଂହଭାଗ ଅର୍ଥ ଚଳୁ କରି ନେଇଥିବା ଅଭିଯୋଗ ହୋଇଛି। ଏଭଳି ଭାବେ ଗୋଷ୍ଠୀ ଅଧିକାର ଓ ଗୋଷ୍ଠୀ ଜଙ୍ଗଲ ସମ୍ବଳ ଉପରେ ଅଧିକାରକୁ ସ୍ୱୀକୃତି ଦେବା କ୍ଷେତ୍ରରେ ଯାଜପୁର ବହୁତ ପଛୁଆ ରହିଛି। ତେଣୁ ଆଦିବାସୀମାନଙ୍କ ଜୀବିକା ଅର୍ଜନ ଭିତ୍ତିକୁ ସୁଦୃଢ଼ କରିବା ତଥା ସେମାନଙ୍କ ସାମଗ୍ରିକ ଅର୍ଥନୈତିକ ଅଭିବୃଦ୍ଧିକୁ ଦୃଷ୍ଟିରେ ରଖି ସରକାର ମୋ ଜଙ୍ଗଲ ଜମି ଯୋଜନା ପ୍ରଣୟନ କରିଛନ୍ତି। ଏଥିରେ ଜଙ୍ଗଲ ଅଧିକାର ଆଇନ ଅଧୀନରେ ସମସ୍ତ ଯୋଗ୍ୟ ଦାବିଦାରମାନଙ୍କ ଜୀବିକା ଏବଂ ଖାଦ୍ୟ ନିରାପତ୍ତାକୁ ସୁନିଶ୍ଚିତ କରିବା ଲକ୍ଷ୍ୟ ରହିଛି। ଏହିସବୁ ପ୍ରକ୍ରିୟା ୨୦୨୪ ମାର୍ଚ୍ଚ ସୁଦ୍ଧା ଶେଷ କରିବାକୁ ବିଭାଗୀୟ ନିର୍ଦ୍ଦେଶ ରହିଛି। ଏଥିରେ ଜଙ୍ଗଲ ଅଧିକାର କମିଟି ଗଠନ, ସ୍ୱତନ୍ତ୍ର ଗ୍ରାମସଭା, ବ୍ୟକ୍ତିଗତ, ଗୋଷ୍ଠୀଗତ ଓ ସମ୍ବଳ ଅଧିକାର ଏବଂ ସେଗୁଡ଼ିକର ପ୍ରମାଣପତ୍ର ସଂଗ୍ରହ, ପଡୋଶୀ ଗ୍ରାମର ଜଙ୍ଗଲ ଅଧିକାର କମିଟିଗୁଡ଼ିକ ସହ ଯୁଗ୍ମ ବୈଠକ, ରାଜସ୍ୱ ଓ ଜଙ୍ଗଲ ବିଭାଗ ଅଧିକାରୀଙ୍କ ଉପସ୍ଥିତିରେ ଦାବିଗୁଡ଼ିକର ମିଳିତ ଯାଞ୍ଚ ପ୍ରକ୍ରିୟା, ଚୂଡ଼ାନ୍ତ ଗ୍ରାମସଭା, ଉପଖଣ୍ଡସ୍ତରୀୟ ଜଙ୍ଗଲ ଅଧିକାର କମିଟିରେ ଦାବି ଦାଖଲ ଇତ୍ୟାଦି ରହିଛି। ସୂଚନାଯୋଗ୍ୟ ଯେ, ଯାଜପୁର ଜିଲାରୁ ଏଯାବତ୍ ପ୍ରାୟ ୧୧ ହଜାର ଆବେଦନ ମିଳିଥିବା ଜଣାପଡିଛି।

ଏ ସଂକ୍ରାନ୍ତରେ ଯାଜପୁର ଜିଲା ମଙ୍ଗଳ ଅଧିକାରୀ ଶରତ ଚନ୍ଦ୍ର ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ଅନୁସାରେ ଜିଲାର ସମସ୍ତ ଗ୍ରାମରେ ଆବଶ୍ୟକ ପଦକ୍ଷେପ ନେବାକୁ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମସ୍ତ କାର୍ଯ୍ୟ ସମ୍ପାଦନ କରାଯିବାକୁ ଯୋଜନା ପ୍ରସ୍ତୁତ ହୋଇଛି।

# କୃଷି ସଚେତନ ରଥର ଶୁଭାରମ୍ଭ


କୃଷି ସଚେତନତା ରଥକୁ ଅତିଥିମାନେ ଶୁଭାରମ୍ଭ କରୁଛନ୍ତି ।

ଚଣ୍ଡିଖୋଲ,୬।୧୧,(ପ୍ରଦୀପ୍ତ କୁମାର ପୃଷ୍ଟି)

ଯାଜପୁର ଜିଲା ବଡ଼ଚଣାଠାରେ ଥିବା କୃଷି ବିଜ୍ଞାନ କେନ୍ଦ୍ରଠାରେ କୃଷକମାନଙ୍କୁ ସଚେତନ କରିବା ପାଇଁ ଏକ ସଚେତନ ରଥ ମଙ୍ଗଳବାର ଯାତ୍ରା ଆରମ୍ଭ କରିଛି। ଏହି ରଥକୁ ଯାଜପୁର ଜିଲା ପରିଷଦ ଉପ ସଭାପତି ଗଣେଶ୍ୱର ବରାଳ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆତ୍ମା ଅଧ୍ୟକ୍ଷ ବିପିନ ବିହାରୀ ଜେନା, ଜିଲା ପରିଷଦ ସଭ୍ୟ ଯତିନ୍ଦ୍ର ନାୟକ,ବଡ଼ଚଣା ସରପଞ୍ଚ ରାଜଲକ୍ଷ୍ମୀ ପ୍ରଧାନ, ସମିତ ସଭ୍ୟ ମଧୁସୂଦନ ବଳ, ବ୍ଲକ କୃଷି ଅଧିକାରୀ ଲୋକନାଥ ମିଶ୍ର, ସହକାରୀ କୃଷି ଅଧିକାରୀ ଶୁଭଶ୍ରୀ ଜେନା, ଓ ଶୁଭସ୍ମିତା ଜେନା ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି ରଥ ବିଭିନ୍ନ ଗ୍ରାମ ବୁଲି କୃଷକମାନଙ୍କୁ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ସହାୟତା ସଂକ୍ରାନ୍ତରେ ସଚେତନ କରିବ । ନାଚ,ଗୀତ ଓ ଅଭିନୟ ମାଧ୍ୟମରେ ଗ୍ରାମବାସୀଙ୍କୁ ଏହି ରଥ ଦ୍ୱାରା ସଚେତନ କରାଯିବ ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି ।

# ୩୦ ଦଳିତ ପରିବାର ତହସିଲଦାରଙ୍କ ହସ୍ତକ୍ଷେପ ଲୋଡ଼ିଲେ


ଦାବିପତ୍ର ପ୍ରଦାନ ପାଇଁ ତହସିଲ କାର୍ଯ୍ୟାଳୟରେ ଦଳିତ ପରିବାର ।

## ଜମିପଟ୍ଟା ପାଇବାରୁ ବଞ୍ଚିତ

ଯାଜପୁରରୋଡ଼, ୬।୧୧(ପବିତ୍ର ରଞ୍ଜନ ମହାନ୍ତି): ଭୂମିହୀନମାନଙ୍କୁ ଘରଡିହ ପଟ୍ଟା ପାଇଁ ସରକାରଙ୍କ ସ୍ୱତନ୍ତ୍ର ଆଇନ ରହିଛି । ଏଥିସହିତ ପଟ୍ଟା ପ୍ରଦାନ ପାଇଁ ଏକାଧିକ ଯୋଜନା ରହିଛି । କିନ୍ତୁ ଉକ୍ତ ଯୋଜନା ଆଜିବି ଗ୍ରାମାଞ୍ଚଳରେ ଅପହଞ୍ଚ ପାଲଟିଛି। ଏହାକୁ ନେଇ ୩୦ ଦଳିତ ପରିବାର ପୁରୁଷାନୁକ୍ରମିକ ବହୁ ବର୍ଷ ଧରି ଉପେକ୍ଷିତ ହୋଇ ନିଜ ଭିଟାମାଟି ପଟ୍ଟା ନ ପାଇ ପଡିରହିଛନ୍ତି । ଏଥିପାଇଁ ସେମାନେ ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ହେବାସହ ସେମାନଙ୍କ ପିଲାମାନେ ଶିକ୍ଷା ଓ ଅନ୍ୟାନ୍ୟ କ୍ଷେତ୍ରରେ ଅବହେଳିତ ହୋଇ ରହିଛନ୍ତି ।

ସୂଚନା ଅନୁଯାୟୀ, ଯାଜପୁର ଜିଲା ବ୍ୟାସନଗର ତହସିଲ ଅଧୀନ କୋରେଇ ବ୍ଲକର ଗୋହିରା ଗାଡ଼ିଆ ଗ୍ରାମର ୩୦ ଦଳିତ ପରିବାରରେ ଘରଡିହ ପଟ୍ଟା ନାହିଁ। ଲୋକେ ଜମି ପଟ୍ଟା ନ ଥିବାରୁ ସେମାନେ ନାନା ଅସୁବିଧାରେ କାଳାତିପାତ କରିଆସୁଛନ୍ତି । ଏ ନେଇ ସେମାନେ ସ୍ଥାନୀୟ ଆରଆଇଙ୍କଠାରୁ ଆରମ୍ଭ କରି ଜନ ପ୍ରତିନିଧିଙ୍କୁ ବହୁବାର ଅଭିଯୋଗ କରିଆସୁଥିଲେ ସୁଧା ଅଦ୍ୟାବଧି କୌଣସି ସୁଫଳ ମିଳିପାରୁନାହିଁ । ଏଭଳି ସ୍ଥିତିରେ ଶନିବାର ୩୦ ଦଳିତ ପରିବାର ମହିଳା ପୁରୁଷ ସିଭିଲ ସୋସାଇଟି ଫୋରମର ବିଶ୍ୱନାଥ ପାତ୍ରଙ୍କ ସହଯୋଗରେ ବ୍ୟାସନଗର ତହସିଲଦାରଙ୍କ ନିକଟରେ ଅଭିଯୋଗ କରିବା ସହ ଆଇନ ଅନୁଯାୟୀ ତୁରନ୍ତ ଘରଡିହ ପଟ୍ଟା ଯୋଗାଇଦେବାକୁ ଦାବିପତ୍ର ପ୍ରଦାନ କରିବା ସହ ଜିଲାପାଳଙ୍କ ହସ୍ତକ୍ଷେପ ଲୋଡିଛନ୍ତି ।

ଦାବିପତ୍ର ପ୍ରଦାନ ସମୟରେ ବିଶ୍ୱନାଥ ପାତ୍ରଙ୍କ ସହ ଜୟନ୍ତୀ ପାତ୍ର, କୃଷ୍ଣ ଚନ୍ଦ୍ର ପାତ୍ର, ସାବିତ୍ରୀ ପାତ୍ର, ଶାନ୍ତିଲତା ପାତ୍ର, କନକ ପାତ୍ର, ପୁଷ୍ପଲତା ପାତ୍ର, ଉମା ପାତ୍ର, ଅବଳା ପାତ୍ର, ବିଦ୍ୟାଧର ପାତ୍ର, ଚିନ୍ତାମଣି ପାତ୍ର, ବନମାଳୀ ପାତ୍ରଙ୍କ ୧୩୦ ପରିବାର ଉପସ୍ଥିତ ଥିଲେ । ଏନେଇ ସୋମବାର ନୂତନ ଭାବେ ଯୋଗ ଦେଇଥିବା ତହସିଲଦାର ଦେବାଶିଷ ରାଉତଙ୍କୁ ପଚାରିବାରୁ ସେ ଏ ସମ୍ପର୍କରେ ଅବଗତ ଅଛନ୍ତି । ସରକାରଙ୍କ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ।

# କମେଣ୍ଟ୍‌ମରାକୁ ନେଇ ହତ୍ୟାକାଣ୍ଡ

ଚମ୍ପୁଆ,୬।୧୧(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅଧୀନ ରାଇଗୁଡ଼ିରେ କମେଣ୍ଟ ମରାକୁ ନେଇ ଏକ ହତ୍ୟାକାଣ୍ଡ ଘଟିଯାଇଛି। ଝିଅକୁ କମେଣ୍ଟ ମରାକୁ ବିରୋଧ କରିବାରୁ ଜଣେ ଯୁବକ ପିଟି ବାପାଙ୍କୁ ହତ୍ୟା କରିଛନ୍ତି। ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଶମ୍ଭୁନାଥ ଗିରି(୨୫)। ଅଶ୍ୱିନୀ ପ୍ରଧାନଙ୍କ ଝିଅଙ୍କୁ ଶମ୍ଭୁନାଥ କମେଣ୍ଟ ମାରିବା ନେଇ ବଚସା ହୋଇଥିଲା। ସେପ୍ଟେମ୍ବର ୨୯ ସନ୍ଧ୍ୟାରେ ଅଶ୍ୱିନୀ ହାଟରୁ ଘରକୁ ଫେରୁଥିବା ବେଳେ ରାଇଗୁଡ଼ି ନିକଟ କୁକୁଡ଼ା ଫାର୍ମ ନିକଟରେ ଶମ୍ଭୁନାଥ ଅଟକାଇ ପାଟି ତୁଣ୍ଡ ଓ ଠେଲା ପେଲା କରିଥିଲେ। ଅଶ୍ୱିନୀ ତଳେ ପଡିଯିବା ପରେ ଶମ୍ଭୁନାଥ ମୁଣ୍ଡକୁ ବାଡ଼େଇ ଦେଇଥିଲେ। ଗୁରୁତର ଅବସ୍ଥାରେ ଲୋକେ ଉଦ୍ଧାର କରି ତାଙ୍କୁ ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଅଶ୍ୱିନୀଙ୍କ ସ୍ତ୍ରୀ ବଉଳ ଚମ୍ପୁଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ରବିବାର ଶମ୍ଭୁନାଥ ବେଙ୍ଗାଲୁରୁରୁ ଫେରି ଗ୍ରାମରେ ବୁଲୁଥିବା ଖବର ପାଇ ପୋଲିସ ଗିରଫ କରିଛି।

# ବାଲେଶ୍ୱର ଆଲଏଜ ଖଣି ସମ୍ମୁଖରେ କର୍ମଚାରୀଙ୍କ ଧାରଣା


ଧାରଣାରେ ବସିଥିବା କର୍ମଚାରୀ ।

କାଳିଆପାଣି,୬।୧୧(ଅସିତ ମହାନ୍ତ)

ଇପିଏଫ୍, ବକେୟା ଦରମା ଓ ବୋନସ ମିଳି ନ ଥିବାରୁ ବାଲେଶ୍ୱର ଆଲଏଜ ସୁକିନ୍ଦା ଖଣି ଫାଟକ ସମ୍ମୁଖରେ ଗତ ୬ ଦିନ ହେବ କର୍ମଚାରୀମାନେ ଧାରଣା ଦେଇଛନ୍ତି । କମ୍ପାନୀ କର୍ତ୍ତୃପକ୍ଷ ଧାରଣାରତ କର୍ମଚାରୀଙ୍କୁ ଖରାପ ବ୍ୟବହାର କରିବା ସହ ଧମକ ଦେବାରୁ କର୍ମଚାରୀମାନେ ଏ ସଂକ୍ରାନ୍ତରେ ସୋମବାର ଥାନାରେ ଏତଲା ଦେଇଛନ୍ତି। ଖଣିର ନିୟମିତ କର୍ମଚାରୀଙ୍କୁ ବୋନସ ବଦଳରେ ଗିଫ୍ଟ ଆକାରରେ ୫ ହଜାର ଟଙ୍କା ପ୍ରଦାନ କରାଯାଇଛି। ଅନ୍ୟପକ୍ଷେ ୨୪୮ ଜଣ ଠିକା କର୍ମଚାରୀଙ୍କୁ କିଛି ନ ମିଳିବାରୁ ସେମାନେ ଫାଟକ ସମ୍ମୁଖରେ ଧାରଣା ଦେଇଛନ୍ତି। କମ୍ପାନୀ କର୍ତ୍ତୃପକ୍ଷ କର୍ମଚାରୀଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରି ଖଣି କାର୍ଯ୍ୟ ଚଳାଇବାକୁ ଚେଷ୍ଟା କରୁଛନ୍ତି। ଗତ ୩ ତାରିଖ ଦିନ ଧାରଣା ରତ କର୍ମଚାରୀଙ୍କ ପାଖରେ କମ୍ପାନୀର ମାନବ ସମ୍ବଳ ଅଧିକାରୀ ସଞ୍ଜୟ ସିଂ , ଆସିଷ୍ଟାଣ୍ଟ ମ୍ୟାନେଜର ନିର୍ମଳ ଦୀକ୍ଷିତ, ୟୁନିଟ ହେଡ ପତିତପାବନ ବାରିକ ପ୍ରମୁଖ ପହଞ୍ଚି ଧାରଣା ପ୍ରତ୍ୟାହାର କରିବାକୁ କହିବା ସହ ଖରାପ ଭାଷାରେ ଗାଳିଗୁଲଜ କରିଥିବା ଏତଲାରେ ଦର୍ଶାଯାଇଛି। କମ୍ପାନୀ କର୍ମଚାରୀଙ୍କ ପ୍ରାପ୍ୟ ନ ମିଳିବା ପର୍ଯ୍ୟନ୍ତ ଧାରଣା ବଳବତ୍ତର ରହିବ ବୋଲି କର୍ମଚାରୀମାନଙ୍କ ପକ୍ଷରୁ ଶ୍ରମିକ ନେତା ଧିର ପ୍ରକାଶ କରିଛନ୍ତି। ଏନେଇ କମ୍ପାନୀର ଖଣି ମାନବ ସମ୍ବଳ ଅଧିକାରୀ ସଞ୍ଜୟ ସିଂଙ୍କୁ ଯୋଗାଯୋଗ କରାଯାଇଥିଲା । ହେଲେ ସେ ଫୋନ କଲ୍ ଗ୍ରହଣ କରି ନ ଥିଲେ ।

# ହୋଟେଲରୁ ଚୋରି ଘଟଣା, ମହିଳାଙ୍କ ସମେତ ୨ ଗିରଫ

ମୋରଡ଼ା, ୬।୧୧ (ସ୍ମାରକ ମାଝୀ)

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଧୀନ ଧାନଶୋଳ-ଛୋଟରାୟପୁର ରାସ୍ତାପାର୍ଶ୍ୱ ଏକ ହୋଟେଲରୁ ଚୋରି ଘଟଣାରେ ଜଣେ ମହିଳାଙ୍କ ସମେତ ୨ ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଯଶିପୁର ଥାନା ଅଧୀନ ବକଳା ଗ୍ରାମର ଅବଦୁଲ କାଦିର (ବାବଲୁ) ଏବଂ ବୈଶିଙ୍ଗା ଥାନା ଅଞ୍ଚଳର କଳ୍ପନା ଐଶ୍ୱରୀୟା (ପୁଷ୍ପା)। ଉକ୍ତ ଘଟଣାରେ ଜଣେ ନାବାଳକ ମଧ୍ୟ ସମ୍ପୃକ୍ତ ଥିବା ପୋଲିସ ତଦନ୍ତରୁ ଜଣାପଡ଼ିଛି। ସୂଚନାଯୋଗ୍ୟ, ମାଲିକ ବିଦ୍ୟାଧର ମହାନ୍ତ ହୋଟେଲରେ ତାଲା ପକାଇ ଘରକୁ ଖାଇବା ପାଇଁ ଯାଇଥିବା ବେଳେ ତାଲା ଭାଙ୍ଗି ୩୨ ଇଞ୍ଚର ଏକ ଏଲ୍‌ସିଡି ଟିଭି, ବ୍ୟାଟେରୀ, ଇନଭର୍ଟର ଚୋରି ହୋଇଥିଲା। ମୋରଡ଼ା ରାସ୍ତାରେ ଲଗାଯାଇଥିବା ସିସିଟିଭି ଫୁଟେଜରୁ ଏକ ନମ୍ବର ବିହୀନ ସ୍କୁଟିରେ ଜଣେ ଲୋକ ମହିଳାଙ୍କ ସହ ଆସି ଉକ୍ତ ଚୋରି ଜିନିଷ ନେଇଯାଉଥିବା ଦେଖିବାକୁ ମିଳିଥିଲା।

# ଶବରପଲ୍ଲୀରେ ଆନନ୍ଦ ଉଦ୍ୟାନ କାର୍ଯ୍ୟକ୍ରମ



ପଲାର ଶବରପଲ୍ଲୀରେ ଆନନ୍ଦ ଉଦ୍ୟାନ କାର୍ଯ୍ୟକ୍ରମରେ ଉପସ୍ଥିତ ମହିଳା ।

ଧର୍ମଶାଳା,୬।୧୧(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଗଙ୍ଗାଧରପୁର ପଞ୍ଚାୟତ ସତ୍ୟସାଇ ପୋଷ୍ୟ ଗ୍ରାମ ପଲାର ଶବର ପଲ୍ଲୀରେ ଓଡ଼ିଶା ସତ୍ୟସାଇ ସେବା ସଙ୍ଗଠନ ଆନୁକୂଲ୍ୟରେ ସୋମବାର ଆନନ୍ଦ ଉଦ୍ୟାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବାଳବିକାଶ ନିମନ୍ତେ ଶିଶୁ ଉଦ୍ୟାନରେ ସତ୍ୟ, ଧର୍ମ, ଶାନ୍ତି, ପ୍ରେମ ଓ ଅହିଂସା ମାଧ୍ୟମରେ ଶିଶୁର କିଶୋରୀମାନଙ୍କର ପ୍ରତିଭା ବିକାଶ ନିମନ୍ତେ ସଚେତନତା ସୃଷ୍ଟି କରାଯାଇଥିଲା । ଏହି ଅବସରରେ ଦେବ ପାଠ, ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସମିତିର ଆବାହକ ସୁଶାନ୍ତ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ସାଇ ଆରୋଗ୍ୟମର ପ୍ରତିଷ୍ଠାତା ତଥା ରାଜ୍ୟ ସତ୍ୟସାଇ ସେବା ସଙ୍ଗଠନ ଟ୍ରଷ୍ଟ ସଦସ୍ୟ ରଶ୍ମିରଞ୍ଜନ ରାୟ ଯୋଗଦେଇ ଆନନ୍ଦ ଉଦ୍ୟାନର ଉଦ୍ଦେଶ୍ୟ ସମ୍ପର୍କରେ ଉପସ୍ଥିତ ଲୋକମାନଙ୍କୁ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କର ଗ୍ରାମସେବା ଉପରେ ଆଲୋକପାତ କରିଥିଲେ । ପୂର୍ବତନ ଆବାହକ ପବିତ୍ର ମୋହନ ବିଶ୍ୱାଳ ସତ୍ୟସାଇ ବାବାଙ୍କ ୩ ନିୟମ ଯଥା ଶିକ୍ଷା ବିଭାଗ ,ଆଧ୍ୟାତ୍ମିକ ବିଭାଗ ଓ ସେବା ବିଭାଗ ଉପରେ ଆଲୋକପାତ କରିଥିଲେ । ଏଥିରେ ବାଲ ବିକାଶ ଗୁରୁମା ପ୍ରମୋଦିନୀ ସାମଲ ଶବର ପଲ୍ଲୀର ଶତାଧିକ ଶ୍ରଦ୍ଧାଳୁମାନଙ୍କୁ ବାବାଙ୍କ ଉପରେ ସୂଚନା ଦେଇଥିଲେ । ଆଧ୍ୟାତ୍ମିକ ସଂଯୋଜକ ନିରଞ୍ଜନ ଶାନ୍ତି ,ଗଗନ ବିହାରୀ ଦତ୍ତ, ସେବା ସଂଯୋଜକ ବିକ୍ରମ କେଶରୀ ମହାନ୍ତି, ରଞ୍ଜନ କୁମାର ସାହୁ, ତପନ କୁମାର ବିଶ୍ୱାଳ, ଭଜନାନନ୍ଦ ସାମଲ, ଅର୍ଜୁନ ଚରଣ ରାଉତ, ସୌରଭ କୁମାର ଜେନା, ଅକ୍ଷୟ କୁମାର ବେହେରା ଓ ମଦନମୋହନ ସାମଲ ପ୍ରମୁଖ ପରିଚାଳନା କରିଥିଲେ ।

# ଗଛ କାଟି ବଗିଚା ନିର୍ମାଣ କରୁଛି ବନ ବିଭାଗ

ସୁକିନ୍ଦା,୬।୧୧(ସତ୍ୟଜିତ ଦାଶ)

## ଅଦାଲତଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ସରକାର ଚାରା ରୋପଣକୁ ପ୍ରାଧାନ୍ୟ ଦେବା ସହିତ ପରିବେଶକୁ ସବୁଜିମା କରିବା ପାଇଁ ବିଭିନ୍ନ ପଦେକ୍ଷପ ଗ୍ରହଣ କରୁଛନ୍ତି । ତେବେ ସୁକିନ୍ଦା ବନ ବିଭାଗ ଜିଲା ଖଣିଜ ପାଣ୍ଠି ସମେତ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆରଇଜିଏସ୍)ରେ ଗ୍ରାମ୍ୟ ବଗିଚା ନିର୍ମାଣ ପାଇଁ ବଡ଼ ବଡ଼ ଗଛକୁ କାଟି ଚାଲିଛି । ଏପରି ଅଭିଯୋଗ ସୁକିନ୍ଦା ବ୍ଲକ ବର୍ତ୍ତଣ୍ଡା ଗ୍ରାମରୁ ଆସିଛି । ଏହି ରାଜସ୍ୱ ଗ୍ରାମର ଖାତା ନଂ.୪୩୨ର ୯୬୮, ୯୭୨ ଏବଂ ୯୭୬ ପ୍ଲଟ୍ ଗୋଚର କିସମ ଅଟେ। ସେଠାରେ ଗ୍ରାମବାସୀ ଗୋରୁ ଚରାଇ ଥାଆନ୍ତି । ସେହି ଜମିରେ ଅନେକ ବଡ଼ ଗଛ ରହିଥିଲା । ବନ ବିଭାଗ ସେଠାରେ ବନ ବାଟିକା ନିର୍ମାଣ କରିବା ନିମନ୍ତେ ୧୦ରୁ ଊର୍ଦ୍ଧ୍ୱ ଗଛକାଟିଦେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ସେମାନେ ଏ ସଂକ୍ରାନ୍ତରେ ସୁକିନ୍ଦା ବନାଞ୍ଚଳ ଅଧିକାରୀ ବିପିନ ବିହାରୀ ରାଉତରାୟଙ୍କ ସମେତ ତହସିଲଦାର ଦମୟନ୍ତୀ ସାହୁ, ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ଏବଂ ବନଖଣ୍ଡ ଅଧିକାରୀଙ୍କୁ ମଧ୍ୟ ଜଣାଇଥିଲେ। କିନ୍ତୁ ସେଥିରେ କୌଣସି ସୁଫଳ ନ ମିଳିବାରୁ ଗ୍ରାମବାସୀ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଗ୍ରାମର ପ୍ରହ୍ଲାଦ ପତିଙ୍କ କହିବାନୁଯାୟୀ ଆମ ଗ୍ରାମର କେତେଜଣ ବ୍ୟକ୍ତି ପୂର୍ବରୁ ଗୋଚର ଜମିକୁ ମାଡିବସି ଘର କରିଛନ୍ତି । ତେଣୁ ଯେଉଁ କିଛି ଗୋଚର ଜମି ଅଛି, ସେଠାରେ ଆମ୍ଭେ ଗୋରୁ ଚରାଉ । ସେହି ସ୍ଥାନରେ ଥିବା ଗଛ ମୂଳେ ଆଶ୍ରୟ ନେଇଥାଉ । କିନ୍ତୁ ସେଠାରୁ ବୃକ୍ଷ କାଟି ବନ ବାଟିକା ନିର୍ମାଣ କରି ଆମମାନଙ୍କୁ ଅସୁବିଧାରେ ପକାଯାଉଛି। ଉଚ୍ଚାଧିକାରୀଙ୍କୁ ଅଭିଯୋଗକଲେ ମଧ୍ୟ ତାହାର ସୁଫଳ ମିଳୁନାହିଁ । ତେଣୁ ଆମ୍ଭେ ବାଧ୍ୟ ହୋଇ ଅଦାଲତଙ୍କ ଦ୍ୱାରସ୍ଥ ହେଲୁ। ସେହିପରି କୂଳମଣି ସାହୁ କହିଛନ୍ତି, ବନ ବିଭାଗ ଅଧିକାରୀ ଏବଂ କେତେଜଣ ରାଜନେତା ଏଥିରେ ସାମିଲ ହୋଇଛନ୍ତି। ଏ ସଂକ୍ରାନ୍ତରେ ବନାଞ୍ଚଳ ଅଧିକାରୀ ରାଉତରାୟଙ୍କୁ ପଚାରିବାରେ ସେ ଗଛ କଟାଯିବା ପରେ ଜାଣିଲେ ବୋଲି କହିଛନ୍ତି। ଆମ୍ଭ କର୍ମଚାରୀ କଟାଯାଇଥିବା ଗଛକୁ ଜବତ କରିବାକୁ ମୁଁ ନିର୍ଦ୍ଦେଶ ପ୍ରଦାନ କରିଥିବା କହିଛନ୍ତି । ତାହା ଗୋଚର ଜମି ବୋଲି ସେ ଜାଣିଥିଲେ । ଅନ୍ୟ ସ୍ଥାନରେ ବନ ବାଟିକା ପାଇଁ ସ୍ଥାନ ନ ମିଳିବାରୁ ସେଠାରେ ଉକ୍ତ କାର୍ଯ୍ୟ କରାଯାଉଛି ବୋଲି ସେ କହିଛନ୍ତି । ଏ ସଂକ୍ରାନ୍ତରେ ତହସିଲଦାରଙ୍କ ସହିତ ଯୋଗାଯୋଗ କରାଯାଇଥିଲା । ହେଲେ ତାହା ସମ୍ଭବ ନ ହେବାରୁ ତାଙ୍କ ମତାମତ ମିଳିପାରି ନାହିଁ ।



ବନବାଟିକା ପାଇଁ କଟାଯାଇଥିବା ଗଛ ।

# ଶିଶୁଙ୍କ ଭାଷାର ବିକାଶ, ଅଙ୍କ ଜ୍ଞାନ ବୃଦ୍ଧି ଜରୁରୀ

## ଜିଲାସ୍ତରୀୟ ଆଲୋଚନାଚକ୍ର

ଜଗତ୍‌ସିଂହପୁର, ୬।୧୧ (ପ୍ରମୋଦ କୁମାର ନାୟକ)

କୋମଳମତୀ ଶିଶୁମାନେ ହେଉଛନ୍ତି ଦେଶର ଭବିଷ୍ୟତ। ସେମାନଙ୍କ ଭାଷା ଜ୍ଞାନର ବିକାଶ ସାଙ୍ଗକୁ ଅଙ୍କ ଜ୍ଞାନ ବୃଦ୍ଧି ପାଇବା ଜରୁରୀ। ତେଣୁ କିପରି ପିଲାମାନଙ୍କ ଏହି ଜ୍ଞାନ ବୃଦ୍ଧି ପାଇବ, ତା'ଉପରେ ସ୍ଥାନୀୟ ବଡ଼ ବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଜିଲାସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାରୁ ପ୍ରାୟ ୭୦ ଜଣ ଗୁରୁମା ଓ ଗୁରୁଜୀ ଅଂଶଗ୍ରହଣ କରି ନିଜ ନିଜର ପତ୍ରବାଚନ ପାଠ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂଶାସିତ ମହାବିଦ୍ୟାଳୟ ଶିକ୍ଷା ବିଭାଗ ମୁଖ୍ୟ ଡ. ସୁଜାତା ମୁଣ୍ଡ ମୁଖ୍ୟ ବକ୍ତାଭାବେ ଯୋଗଦେଇ ଅନେକ ଉପାଦେୟ କଥା କହିଥିଲେ । ସମ୍ମାନିତ ଅତିଥିଭାବେ ଜିଲା ଅଙ୍ଗନୱାଡି ପରିଚାଳିକା ଆରତି ଆଚାର୍ଯ୍ୟ ଯୋଗଦେଇଥିଲେ। ଶିଶୁ ସାହିତ୍ୟିକା ତଥା ପରିଚାଳନା ସମିତି ସଦସ୍ୟା ମନୋରମା ଶତପଥୀ ଅଭିଭାଷଣ ରଖିଥିଲେ। ଜିଲାର ବାଟିକା ପ୍ରମୁଖ ସୌଭାଗ୍ୟ ନାୟକ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶଶି ଭୂଷଣ ଆଚାର୍ଯ୍ୟ ଅତିଥି ପରିଚୟ ଓ ଗୁରୁମା ନିରୁପମା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ । ବିଦ୍ୟାମନ୍ଦିର ବାଟିକା ପ୍ରମୁଖ ପ୍ରଣତି ମହାପାତ୍ରଙ୍କ ସମେତ ସମସ୍ତ ଗୁରୁମା, ଗୁରୁଜୀ, ସେବିକା, ସେବକ ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମର ସଫଳ ରୂପାୟନ କରିଥିଲେ।



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।

## ସଂକ୍ଷେପରେ

### ୧୫୮ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ: ଜଣେ ଗିରଫ

ଦିନକ ପୂର୍ବରୁ ୩୧୨ ଗ୍ରାମ ଜବତ ହୋଇଥିଲା

ଜଗତ୍‌ସିଂହପୁର, ୬।୧୧ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲାରେ ବ୍ରାଉନସୁଗାର ରାକେଟ୍ ସକ୍ରିୟ ଥିବାବେଳେ ଅବକାରୀ ବିଭାଗ ଓ ପୋଲିସ ପକ୍ଷରୁ ଚଢ଼ାଉ ଜୋରଦାର କରାଯାଉଛି। ଗତ ୪ ତାରିଖରେ କୁଜଙ୍ଗ ଥାନା ଅନ୍ତର୍ଗତ ହସିନା ପ୍ରାଥମିକ ବିଦ୍ୟାଳୟ ନିକଟରୁ ୩୧୨ ଗ୍ରାମ ଅର୍ଥାତ୍ ପାଖାପାଖି ୩୨ ଲକ୍ଷ ୨୦ ହଜାର ଟଙ୍କାର ବ୍ରାଉନସୁଗାର ଜବତ କରାଯାଇଥିଲା। ଦିନକ ପରେ ପୁଣି ୧୫୮ ଗ୍ରାମ ଅର୍ଥାତ୍ ୧୬ ଲକ୍ଷ ୫୦ ହଜାର ଟଙ୍କାର ବ୍ରାଉନ୍‌ସୁଗାର ଜବତ କରାଯାଇଛି। ଜଗତ୍‌ସିଂହପୁର ଅବକାରୀ ବିଭାଗ ପକ୍ଷରୁ କୂଳମୁଣ୍ଡିଲୋ କେନାଲ ପୋଲ ନିକଟରେ ଚଢାଉ କରାଯାଇ ସ୍କୁଟି (ନଂ. ଓଡି ୨୧କେ ୩୪୦୯) ସହ ଏହି ବ୍ରାଉନ୍‌ସୁଗାର ଜବତ ସମ୍ଭବ ହୋଇଥିଲା। ଏହି ଅଭିଯୋଗରେ ତରୁକୁନ୍ଦ ଗ୍ରାମର ଅବଦୁଲ୍ ସୁତାର ଖାନ୍ (୬୪)ଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଏନେଇ ପିଆର୍ ନଂ. ୯୧/୨୦୨୩-୨୪ରେ ମାମଲା ରୁଜୁ କରାଯାଇଛି।

### ଗଛରୁ ଝୁଲନ୍ତା ମୃତଦେହ ଜବତ

ରଘୁନାଥପୁର,୬।୧୧(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ଥାନା ଅନ୍ତର୍ଗତ ସ୍ଥାନୀୟ ଖରିପଡିଆ ନିକଟସ୍ଥ ପାଇକା ନଦୀବନ୍ଧ ପାର୍ଶ୍ୱରେ ଥିବା ଏକ ଦେବଦାରୁ ଗଛରୁ ସୋମବାର ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ସେ ହେଲେ ଆଦିବାସୀ ସାହିର ଶାମ ସିଂ ( ୫୨)। ଖବରପାଇ ରଘୁନାଥପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଜଗତ୍‌ସିଂହପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ. ୧୫/୨୩) ରୁଜୁ ହୋଇଛି। ପାରିବାରିକ କଳହରୁ ଶ୍ୟାମ ବେକରେ ଦୌଡ଼ି ଦେଇ ଝୁଲିପଡ଼ିଥିବା ସନ୍ଦେହ କରାଯାଉଛି। ଅପରପକ୍ଷେ ଅତ୍ୟଧିକ ନିଶାସକ୍ତ ଅବସ୍ଥାରେ ମାନସିକ ଭାରସାମ୍ୟ ହରାଇ ଶ୍ୟାମ ଏପରି କରିଥିବା ଚର୍ଚ୍ଚା ହେଉଛି। ଏନେଇ ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି। ଶ୍ୟାମଙ୍କ ପରିବାରରେ ୩ ପୁଅ, ୨ଝିଅ ଏବଂ ସ୍ତ୍ରୀ ରହିଛନ୍ତି।

### ଜିଲା ଯୋଜନା କମିଟି ଅଧ୍ୟକ୍ଷଙ୍କ କାର୍ଯ୍ୟରେ ଯୋଗଦାନ



ଜଗତ୍‌ସିଂହପୁର, ୬।୧୧ (ପ୍ରମୋଦ କୁମାର ନାୟକ)

ରାଜ୍ୟ ସରକାର ଜଗତ୍‌ସିଂହପୁର ଜିଲା ଯୋଜନା କମିଟି ନୂଆ ଅଧ୍ୟକ୍ଷ ଭାବେ ବାଲିକୁଦା-ଏରସମା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସଙ୍କୁ ନିଯୁକ୍ତି ଦେବାପରେ ସେ ସୋମବାର ବିଧିବଦ୍ଧ ଭାବରେ କାର୍ଯ୍ୟରେ ଯୋଗଦେଇଛନ୍ତି। ଏନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ଉତ୍ସବମୁଖର ହୋଇଉଠିଥିଲା। ଏହି ଅବସରରେ ସେ କହିଛନ୍ତି, ଜିଲାର ବିକାଶ ପାଇଁ ସରକାରଙ୍କ ବିଭିନ୍ନ ଯୋଜନାର ବାସ୍ତବ ରୂପାୟନ କ୍ଷେତ୍ରରେ ବିଶେଷ ଦାୟିତ୍ୱବାନ ହେବେ। ଜିଲାବାସୀଙ୍କ ସ୍ୱାର୍ଥ ପାଇଁ ବ୍ୟାପକ ପ୍ରସ୍ତୁତି କରାଯିବ। ଏହି ସମୟରେ ବାଲିକୁଦା ବ୍ଲକ ଅଧ୍ୟକ୍ଷ ପ୍ରକାଶଚନ୍ଦ୍ର ପ୍ରଧାନ, ଜିଲା ପରିଷଦ ସଦସ୍ୟ ଜଟାଧାରୀ ଦାସ, ତଟିନା ସ୍ୱାଇଁ, ଡଲି ପଣ୍ଡା, ପୂର୍ବତନ ଜିଲା ପରିଷଦ ସଭ୍ୟ ଯୁଗଳ କିଶୋର ମହାନ୍ତି, ରବି ନାରାୟଣ ଜେନା, ଯୋଜନା ଓ ପର୍ଯ୍ୟବେକ୍ଷଣ ଉପନିର୍ଦ୍ଦେଶକ ସବିତା ସାହୁ, ଜିଲା ଯୋଜନା କାର୍ଯ୍ୟାଳୟର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

### ସତ୍ୟବ୍ରତ ପୁଣି ଭାଜପା ଜିଲା ସଭାପତି

ଜଗତ୍‌ସିଂହପୁର, ୬।୧୧ (ପ୍ରମୋଦ କୁମାର ନାୟକ)

ଭାଜପା ପକ୍ଷରୁ ସୋମବାର ରାଜ୍ୟର ୩୬ଟି ସାଙ୍ଗଠନିକ ଜିଲାର ନୂଆ ଜିଲା ସଭାପତିମାନଙ୍କ ନାମ ଘୋଷଣା କରାଯାଇଛି। ଦଳ ରାଜ୍ୟ ସଭାପତି ମନମୋହନସାମଲଙ୍କ ଅନୁମୋଦନକ୍ରମେ ଏହା ଘୋଷଣା କରାଯାଇଛି। ତାଲିକାରେ ଜଗତ୍‌ସିଂହପୁର ଜିଲା ସଭାପତି ଭାବେ ସତ୍ୟବ୍ରତ ମହାପାତ୍ରଙ୍କ ନାମ ରହିଛି। ଦଳ ପକ୍ଷରୁ ତାଙ୍କ ଉପରେ ଆସ୍ଥା ପ୍ରକଟ କରାଯାଇ ପୁଣି ଥରେ ଜିଲା ସଭାପତି କରାଯାଇଥିବାରୁ ମହାପାତ୍ର ରାଜ୍ୟ ସଭାପତି ଓ ଦଳ ନେତୃବୃନ୍ଦଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି । ଏହି ଖବର ଜିଲାର ଭାଜପା ନେତା ଓ କର୍ମୀ ମହଲରେ ଉତ୍ସାହ ସୃଷ୍ଟି କରିଛି ।

# ୨୬ରୁ ବୋଇତ ବନ୍ଦାଣ ଉତ୍ସବ

## ନାଉଗାଁ ସାଂସ୍କୃତିକ ପରିଷଦ ବୈଠକ

ଜଗତ୍‌ସିଂହପୁର, ୬।୧୧ (ପ୍ରମୋଦ କୁମାର ନାୟକ)

ନାଉଗାଁ ବ୍ଲକ ଅନ୍ତର୍ଗତ ଦେବୀ ନଦୀ ଶିଖର ଘାଟରେ ପ୍ରତିବର୍ଷ ପରି ଚଳିତବର୍ଷ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହେବ। ଏଥର ଆସନ୍ତା ୨୬ରୁ ୨୯ ତାରିଖ ପର୍ଯ୍ୟନ୍ତ ଅର୍ଥାତ୍ ୪ ଦିନ ଧରି ଉତ୍ସବ କରାଯିବାକୁ ଆୟୋଜକ ନାଉଗାଁ ସାଂସ୍କୃତିକ ପରିଷଦ ପକ୍ଷରୁ ବିଲିପଡ଼ାସ୍ଥିତ ବାବା ବଳିଆଙ୍କ ଆଶ୍ରମରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ହୋଇଛି। ସାଂସ୍କୃତିକ ପରିଷଦର ମୁଖ୍ୟ ଉପଦେଷ୍ଟା ତଥା ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ପରିଷଦ କାର୍ଯ୍ୟକାରୀ ସଭାପତି ଆଇନଜୀବୀ ବିଷ୍ଣୁ ପ୍ରସାଦ ସ୍ୱାଇଁ, ସମ୍ପାଦକ ଅଧ୍ୟାପକ ସରୋଜ ନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଜଗନ୍ନାଥ ଦାସ, ଅନ୍ୟତମ ଉପଦେଷ୍ଟା ନିରଞ୍ଜନ ବେହେରା, ଉପସଭାପତି ଡ. ଚାଇନା ପ୍ରଧାନ, କୋଷାଧ୍ୟକ୍ଷ ବେଣୁଧର ସ୍ୱାଇଁ, ଅଧ୍ୟାପକ ଜ୍ୟୋତିପ୍ରକାଶ ଲେଙ୍କା, ରମେଶ ଦାସ, ପ୍ରକାଶ ରାୟ, ରାମଚନ୍ଦ୍ର ସ୍ୱାଇଁ, ବିଜୟ ବାରିକ, ନନ୍ଦ କିଶୋର ବାରିକ, ସଚ୍ଚିଦାନନ୍ଦ ପରିଡ଼ା, ଅନାଦି ବାରିକ, ହିମାଂଶୁ ମହାନ୍ତି, ତ୍ରିଲୋଚନ ପାଢୀ, ଲିପୁ ଦାସ, ଦୀପ୍ତି ବାରିକ, ପ୍ରିୟଦର୍ଶିନୀ ପରିଡ଼ା ଓ ତପନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ମୁଖ୍ୟ ଉପଦେଷ୍ଟା ଦାସ କହିଛନ୍ତି, ନଭେମ୍ବର ୨୬ରେ ସ୍ୱାସ୍ଥ୍ୟ ମେଳା କରାଯିବ। ୨୭ ତାରିଖ ପ୍ରତ୍ୟୁଷରେ ସାରେଇକୂଳ ଶ୍ରୀ ଅରବିନ୍ଦ ଇଣ୍ଟିଗ୍ରାଲ ସ୍କୁଲ ପରିସରରୁ ସାଧବ ବୋହୁ ଓ ପୁଅମାନଙ୍କୁ ନେଇ ସଙ୍କୀର୍ତ୍ତନ କରାଯାଇ କାଠି ଲଉଡ଼ି ନୃତ୍ୟ ସହ ବିରାଟ ଶୋଭାଯାତ୍ରାରେ ଦେବୀ ନଦୀ ଘାଟ ପର୍ଯ୍ୟନ୍ତ ନିଆଯିବ। ସେଠାରେ ବୋଇତ ବନ୍ଦାଣ ଅନୁଷ୍ଠିତ ହେବ। ପରେ ସାଧାରଣ ସଭା ଆୟୋଜନ କରାଯିବ। ସେହିପରି ୨୮ରେ ରାଜ୍ୟସ୍ତରୀୟ କବି ସମାବେଶ ଓ ସନ୍ଧ୍ୟାରେ ସାଧାରଣ ସଭା କରାଯିବ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି। ୨୬ରୁ ବାଲିଯାତ୍ରା ପଡିଆରେ ଅପେରା ପ୍ରଦର୍ଶିତ ହେବ। ୨୯ ତାରିଖ ଉଦଯାପନୀ ସନ୍ଧ୍ୟାରେ ବାବା ବଳିଆ ସମାଜ ସଂସ୍କାର ସମ୍ବନ୍ଧୀୟ ଉଦ୍‌ବୋଧନ ଦେବେ। ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ସନ୍ଧ୍ୟାରେ ଭଜନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି କରାଯିବ। ଏନେଇ ବ୍ୟାପକ ପ୍ରସ୍ତୁତି ହୋଇଥିବା ଦାସ କହିଛନ୍ତି।


ବୈଠକରେ ଯୋଗଦେଇଥିବା ସାଂସ୍କୃତିକ ପରିଷଦର ସଦସ୍ୟମାନେ।

# ଯୁଗ୍ମ ଜନ ଅଭିଯୋଗ ଶୁଣାଣି: ୪୮୮ ଅଭିଯୋଗ ପଞ୍ଜୀକୃତ


ଜିଲାପାଳ ପାରୁଲ୍ ପଟୱାରି ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

## ୯୭ ଅଭିଯୋଗର ତତ୍କାଳ ଫଇସଲା

କୁଜଙ୍ଗ,୬।୧୧ (ମନୋଜ ପ୍ରଧାନ)

ଜଗତସିଂହପୁର ଜିଲା ପ୍ରଶାସନ ତରଫରୁ ସୋମବାର କୁଜଙ୍ଗ ସୂଚନା କେନ୍ଦ୍ରଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ପାରୁଲ୍ ପଟୱାରୀ ଉପସ୍ଥିତ ରହି ଏହି ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ଏହି ଅବସରରେ ମୋଟ୍ ୪୮୮ ଅଭିଯୋଗ ପଞ୍ଜୀକୃତ ହୋଇଥଲା। ସେଥିରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ୪୬୦ ଅଭିଯୋଗ ଓ ଗୋଷ୍ଠୀଗତ ବା ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ୨୮ ଅଭିଯୋଗର ଶୁଣାଣି କରାଯାଇଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ଖାଉଟି କାର୍ଡ ସମସ୍ୟା ସମ୍ପର୍କିତ ୧୫, ଆବାସ ଯୋଜନା ସମ୍ପର୍କିତ ୧୦, ଜମିଜମା ସଂକ୍ରାନ୍ତୀୟ ୨୮୯, ରେଡ୍‌କ୍ରସ୍ ପାଣ୍ଠିରୁ ସହାୟତା ନିମନ୍ତେ ୧, ଭତ୍ତା ସଂକ୍ରାନ୍ତୀୟ ୧୫ ଟି ଏବଂ ଅନ୍ୟାନ୍ୟ ସମସ୍ୟା ସମ୍ପର୍କିତ ୩୩ଟି ଅଭିଯୋଗର ଶୁଣାଣି ହୋଇଥିଲା। ସେଥିରୁ ୯୭ ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ରାହୁଲ ପିଆର, ପାରାଦୀପର ଅତିରିକ୍ତ ଜିଲାପାଳ ନିରଞ୍ଜନ ବେହେରା, ଜିଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ରବିନାରାୟଣ ଜେଠୀ, ଉପଜିଲାପାଳ ପ୍ରଦୀପ ସାହୁ, କୁଜଙ୍ଗ ବିଡିଓ ଦୀପକ ପ୍ରସାଦ ସ୍ୱାଇଁ, ତହସିଲଦାର ପୁଷ୍ପାଶ୍ରୀ ସାଣ୍ଡିଲ୍, ତିର୍ତ୍ତୋଲ ଏସ୍‌ଡିପିଓ ଚିନ୍ମୟ ରାଉତ, ଜିଲାସ୍ତରୀୟ ଅଧିକାରୀ ଓ ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

# କଣ୍ଟାବଣଠାରେ ପୋଲିସ ଆଉଟ ପୋଷ୍ଟ ଦାବି

କେନ୍ଦ୍ରାପଡ଼ା, ୬।୧୧ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ କଣ୍ଟାବଣଠାରେ ପୋଲିସ ଆଉଟପୋଷ୍ଟ ପାଇଁ ଦାବି ତେଜୁଛି। ଉତ୍କଳମଣି ଯୁବକ ସଂଘ ସଭାପତି ଗୌତମ ବେହେରା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ କଣ୍ଟାବାଣଠାରେ ପୋଲିସ ଆଉଟପୋଷ୍ଟ ସ୍ଥାପନ ଦାବି ହୋଇଥିଲା। ଏହି ଦାବି ମୁତାବକ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲେ ମଧ ଜିଲା ପୋଲିସର ପ୍ରତିକ୍ରିୟାରେ ଶିଥିଳତା ପ୍ରକାଶ ପାଇଛି। ଏ ସମ୍ପର୍କରେ ଗୌତମ କହିଛନ୍ତି, ଆଇନଶୃଙ୍ଖଳା ପରିସ୍ଥିତିକୁ ଦେଖିଲେ କେନ୍ଦ୍ରାପଡ଼ା ଜିଲା ସମ୍ବେଦନଶୀଳ ଭାବେ ପରିଚିତି ପାଇଛି। ଚୋରି, ଲୁଣ୍ଠନ, ହତ୍ୟାଠାରୁ ଆରମ୍ଭକରି ପ୍ରତ୍ୟେକ ଦିନ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ପରି ଘଟଣା ଦୁର୍ଘଟଣା ହେଉଛି। କଣ୍ଟାବଣର ଭୌଗୋଳିକ ଅବସ୍ଥିତି ତ୍ୱରିତ ନ୍ୟାୟ ପାଇବାକୁ ବିଳମ୍ବ କରୁଛି। ଥାନା ଓ ଫାଣ୍ଡି ଏଠାରୁ ବହୁ ଦୂରରେ ଥିବାରୁ ସାମାଜିକ ଅପରାଧ ନିୟନ୍ତ୍ରଣ ହୋଇପାରୁନାହିଁ। ଏହାକୁ ନେଇ ଯୁବକ ସଂଘ ପକ୍ଷରୁ ୨୦୨୨ ସେପ୍ଟେମ୍ବରରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ମାଧ୍ୟମରେ ରାଜ୍ୟ ଗୃହ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଗୃହ ବିଭାଗ ପକ୍ଷରୁ ଜିଲା ଏସ୍‌ପିଙ୍କ ରିପୋର୍ଟ ମନ୍ତବ୍ୟ ସହ ଡିଜିପି ଓ ଆଇଜିଙ୍କୁ ଚିଠି (୩୪୨୬୧/୨୨)କରିଥିଲେ। ଏଥିରେ ଏସ୍‌ପି କାର୍ଯ୍ୟାଳୟ ପକ୍ଷରୁ କଣ୍ଟାବଣ ଆଉଟପୋଷ୍ଟ ଆବଶ୍ୟକତା ଥିବା ଜଣାଇ ଦିଆଯାଇଥିଲା। ତେବେ ଏ ନେଇ ଜିଲା ପୋଲିସ ପକ୍ଷରୁ କୌଣସି ପ୍ରସ୍ତାବ ଆଗତ ହୋଇ ନ ଥିବାରୁ ଗୃହ ବିଭାଗ ଏ ସମ୍ପର୍କରେ ହସ୍ତକ୍ଷେପ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆଡିସନାଲ ଡିଜିପି ମଧ୍ୟ ଗତ ଫେବୃୟାରୀ ୨୪ରେ କେନ୍ଦ୍ରାପଡ଼ା ପୋଲିସ ପ୍ରଶାସନକୁ ଏ ସମ୍ପର୍କରେ ଏକ ଚିଠି ନଂ. ୧୭୧/୨୩ କରିଛନ୍ତି। ଏହାସତ୍ତ୍ୱେ କଣ୍ଟାବଣଠାରେ ଆଉଟପୋଷ୍ଟ ପ୍ରତିଷ୍ଠା ପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ। ଏହାକୁ ଦୃଷ୍ଟିରେ ରଖି ଆଗାମୀ ଦିନରେ ସ୍ଥାନୀୟ ଅଧିବାସୀ ଆନ୍ଦୋଳନ କରିବାକୁ ପ୍ରସ୍ତୁତ ହେଉଥିବା ଯୁବକ ସଂଘ ସଭାପତି ଗୌତମ କହିଛନ୍ତି।

# ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୬ ଦଫା ସମ୍ବଳିତ ଦାବିପତ୍ର

ଏରସମା,୬।୧୧(ଦୀପ୍ତି ରଞ୍ଜନ ଖଣ୍ଡୁଆଳ )

ଏରସମା ବ୍ଲକ ଅନ୍ତର୍ଗତ ସମୁଦ୍ର ଉପକୂଳବର୍ତ୍ତୀ ପଦ୍ମପୁର ପଞ୍ଚାୟତ ସରପଞ୍ଚ ପ୍ରତିଭାରାଣୀ ପାତ୍ରଙ୍କୁ ସୋମବାର ଭାଜପା ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୬ଦଫା ସମ୍ବଳିତ ଦାବିପତ୍ର ଦିଆଯାଇଛି। ଭାଜପା ପଦ୍ମପୁର ମଣ୍ଡଳ ସଭାପତି ଲକ୍ଷ୍ମୀଧର ଓଝାଙ୍କ ନେତୃତ୍ୱରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ମହାନ୍ତି, ଜିଲା ଭାଜପା କୋର୍ କମିଟି ସଦସ୍ୟ ଡ. ଶଶାଙ୍କ ସାହାଣୀ, କୃଷ୍ଣଚନ୍ଦ୍ର ଜାନା, ଭାସ୍କର ବେହେରା, ଦେବ ଗିରି ପ୍ରମୁଖ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ସେଠାରେ ଆୟୋଜିତ ପ୍ରତିବାଦ ସଭାରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମହାନ୍ତି କହିଥିଲେ, କଳବେଦୀ, ଶିଆଳି, ରାମତରା, ସହଡାବେଦୀ ପ୍ରଭୃତି ସମୁଦ୍ର ଉପକୂଳ ଗାଁର ଲୋକଙ୍କ ଜୀବନ ଅସୁରକ୍ଷିତ ହୋଇ ପଡ଼ିଛି। ସେଠାରେ ପଥର ବନ୍ଧ ନିର୍ମାଣ ପାଇଁ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ ତାହାର ସ୍ଥାୟୀ ପ୍ରତିକାର ହୋଇପାରି ନାହିଁ। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସେ ଦାବି କରିଥିଲେ। ଏଥିସହ ଆନ୍ଦୋଳନକାରୀମାନେ ଦୁର୍ନୀତି ମୁକ୍ତ ପଞ୍ଚାୟତ ଗଠନ କରିବା, ଉପକୂଳରେ ଜଙ୍ଗଲ ସୃଷ୍ଟି କରିବା, ପଥର ବନ୍ଧ ନିର୍ମାଣ କରିବାକୁ ଦାବି କରିଥିଲେ।


ସରପଞ୍ଚଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଭାଜପା କର୍ମୀମାନେ ।

# ଜିଲାପାଳଙ୍କୁ ୫ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ

## ଏକର ପିଛା ଜମିର ମୂଲ୍ୟ ୩ କୋଟି ଦେବାକୁ ଦାବି

କୁଜଙ୍ଗ,୬।୧୧: (ମନୋଜ ପ୍ରଧାନ)

କୁଜଙ୍ଗ ତହସିଲ ଅନ୍ତର୍ଗତ ନରେନ୍ଦ୍ରପୁର ରାଜସ୍ୱ ମୌଜାରେ ଆର୍ସେଲର ମିତ୍ତଲ ଏବଂ ନିପ୍ପନ ଷ୍ଟିଲ୍‌ର ଟାଉନ୍‌ଶିପ୍ ପାଇଁ ଇଡ୍‌କୋ ପକ୍ଷରୁ ଜମି ଅଧିଗ୍ରହଣ ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥି ନିମନ୍ତେ ଜମି ହରାଇବାକୁ ଯାଉଥିବା ଚାଷୀମାନଙ୍କୁ ନେଇ ଗଠିତ ମା'ବୁଢ଼ି କେନ୍ଦୁଳାଇ ଜମିହରା କୃଷକ ଏକତା ମଞ୍ଚ ପକ୍ଷରୁ ୫ ଦଫା ସମ୍ବଳିତ ଦାବିପତ୍ର ସୋମବାର ଜଗତ୍‌ସିଂହପୁର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ସେମାନେ ଦାବି କରିଛନ୍ତି ଯେ, ଅଧିଗୃହୀତ ହେବାକୁଥିବା ଜମି ପାଇଁ ଏକର ପିଛା ୩ କୋଟି ଟଙ୍କା ପ୍ରଦାନ କରାଯାଉ, ଜମି ଅଧିଗ୍ରହଣ ପରେ ଜଳ ନିଷ୍କାସନ ଯେପରି ବାଧାପ୍ରାପ୍ତ ନ ହୁଏ ସେଥିପ୍ରତି ପଦକ୍ଷେପ ନିଆଯାଉ। ଇଡ୍‌କୋ ଜମି ଅଧିଗ୍ରହଣ ପରେ କେଉଁ କାର୍ଯ୍ୟରେ ଉକ୍ତ ଜମିକୁ ବ୍ୟବହାର କରିବ ସେସମ୍ପର୍କରେ ଚାଷୀଙ୍କୁ ଅବଗତ କରାଇବା ଜରୁରୀ ବୋଲି ଦାବି କରାଯାଇଛି। ଉକ୍ତ ଜମିରେ ଶିଳ୍ପ ପ୍ରତିଷ୍ଠା ହେଲେ ସେଥିରୁ ନିର୍ଗତ ବର୍ଜ୍ୟବସ୍ତୁ ଯୋଗୁ ବାୟୁ, ଜଳ ଓ ମୃତ୍ତିକା ପ୍ରଦୂଷଣ ହେବ। ଏହାକୁ ଦୃଷ୍ଟିରେ ରଖି ଅଞ୍ଚଳର ଜନସାଧାରଣଙ୍କ ଉନ୍ନତ ସ୍ୱାସ୍ଥ୍ୟ ସେବା ଉପରେ ଗୁରୁତ୍ୱ ଦିଆଯାଉ। ଏଥିସହ ପାନୀୟ ଜଳ ଯୋଗାଣ ପାଇଁ ସୁବନ୍ଦୋବସ୍ତ କରାଯାଉ। ଏହାବ୍ୟତୀତ ଅଞ୍ଚଳରେ ସର୍ବସାଧାରଣଙ୍କ ବ୍ୟବହାର ପାଇଁ ଉଦ୍ଦିଷ୍ଟ ଖେଳପଡ଼ିଆ, ପୋଖରୀ, ମଠ, ଶ୍ମଶାନ ଓ ଗୋଚର ଜମି ଆଦିକୁ ଅଧିଗ୍ରହଣରୁ ବାଦ୍ ଦେବାପାଇଁ ଅନୁରୋଧ କରାଯାଇଛି ବୋଲି ମୁଖ୍ୟ ଉପଦେଷ୍ଟା ଅରକ୍ଷିତ ଦାସ ଓ ସଭାପତି ସୁଶାନ୍ତ କୁମାର ସ୍ୱାଇଁ କହିଛନ୍ତି।

# ଏଏମ୍‌ଏନ୍‌ଏସ୍ ପକ୍ଷରୁ ୩୧ଛାତ୍ରୀଙ୍କୁ ସ୍କଲାରଶିପ



ସ୍କଲାରଶିପ୍ ପାଇଥିବା ଛାତ୍ରୀ ଓ ଅନ୍ୟମାନେ।

ପାରାଦୀପ,୬।୧୧(ଶରତ ରାଉତ)

ପାରାଦୀପ ନୂଆବଜାର ପୋର୍ଟକ୍ଲବ ପରିସରରେ ସୋମବାର ଏଏମ୍‌ଏନ୍‌ଏସ (ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ)କମ୍ପାନୀ ପକ୍ଷରୁ ବେଟି ପଢାଓ ସ୍କଲାରଶିପ ପ୍ରଦାନ କରାଯାଇଛି। ଏଥିରେ ପାରାଦୀପ ଅଞ୍ଚଳର ୩୧ ଜଣ ଛାତ୍ରୀଙ୍କୁ ସାମିଲ କରାଯାଇଛି। ନବମ ଶ୍ରେଣୀଠାରୁ ଆରମ୍ଭ କରି ମାଧ୍ୟମିକ ଶିକ୍ଷା, ସ୍ନାତକ, ଆଇଟିଆଇ, ଡିପ୍ଲୋମା ଇଞ୍ଜିନିୟରିଂ, ମେଡିକାଲ ଓ ବୃତ୍ତିଗତ ଶିକ୍ଷା ପାଇଁ ଏହା ସହାୟକ ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲାପାଳ ନୀରଞ୍ଜନ ବେହେରା ଯୋଗଦେଇ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମ୍ପାନୀ ବରିଷ୍ଠ ଅଧିକାରୀ ରାଜୀବ ଭଟ୍ଟନାଗର, ସୁରେଶା ଜି, ଅରୁଣ ରଥ, ବିକାଶ ଯାଦଭେନ୍ଦୁ ପ୍ରମୁଖ ଉପସ୍ଥିତ ଥିଲେ। ଏହିଭଳି ବେଟି ପଢାଓ ଯୋଜନା ସ୍କଲାରଶିପ ଓଡିଶା ସମେତ ଗୁଜରାଟ, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, ଛତିଶଗଡ଼ରେ କରାଯାଉଛି ବୋଲି ଭଟ୍ଟନାଗର କହିଥିଲେ।

# ନଳକୂପ ଚତୁଃପାର୍ଶ୍ୱରେ ପାଣି, ପ୍ରଶାସନର ଦୃଷ୍ଟି ନାହିଁ

ନାଉଗାଁ,୬।୧୧(ସୁଧା ବେହୁରା)

ନାଉଗାଁ ବ୍ଲକ ସମ୍ମୁଖ ରାସ୍ତା ପାର୍ଶ୍ୱରେ ଏକ ନଳକୂପ ରହିଛି। ଏହି ନଳକୂପର ଚତୁଃପାର୍ଶ୍ୱରୁ ପ୍ଲାଷ୍ଟର ଛାଡ଼ିଯାଇଥିବାବେଳେ ଏହା ମୂଳରେ ପାଣି ଜମି ଅନାବନା ଗଛରେ ଭର୍ତ୍ତି ହୋଇଯାଇଛି। ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ଗ୍ରାମ୍ୟ ପାନୀୟ ଜଳ ଓ ପରିମଳ ବିଭାଗ ହାତରେ ରହିଛି। ବ୍ଲକ କାର୍ଯ୍ୟାଳୟ ଠାରୁ ମାତ୍ର ୧୦ ମିଟର ଦୂରରେ ଏହି ନଳକୂପଟି ଅବସ୍ଥିତ। ଏହା ନିକଟରେ ତିହୁଡା-୧ ଅଙ୍ଗନୱାଡି କେନ୍ଦ୍ର ରହିଥିବା ବେଳେ ଉକ୍ତ କେନ୍ଦ୍ର ପାଇଁ ବ୍ୟବହୃତ ହେଉଥିବା ପାଣି ବିଶେଷ କରି ନଳକୂପରୁ ହିଁ ଯାଇଥାଏ। କେବଳ ଅଙ୍ଗନୱାଡି କେନ୍ଦ୍ର ନୁହେଁ ବ୍ଲକ, ଉଦ୍ୟାନ ବିଭାଗ, ପ୍ରାଣୀ ଚିକିତ୍ସାଳୟ ,ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଆଦି ଏହି ସ୍ଥାନରେ ଅବସ୍ଥିତ। ତେଣୁ ବିଭିନ୍ନ ପଞ୍ଚାୟତରୁ ଜନସାଧାରଣମାନେ ଭିନ୍ନ ଭିନ୍ନ କାର୍ଯ୍ୟ ପାଇଁ ଏସବୁ କାର୍ଯ୍ୟାଳୟକୁ

ଆସି ଏହି ନଳକୂପ ଉପରେ ପିଇବା ପାଣି ପାଇଁ ନିର୍ଭର କରିଥାନ୍ତି। ସେହିପରି ବ୍ଲକ କାର୍ଯ୍ୟାଳୟ ନିକଟରେ ରହୁଥିବା ସ୍ଥାନୀୟ ବାସିନ୍ଦା ମଧ ନଳକୂପର ପାଣି ବ୍ୟବହାର କରିଥାନ୍ତି। ଏଭଳିସ୍ଥିତିରେ ନଳକୂପ ଚତୁଃପାର୍ଶ୍ୱରେ ପାଣି ଜମିବା ଯୋଗୁ ସେଠାରେ ଦୁର୍ଗନ୍ଧ ବାହାରୁଛି। ପାଣି ଜମି ରହୁଥିବା ସ୍ଥାନରେ ପୋକ, ମଶା, ମାଛି ଆଦି ଦେଖିବାକୁ ମିଳୁଛି। ଏହି ପାଣିକୁ ବ୍ୟବହାର କଲେ ସଂକ୍ରାମକ ରୋଗ ବ୍ୟାପିବାର ଆଶଙ୍କା ରହିଛି। ମାତ୍ର ଲୋକେ ଅନ୍ୟ ଉପାୟ ନପାଇ ଏହି ପାଣିକୁ ବ୍ୟବହାର ପାଇଁ ବାଧ ହେଉଛନ୍ତି। ବାଲିକୁଦା-ନାଉଗାଁ, ତିହୁଡା-ବ୍ଲକ ଛକ ସଂଯୋଗୀକରଣ ରାସ୍ତା ପାର୍ଶ୍ୱରେ ଉକ୍ତ ନଳକୂପ ରହିଥିବାବେଳେ ବିଭାଗ ପକ୍ଷରୁ ମରାମତି ପାଇଁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଅପରପକ୍ଷେ ସରକାରଙ୍କ ପକ୍ଷରୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯାଉଥିବାବେଳେ ନଳକୂପ ଚତୁଃପାର୍ଶ୍ୱରେ ପ୍ଲାଟଫର୍ମ ଆଦି ନିର୍ମାଣ କରିବା ପାଇଁ ଅର୍ଥ ଯୋଗାଇ ଦିଆଯାଉଛି। ମାତ୍ର ଏହି ନଳକୂପ ଚତୁଃପାର୍ଶ୍ୱକୁ ମରାମତି ପାଇଁ କୌଣସି ପଦକ୍ଷେପ ନିଆଯାଉନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ଚତୁଃପାର୍ଶ୍ୱକୁ ମରାମତି କରାଯିବା ସହ ଜଳ ନିଷ୍କାସନ କରିବା ପାଇଁ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ଗ୍ରାମ୍ୟ ପାନୀୟ ଜଳ ଓ ପରିମଳ ବିଭାଗର ଯନ୍ତ୍ରୀ ରଶ୍ମି ରଞ୍ଜନ ଦାସ କୁହନ୍ତି, ଉକ୍ତ ନଳକୂପର ପ୍ଲାଟଫର୍ମ ଓ ସୋକପିଟ ନିର୍ମାଣ କରିବା ପାଇଁ ସ୍ଥାନର ଅଭାବ ରହିଛି। ଯେଉଁ ସ୍ଥାନ ଅଛି ତାହା ଅଙ୍ଗନୱାଡି କେନ୍ଦ୍ରର। ତେଣୁ ଅଙ୍ଗନୱାଡି କେନ୍ଦ୍ର ସହ କଥାହୋଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

- ଅଙ୍ଗନୱାଡି କେନ୍ଦ୍ରରେ ବ୍ୟବହାର ହେଉଛି ପାଣି
- ଦୁର୍ଗନ୍ଧମୟ ପରିବେଶ ହୋଇଛି
- ସଂକ୍ରାମକ ରୋଗ ବ୍ୟାପିବାର ଆଶଙ୍କା ରହିଛି


ନଳକୂପ ଚାରିପାଖେ ପାଣି ଜମିବା ସହ ଅନାବନା ଗଛ ଉଠିଛି।

## ସଂକ୍ଷେପରେ

### ଟ୍ରେନ ଧକ୍କାରେ ବୃଦ୍ଧ ମୃତ

ନୟାଗଡ,୬।୧୧(ଲୋକନାଥ ମିଶ୍ର): ଖୋର୍ଦ୍ଧା ରୋଡ ବଲାଙ୍ଗୀର ରେଳପଥର ୬୮/୨ କିଲୋମିଟର ଖୁଣ୍ଟ ପାଖରେ ସୋମବାର ଅପରାହ୍ନ ୪ଟା୪୫ମିନିଟ୍‌ରେ ଜଣେ ବୃଦ୍ଧଙ୍କର ମୃତ୍ୟୁ ହୋଇଛି। ନୂଆଗାଁ ଷ୍ଟେଶନରୁ ଭୁବନେଶ୍ୱର ଫେରୁଥିବା ଟ୍ରେନ ବୃଦ୍ଧଙ୍କୁ ଧକ୍କା ଦେଇଥିଲା। ମୃତକଙ୍କର ପରିଚୟ ଜଣାପଡିନି। ତେବେ ନୟାଗଡ଼ ସଦର ଥାନା ପଥୁରୀପଡା ଅଞ୍ଚଳରେ ଟ୍ରେନ ଧକ୍କା ହୋଇଥିବା ଜଣାପଡିଛି। ବୃଦ୍ଧଙ୍କ ମୃତଦେହକୁ ରେଳବାଇ ପୋଲିସ ଜବତ କରି ତଦନ୍ତ ଆରମ୍ଭ କରିଛି।

### ତାପସ ହେଲେ ଭାଜପା ଜିଲା ସଭାପତି



ନୟାଗଡ,୬।୧୧(ଲୋକନାଥ ମିଶ୍ର): ଭାଜପା ପକ୍ଷର ସାଙ୍ଗଠନିକ ଜିଲା ସଭାପତିଙ୍କ ନାଁ ସୋମବାର ଘୋଷଣା କରାଯାଇଛି। ରାଜ୍ୟ ଭାଜପା ସଭାପତି ମନମୋହନ ସାମଲଙ୍କ ଅନୁମୋଦନ କ୍ରମେ ନାଁ ଘୋଷଣା କରାଯାଇଛି। ନୟାଗଡ଼ ଜିଲା ସଭାପତି ଭାବେ ତାପସ ରଞ୍ଜନ ମାର୍ଥାଙ୍କ ନାଁ ରହିଛି। ଅନ୍ୟପକ୍ଷେ ଜିଲା ସଭାପତି ଭାବେ ଲାଲା ମନୋଜ ରାୟ ପୂର୍ବରୁ ଥିଲେ। ଜିଲା ସଭାପତି ପରିବର୍ତ୍ତନ ପରେ ଜିଲାର ରାଜନୈତିକ ପାଣିପାଗ ଗୋଳିଆ ଧରିଛି।

### ରାସ୍ତାକଡ଼ରେ ଶୁଖିଲା ଗଛ ବିପଦପୂର୍ଣ୍ଣ ଅବସ୍ଥାରେ

ଫିରିଙ୍ଗିଆ, ୬।୧୧(ବିକ୍ରମ ଦିଗାଲ)

ଭୁବନେଶ୍ୱର-ରାୟଗଡ଼ା ମୁଖ୍ୟ ରାସ୍ତା ଏସ୍‌ଏଚ୍ ୧, କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ଫିରିଙ୍ଗିଆ ପଞ୍ଚାୟତ ଅନ୍ତର୍ଗତ ଶସିପଦର ଗାଁରେ ରାସ୍ତାକଡ଼ରେ ଶୁଖିଲା ଗଛ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି । ତା' ପାଖରେ ୧୫ ମିଟର ଦୂରରେ ୪ଟି ଘର ରହିଛି । ଏହି ରାସ୍ତାରେ ହଜାର ହଜାର ଯାନବାହନ ଯିବା ଆସିବା କରୁଛି। ଏହି ରାସ୍ତା ଭୁବନେଶ୍ୱରରୁ ନବରଙ୍ଗପୁର, ରାୟଗଡ଼ା, କଳାହାଣ୍ଡି, ଭବାନୀପାଟଣା ଓ କୋରାପୁଟ ଯିବା ପାଇଁ ମୁଖ୍ୟରାସ୍ତା ହୋଇଥିବାରୁ ଜନଗହଳି ହୋଇଥାଏ। କେତେବେଳେ ଏହି ଗଛ ଭାଙ୍ଗିପଡ଼ିବ ତାହା କେହି ଜାଣିପାରିବେ ନାହିଁ। ଏଥିପ୍ରତି ପୂର୍ତ୍ତ ବିଭାଗ ଦୃଷ୍ଟିଦେବା ଦରକାର ବୋଲି ଲୋକେ କହୁଛନ୍ତି।

# ଜିଲାପାଳଙ୍କୁ ଫେରାଦ ହେଲେ ଜାମୁସାହି ଦଳିତ ପରିବାର



ଜାମୁସାହି ଗାଁ ଭିତରେ ରେଳପଥ ଯାଉଥିବାରୁ ଥଇଥାନ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଭେଟି ଦଳିତ ଲୋକ ଫେରୁଛନ୍ତି ।

**ଗାଁ ଭିତରେ ଯାଉଛି ରେଳପଥ**

**ଥଇଥାନ କରି ଜମି ଅଧିଗ୍ରହଣ କରିବାକୁ ନିବେଦନ**

ନୟାଗଡ,୬।୧୧(ଲୋକନାଥ ମିଶ୍ର)

ନୟାଗଡ ଜିଲା ଦଶପଲ୍ଲା ବ୍ଲକ ବାଣିଗୋଛା ଥାନା ଜାମୁସାହିର ଦଳିତ କଲୋନୀ ଭିତରେ ଯାଉଛି ଖୋର୍ଦ୍ଧା ରୋଡ ବଲାଙ୍ଗୀର ରେଳପଥ। ରେଳପଥ ଯିବା ପରେ କଲୋନୀ ସମ୍ପୃକ୍ତ ସ୍ଥାନରୁ ହଟିବ। ତେବେ କଲୋନୀକୁ ହଟାଇବା ପୂର୍ବରୁ ପ୍ରଥମେ ଥଇଥାନ କରି ପରେ ଜମି ଅଧିଗ୍ରହଣ କରିବାକୁ ଦଳିତ ଲୋକମାନେ ଜିଲାପାଳ ରବୀନ୍ଦ୍ର ନାଥ ସାହୁଙ୍କୁ ସୋମବାର ଭେଟି ନିବେଦନ କରିଛନ୍ତି। ଅଭିଯୋଗ ଅନୁସାରେ ୧୯୭୮ -୭୯ ମସିହାରେ ସରକାର ଜାମୁସାହିରେ କଲୋନୀ କରି ଦଳିତ ଲୋକମାନଙ୍କୁ ଥଇଥାନ କରିଥିଲେ। କଲୋନୀ ଗଢ଼ି ଉଠିଥିବା ଅଞ୍ଚଳ ସରକାରୀ ଜମି। ଦଳିତ ପରିବାର ଅନ୍ୟ ଲୋକଙ୍କ ମୂଲ ଲାଗି, କାମଧନ୍ଦା କରି ପେଟ ପୋଶୁଛନ୍ତି। ଏଭଳିସ୍ଥଳେ ସେମାନଙ୍କୁ ଅଣଦେଖା ନ କରିବାକୁ ଜିଲାପାଳଙ୍କୁ ଭେଟି ଜିତେନ୍ଦ୍ର ବେହେରା, ନୀଳକଣ୍ଠ ବେହେରା, ସୁରଥ ବେହେରା, ବାଲ୍ମିକୀ ମୁଖି ପ୍ରମୁଖ ନିବେଦନ କରିଛନ୍ତି।

# ବିଜେଡିର ବାଇକ୍ ଶୋଭାଯାତ୍ରା



ବାଇକ୍ ଶୋଭାଯାତ୍ରାରେ ସାମିଲ ହୋଇଥିବା ବିଧାୟକ ଅରୁଣ ସାହୁ ଓ ବିଜେଡି କର୍ମୀମାନେ।

ନୟାଗଡ଼,୬।୧୧(ଲୋକନାଥ ମିଶ୍ର)

ସ୍ୱଚ୍ଛ ଶାସନ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା କରାଯାଉଥିବା ଜନହିତକର କାର୍ଯ୍ୟକୁ ଗୁରୁତ୍ୱ ଦେଇ ସୋମବାର ନୟାଗଡ଼ ବିଜେଡିପକ୍ଷରୁ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁଙ୍କ ନେତୃତ୍ୱରେ ନୟାଗଡ଼ର କଇଥଗାଡ଼ିଆଠାରୁ ବାଇକ୍ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ବାଇକ୍ ଶୋଭାଯାତ୍ରାରେ ଖୁଣ୍ଟୁବନ୍ଧ, ଜେମାଦେଇପୁରପାଟଣା ଓ କାଳିକାପ୍ରସାଦ ପଞ୍ଚାୟତ ସମେତ ନୟାଗଡ଼ ପୌର ପରିଷଦ ଏବଂ ନୟାଗଡ଼ ବ୍ଲକର ବିଭିନ୍ନ ସ୍ଥାନରୁ ବହୁ କର୍ମୀ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ନୟାଗଡ଼ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ଜିଲା ପରିଷଦ ସଦସ୍ୟ ସରୋଜ ରଣସିଂ, ସୁବାସ ଚନ୍ଦ୍ର କହଁର, କ୍ଷୀରୋଦ ମହାପାତ୍ର, ଆଶିଷ ଅଗ୍ରୱାଲ, ବ୍ଲକ ଯୁବ ବିଜେଡି ସଭାପତି ଦୁର୍ଯ୍ୟୋଧନ ବେହେରା, ଛାତ୍ର ବିଜେଡି ସଭାପତି ନୀଳମାଧବ ପଣ୍ଡାଙ୍କ ସମେତ ସରପଞ୍ଚ ଏବଂ ସମିତିସଭ୍ୟମାନେ ସାମିଲ ହୋଇଥିଲେ।

# ମହିଳାଙ୍କ ଆତ୍ମହତ୍ୟା, କାରଣ ଅସ୍ପଷ୍ଟ

ହିଞ୍ଜିଳିକାଟୁ,୬।୧୧(ଦ୍ୱିତୀକୃଷ୍ଣ ପଣ୍ଡା): ହିଞ୍ଜିଳି ଥାନା ଶାସନ ଆମ୍ବଗାଁରେ ସୋମବାର ଜଣେ ମହିଳା ଆତ୍ମହତ୍ୟା କରିଛନ୍ତି। ସେ ହେଲେ ମଧୁ ବେହେରା (୫୨) । ମହିଳା ଜଣଙ୍କ ଏକ ଏସ୍‌ଏଚ୍‌ଜିର ସଭାନେତ୍ରୀ ଥିଲେ। ସୋମବାର ୨ ପୁଅକୁ ବାହାରକୁ ପଠାଇ ମଧୁ ଘର ଭିତରେ ଏକ ଦୁଲାରେ ରଶି ଲଗାଇ ଝୁଲିପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାରକରି ହିଞ୍ଜିଳିକାଟୁ ଉପଖଣ୍ଡ ଡାକ୍ତରଖାନାକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ମଧୁଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ହିଞ୍ଜିଳି ଥାନାରେ ନଂ. ୩୦/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଥିବା ବେଳେ ପାରିବାରିକ କଳହରୁ ମଧୁ ଆତ୍ମହତ୍ୟା କରିଥିବା ପୋଲିସ ପ୍ରାରମ୍ଭିକ ତଦନ୍ତରୁ ପ୍ରକାଶ।

# ନାଁ ପଞ୍ଜୀକରଣ ପାଇଁ ଦୀର୍ଘ ସମୟ ଅପେକ୍ଷା



ଅଭିଯୋଗ କରିବାକୁ ଆସିଥିବା ଲୋକେ ନାମ ପଞ୍ଜୀକୃତ ପାଇଁ ଅପେକ୍ଷା କରିଛନ୍ତି।

**ଜିଲାପାଳଙ୍କ ଅଭିଯୋଗ ଶୁଣାଣି**

**୩୫୨ଟି ଅଭିଯୋଗରୁ ୨୨୨ର ସମାଧାନ**

ନୟାଗଡ,୬।୧୧(ଲୋକନାଥ ମିଶ୍ର)

ନୟାଗଡ ଜିଲାପାଳଙ୍କ ସଦ୍‌ଭାବନା କକ୍ଷରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଅଭିଯୋଗର ଶୁଣାଣି କରିଥିଲେ। ତାଙ୍କୁ ସହାୟତା ନୟାଗଡ଼ ଏସ୍‌ପି ରାହୁଲ ଜୈନ୍ୟ, ନୟାଗଡ଼ ଜିଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ସୁଚାରୁ ବଳ, ଜିଲାସ୍ତରୀୟ ଅଧିକାରୀ ସହଯୋଗ କରିଥିଲେ। ସୋମବାର ୩୫୨ଟି ଅଭିଯୋଗ ମିଳିଥିବାବେଳେ ୨୨୨ଟି ଅଭିଯୋଗର ସମାଧାନ ହୋଇଛି। ଅବଶିଷ୍ଟ ଅଭିଯୋଗ ଗୁଡିକ ବିଭାଗୀୟ ଅଧିକାରୀଙ୍କ ପାଖକୁ ପଠାଇ ଦିଆଯାଇଛି। ତେବେ ମିଳିଥିବା ୩୫୨ ଅଭିଯୋଗରୁ ୧୫୬ ଅଭିଯୋଗ ବ୍ୟକ୍ତିଗତ ଓ ୧୦ ଅଭିଯୋଗ ସାମୁହିକ ଥିଲା। ଅନ୍ୟପକ୍ଷେ ୧୮୭ ଅଭିଯୋଗ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ପାଇଁ ରହିଥିଲା। ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଭିଡ ନ ଥିଲା। ଅଭିଯୋଗ କରିବା ପାଇଁ ନାଁ ପଞ୍ଜୀକୃତ କରିବା ସ୍ଥାନରେ ବେଶୀ ଗହଳି ହୋଇଥିଲା। ନାଁ ପଞ୍ଜୀକୃତ କରିବାକୁ ଅଭିଯୋଗକାରୀ ବସି ଅପେକ୍ଷା କରିବାକୁ ପଡିଥିଲା।

# ଗାଈ ଚରାଳିଙ୍କ ସନ୍ଦେହଜନକ ମୃତ୍ୟୁ

ଧରାକୋଟ, ୬।୧୧(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ବ୍ଲକ ବଡ଼ଗଡ଼ ଥାନା ଅଧୀନରେ ଥିବା ମଥୁରା ଗ୍ରାମର ଶନିଦେବ ମନ୍ଦିର ନିକଟସ୍ଥ ହରଭଙ୍ଗି କେନାଲରୁ ସୋମବାର ଜଣେ ଗାଈ ଚରାଳିଙ୍କ ମୃତଦେହ ବଡଗଡ ପୋଲିସ ଜବତ କରିଛି। ସେ ହେଲେ ମଛାକୋଟ ପଞ୍ଚାୟତ ଅଧୀନ କରାତଳି ଗ୍ରାମର ଲକ୍ଷ୍ମଣ ଗୌଡ଼ଙ୍କ ପୁଅ ରବୀନ୍ଦ୍ର (୩୫)। ରବୀନ୍ଦ୍ରର ମୁଣ୍ଡର ଉପର, କପାଳ ଓ ବେକ ପାଖରେ କଟା ଚିହ୍ନଥିବାରୁ ଏହା ହତ୍ୟାକାଣ୍ଡ ନା କେନାଲ ଭିତର ପଥର ମାଡ଼ ତାକୁ ନେଇ ସନ୍ଦେହ ଦେଖାଦେଇଛି।

ସ୍ତ୍ରୀ ରିନାଙ୍କ ଏତଲା ଅନୁଯାୟୀ, ଗତ ରବିବାର ସକାଳ ୯ଟା ସ୍ୱାମୀ ରବୀନ୍ଦ୍ର ନିଜର ଗାଈପଲ ଓ ଛେଳିଙ୍କୁ ଗମ୍ଭାରୀଗୁଡା ନିକଟସ୍ଥ କଇଁଫୁଲିଆ ପାହାଡ଼କୁ ଚରାଇବା ପାଇଁ ନେଇଥିଲେ। ବିଳମ୍ବିତ ସମୟ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ଘର ଲୋକ ବ୍ୟସ୍ତ ହୋଇ ଭାଇ ଦେବେନ୍ଦ୍ର ଓ ପୁଅକୁ ଖୋଜିବା ପାଇଁ ପଠାଇଥିଲେ। ପାହାଡ଼ ପାଖ କେନାଲ ହିଡରେ ରବୀନ୍ଦ୍ରଙ୍କ ତଲାରି, ଚପଲ, ଚଦର ଓ ବାଡି ପଡିଥିବା ବେଳେ ତାଙ୍କର ଖୋଜ ଖବର ମିଳି ନ ଥିଲା। ପରେ ଗାଁ ଲୋକେ ମିଳିତ ଭାବରେ ଖୋଜା ଖୋଜି କରି ନ ପାଇବାରୁ ବଡଗଡ ଥାନାରେ ଜଣାଇଥିଲେ। ପରେ ସନ୍ଦେହ କରି ହରଭଙ୍ଗୀ କାର୍ଯ୍ୟାଳୟର ପଦାଧିକାରୀଙ୍କୁ ଖବର ଦେଇ କେନାଲ ପାଣି ବନ୍ଦ କରାଯାଇଥିଲା। ଶନିଦେବ ମନ୍ଦିର ନିକଟସ୍ଥ କେନାଲ ଗେଟ୍‌ରେ ଏକ ମୃତଦେହ ଲାଗିଥିବା ଦେଖିବାକୁ ମିଳିଥିଲା। ପୋଲିସ ପହଞ୍ଚିବା ପରେ ମୃତଦେହକୁ ପାଣିରୁ ବାହାର କରାଯାଇ ବଡ଼ଗଡ଼ ମେଡିକାଲ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ରବୀନ୍ଦ୍ରଙ୍କ ମୃତଦେହ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଛି । ଏ ନେଇ ପୋଲିସ ନଂ.୨୮/୨୩ରେ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ୨୪ରେ ଫୁଟବଲ ଟୁର୍ନାମେଣ୍ଟ, ଜାନୁୟାରୀ ୧୧ରୁ ୧୪ ମହୋତ୍ସବ, ପଲ୍ଲିଶ୍ରୀ ମେଳା ପାଇଁ ପ୍ରସ୍ତୁତି ବୈଠକ

ଓଡ଼ଗାଁ, ୬।୧୧(ଆଦର୍ଶ କୁମାର ପଟ୍ଟନାୟକ)

ସ୍ଥାନୀୟ ସରକାରୀ କଲ୍ୟାଣୀ ମଣ୍ଡପଠାରେ ରବିବାର ଓଡ଼ଗାଁ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ, ଓଡ଼ଗାଁ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ବିଧାୟକ ତଥା ଫୁଟ୍‌ବଲ ଏବଂ ମହୋତ୍ସବ କମିଟି ସଭାପତି ଅରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ହୋଇଥିଲା। ପ୍ରଥମେ ଓଡ଼ଗାଁ ଫୁଟବଲ ଟୁର୍ନାମେଣ୍ଟ ସମ୍ପର୍କରେ ଆଲୋଚନା ପର୍ଯ୍ୟାଲୋଚନା କରାଯାଇଥିଲା। ଚଳିତବର୍ଷ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିବା ବେଳେ ଡିସେମ୍ବର ୨୪ରୁ ୩୦ ତାରିଖ ପର୍ଯ୍ୟନ୍ତ ଏହାକୁ ଆୟୋଜନ କରିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଥିଲା। ସେହିପରି ବୈଠକରେ ଓଡ଼ଗାଁ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ୨୦୨୪ ପାଇଁ ମଧ୍ୟ ଆଲୋଚନା କରାଯାଇଥିଲା। ଜାନୁୟାରୀ ୧୧ରୁ ୧୪ ତାରିଖ ପର୍ଯ୍ୟନ୍ତ ମହୋତ୍ସବ ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇଥିଲା। ମହୋତ୍ସବ କମିଟିର ସମ୍ପାଦକ ତଥା ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁଙ୍କ ଅଧ୍ୟକ୍ଷତାରେ ବୈଠକ ଆୟୋଜିତ ହୋଇଥିଲା। ମହୋତ୍ସବକୁ ସରସ ସୁନ୍ଦର ଶୃଙ୍ଖଳିତ ଓ ସୁସଜ୍ଜିତ ଭାବେ ପରିଚାଳନା କରିବା ନିମନ୍ତେ ଆଲୋଚନା କରାଯିବା ସହ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ। ପରେ ଅନ୍ୟ ଏକ ବୈଠକରେ କଳାକାରମାନଙ୍କ ରହଣି ବ୍ୟବସ୍ଥା, ପ୍ରତିଭା ଚୟନ ଓ ସମ୍ବର୍ଦ୍ଧନା, ଆଲୋକ ମଞ୍ଚସଜ୍ଜା ଓ ପରିଚାଳନା, ଖାଦ୍ୟପେୟ ପାନୀୟଜଳ ବ୍ୟବସ୍ଥା, କଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସୁଚାରୁରୂପେ ସମ୍ପାଦନ କରିବା ନିମନ୍ତେ କମିଟି ପକ୍ଷରୁ ଦାୟିତ୍ୱ ବଣ୍ଟନ କରାଯିବ। ୪ ଚକିଆ ଯାନ ଓ ମନ୍ଦିର ରୋଡ଼ ପାର୍ଶ୍ୱରେ ୨ ଚକିଆ ଯାନ ରହଣୀ ପାଇଁ ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା କରାଯିବ। ଚଳିତବର୍ଷ ବିଭିନ୍ନ ବିଭାଗ ପକ୍ଷରୁ ୧୫୦ରୁ ଊର୍ଦ୍ଧ୍ୱ ଷ୍ଟଲ ପଡିବ ବୋଲି ଅନୁମାନ କରାଯାଇଛି। ବୈଠକରେ ବରିଷ୍ଠ ଆଇନଜୀବୀ ଗୋବିନ୍ଦ ଚନ୍ଦ୍ର ସାହୁ, କ୍ରୀଡାବିତ୍ ଦିବାକର ନାୟକ, ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୁଃଶାସନ ସ୍ୱାଇଁ ପ୍ରମୁଖଙ୍କ ସହ ସୁଶାନ୍ତ କୁମାର ପାତ୍ର, ଏନ୍‌ଏସି ସଭାପତି ପ୍ରଭାତ ଅଧିକାରୀ, ପ୍ରଫୁଲ୍ଲ କୁମାର ଡାକୁଆ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ବରିଷ୍ଠ ଖବରଦାତା ଆଦର୍ଶ କୁମାର ପଟ୍ଟନାୟକ, ଅଶୋକ ମହାପାତ୍ର ଓ ଦିବାକର ନାୟକଙ୍କ ବଳିଷ୍ଠ ମତାମତ ପ୍ରଦାନ କରିଥିଲେ।

# ୨୭୪ ଅଭିଯୋଗ ଶୁଣିଲେ ଅତିରିକ୍ତ ଜିଲାପାଳ, ଏସ୍‌ପି

ଛତ୍ରପୁର, ୬।୧୧ (ଦିଲୀପ ସାମଲ)

ଛତ୍ରପୁର ଜଉଗଡ଼ ସମ୍ମିଳନୀ କକ୍ଷଠାରେ ଗଞ୍ଜାମ ଅତିରିକ୍ତ ଜିଲାପାଳ ଓ ଗଞ୍ଜାମ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛତ୍ରପୁର ଉପଖଣ୍ଡ ସମେତ ଜିଲାର ବିଭିନ୍ନ ଅଞ୍ଚଳର ଜନସାଧାରଣ ଯୋଗଦେଇ ସେମାନଙ୍କ ଅଭିଯୋଗଗୁଡିକ ଅତିରିକ୍ତ ଜିଲାପାଳଙ୍କ ସହ ଅନ୍ୟାନ୍ୟ ଅଧିକାରୀମାନଙ୍କୁ ଭେଟି ଅବଗତ କରାଇଛନ୍ତି। କାର୍ଯ୍ୟକ୍ରମରେ ୨୭୪ଟି ଅଭିଯୋଗର ଶୁଣାଣି ହୋଇଥିଲା। ସେଥିରୁ ୨୬୪ଟି ବ୍ୟକ୍ତିଗତ ହୋଇଥିବା ବେଳେ ୧୦ ସାମୂହିକ ଅଭିଯୋଗ ରହିଛି। ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲାର ଅତିରିକ୍ତ ଜିଲାପାଳ ଲୀନା କୁମାରୀ ଖେସ୍, ଗଞ୍ଜାମ ଏସ୍‌ପି ଜଗମୋହନ ମୀନା, ଗଞ୍ଜାମ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଭି.କୀର୍ତ୍ତି ଭାସନ, ଡୁଡା ପିଡି ନୀଳମାଧବ ଭୋଇଙ୍କ ସମେତ ବହୁ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ରଣପୁର ବ୍ଲକ, ନଗର କଂଗ୍ରେସ କମିଟି ବୈଠକ



ବୈଠକରେ ସାମିଲ ହୋଇଥିବା କଂଗ୍ରେସ ନେତା ଓ କର୍ମୀମାନେ।

**ରାଜରାସ୍ତାକୁ ଓହ୍ଲାଇବାକୁ ଧମକ**

ରଣପୁର, ୬।୧୧(ସୁକାନ୍ତ କିଶୋର ଡାକୁଆ)

ରଣପୁର ବ୍ଲକ ଓ ନଗର କଂଗ୍ରେସ କମିଟି ମିଳିତ ବୈଠକ ରବିବାର ଶିମିଳି ଠାକୁରାଣୀ ପୀଠରେ ବ୍ଲକ କଂଗ୍ରେସ କମିଟି ସଭାପତି ଶତ୍ରୁଘ୍ନ ପାଇକରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଗାମୀଦିନରେ ପଞ୍ଚାୟତ ଓ ବୁଥ ସ୍ତରରେ ସଙ୍ଗଠନକୁ ମଜବୁତ କରିବା ସହ ଆସନ୍ତା ୯ ତାରିଖରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ଶ୍ରୀଜଗନ୍ନାଥ ମନ୍ଦିରର ୪ ଦ୍ୱାରା ଖୋଲିବା, ରତ୍ନଭଣ୍ଡାର ଗଣତି ମଣତି, ମରାମତି ଏବଂ ବେଦାନ୍ତ କମ୍ପାନୀ ଦ୍ୱାରା ଅଧିଗ୍ରହଣ ହୋଇଥିବା ଜଗନ୍ନାଥ ଅମୃତ ମଣହି ଜମି ଓ ଚାଷୀଙ୍କ ଚାଷ ଜମିକୁ ତୁରନ୍ତ ଫେରସ୍ତ କରିବା ଦାବିରେ କଂଗ୍ରେସ ପକ୍ଷରୁ ରଣପୁର ଜଗନ୍ନାଥ ମନ୍ଦିର ସମ୍ମୁଖରେ ସଂକୀର୍ତ୍ତନ ସତ୍ୟାଗ୍ରହ କରାଯିବ। ରଣପୁର ଅଞ୍ଚଳରେ ଜଳସେଚନ ଅଭାବରୁ ମରୁଡି ପରିସ୍ଥିତି ଦେଖା ଦେଲାଣି। ରଣପୁର ଅଞ୍ଚଳକୁ ମରୁଡି ଅଞ୍ଚଳ ଘୋଷଣା ଦାବିରେ ଗଣବିକ୍ଷୋଭ ପାଇଁ ନିଷ୍ପତ୍ତି ନିଆ ଯାଇଥିଲା। ଏହି ବୈଠକରେ ପ୍ରଦେଶ କଂଗ୍ରେସ କମିଟି ସଭ୍ୟ ତଥା ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଜାତୀୟ ସଙ୍ଗଠନ ସମ୍ପାଦକ ସତ୍ୟବ୍ରତ ନାୟକ ଯୋଗଦେଇଥିଲେ। ସେ କହିଥିଲେ, ରଣପୁରରେ ଜଳସେଚନ ଓ କ୍ଷୁଦ୍ର ଜଳସେଚନ ବିଭାଗର ସ୍ଥାଣୁତା ପାଇଁ ରଣପୁର ଅଞ୍ଚଳରେ ଥିବା ଜଳସେଚନ ପ୍ରକଳ୍ପ ଗୁଡିକ ପୋତି ହୋଇଗଲାଣି। ଏହାର ପୁନରୁଦ୍ଧାର କାର୍ଯ୍ୟ କରାଯାଉନାହିଁ। ପୁନରୁଦ୍ଧାର ପାଇଁ ଆସୁଥିବା ଅର୍ଥକୁ ବାଟମାରଣା କରୁଛନ୍ତି। ଏହାସହ ବିଭିନ୍ନ ଚେକ୍ ଡ୍ୟାମ, କେନାଲ କରିବା ନାମରେ ରଣପୁର ବ୍ଲକ, କ୍ଷୁଦ୍ର ଜଳସେଚନ ବିଭାଗ ବିପୁଳ ଟଙ୍କା କାମ ନ କରି ଠିକାଦାର ଓ ବିଭାଗୀୟ ଅଧିକାରୀ ଯନ୍ତ୍ରୀମାନେ ଲୁଟି ଚାଲିଛନ୍ତି। ଏହାକୁ ନେଇ ରଣପୁର ଚାଷୀ ପାଣି ନ ପାଇବାରୁ ମରୁଡିର ସମ୍ମୁଖୀନ ହେଉଛନ୍ତି। ନବୀନ ସରକାରଙ୍କ ନିର୍ବାଚନ ଘୋଷଣା ପ୍ରତ୍ୟେକ ବ୍ଲକରେ ୩୫ଭାଗ ଚାଷ ଜମିକୁ ଜଳସେଚନ ଘୋଷଣା ଧର୍ମକୁ ଆଖିଠାର ହୋଇଛି। ସ୍ଥାନୀୟ ବିଧାୟକ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଚାଷୀଙ୍କ ଉନ୍ନତି ପାଇଁ କୌଣସି ନୂତନ ଜଳସେଚନ ବ୍ୟବସ୍ଥା କରିନାହାନ୍ତି ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନଗର ସଭାପତି ସତ୍ୟରଞ୍ଜନ ମଲ୍ଲା. ଧ୍ରବ ଚରଣ ପରିଡା, ଭିକାରୀ ପାତ୍ର ପାର୍ବତୀ ପ୍ରଧାନ ଚନ୍ଦ୍ର ନାୟକ, ଉମେଶ ଚନ୍ଦ୍ର ସାହୁ, ମୀର ଆବୁବାକର ସିଦ୍ଦିକି, ସୁଦର୍ଶନ ପ୍ରଧାନ, ଅନିଲ ଛୁଆଳସିଂହ, ଶରତ ଦାଶ, ପ୍ରସନ୍ନ ସାମନ୍ତରାୟ, ପଞ୍ଚୁମାଝି, ମାନସ ମହାପାତ୍ର, ଭାସ୍କର ବେହେରା, ଅନିଲ ପରିଡା, ହୃଦାନନ୍ଦ କାଣ୍ଡି, ସୁଜିତ ସାହୁ, ସାରଦା ପ୍ରସନ୍ନ ସୁବୁଦ୍ଧି, ଭରତ ପ୍ରଧାନ, ଦେବଦତ୍ତ ବେହେରା, କୃଷ୍ଣ ସେଠୀ, ନିହାର ଦାଶ, ସୁବାସ ମହାନ୍ତି, ସୁରେଶ ମହାରଣା, ସୁବ୍ରତ ଦଳାଇ ପ୍ରମୁଖ ଶତାଧିକ କଂଗ୍ରେସ କର୍ମ ବିଭିନ୍ନ ପଞ୍ଚାୟତରୁ ଯୋଗ ଦେଇଥିଲେ।

# ଜିଲାରେ ଧାନ ଫସଲର ସ୍ଥିତି ସାଂଘାତିକ

ବ୍ରହ୍ମପୁର,୬।୧୧(ଅଶୋକ କୁମାର ସାହୁ): ଅନିୟମିତ ବର୍ଷା ଯୋଗୁ ଗଞ୍ଜାମ ଜିଲାରେ ଧାନ ଫସଲର ସ୍ଥିତି ସାଂଘାତିକ ହୋଇପଡ଼ିଛି। ଜିଲା କୃଷି ବିଭାଗ ପକ୍ଷରୁ ସର୍ବାଧିକ କ୍ଷତିଗ୍ରସ୍ତ ବ୍ଲକରେ ପ୍ରାଥମିକ ଅନୁସନ୍ଧାନ ପରେ ଧାନ ଫସଲ ଉଜୁଡ଼ିଯିବାର ଚିତ୍ର ସାମନାକୁ ଆସିଛି।

ଜିଲାରେ ଚଳିତ ଖରିଫ ଋତୁରେ ୪ ଲକ୍ଷ ହେକ୍ଟର ଜମିରେ ଧାନଚାଷ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ସେଥିରୁ ୧.୮୦ ଲକ୍ଷ ହେକ୍ଟର ଜମିରେ ଧାନ ଓ ବଳକା ଜମିରେ ଅଣଧାନଚାଷ ଲକ୍ଷ୍ୟଧାର୍ଯ୍ୟ ହୋଇଛି। ଉକ୍ତ ୪ ଲକ୍ଷ ହେକ୍ଟରରୁ ୩ ଲକ୍ଷ ହେକ୍ଟର ଜମି ଜଳସେଚନ ବ୍ୟବସ୍ଥା ଦ୍ୱାରା ଜଳସେଚିତ ହେଉଥିବାବେଳେ ଆଉ ୧ ଲକ୍ଷ ହେକ୍ଟର ବର୍ଷା ଜଳ ଉପରେ ନିର୍ଭର କରୁଛି। ବର୍ଷା ଅଭାବରୁ ଜିଲାରେ ଥିବା ନଦୀ, ନାଳ ଓ ଜଳଭଣ୍ଡାର ଗୁଡିକ ଶୁଖିଲା ପଡ଼ିଛି। ତେଣୁ ଧାନ ଫସଲକୁ ହେଲା ଭଳି ପାଣି ଯୋଗାଇବାରେ ଅସମ୍ଭବ ହୋଇଛି। ତେଣୁ ଚଳିତବର୍ଷ ଧାନ ସେଭଳି ଅମଳ ହୋଇପାରବନି ବୋଲି ଚାଷୀ ମହଲରୁ ମତ ମିଳୁଛି। ଧାନ ଫସଲର ସ୍ଥିତି ଜାଣିବା ପାଇଁ ଜିଲା କୃଷି ବିଭାଗ ପକ୍ଷରୁ ରିପୋର୍ଟ ମଗାଯିବା ପରେ ଜିଲାର ୨୨ ବ୍ଲକରୁ ସାଂଘାତିକ ରିପୋର୍ଟ ମିଳିଛି। ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅନୁରୋଧକ୍ରମେ ରାଜ୍ୟ କୃଷି ନିର୍ଦ୍ଦେଶାଳୟରୁ ଯୁଗ୍ମ କୃଷି ନିର୍ଦ୍ଦେଶକ ମଳୟ କୁମାର ଦ୍ୱାରୀ, ଅତିରିକ୍ତ କୃଷି ନିର୍ଦ୍ଦେଶକ ଟଙ୍କଧର ସାହୁ ଗତ ୩ ତାରିଖ ଏଠାରେ ପହଞ୍ଚି ଆଲୋଚନା କରିଥିଲେ। ଆଲୋଚନା ବେଳେ ଜିଲାର ଚିକିଟି, ପାତ୍ରପୁର, ଦିଗପହଣ୍ଡି, ସାନଖେମୁଣ୍ଡି, କବିସୂର୍ଯ୍ୟନଗର, ଆସିକା, ବେଲଗୁଣ୍ଠା ଆଦି ୭ ବ୍ଲକରେ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ଜାଣିପାରିଥିଲେ। ସେହି ଦିନ ହିଁ ଜିଲା ମୁଖ୍ୟ କୃଷି ଅଧିକାରୀ ସୁବ୍ରତ କୁମାର ସାହୁ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ସୁଜିତ କୁମାର ନାଥ, ବ୍ରହ୍ମପୁର କୃଷି ଜିଲା ଅଧିକାରୀ ସୁରେଶ ଚନ୍ଦ୍ର ମଲିକ, ଆସିକା କୃଷି ଜିଲା ଅଧିକାରୀ ପ୍ରଦୀପ କୁମାର ଦାଶ, ଭଞ୍ଜନଗର କୃଷି ଜିଲା ଅଧିକାରୀ ସୁଧାଂଶୁ ନନ୍ଦ, ଦିଗପହଣ୍ଡି କୃଷି ଜିଲା ଅଧିକାରୀ ବେଣୁଧର ପଣ୍ଡା ଓ ସହକାରୀ କୃଷି ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ନାଥ ପ୍ରମୁଖ ଉପରୋକ୍ତ ୭ ବ୍ଲକକୁ ଯାଇ ମରୁଡ଼ି ସ୍ଥିତି ଅନୁଧ୍ୟାନ କରିଥିଲେ। ପ୍ରାଥମିକ ଅନୁସନ୍ଧାନରୁ ୨୫ ହଜାର ୬୦୩ ହେକ୍ଟର ଜମିର ଫସଲ ମରୁଡିର ଦ୍ୱାର ଦେଶରେ ପହଞ୍ଚି ସାରିଥିବା ଜଣାପଡ଼ିଛି। ଯଦି ବର୍ଷା ହୁଏ ସେଥିରୁ ୧୦ ହଜାର ୨୮ ହେକ୍ଟର ଜମିର ଫସଲ କିଛି ମାତ୍ରାରେ ସୁଧୁରିଯିବ। କିନ୍ତୁ ବଳକା ୧୫ ହଜାର ୫୭୫ ହେକ୍ଟର ଜମିର ଫସଲ ମରୁଡ଼ିର ଶିକାର ହେବ ବୋଲି ସ୍ପଷ୍ଟ ହୋଇଯାଇଛି। ଯଦି ୭ ବ୍ଲକର ସ୍ଥିତି ଏଭଳି ତେବେ ବଳକା ୧୫ ବ୍ଲକର ସ୍ଥିତି କିଭଳି ଥିବ ତାହା ଏଥିରୁ ଅନୁମାନ କରାଯାଇପାରେ। ଯେଉଁ ଚାଷୀମାନେ କ୍ଷତିଗ୍ରସ୍ତ ହେବେ ସେମାନଙ୍କୁ ରବି ଫସଲରେ ଭରଣା କରିବା ପାଇଁ କ୍ଷେତ୍ର ପ୍ରଦର୍ଶନ ମାଧ୍ୟମରେ ସୁଯୋଗ ଦିଆଯିବ। ସେମାନଙ୍କୁ ମୁଗ, ବିରି, ଚିନାବାଦାମ, ରାଶି, ସୂର୍ଯ୍ୟମୁଖୀ ଆଦି ବିହନ ଦିଆଯିବ। ଦ୍ୱିତୀୟ ପର୍ଯ୍ୟାୟରେ ରାଜସ୍ୱ ବିଭାଗ ଓ କୃଷି ବିଭାଗ ପକ୍ଷରୁ ଯୁଗ୍ମ ଅନୁସନ୍ଧାନ ପରେ ଜିଲାରେ କେତେ ଧାନ ଫସଲ କ୍ଷତିଗ୍ରସ୍ତ ହୋଇଛି ତାହା ସ୍ପଷ୍ଟ ହେବ। ଚାଷୀଙ୍କୁ ସମବାୟ ବିଭାଗ ପକ୍ଷରୁ କ୍ଷତିପୂରଣ ଦିଆଯିବ। ତୃତୀୟ ପର୍ଯ୍ୟାୟଶସ୍ୟ କଟା ପରେ ଯେଉଁମାନେ ଫସଲ ବୀମା କରିଥିବେ ସେମାନେ ବୀମା ଅର୍ଥ ପାଇବେ ବୋଲ ଜିଲା ମୁଖ୍ୟ କୃଷି ଅଧିକାରୀ ସୁବ୍ରତ କୁମାର ସାହୁ ପ୍ରକାଶ କରଛନ୍ତି।



ସାନଖେମୁଣ୍ଡି ବ୍ଲକର ଗାଙ୍ଗପୁର ଅଞ୍ଚଳରେ କୃଷି କାର୍ଯ୍ୟାଳୟର ଅଧିକାରୀମାନେ ଧାନ ଫସଲର ସ୍ଥିତି ଅନୁଧ୍ୟାନ କରୁଛନ୍ତି।

## ସଂକ୍ଷେପରେ

### ଖେଳୁଥିବାବେଳେ ଗଡ଼ିଆରେ ପଡ଼ି ଶିଶୁକନ୍ୟା ମୃତ

**ଧର୍ମଶାଳା,୬।୧୧(ବଟକୃଷ୍ଣ ପରିଡ଼ା)**

ଧର୍ମଶାଳା ବ୍ଲକ ମିର୍ଜାପୁର ପଞ୍ଚାୟତ ସାଲେପୁର ଗ୍ରାମ ଖାଙ୍କିଡିହର ଜଣେ ୫ବର୍ଷର ଶିଶୁ କନ୍ୟା ଖେଳୁଥିବ ସମୟରେ ଗଡ଼ିଆରେ ପଡି ପ୍ରାଣ ହରାଇଛନ୍ତି । ସୋମବାର ଅପରାହ୍ନରେ ଏହି ଘଟଣା ଘଟିଛି । ମୃତକ ହେଲେ ମିର୍ଜାପୁର ପଞ୍ଚାୟତ ସାଲେପୁର ଗ୍ରାମ ଖାଙ୍କିଡିହର ରମେଶ ଜେନାଙ୍କ ଝିଅ ଦିପାଳୀ (୫) । ସେ ନିଜ ସାଙ୍ଗମାନଙ୍କ ସହିତ ଗଡ଼ିଆହୁଡାରେ ଖେଳୁ ଥିବା ସମୟରେ ଅସାବଧାନତା ବଶତଃ ଗଡ଼ିଆରେ ଖସିପଡିଥିଲେ । ପରିବାର ଲୋକେ ବହୁ ଖୋଜାଖୋଜି କରିବାପରେ ଝିଅ ଗଡ଼ିଆରେ ପଡିଥିବା ଜାଣିବାକୁ ପାଇଥିଲେ । ତାଙ୍କୁ ଗ୍ରାମବାସୀଙ୍କ ସହାୟତାରେ ଉଦ୍ଧାର କରାଯାଇ ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ଦୁଃଖଦ ଘଟଣା ଜଣାପଡିବାରେ ସେହି ଗାଁରେ ଶୋକର ଛାୟା ଖେଳିଯାଇଛି ।

### ଦୁର୍ଘଟଣାରେ ମହିଳା ସ୍ୱାସ୍ଥ୍ୟ କର୍ମୀଙ୍କ ମୃତ୍ୟୁ

**ରାଜନଗର, ୬।୧୧(ଭାସ୍କର ରାଉତରାୟ)**

ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମହିଳା ସ୍ୱାସ୍ଥ୍ୟକର୍ମୀ ଶକୁନ୍ତଳା ରାଉତଙ୍କ ଦୁର୍ଘଟଣାରେ ସୋମବାର ସନ୍ଧ୍ୟାରେ ମୃତ୍ୟୁ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୫୮ ବର୍ଷ ବୟସ ହୋଇଥିଲା । ୧ ତାରିଖରେ ଦିନ ଟୀକାକରଣ ସାରି ଫେରୁଥିବା ବେଳେ ସଡକ ଦୁର୍ଘଟଣାର ଶିକାର ହୋଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ସୋମବାର ତାଙ୍କ ମୃତ୍ୟୁ ଘଟିଛି । ସ୍ୱାସ୍ଥ୍ୟକର୍ମୀ ରାଉତ ଦକ୍ଷତାର ସହିତ କାର୍ଯ୍ୟ କରି ବହୁ ପ୍ରଶଂସା ସାଉଁଟି ଥିଲେ । ତାଙ୍କ କାର୍ଯ୍ୟ ଦକ୍ଷତାକୁ ମୂଲ୍ୟାଙ୍କନ କରି ସ୍ୱାସ୍ଥ୍ୟ ବିଭାଗ ପୁରସ୍କୃତ କରିଥିଲେ । ୧ ତାରିଖରେ ଜଗିମୂଳ ଅଙ୍ଗନୱାଡି ସେଣ୍ଟରରେ ଟୀକାଦାନ କରି ଦିନ ପ୍ରାୟ ୨ଟା ବେଳେ ସ୍କୁଟି ଯୋଗେ କମ୍ୟୁନିଟି ହେଲ୍‌ଥ ଅଫିସରଙ୍କ ସହ ଫେରୁଥିଲେ । ପଛପଟୁ ଏକ ଅଟୋ ଧକ୍କା ଦେବାରୁ ସେ ଛିଟିକି ପଡିଥିଲେ । ତାଙ୍କ ମୁଣ୍ଡର ପଛପଟ ମାଡ ହୋଇଥିଲା । ଚେତାଶୂନ୍ୟ ଅବସ୍ଥାରେ ତାଙ୍କୁ ପ୍ରଥମେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ରାଜନଗର ବ୍ଲକର ବନ୍ଧପଡ଼ା ପଞ୍ଚାୟତର ମଧପଡା ଗାଁରେ ତାଙ୍କ ଘର । ସେ ରାଜନଗରସ୍ଥିତ ଶ୍ରୀ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗର ବରିଷ୍ଠ ଅଧ୍ୟାପକ ଅଭିମନ୍ୟୁ ରାଉତଙ୍କ ସ୍ତ୍ରୀ । ତାଙ୍କ ଅକାଳ ବିୟୋଗରେ ରାଜନଗର ବିଧାୟକ ଧ୍ରୁବ ସାହୁ, ପଞ୍ଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର, ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଅତୁଳ ବଳ, ଖବରଦାତା ଭାସ୍କର ରାଉତରାୟ, ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ରଶ୍ମୀ ରଞ୍ଜନ ମହାନ୍ତି, ଡା. ପ୍ରଣବ କୁମାର ଶୁକ୍ଳା, ଡା. ଆଶୁତୋଷ ବାରିକ, ଡା. ଶ୍ରଦ୍ଧାଞ୍ଜଳି ବଳ, ଡା. ଲଳିତ ମୋହନ ରଥ, ଡା. ଆଦିତ୍ୟ ପ୍ରଧାନ, ଡା. ମନୋରଞ୍ଜନ ନାଥ, ଡା. ଟିଟି ମିଶ୍ରଙ୍କ ସମେତ ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀମାନେ ଗଭୀର ଶୋକ ବ୍ୟକ୍ତ କରିଛନ୍ତି ।

# ଚିକିତ୍ସାରେ ଅବହେଳା, ନବଜାତ ଶିଶୁର ମୃତ୍ୟୁ ଅଭିଯୋଗ

**କାଏମା,୬।୧୧( ଶିବପ୍ରସାଦ ମହାନ୍ତି)**

ଯାଜପୁର ଜିଲା ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସୋମବାର ଏକ ନବଜାତ ଶିଶୁର ମୃତ୍ୟୁ ଘଟିଛି । ଜନ୍ମ ହେବାର ୪ ଦିନ ପରେ ଚିକିତ୍ସାରେ ଅବହେଳା ଯୋଗୁ ନବଜାତକର ମୃତ୍ୟୁ ଘଟିଥିବା ତାଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି ।

ସୂଚନା ଅନୁଯାୟୀ, ଗତ ଶୁକ୍ରବାର ସକାଳ ୮ଟା ସମୟରେ ଦୁର୍ଗାପୁର ଗ୍ରାମର ଅଶୋକ ଭୁଡିଆଙ୍କ ସ୍ତ୍ରୀ ମାନସୀଙ୍କ ଗର୍ଭଯନ୍ତ୍ରଣା ହେବାରୁ ତାଙ୍କୁ ଧର୍ମଶାଳା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ଡାକ୍ତର ପ୍ରାଥମିକ ଚିକିତ୍ସା କରି ସବୁ ଠିକ୍ ଅଛି ବୋଲି କହିଥିଲେ । ସେଦିନ



ଡାକ୍ତରଖାନାରେ ଶୋକାକୁଳ ପରିବାର ସଦସ୍ୟ ।

ରାତ୍ର ୯ଟା ୪୫ରେ ମାନସୀଙ୍କ ନର୍ମାଲ ଡେଲିଭରି ହୋଇଥିଲା । ସେ ଏକ ଶିଶୁପୁତ୍ର ଜନ୍ମ ଦେଇଥିଲେ । ଜନ୍ମ ହେବା ପରେ ଶିଶୁର ସ୍ୱାସ୍ଥ୍ୟବସ୍ଥା ଠିକ୍ ଥିବା ଡାକ୍ତର କହିଥିଲେ । ଶିଶୁକୁ ତା'ପରଦିନ ଇଞ୍ଜେକଶନ ଦିଆଯାଇଥିଲା । ଏହାପରେ ଶିଶୁକୁ ଜ୍ୱର ହୋଇଥିବା ମା' ମାନସୀ ଚିକିତ୍ସା କରୁଥିବା ଡାକ୍ତରଙ୍କୁ ଜଣାଇଥିଲେ । ଇଞ୍ଜେକଶନ ନେଲେ ଏମିତି ହୁଏ ବୋଲି ସେ କହିଥିଲେ । ରବିବାର ରାତିରେ ପିଲାଟି ରାହାଧରି କାନ୍ଦିଥିଲା । ମାନସୀ ଯାଇ ଡାକ୍ତରଙ୍କୁ ଖୋଜିଥିଲେ ମଧ୍ୟ ପାଇ ନ ଥିଲେ । ପରେ ନର୍ସ ଥିବା ରୁମକୁ ଯାଇ ଡାକିଥିଲେ କିନ୍ତୁ କେହି କବାଟ ଖୋଲି ନ ଥିଲେ ବୋଲି ମାନସୀ ଅଭିଯୋଗ କରିଛନ୍ତି । ସୋମବାର ସକାଳୁ ନବଜାତଙ୍କ ମୃତ୍ୟୁ ଘଟିଥିଲା । ଏ ନେଇ ମେଡିକାଲ ଅଫିସର ମାନସ ରଞ୍ଜନ ସ୍ୱାଇଁଙ୍କୁ ପ୍ରଶ୍ନ କରିବାରୁ ସେ କହିଛନ୍ତି ଚିକିତ୍ସାରେ କୌଣସି ଅବହେଳା ହୋଇନାହିଁ ।

# ଛତିଆରେ ଜବରଦଖଲ ଉଚ୍ଛେଦ



ଜବରଦଖଲ ଉଚ୍ଛେଦ କରାଯାଉଛି ।

**ଛତିଆ,୬।୧୧(ସୌମ୍ୟ ରଞ୍ଜନ ସାହୁ )**

ଯାଜପୁର ଜିଲା ଦର୍ପଣ ତହସିଲ ଅଧୀନ ଛତିଆ ଆରଆଇ ସର୍କଲ ଅଧୀନରେ ଥିବା ବାବୁଗଞ୍ଜ ମୌଜାରେ ଖାତା ନଂ.୨୩ରେ ୨୨,୨୩,୨୪ ପ୍ଲଟ୍ ରହିଛି । ଏହି ଖାତା ସରକାରୀ ରକ୍ଷିତ ଖାତା ଥିଲେ ମଧ୍ୟ ଏକାଧିକ ଘର ନିର୍ମାଣ କରାଯାଇଥିଲା । ଜବରଦଖଲକାରୀମାନେ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ କରି ବ୍ୟବସାୟ କରି ଆସୁଥିଲେ । ୨୨ନଂ. ପ୍ଲଟ୍ ଉପରେ କେତେଜଣ ଲୋକ ବ୍ୟବସାୟ କରି ଗୁଜୁରାଣ ମେଣ୍ଟାଇ ଆସୁଥିଲେ । କିନ୍ତୁ ଗତ ମେ' ୨୫ରେ ଦର୍ପଣ ତହସିଲ ପକ୍ଷରୁ ୨ଟି ଦୋକାନକୁ ଅଦାଲତଙ୍କ ନିର୍ଦ୍ଦେଶରେ ଭଙ୍ଗାଯାଇଥିଲା । ମାତ୍ର ଭଙ୍ଗାଯାଇଥିବା କୋଠାର ଅବଶିଷ୍ଟାଂଶ ସେହିଠାରେ ପଡିରହିଥିଲା । ସୋମବାର ଯାଜପୁର ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଦର୍ପଣ ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ, ଛତିଆ ରାଜସ୍ୱ ନିରୀକ୍ଷକ ଅମରେନ୍ଦ୍ର ସାହୁ, ସୁପରଭାଇଜର ଜଗନ୍ନାଥ ଖଟୁଆ, ସାଗର ରଞ୍ଜନ ସାହୁ, ଦେବେନ୍ଦ୍ର ନାୟକ ଓ ବୈରୀ ଥାନା ସବ୍ ଇନ୍ସପେକ୍ଟର ଜହର ଆବେଦିନ, ସୁଜିତ ସିଂ ଓ ପୋଲିସ କର୍ମଚାରୀ ଉପସ୍ଥିତରେ ଜେସିବି ମେଶିନ ଓ ଟ୍ରାକ୍ଟର ଲଗାଇ ସେହି ସ୍ଥାନରୁ ଅବଶିଷ୍ଟାଂଶ ହଟାଯାଇଥିଲା ।

# ଦାବି ପୂରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର



ଓଡ଼ିଶା ଗ୍ରାମପଞ୍ଚାୟତ କର୍ମଚାରୀ ସଂଘ ପକ୍ଷରୁ ଧାରଣା ଦିଆଯାଇଛି ।

**ରସୁଲପୁର,୬।୧୧(ରଞ୍ଜିତ ରାଉତ)**

## ଓଡ଼ିଶା ଗ୍ରାମପଞ୍ଚାୟତ କର୍ମଚାରୀ ସଂଘ ବୈଠକ

■ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆନ୍ଦୋଳନ

ଯାଜପୁର ଜିଲା ରସୁଲପୁର ବ୍ଲକ ଅଧୀନ ରସୁଲପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଓଡ଼ିଶା ଗ୍ରାମ ପଞ୍ଚାୟତ କର୍ମଚାରୀ ସଂଘ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । କର୍ମଚାରୀ ସଂଘର ଜିଲା ସଭାପତି ବଳରାମ ଚୁହଣଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଜିଲାର ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟରତ କର୍ମଚାରୀମାନେ ଯୋଗଦେଇଥିଲେ । ସଂଘ ପକ୍ଷରୁ ୮ଦଫା ଦାବି ସମ୍ପର୍କରେ ଆଲୋଚନା କରାଯାଇଥିଲା । ଦାବି ଗୁଡିକ ସମ୍ପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ସର୍ବ ସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି । କର୍ମଚାରୀମାନଙ୍କ ଦୀର୍ଘଦିନର ଦାବିକୁ ରାଜ୍ୟ ସରକାର ଅଣଦେଖା କରିଆସୁଛନ୍ତି । ସ୍ଥାୟୀ ନିଯୁକ୍ତି ଓ ନିୟମିତ ଦରମା, ସମାନ କାମକୁ ସମାନ ଦରମା ପ୍ରଦାନ, କର୍ମଚାରୀମାନଙ୍କ ପାଇଁ ରାଜ୍ୟ ବଜେଟରେ ସ୍ୱତନ୍ତ୍ର ବ୍ୟୟ ବରାଦ କରିବା, ପଞ୍ଚାୟତିରାଜ ବିଧି ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରିବା ସହ ଇ-ଗଭର୍ଣ୍ଣାନ୍ସ ପୋର୍ଟାଲରେ କର୍ମଚାରୀମାନଙ୍କ ତାଲିକାକୁ ପଞ୍ଜିକରଣ କରିବା, ଶିକ୍ଷାଗତ ଯୋଗ୍ୟତା ଭିତ୍ତିରେ ପଦନ୍ନୋତି , ଶ୍ରମ ଓ ନିୟୋଜନ ବିଭାଗ ଦ୍ୱାରା ଘୋଷିତ ସର୍ବନିମ୍ନ ମଜୁରୀ ଦୈନିକ ୩୫୨ଟଙ୍କାରୁ କମ୍ ହେଉ ନ ଥିବା ପାରିଶ୍ରମିକ ପ୍ରଦାନ କରିବା, ଚାକିରୀ କ୍ଷେତ୍ରରେ ସୁରକ୍ଷା ପ୍ରଦାନ କରିବା, ପଞ୍ଚାୟତରାଜ ବ୍ୟବସ୍ଥାରେ କର୍ମଚାରୀମାନଙ୍କ ପାଇଁ ଗ୍ରାଣ୍ଟ-ଇନ୍-ଏଡ ବ୍ୟବସ୍ଥା ଲାଗୁ କରିବା ଭଳି ଦାବି ଉପସ୍ଥାପନ କରାଯାଇଥିଲା । ଏଥିରେ ବ୍ୟତିକ୍ରମ ଘଟିଲେ କର୍ମଚାରୀମାନେ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବାକୁ ବାଧ୍ୟ ହେବେ । ବିଧାନସଭା ସମ୍ମୁଖରେ ଧାରଣାରେ ବସିବେ ବୋଲି ସୂଚନା ଦିଆଯାଇଛି ।

ଆୟୋଜିତ ବୈଠକରେ ସଂଘର କାର୍ଯ୍ୟକର୍ତ୍ତା କାଶୀନାଥ ଦାସ, ମାନସ ମଲିକ, ମୋହନ କୁମାର ଦାସ, ଗୁରୁଚରଣ ମାଝି, ଦାମୋଦର ସାହୁ, ଗଙ୍ଗାଧର ରାଉତ, ଅଭୟ ପାତ୍ର, ବିଶ୍ୱଜିତ୍ ମହାନ୍ତି, ସଂଗ୍ରାମ କୁମାର ପଣ୍ଡା, ବିଜ୍ଞାନ ମଲିକ, ଭରତ ଚନ୍ଦ୍ର ସେଠୀ, ତ୍ରିଲୋଚନ ଜେନା, ଅଶୋକ ସାହୁ, ମହେଶ୍ୱର ନାୟକ, ଗୋପୀନାଥ ପଣ୍ଡା, ସନ୍ତୋଷ ସାହୁ, ବଳରାମ ସାହୁ, ଜଳଧର ପରିଡ଼ା, ଉଦୟନାଥ ସାହୁ, ସୁବାସ ସାହୁ, ମହେଶ୍ୱର ନାୟକ ପ୍ରମୁଖ ଯୋଗଦେଇ କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ ।

## ଭୂତକୋଠି ପାଲଟିଛି ପ୍ରାଣୀଧନ ଚିକିତ୍ସାଳୟ

**କାଳିଆପାଣି,୬।୧୧(ଅସିତ ମହାନ୍ତ)**

ଯାଜପୁର ଜିଲା ସୁକିନ୍ଦା ବ୍ଲକ ଦୁଧୁଜୁରି ପଞ୍ଚାୟତର ମଠଛକରେ ଥିବା ପ୍ରାଣୀଧନ ଚିକିତ୍ସାଳୟ ଏବେ ଭୂତକୋଠି ପାଲଟିଛି । କର୍ମଚାରୀଙ୍କ ଯାତାୟତ ନ ଥିବାରୁ କୌଣସି ଗାଈଗୋରୁ ସେବା ସେଠାରେ ମିଳୁନି । ପ୍ରାଣୀଧନ ଚିକିତ୍ସାଳୟ ପାଇଁ ନିଯୁକ୍ତି ପାଇଥିବା ଏଲ୍‌ଆଇ (ପଶୁ ସହାୟକ) ନିଜ ମନଇଚ୍ଛା କାର୍ଯ୍ୟାଳୟକୁ ଆସୁଛନ୍ତି । ଅଧିକାଂଶ ସମୟରେ ସେ ଅନୁପସ୍ଥିତ ରହୁଥିବା ଅଭିଯୋଗ ହୋଇଛି । ବିଭିନ୍ନ ସମୟରେ ପଶୁ ସମ୍ପଦ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି । ଆବଶ୍ୟକ ତଥା ଜରୁରୀ ଚିକିତ୍ସା ସେବା ଅଭାବରୁ ସେମାନଙ୍କ ମୃତ୍ୟୁ ଘଟୁଛି । ଏଲ୍‌ଆଇଙ୍କ ଅନୁପସ୍ଥିତି ଯୋଗୁ ଗୃହପାଳିତ ପଶୁଙ୍କ ଅକାଳରେ ମୃତ୍ୟୁ ଘଟୁଥିବା ଦୁଧୁଜୁରି ପଞ୍ଚାୟତର ରଘୁନାଥ ପାଣିଗ୍ରାହୀ, ସହଦେବ ପରିଡ଼ା, ମିଳନ ଦାସ ପ୍ରମୁଖ ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷେ ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ଉକ୍ତ ସହାୟକ କେନ୍ଦ୍ର ଭୂତକୋଠି ପାଲଟିଛି । ଏ ନେଇ ସୁକିନ୍ଦା ପଶୁ ଚିକିତ୍ସାଳୟର ଚିକିତ୍ସକ ସମୀର ବେହେରାଙ୍କୁ ଯୋଗାଯୋଗ କରାଯାଇଥିଲା । ହେଲେ ତାଙ୍କ ସହିତ ଯୋଗଯୋଗ ସମ୍ଭବ ହୋଇପାରିନାହିଁ ।

## କୋଇଲା ବୋଝେଇ ଟ୍ରକ୍ ଜବତ

**ଭଣ୍ଡାରିପୋଖରୀ,୬।୧୧ (ରବିନାରାୟଣ ଖିଲାର)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ପୋଲିସ ଛଡାବର ଟୋଲ୍‌ଗେଟ ନିକଟରୁ ଏକ ବେଆଇନ କୋଇଲା ବୋଝେଇ ଟ୍ରକ୍ ଜବତ କରିଛି । ରବିବାର ବିଳମ୍ବିତ ରାତିରେ ଥାନା ଅଧିକାରୀ ଅଜୟ ସୁଦର୍ଶନ ବାଗେଙ୍କ ନେତୃତ୍ୱରେ ପାଟ୍ରୋଲିଂ ଚାଲିଥିବା ସମୟରେ ଟ୍ରକ୍‌ଟି କଟକ ପଟୁ ଭଦ୍ରକ ଅଭିମୁଖେ ଆସୁଥିବା ବେଳେ ଟୋଲ୍‌ଗେଟ ନିକଟରେ ପୋଲିସ ଅଟକ ରଖିଥିଲା । କାଗଜପତ୍ର ଯାଞ୍ଚ ବେଳେ ବେଆଇନ କୋଇଲା ପରିବହନ ହେଉଥିବା ଜଣାପଡ଼ିଥିଲା । ଟ୍ରକ୍ ଚାଳକ ଭଦ୍ରକ ମିର୍ଜାପୁରର ଏସ୍.କେ. ରିୟାଉଦ୍ଦିନ ଓ ହେଲ୍‌ପରଙ୍କୁ ଗିରଫ କରାଯାଇଛି ।

# ମୋ ଗାଁରେ ସତ୍ୟସାଇ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଶ୍ରଦ୍ଧାଳୁ ।

**ବଡଚଣା,୬।୧୧(ଦିଲୀପ ମହାନ୍ତି)**

ଶ୍ରୀ ସତ୍ୟସାଇ ଭଜନ ମଣ୍ଡଳ ଚଣ୍ଡିଖୋଲ ପକ୍ଷରୁ ନିଶିମଳାସ୍ଥିତ ସାଇ ମନ୍ଦିର ପରିସରରେ ମୋ ଗାଁରେ ଶ୍ରୀ ସତ୍ୟସାଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ବରଜୁପୁର ସତ୍ୟସାଇ ଭଜନ ମଣ୍ଡଳୀର ଅଧ୍ୟାତ୍ମିକ ସଂଯୋଜକ ରଶ୍ମି ସାହୁ ଯୋଗଦେଇଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ସତ୍ୟସାଇ ଭଜନ ମଣ୍ଡଳୀର ଆବାହକ ପ୍ରଭାତ କୁମାର ଜେନା, ସାଇ ଆଶ୍ରିତ ଶିବରାମ ସାହୁ, ପ୍ରଦୀପ ଜେନା, ବୀରକିଶୋର ଖଣ୍ଡାଇ, ଅଶାନ୍ତ ମଲିକ, ହେମନ୍ତ ନାୟକ, କାଞ୍ଚନବାଳା ହାଂସଦା, ଶୈଳବାଳା ଜେନା, ସୁମତି ହାଂସଦା, ଗଦାଧର ଓଝା, ସୁଦର୍ଶନ ବାରିକ, ସରପଞ୍ଚ ଅଞ୍ଜୁଲତା ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ । ଭଗବାନ ଶ୍ରୀସତ୍ୟସାଇ ବାବା ଦେଶରେ ଅବତାରୀ ପୁରଷ ଭାବେ ଆବିର୍ଭାବ ହୋଇ ଜନସେବା ଓ ସମସ୍ତଙ୍କୁ ଭଲପାଇବା ପାଇଁ ପରାମର୍ଶ ଦେଇଥିଲେ । ସେ ହେଉଛନ୍ତି ପ୍ରେମ ସ୍ୱରୁପ ଭଗବାନ, ତାଙ୍କର ସମସ୍ତ କାର୍ଯ୍ୟକୁ ଆମେ ସମସ୍ତେ ଗ୍ରହଣ କରିପାରିଲେ ଭଲ ମଣିଷ ହୋଇପାରିବା ବୋଲି ମୁଖ୍ୟ ଅତିଥି ସାହୁ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ । ସାହୁ ବାବାଙ୍କ ଫଟୋଚିତ୍ର ସମ୍ମୁଖରେ ସନ୍ଧ୍ୟା ଆଳତୀ ପ୍ରଦାନ କରିଥିଲେ । ଏହି ଅବସରରେ ଆଧ୍ୟାତ୍ମିକ ବ୍ୟକ୍ତି ଓ ସଫଳ ଚାଷୀ ସୀତାକାନ୍ତ ମଲିକ ଓ କୁଳମଣି ମଲିକଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଟ୍ରକ୍‌କୁ ଧକ୍କା ଦେଲା ହାଇୱା, ଡ୍ରାଇଭର ଗୁରୁତର

**ବାହାନଗା, ୬।୧୧(ଅରୂପ କୁମାର ଦାସ)**

୧୬ନଂ. ଜାତୀୟ ରାଜପଥ ଶେରଗଡ ଟୋଲଗେଟ୍‌ଠାରେ ଶନିବାର ରାତିରେ ଛିଡା ହୋଇଥିବା ଏକ ଟ୍ରକକୁ ଧକ୍କା ଦେଇ ହାଇୱାର ଡ୍ରାଇଭର ଗୁରୁତର ହୋଇଛନ୍ତି । ଦମକଳବାହିନୀ ତାଙ୍କୁ ଉଦ୍ଧାର କରି ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି । ମାଲ ବୋଝେଇ ଟ୍ରକ୍ ଛିଡା ହୋଇଥିବା ବେଳେ ହାଇୱା ପଛପଟୁ ଧକ୍କା ଦେଇଥିଲା । ହାଇୱା ଡ୍ରାଇଭର ଜଳେଶ୍ୱର ଶିଖରପୁର ଗ୍ରାମର ଅଶୋକ ଗିରି ଚାପିହୋଇ ଗୁରୁତର ହୋଇଥିଲେ । ଖନ୍ତାପଡା ଥାନା ପୋଲିସ ପହଞ୍ଚି ନୀଳଗିରି ଦମକଳବାହିନୀକୁ ଖବର ଦେଇଥିଲା । ସେମାନେ ପହଞ୍ଚି ଡ୍ରାଇଭରଙ୍କୁ ଉଦ୍ଧାର କରିବାରେ ବିଫଳ ହୋଇଥିଲେ । ବାହାନଗା ଦମକଳ ବିଭାଗ ଅଧିକାରୀ ନୀଳକଣ୍ଠ ମହାନ୍ତିଙ୍କ ନେତୃତ୍ୱରେ ଏକ ଟିମ୍ ଯାଇ ଉଦ୍ଧାର କରିଥିଲେ ।

# ଜାତୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା: କେ. ଆୟୁସି ମନୋନୀତ




କେ. ଆୟୁସିଙ୍କୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି ।

**ରସୁଲପୁର,୬।୧୧(ରଞ୍ଜିତ ରାଉତ)**

ରସୁଲପୁର ବ୍ଲକ କଲଣ ଗ୍ରାମର କେ.ଆୟୁସି ଜାତୀୟ କେନ୍ଦ୍ରୀୟ ବିଦ୍ୟାଳୟସ୍ତରୀୟ ୧୪ବର୍ଷରୁ କମ୍ ବର୍ଗର ବ୍ୟାଡମିଣ୍ଟନ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି । ଏଥିପାଇଁ ସେ ପୁନେଠାରେ ଚାଲିଥିବା ଜାତୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଛନ୍ତି । ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ କୃତୀତ୍ୱ ଅର୍ଜନ କରିଥିବା ୪ଜଣ ଖେଳାଳିଙ୍କୁ ଜାତୀୟ ପ୍ରତିଯୋଗିତା ପାଇଁ ଚୟନ କରାଯାଇଛି । ସେଥିମଧ୍ୟରେ ଆୟୁସି ଅନ୍ୟତମ । ସେ ଉତ୍ତମ ଖେଳ ପ୍ରଦର୍ଶନକରି ତାଙ୍କ ବିଦ୍ୟାଳୟ ଓ ରାଜ୍ୟ ପାଇଁ ଗୌରବ ଆଣିବେ ବୋଲି ଆୟୁସିଙ୍କ କ୍ରୀଡା ପ୍ରଶିକ୍ଷକ, ମାତାପିତା, ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକମାନେ ଆଶାବାଦୀ ଅଛନ୍ତି ।

ରେଳ ସୁରକ୍ଷା ବାହିନୀର ସବ୍-ଇନ୍ସପେକ୍ଟର ଅମୀୟ ଭୂଷଣ ସାହୁଙ୍କ ବଡ଼ ଝିଅ କେ. ଆୟୁସି ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ-୪ର ସପ୍ତମ ଶ୍ରେଣୀର ଛାତ୍ରୀ । ସେ ଜଣେ ମେଧାବୀ ଛାତ୍ରୀ । ତାଙ୍କର ବ୍ୟାଡ୍‌ମିଟନ ପ୍ରତି ବିଶେଷ ରୁଚି ରହିଛି । ଏଥିପାଇଁ ତାଙ୍କୁ ଭୁବନେଶ୍ୱର ସାଇ ହଷ୍ଟେଲ ତରଫରୁ ପ୍ରଶିକ୍ଷଣ ଦିଆଯାଉଛି । ଚଳିତ ବର୍ଷ ଅନୁଗୋଳସ୍ଥିତ ଏନ୍‌ଟିପିସି ଖେଳ ପଡ଼ିଆରେ ଅଗଷ୍ଟ ୭ରୁ ୯ ତାରିଖରେ ଯାଏ ରାଜ୍ୟସ୍ତରୀୟ କେନ୍ଦ୍ରୀୟ ବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ୧୪ବର୍ଷରୁ କମ୍ ବର୍ଗରେ ଆୟୁସି ଅଂଶଗ୍ରହଣ କରି ରାଜ୍ୟରେ ୪ର୍ଥ ସ୍ଥାନ ଅର୍ଜନ କରିଥିଲେ । ତାଙ୍କୁ ମିଶାଇ ରାଜ୍ୟରୁ ୪ଜଣ ଖେଳାଳିଙ୍କୁ ଜାତୀୟ କେନ୍ଦ୍ରୀୟ ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବାକୁ ମନୋନୀତ କରାଯାଇଥିଲା । ଏହି ପ୍ରତିଯୋଗିତା ପାଇଁ ସେ ବହୁ ପରିଶ୍ରମ କରିଛନ୍ତି । ଉନ୍ନତ ଖେଳ ପ୍ରଦର୍ଶନକରି ସେ ଜାତୀୟସ୍ତରରେ ଚୟନକର୍ତ୍ତାମାନଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚେଷ୍ଟା କରିବେ ବୋଲି ତାଙ୍କ ଦାଦା ଦେବବ୍ରତ ସାହୁ କହିଛନ୍ତି ।

# ତଦନ୍ତରେ ଶିଥିଳତା, ଅଭିଯୋଗକୁ ଚାପି ଦେବାକୁ ଉଦ୍ୟମ

**ରସୁଲପୁର,୬।୧୧(ରଞ୍ଜିତ ରାଉତ)**

## ଚାଉଳ ବଦଳରେ ଗହମ ବଣ୍ଟନ ପ୍ରସଙ୍ଗ

ରସୁଲପୁର ବ୍ଲକ ଅଧୀନ ନଠୁଆବର ଓ ବଡକଇଁଚି ପଞ୍ଚାୟତରେ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ କାର୍ଡଧାରୀଙ୍କ ମଧ୍ୟରୁ ୧୪୦୦ଜଣଙ୍କୁ ଚଳିତବର୍ଷ ସେପ୍ଟେମ୍ବରରେ ଚାଉଳ ବଦଳରେ ଗହମ ବଣ୍ଟନ କରାଯାଇଥିଲା । ସ୍ଥାନୀୟ ରିଟେଲର ରବିନ୍ଦ୍ର ତ୍ରିପାଠୀ (କୋଡ ନମ୍ବର-୧୩୦୧ସି୦୦୯) ଆନୁମାନିକ ୨୦୦ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଗହମ ବଣ୍ଟନ କରିଥିଲେ । ସେ ହିତାଧିକାରୀମାନଙ୍କୁ ଚାଉଳ ବଦଳରେ ଗହମ ବାଣ୍ଟିଥିଲେ ବୋଲି ଅଭିଯୋଗ ହୋଇଥିଲା । ଏହାକୁ ନେଇ ସମଗ୍ର ବ୍ଲକ ଅଞ୍ଚଳର କାର୍ଡଧାରୀଙ୍କ ମଧ୍ୟରେ ଅଭିଯୋଗର ସ୍ୱର ଉଠିଥିଲା । ଅନ୍ୟ ଡିଲରମାନେ ଚାଉଳ ବାଣ୍ଟୁଥିବା ବେଳେ ରିଟେଲର ତ୍ରିପାଠୀ ଗହମ କେଉଁଠୁ ଆଣିଲେ ବୋଲି ସାଧାରଣରେ ଅଭିଯୋଗ ହୋଇଥିଲା । ଉକ୍ତ ଅଭିଯୋଗ ଆଧାରରେ ଯାଜପୁର ଜିଲା ଯୋଗାଣ ବିଭାଗ ପକ୍ଷରୁ ତଦନ୍ତ କରାଯାଇଥିଲା । ଅତିରିକ୍ତ ଯୋଗାଣ ଅଧିକାରିଣୀ ରଶ୍ମିତା ସାହୁଙ୍କ ନେତୃତ୍ୱରେ ଏକ ୩ ଜଣିଆ ଟିମ୍ ଘଟଣାର ତଦନ୍ତ କରିଥିଲେ । ଅକ୍ଟୋବରରେ ତଦନ୍ତ କରାଯାଇଥିଲା । ଇତିମଧ୍ୟରେ ମାସେ ବିତବାକୁ ବସିଲାଣି । ଏଯାଏ ତଦନ୍ତ ରିପୋର୍ଟ ପ୍ରସ୍ତୁତ ହୋଇପାରିଲା ନାହିଁ । ତଦନ୍ତରେ ଶିଥିଳତାକୁ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଉଛି । ଉକ୍ତ ଟିମ୍ ତଦନ୍ତକୁ ହାଲୁକା ଭାବେ ନେଉଥିବା ଅଭିଯୋଗ ହେଉଛି । ତଦନ୍ତରେ ରିଟେଲଙ୍କ ତ୍ରୁଟି ଧରାପଡିଥିବା ତଦନ୍ତ ଅଧିକାରୀ ସ୍ୱୀକାର କରୁଛନ୍ତି । ମାତ୍ର ରିଟେଲର ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ଏହି ଅଭିଯୋଗକୁ ଚପାଇ ଦେବାକୁ ଉଦ୍ୟମ କରାଯାଉଥିବା ମତ ପ୍ରକାଶ ପାଇଛି ।

ସୂଚନାଯୋଗ୍ୟ, କେନ୍ଦ୍ର ସରକାରଙ୍କ ପକ୍ଷରୁ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଗହମକୁ ବନ୍ଦ କରି ଦିଆଯାଇଛି । ସେପ୍ଟେମ୍ବର ୨୦୨୨ରୁ ମାର୍ଚ୍ଚ୨୦୨୩ ପର୍ଯ୍ୟନ୍ତ ଗହମ ଯୋଗାଣ ବନ୍ଦ ରହିବ ବୋଲି ସରକାର ଘୋଷଣା କରିଛନ୍ତି । ଏଭଳି ଘୋଷଣାର ବର୍ଷକ ପରେ ରିଟେଲର ତ୍ରିପାଠୀ ଖାଉଟିମାନଙ୍କୁ କେଉଁ ପରିସ୍ଥିତିରେ ଗହମ ବାଣ୍ଟିଲେ, କେଉଁ ଗୋଡଉନରୁ ଗହମ ଉଠାଣ କରିଛନ୍ତି । ଗହମ ଓ ଚାଉଳ ଉଠାଣ ବେଳେ ଆବଶ୍ୟକ ପଡୁଥିବା ଏସି ନୋଟ(ଆକ୍ସେପଟାନ୍ସ ନୋଟ) ଇସ୍ୟୁ କରାଯାଇଛି କି ନାହିଁ । ଯଦି କରାଯାଇଛି ଏଥିରେ କେଉଁମାନେ ଦସ୍ତଖତ କରିଛନ୍ତି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଉପରୋକ୍ତ ପ୍ରସଙ୍ଗକୁ ଦୃଷ୍ଟି ଦେଲେ ସମ୍ପୂର୍ଣ୍ଣ ବ୍ୟବସ୍ଥାର ସ୍ୱଚ୍ଛତା ଉପରେ ସନ୍ଦେହ ପ୍ରକାଶ ପାଇଛି । ଅନ୍ୟପକ୍ଷେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଜରିଆରେ ପିଏଚ୍‌ଏଚ୍(ପ୍ରାଓରିଟ ହାଉସ ହୋଲ୍ଡ) ଓ ଏଏୱାଇ(ଅନ୍ତୋଦ୍ୟୟ ଅନ୍ନ ଯୋଜନା)ରେ ୩୬୦୫୧ ପରିବାର ଓ ଏସ୍‌ଏଫ୍‌ଏସ୍(ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା)ରେ୨୭୧୩ ପରିବାରଙ୍କୁ ମାଗଣା ଚାଉଳ ଓ ଗହମ ମିଳୁଛି । ଉକ୍ତ କାର୍ଡଧାରୀମାନଙ୍କୁ ମାଗଣା ଚାଉଳ ଓ ଗହମ ବିତରଣ କରିବା ପାଇଁ ୬୨ଜଣ ରିଟେଲର ନିଯୁକ୍ତି ହୋଇଛନ୍ତି । ସେଥିମଧ୍ୟରୁ ବଡକଇଁଚି ଓ ନଠୁଆବର ପଞ୍ଚାୟତର ରବିନ୍ଦ୍ର ତ୍ରିପାଠୀ ଅନ୍ୟତମ । ସେ ସେପ୍ଟେମ୍ବର ମାସରେ ତାଙ୍କ ପଏଣ୍ଟରେ ୧୪୦୦ କାର୍ଡଧାରୀଙ୍କୁ ଚାଉଳ ବଦଳରେ ଗହମ ବାଣ୍ଟିଛନ୍ତି । ଏ ସମ୍ପର୍କରେ ଅଭିଯୋଗ ପାଇବା ପରେ ଉପ-ଜିଲାପାଳ ଗୋପୀନାଥ କଅଁରଙ୍କ ନିର୍ଦ୍ଦେଶ ମୁତାବକ ଜିଲାରେ ଏକ ତଦନ୍ତକାରୀ ଦଳ ଗଠନ କରାଯାଇଥିଲା । ଅକ୍ଟୋବରର ଦ୍ୱିତୀୟ ସପ୍ତାହରେ ତଦନ୍ତକାରୀ ଦଳ ରିଟେଲର ପଏଣ୍ଟ ପରିଦର୍ଶନ କରି ତାଙ୍କ ଅଞ୍ଚଳର କେତେଜଣ ଖାଉଟିଙ୍କୁ ଭେଟି ଅଭିଯୋଗର ସତ୍ୟାସତ୍ୟ ସମ୍ପର୍କରେ ପଚାରି ବୁଝିଥିଲେ । ତଦନ୍ତ ବେଳେ ୧୪ଜଣ କାର୍ଡଧାରୀଙ୍କୁ ଭେଟି ପଚାରି ବୁଝିବାରୁ ସେମାନେ ଚାଉଳ ବଦଳରେ ଗହମ ପାଇଥିବା ସମ୍ପର୍କରେ ତଦନ୍ତକାରୀ ଦଳ ଆଗରେ ସ୍ୱୀକାର କରିଥିଲେ । ପରେ ତଦନ୍ତ ଅଧିକାରୀ ରିଟେଲରଙ୍କୁ ଭେଟି ପଚାରାଉଚୁରା କରିବାରୁ ସେ ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ । ଚାଉଳ ବଦଳରେ ଗହମ ବାଣ୍ଟିବା ଘଟଣାକୁ ନେଇ ଉଠିଥିବା ଅଭିଯୋଗ ସତ୍ୟ ବୋଲି ଜଣାପଡିଥିଲା ।

ଏ ସମ୍ପର୍କରେ ଜିଲା ଅତିରିକ୍ତ ଯୋଗାଣ ଅଧିକାରୀ ରଶ୍ମିତା ସାହୁଙ୍କୁ ପଚାରିବାରୁ ରିଟେଲର ଚାଉଳ ବଦଳରେ ଗହମ ବାଣ୍ଟିଥିବା ଅଭିଯୋଗର ସତ୍ୟତା ରହିଛି ବୋଲି ସ୍ୱୀକାର କରିଛନ୍ତି । ସେ ତଦନ୍ତ ରିପୋର୍ଟ ପ୍ରସ୍ତୁତ କରୁଛନ୍ତି । ଆସନ୍ତା ୨ରୁ ୩ ଦିନ ଭିତରେ ଉପ-ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିବେ ବୋଲି କହିଛନ୍ତି ।

## ସଂକ୍ଷେପରେ

### ସନ୍ଦେହରେ କହୁଣିଆଡ଼ିଆରେ ଗୁଳିମାଡ଼

କେନ୍ଦ୍ରାପଡ଼ା, ୬।୧୧ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ନିକରାଇ ଥାନା ଅନ୍ତର୍ଗତ କହୁଣିଆଡ଼ିଆରେ ରବିବାର ସନ୍ଧ୍ୟାରେ ଗୁଳିମାଡ ହୋଇଥିବା ସାମାଜିକ ଗଣମାଧ୍ୟମରେ ସୋମବାର ପ୍ରଚାର ହେଉଛି। ତେବେ ଏ ନେଇ ଥାନା ଅଧିକାରିଣୀ ଜ୍ୟୋତିର୍ମୟୀ ସେଠୀ ଅଭିଯୋଗ ପତ୍ର ମିଳି ନ ଥିବା କହିଛନ୍ତି। ପ୍ରାଥମିକ ସୂଚନା ଅନୁଯାୟୀ, କେନ୍ଦ୍ରାପଡା ଜିଲା ଫଟୋ ସ ଭିଡିଓ ଗ୍ରାଫର ସଂଘର ସଭାପତି ସୁଶାନ୍ତ କୁମାର ଦାସ ସନ୍ଧ୍ୟାରେ ସହରରୁ ନିକିରାଇ ଯାଉଥିଲେ। କହୁଣିଆଡ଼ିଆଠାରେ ୨ଟି ବାଇକ୍‌ରେ ୪ ଜଣ ଦୁର୍ବୃତ୍ତ ଆସି ୨ ରାଉଣ୍ଡ ଗୁଳି ଫୁଟାଇ ଚାଲି ଯାଇଥିଲେ। ତେବେ ସୁଶାନ୍ତ ଏହି ସମୟରେ ବାଇକ୍‌କୁ ରାସ୍ତା ତଳକୁ ଗଡାଇ ଦେଇଥିବାରୁ ଜୀବନ ରକ୍ଷା ହୋଇଥିଲା। ଏ ସମ୍ପର୍କରେ ଆଇଆଇସି ସେଠୀଙ୍କୁ ପଚାରିବାରେ ରବିବାର କେନ୍ଦ୍ରାପଡ଼ା ସହରରେ ଗଜଲକ୍ଷ୍ମୀ ଭସାଣି ଉତ୍ସବରେ ବ୍ୟସ୍ତ ଥିଲି। ଏପରି ଘଟଣା ନଜରକୁ ଆସିନାହିଁ। ପୀଡିତ ବ୍ୟକ୍ତି ଅଭିଯୋଗ ପତ୍ର ଦେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

### ଦୁର୍ଘଟଣାରେ ମହିଳା ସ୍ୱାସ୍ଥ୍ୟ କର୍ମୀଙ୍କ ମୃତ୍ୟୁ

ରାଜନଗର, ୬।୧୧ (ଭାସ୍କର ରାଉତରାୟ)

ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମହିଳା ସ୍ୱାସ୍ଥ୍ୟକର୍ମୀ ଶକୁନ୍ତଳା ରାଉତଙ୍କ ଦୁର୍ଘଟଣାରେ ସୋମବାର ସନ୍ଧ୍ୟାରେ ମୃତ୍ୟୁ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୫୮ ବର୍ଷ ବୟସ ହୋଇଥିଲା। ୧ ତାରିଖରେ ଦିନ ଟୀକାକରଣ ସାରି ଫେରୁଥିବା ବେଳେ ସଡକ ଦୁର୍ଘଟଣାର ଶିକାର ହୋଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ସୋମବାର ତାଙ୍କ ମୃତ୍ୟୁ ଘଟିଛି। ସ୍ୱାସ୍ଥ୍ୟକର୍ମୀ ରାଉତ ଦକ୍ଷତାର ସହିତ କାର୍ଯ୍ୟ କରି ବହୁ ପ୍ରଶଂସା ସାଉଁଟି ଥିଲେ। ତାଙ୍କ କାର୍ଯ୍ୟ ଦକ୍ଷତାକୁ ମୂଲ୍ୟାଙ୍କନ କରି ସ୍ୱାସ୍ଥ୍ୟ ବିଭାଗ ପୁରସ୍କୃତ କରିଥିଲେ। ୧ ତାରିଖରେ ଜରିମୂଳ ଅଙ୍ଗନୱାଡି ସେଣ୍ଟରରେ ଟୀକାଦାନ କରି ଦିନ ପ୍ରାୟ ୨ଟା ବେଳେ ସ୍କୁଟି ଯୋଗେ କମ୍ୟୁନିଟି ହେଲ୍ଥ ଅଫିସରଙ୍କ ସହ ଫେରୁଥିଲେ। ପଛପଟୁ ଏକ ଅଟୋ ଧକ୍କା ଦେବାରୁ ସେ ଛିଟିକି ପଡିଥିଲେ। ତାଙ୍କ ମୁଣ୍ଡର ପଛପଟ ମାଡ ହୋଇଥିଲା। ଚେତାଶୂନ୍ୟ ଅବସ୍ଥାରେ ତାଙ୍କୁ ପ୍ରଥମେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ରାଜନଗର ବ୍ଲକର ବନ୍ଧପଡ଼ା ପଞ୍ଚାୟତର ମଧପଡା ଗାଁରେ ତାଙ୍କ ଘର। ସେ ରାଜନଗରସ୍ଥିତ ଶ୍ରୀ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗର ବରିଷ୍ଠ ଅଧ୍ୟାପକ ଅଭିମନ୍ୟୁ ରାଉତଙ୍କ ସ୍ତ୍ରୀ। ତାଙ୍କ ଅକାଳ ବିୟୋଗରେ ରାଜନଗର ବିଧାୟକ ଧ୍ରୁବ ସାହୁ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଅତୁଳ ବଳ, ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ରଶ୍ମୀ ରଞ୍ଜନ ମହାନ୍ତି, ଡା. ପ୍ରଣବ କୁମାର ପ୍ରମୁଖ ଗଭୀର ଶୋକ ବ୍ୟକ୍ତ କରିଛନ୍ତି।

# ନୀଳକଣ୍ଠପୁର-ଗୋଲରାହାଟ ରାସ୍ତା ଖାଲଖମା

## ପ୍ରଧାନମନ୍ତ୍ରୀ ସଡ଼କ ନିର୍ମାଣକୁ ବର୍ଷେ ପୂରିଲା

ଡେରାବିଶ, ୬।୧୧ (ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ନୀଳକଣ୍ଠପୁର-ଗୋଲରାହାଟ ଗ୍ରାମ୍ୟ ଉନ୍ନୟନ ରାସ୍ତା ସ୍ଥାନୀୟ ଅଞ୍ଚଳର ଏକ ମୁଖ୍ୟ ରାସ୍ତା। ଏହି ରାସ୍ତା ଦେଇ ଦୈନିକ ଶତାଧିକ ସଂଖ୍ୟାରେ ଯାନବାହନ ଚଳାଚଳ କରିଥାଏ। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଏହି ରାସ୍ତାକୁ ଅନ୍ତର୍ଭୁକ୍ତ କରାଯାଇଥିଲା। ୨୦୨୦-୨୧ରେ ରାସ୍ତା ନିର୍ମାଣ କରାଯାଇଥିଲା। ରାସ୍ତା ନିର୍ମାଣ ପାଇଁ ବିଭାଗ ପକ୍ଷରୁ ଜଣେ ଠିକାଦାରଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିଲା। ନିର୍ମାଣ ଆରମ୍ଭରୁ ନିମ୍ନମାନର ଗୋଡ଼ି ଓ ପିଚୁ ବ୍ୟବହାର କରାଯାଇ ରାସ୍ତା ନିର୍ମାଣ କରାଯାଇଥିବା ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଏହାର ପ୍ରତିବାଦ ମଧ୍ୟ ହୋଇଥିଲା। ଏ ସଂକ୍ରାନ୍ତରେ ଅଞ୍ଚଳବାସୀଙ୍କ ପକ୍ଷରୁ ଜିଲା ପ୍ରଶାସନ ଓ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ ମଧ କରାଯାଇଛି। ଏପରିକି ବହୁ ସ୍ଥାନରେ ରାସ୍ତାରେ ବ୍ୟବହାର କରାଯାଇଥିବା କଳା ମେଟାଲ ରାସ୍ତା ଉପରେ ଗଡ଼ିବା ଦ୍ୱାରା ଯାତାୟାତରେ ବହୁ ସମସ୍ୟା ଦେଖାଦେଇଛି। ଏହି ରାସ୍ତା ଦେଇ ଯାଉଥିବା ଯାନବାହନ ଓ ପଥଚାରୀଙ୍କ ପାଇଁ ରାସ୍ତାରେ ସୃଷ୍ଟି ହୋଇଥିବା ଖାଲଖମା ବାଧକ ସାଜିଛି। ରାସ୍ତା ନିର୍ମାଣ ପାଇଁ କୌଣସି ସ୍ଥାନରେ ସୂଚନା ଫଳକ ମଧ୍ୟ ବିଭାଗ ପକ୍ଷରୁ ଲଗାଯାଇନାହିଁ। ଏହି ରାସ୍ତା ଦେଇ କେନ୍ଦ୍ରାପଡ଼ା ସଦର ମହକୁମା ସହ ଡେରାବିଶ ତହସିଲ ଓ ବ୍ଲକ କାର୍ଯ୍ୟାଳୟକୁ ଲୋକମାନେ ଯିବାଆସିବା କରିଥାନ୍ତି। ଏଥିସହ ଡେରାବିଶ କଲେଜ, ଡେରାବିଶ ମହିଳା କଲେଜ, ଡେରାବିଶ ହାଇସ୍କୁଲ, ବାଲିଆ ହାଇସ୍କୁଲରେ ଅଧ୍ୟୟନରତ ଛାତ୍ରୀଛାତ୍ରମାନଙ୍କ ପାଇଁ ଏହି ରାସ୍ତା ଏକମାତ୍ର ସାହାରା ହୋଇଛି। ରାସ୍ତାରେ ଖାଲଖମା ଯୋଗୁ ସେମାନଙ୍କ ପାଇଁ ଏହା ବିପଦ ପାଲଟିଛି। ଏପରିକି ବହୁ ସମୟରେ ଏହି ରାସ୍ତାରେ ଛୋଟବଡ଼ ଦୁର୍ଘଟଣାମାନ ମଧ୍ୟ ଘଟୁଛି। ରାସ୍ତା ନିର୍ମାଣ ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ବାରମ୍ବାର ଦାବି କରାଯାଉଥିଲେ ମଧ୍ୟ ଏ ଦିଗରେ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନ ନେବା ସମସ୍ତଙ୍କୁ ଚକିତ କରିଥିବା ବାଲିଆର ସରପଞ୍ଚ ପ୍ରବୀର କୁମାର ସିଂ କହିଛନ୍ତି। ସେହିପରି ଏହି ରାସ୍ତା ତୁରନ୍ତ ନିର୍ମାଣ କରା ନ ଗଲେ ଅଞ୍ଚଳବାସୀଙ୍କ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଏଣ୍ଡରର ପୂର୍ବତନ ସରପଞ୍ଚ ରଜନୀକାନ୍ତ ଦାସ ଓ ବରିଷ୍ଠ କଂଗ୍ରେସ ନେତା ରାଜୀବ ଲୋଚନ ମିଶ୍ର ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ ଅଧୀକ୍ଷଣ ଯନ୍ତ୍ରୀ ରାଜେଶ ପ୍ରଧାନଙ୍କୁ ପଚାରିବାରୁ ଦିନେ ଦୁଇଦିନ ମଧ୍ୟରେ ରାସ୍ତାର ଦୁରବସ୍ଥା ଅନୁଧ୍ୟାନ କଲାପରେ ଯାହା କିଛି ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।


ନୀଳକଣ୍ଠପୁର-ଗୋଲରାହାଟ ଗ୍ରାମ୍ୟ ଉନ୍ନୟନ ରାସ୍ତା ଖାଲଖମାରେ ଭର୍ତ୍ତି।

# ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ କେନ୍ଦ୍ରାପଡାରେ ପ୍ରତିବାଦ



ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ପ୍ରତିବାଦ କରାଯାଉଛି

କେନ୍ଦ୍ରାପଡ଼ା, ୬।୧୧ (ଜଗନ୍ନାଥ ଧଳ)

ସଂଯୁକ୍ତ କିଷାନ ମୋର୍ଚ୍ଚାର ଆହ୍ୱାନକ୍ରମେ ଦେଶବ୍ୟାପୀ ପ୍ରତିବାଦ ଦିବସ ପାଳନ ପରିପ୍ରେକ୍ଷୀରେ ସୋମବାର କେନ୍ଦ୍ରାପଡା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସହ କୃଷକ ଆନ୍ଦୋଳନକୁ ଯୋଡି ନ୍ୟୁଜକ୍ଲିକ ଉପରେ ହୋଇଥିବା ମିଥ୍ୟା ଏବଂ ଏଫଆଇଆରର ନକଲକୁ ପୋଡା ଯାଇଥିଲା। କେନ୍ଦ୍ର ସରକାର ହାରିବା ଭୟରେ ଔଷଧ ନିମନ୍ତେ ତାଟିଆ କାମୁଡୁଛି। ସମସ୍ତ ବିରୋଧୀ ଦଳ ନେତାଙ୍କ ବିରୋଧରେ ମିଥ୍ୟା କେସ ଦେଇ ଜେଲରେ ପୂରାଇବା, କେନ୍ଦ୍ର ସରକାର ବିରୋଧରେ ସ୍ୱର ଉତ୍ତୋଳନ କରୁଥିବା ନ୍ୟୁଜକ୍ଲିକ ଭଳି ସମ୍ବାଦ ସରବରାହ ସଂସ୍ଥା ବିରୋଧରେ ଦେଶ ବିରୋଧୀ ଭଳି ସଙ୍ଗୀନ ଅଭିଯୋଗ ଆଣି ତାହାର ୨ ଜଣ ଖବରଦାତଙ୍କୁ ଜେଲରେ ଭର୍ତ୍ତି କରିବା ସହ ସଂଯୁକ୍ତ କିଷାନ ମୋର୍ଚ୍ଚାର ଆନ୍ଦୋଳନକୁ ସେଥିରେ ଯୋଡି ଏଫଆଇଆର ଦେବା ଭଳି ହୀନ କାର୍ଯ୍ୟ ମୋଦି ସରକାର କରୁଛି। ଏହାସହ ଐତିହାସିକ କୃଷକ ଆନ୍ଦୋଳନ ବିରୋଧରେ ଅପ ପ୍ରଚାର କରିବା, କୃଷକ ଆନ୍ଦୋଳନକୁ ବିଦେଶୀ, ଦେଶ ବିରୋଧୀ ଓ ଆତଙ୍କବାଦୀମାନଙ୍କଠାରୁ ଆର୍ଥିକ ସହାୟତା ମିଳିଛି ବୋଲି ସଙ୍ଗୀନ ଅଭିଯୋଗ କରି ନିନ୍ଦିତ କରିବାକୁ ପ୍ରୟାସ କରିବା ଅତ୍ୟନ୍ତ ନିନ୍ଦନୀୟ ଘଟଣା। ତୁରନ୍ତ ସେହି ଏଫଆଇଆରକୁ ପ୍ରତ୍ୟାହାର କରିବା ସହ ଜେଲରେ ଥିବା ୨ଜଣ ଖବରଦାତାଙ୍କୁ ମୁକ୍ତ କରିବା ଦାବିରେ ପ୍ରତିବାଦ କରାଯାଇଥିଲା। ଏଥିରେ ଏଆଇକେଏସ୍ ନେତା ଆଦିକନ୍ଦ ରାଉଳ ସଭାପତିତ୍ୱ କରିଥିବା ବେଳେ ସଂଯୁକ୍ତ କିଷାନ ମୋର୍ଚ୍ଚାର ଜିଲା ଆବାହକ ଗୟାଧର ଧଳ, କିଷାନ କଂଗ୍ରେସ ଜିଲା ସଭାପତି ନାରାୟଣ ପରିଡା, ଓଡ଼ିଶା କୃଷକ ସଭାର ଜିଲା ସମ୍ପାଦକ ବିଜୟ ଦାସ, ଅଜୟ ସାମଲ, କର୍ମଚାରୀ ନେତା ନରୋତ୍ତମ ପାର୍ଥସାରଥୀ, ଜିଲା ଆଇଏନଟିୟୁସି ସଭାପତି ମୁକ୍ତାର ଖାଁ, ଏଆଇକେକେଏମ୍‌ଏମ୍ ନେତ୍ରୀ ଏଲିନା ସାମନ୍ତରାୟ, ବାମପନ୍ଥୀ ନେତା ରମଣୀରଞ୍ଜନ ରାଉତରାୟ, ମହେନ୍ଦ୍ର ପରିଡା, ରମେଶ ଚନ୍ଦ୍ର ପ୍ରଧାନ, ଓସିଡବ୍ଲୁ ନେତା ମାଧବ ଦାସ, ଏଆଇକେଏସ୍ ସମ୍ପାଦକ ବିକାଶ ଦାସ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

# ମା'ଙ୍କୁ ମେଲାଣି, ଦୁଲୁକୁଛି ମାର୍ଶାଘାଇ ବଜାର

ମାର୍ଶାଘାଇ, ୬।୧୧ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

କୁମାର ପୂର୍ଣ୍ଣିମାଠାରୁ ଆରମ୍ଭ ହୋଇଥିବା ୯ ଦିନ ବ୍ୟାପୀ ଧନଦାତ୍ରୀ ମା' ଗଜଲକ୍ଷ୍ମୀଙ୍କ ପୂଜା ଶେଷରେ ସୋମବାର ଅପରାହ୍ନରେ ଭସାଣି ଉତ୍ସବ ଆରମ୍ଭ ହୋଇଛି। ମାର୍ଶାଘାଇ କୁମ୍ଭାରସାହିର ଥାନପତି ମେଢ଼ ବିଭିନ୍ନ ଶ୍ରଦ୍ଧାଳୁଙ୍କ ଘରେ ଭୋଗ ଖାଇବା ପରେ ପ୍ରଥମେ ଅପରାହ୍ନ ୩ଟାଠାରୁ ଶୋଭାଯାତ୍ରାରେ ଲକ୍ ଛକ ଦେଇ ମାର୍ଶାଘାଇ ଦୁର୍ଗାମଣ୍ଡପ ନିକଟରେ ପହଞ୍ଚି ଭୋଗ ଖାଇ ପୋଷ୍ଟାଲ ଛକ ମେଡିକାଲ ରୋଡ୍ କଲେଜ ଛକ, ଜୁଣ ଛକ ଦେଇ ଲୁଣା ନଦୀ ବିସର୍ଜନ ଘାଟକୁ ଯିବେ। ପରେ ଲକ୍ ଛକ ମେଢ଼, ଜୁଣ ଛକ ମେଢ଼, ବନମାଳୀ ଛକ, ଗାଁ ମାର୍ଶାଘାଇ ମେଢ଼, କଷଟି ମେଢ଼ ଓ ଶେଷରେ ବନ୍ଧସାହି ହନୁମାନ ମେଢ଼ କ୍ରମାନ୍ୱୟରେ ପ୍ରତି ୧୫ ମିନିଟ୍ ଅନ୍ତରରେ ଶୋଭାଯାତ୍ରାରେ ଯାଇ ଘାଟକୁ ଯାଇ ମୂର୍ତ୍ତି ବିସର୍ଜନ କରିବେ ବୋଲି ସୂଚନା ମିଳିଛି। ପ୍ରତି ପୂଜା କମିଟି ପକ୍ଷରୁ ରାଜ୍ୟର ବିଭିନ୍ନ ଜିଲାରୁ ଶିଙ୍ଗ ବାଜା, ଆଦିବାସୀ ନୃତ୍ୟ ଦଳ, ପାରମ୍ପରିକ ଘଣ୍ଟ, ଘଣ୍ଟା, ଢୋଲ ବାଜା, ଘୋଡ଼ାନାଚ, କେଳା କେଳୁଣୀ ଦଳକୁ ଅଣାଯାଇ ଭସାଣି ଶୋଭାଯାତ୍ରା କରାଯାଉଛି। ବାଜା ରୋଶଣିରେ ମାର୍ଶାଘାଇ ବଜାର କମ୍ପୁଛି। ଭସାଣି ଦେଖିବାକୁ ହଜାର ହଜାର ଲୋକଙ୍କ ଭିଡ଼ ଜମିଛି। ଏହି ଭସାଣି ରାତି ସାଢେ ୧୦ ଯାଏ ଚାଲିବ ବୋଲି ମାର୍ଶାଘାଇ ପୋଲିସ ପକ୍ଷରୁ କୁହାଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଥାନା ଆଇଆଇସି ପ୍ରଜ୍ଞାପାରମିତା ଜେନାଙ୍କ ନେତୃତ୍ୱରେ ବ୍ୟାପକ ପୋଲିସ ମୁତୟନ ହୋଇଛନ୍ତି।


ଭସାଣି ଶୋଭାଯାତ୍ରାରେ ମା' ଗଜଲକ୍ଷ୍ମୀଙ୍କୁ ନିଆଯାଉଛି।

## ଘର ଭିତରୁ ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

### ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

ଭୁବନେଶ୍ୱର, ୬।୧୧ (ସୂର୍ଯ୍ୟକାନ୍ତ ବେହେରା)

ଘରୁ ଭିତରୁ ସନ୍ଦେହଜନକ ଅବସ୍ଥାରେ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ମିଳିଛି। ଏୟାରଫିଲ୍ଡ ଥାନା ଅନ୍ତର୍ଗତ ପୂର୍ଣ୍ଣିମା ଗେଟ ଅଞ୍ଚଳରେ ଏହି ଘଟଣା ଘଟିଛି। ମୃତା ମହିଳା ହେଲେ କେନ୍ଦ୍ରାପଡାର ପ୍ରିୟଙ୍କା ମିଶ୍ର (୨୭)। ପ୍ରିୟଙ୍କଙ୍କା ମୃତ୍ୟୁ କିଭଳି ହେଲା ତାହାର ପ୍ରକୃତ କାରଣ ଜଣାପଡି ନ ଥିଲେ ମଧ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ତେବେ ପ୍ରିୟଙ୍କା ରଶି ଲଗାଇ ଆତ୍ମହତ୍ୟା କରିଥିବା ଶାଶୁ ଘର ଲୋକେ କହୁଥିବାବେଳେ ବାପ ଘର ଲୋକେ କିନ୍ତୁ ଏହାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି। ତାଙ୍କୁ ଯୌତୁକ ପାଇଁ ହତ୍ୟା କରାଯାଇଥିବା ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ବିଭିନ୍ନ ଦିଗକୁ ନେଇ ଖୋଲତାଡ ଆରମ୍ଭ କରିଛି। ସୂଚନାନୁସାରେ, ଆଳି ଅଞ୍ଚଳର ପ୍ରିୟଙ୍କା ମିଶ୍ର ଏୟାରଫିଲ୍ଡ ଥାନା ଅଞ୍ଚଳର ସୁରଜ ଦାଶଙ୍କୁ ଅଢେଇ ବର୍ଷ ତଳେ ବିବାହ କରିଥିଲେ। ବିବାହର କିଛି ମାସ ପରେ କୌଣସି କାରଣକୁ ନେଇ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ପ୍ରାୟ ସମୟ ଝଗଡା ଲାଗୁଥିଲା। ଫଳରେ ଘରେ ସବୁ ବେଳେ ଅଶାନ୍ତି ଲାଗି ରହୁଥିଲା। ପ୍ରିୟଙ୍କାଙ୍କ ମୃତ୍ୟୁକୁ ନେଇ ନାନା ଆଲୋଚନା ଚାଲିଛି।

# ଶାସନ ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ


ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ ଅଭିଯୋଗ ଶୁଣୁଛନ୍ତି।

ପଟ୍ଟାମୁଣ୍ଡାଇ, ୬।୧୧ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବ୍ଲକ ଶାସନ ପଞ୍ଚାୟତରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ବିଡିଓ ଶୁଭ୍ରାଂଶୁ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ବିଡିଓ ସନ୍ତୋଷ କୁମାର ମନ୍ତ୍ରୀ, ଶାସନ ସରପଞ୍ଚ ସଂଗ୍ରାମ କେଶରୀ ବାରିକ ସମିତିସଭ୍ୟା ଡଲି ପରିଡା ଯୋଗଦେଇ ପଲ୍ଲୀରେ ପ୍ରଶାସନର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଆବାସ, ରାଶନ କାର୍ଡ ଓ ଭତ୍ତାକୁ ମିଶାଇ ୨୭ଟି ଅଭିଯୋଗ ଉପରେ ତତ୍କାଳ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିରେ ୫ ଜଣ ଭତ୍ତା ପାଇଁ ଆବେଦନ କରିଥିଲେ। ଏଥିସହ ୪ ଏସ୍‌ଏସ୍‌ଜିଙ୍କ ବ୍ୟାଙ୍କ ସଂଯୋଗୀକରଣ, ୫୦ ପ୍ରାଣୀଙ୍କୁ ଚିକିତ୍ସା ସେବା ଯୋଗାଇ ଦିଆଯାଇଥିଲା। ଏହି ସରକାରୀ କାର୍ଯ୍ୟକ୍ରମରେ ମିଶନ ଶକ୍ତି ସଂଯୋଜକ ପ୍ରଭୁ ଧବଳେଶ୍ୱର ବରାଳ, ଜୀବିକା ମିଶନ ସଂଯୋଜିକା ସୁଶ୍ରୀ ସଙ୍ଗୀତା ଭୂୟାଁ, ଏସଇଓ ଉଦାର ସୁନ୍ଦର ସ୍ୱାଇଁ, ମେଡିକାଲ ଅଫିସର ଜ୍ୟୋତିରଞ୍ଜନ ଦାସ, ସିଏଚ୍‌ଓ ବୈଶାଳୀ କର, ସ୍ୱାସ୍ଥ୍ୟକର୍ମୀ ସ୍ୱର୍ଣ୍ଣଲତା ସିଂହ, ବ୍ଲକ ଉଦ୍ୟାନ ଅଧିକାରୀ ଓ ବ୍ଲକ ପ୍ରାଣୀ ସମ୍ପଦ ଅଧିକାରୀ ପ୍ରମୁଖ ବହୁ ବ୍ଲକସ୍ତରୀୟ ପ୍ରଶାସନିକ ଅଧିକାରୀମାନେ ଯୋଗଦେଇ ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ।

# ଖମୋଳ ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ: ୩୮ ଅଭିଯୋଗ

ଡେରାବିଶ, ୬।୧୧ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଅନ୍ତର୍ଗତ ଖମୋଳ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ସରପଞ୍ଚ ତୃପ୍ତିମୟୀ କର, ସମିତିସଭ୍ୟ ଅକ୍ଷୟ ନାୟକ ଓ ଜିଲା ପରିଷଦ ସଭ୍ୟ ଅରବିନ୍ଦ ମଳିକ ଉପସ୍ଥିତ ରହିଥିଲେ। ଏଥିରେ ବିଡିଓ ଦାଶରଥି ଜେନା, ତହସିଲଦାର ପ୍ରଜ୍ଞାପାରମିତା ପୃଷ୍ଟି, ସିଡିପିଓ ସ୍ନେହଲତା ସାହୁ, ଏବିଡିଓ ଭଞ୍ଜକିଶୋର ନାୟକ ଉପସ୍ଥିତ ରହି ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମରୁ ଆସିଥିବା ୩୮ଟି ଅଭିଯୋଗର ଶୁଣାଣି କରିଥିଲେ। ଏହି ଅଭିଯୋଗ ମଧ୍ୟରେ ଆଧାର ପଞ୍ଜୀକରଣ, ଅଣସଂଗଠିତ କ୍ଷେତ୍ର ଶ୍ରମିକ ପଞ୍ଜୀକରଣ, ମାଗଣା ମୃତ୍ତିକା ପରୀକ୍ଷା ଓ ପରାମର୍ଶ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଗୁଡିକ ବୀମା, ଋଣ ଯୋଜନା ପ୍ରସ୍ତୁତି, ପଟ୍ଟା ବଣ୍ଟନ, ଇ-ପାଉତି, ଛାତ୍ରୀଛାତ୍ରମାନଙ୍କ ଜାତିଗତ ପ୍ରମାଣପତ୍ର ଆବେଦନ, ନିର୍ମାଣ ଶ୍ରମିକ ପଞ୍ଜୀକରଣ ଓ ନବୀକରଣ, ବଳରାମ ଯୋଜନାରେ ଆବେଦନ, ମାଛଚାଷ ନିମନ୍ତେ ପାଣି ପରୀକ୍ଷା ଓ ପରାମର୍ଶ ସହ ସରକାରଙ୍କର ମୋ ଘର ଯୋଜନାରେ ସାମିଲ ହେବା ପାଇଁ ଅଧିକାଂଶ ଦରଖାସ୍ତ ରହିଥିଲା। ସେହିପରି ବାସଗୃହ ଯୋଜନା ଏବଂ ରାଶନ କାର୍ଡ ତଥା ଭତ୍ତାରୁ ବଞ୍ଚିତ ଥିବା ହିତାଧିକାରୀ ସେମାନଙ୍କ ଅଭିଯୋଗ ପ୍ରଦାନ କରିଥିଲେ। ମୋ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ବିଭିନ୍ନ ଗ୍ରାମରେ କାର୍ଯ୍ୟକାରୀ ହେବାକୁ ଥିବା ମଠମନ୍ଦିରଗୁଡିକର ଉନ୍ନତୀକରଣ ପାଇଁ ଦରଖାସ୍ତ ଆସିଥିଲା। ଏହି ଅଭିଯୋଗଗୁଡ଼ିକ ମଧ୍ୟରୁ କେତେଗୋଟିର ତ୍ୱରିତ ସମାଧାନ କରାଯିବା ସହ ଅନ୍ୟ ସବୁ ବିଭାଗୀୟ ଅଧିକାରୀଙ୍କ ନିକଟକୁ ବିଡିଓ ଜେନା ପଠାଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ସାବିତ୍ରୀ ମନ୍ତ୍ରୀ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଯନ୍ତ୍ରୀ ବିଭୁଦତ୍ତ ଦାସ, ମତ୍ସ୍ୟ ଅଧିକାରୀ ରଶ୍ମିରଞ୍ଜନ ଦାସ, ପ୍ରମୋଦ କୁମାର ଦାସ, ତାପସ ଜେନା, ସତ୍ୟବ୍ରତ ରାଉତ, ଜୀବିକା ମିଶନ ସହକାରୀ ସଂଯୋଜିକା ବୀଣାପାଣି ସାମଲଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ସେମାନଙ୍କ ବିଭାଗର ଅଭିଯୋଗମାନ ଗ୍ରହଣ କରିଥିଲେ। ଏଥିରେ ୧୦ରୁ ଉର୍ଦ୍ଧ୍ୱ ବିଭିନ୍ନ ବିଭାଗର ଷ୍ଟଲ ଖୋଲାଯାଇଥିଲା। ଚାନ୍ଦୋଳ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଖୋଲାଯାଇଥିବା ସ୍ୱାସ୍ଥ୍ୟ ଶିବିରରେ ଉପସ୍ଥିତ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଚନ୍ଦ୍ରକାନ୍ତ କର, ଜିଆର୍‌ଏସ୍ ସଂଘମିତ୍ରା ମହାନ୍ତି, ବିଷ୍ଣୁପ୍ରସାଦ କର, ପ୍ରୀତିରଞ୍ଜନ ପରିଡ଼ା, ଅନୀଲ ସେଠୀ ପ୍ରମୁଖ ପରିଚାଳନା କରିଥିଲେ।


ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମରେ ପ୍ରଶାସନିକ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

# ସେମିରେ ପପୁଲାର କ୍ଲବ, ଢେଙ୍କାନାଳ


ଅତିଥିଙ୍କ ଗହଣରେ ଉଭୟ ଦଳର ଫୁଟବଲ ଖେଳାଳିମାନେ।

## ରାଜକନିକା ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ

ରାଜକନିକା, ୬।୧୧ (ସଞ୍ଜୟ କୁମାର ଦାଶ)

ରାଜକନିକା ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୪୨ତମ ରାଜକନିକା ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ସ୍ଥାନୀୟ ଆର୍‌ଏନ୍ ହାଇସ୍କୁଲ ମିନି ଷ୍ଟାଡିୟମଠାରେ ସୋମବାର ଦ୍ୱିତୀୟ ଦିବସ ଖେଳ ଅନୁଷ୍ଠିତ ହୋଇଯାଇଛି। ଖେଳକୁ ଦିବଂଗତ କୃଷ୍ଣଚନ୍ଦ୍ର ମଲ୍ଲିକ ଏବଂ ପୁରୁଷୋତ୍ତମ ରାଉତଙ୍କ ନାମରେ ଉତ୍ସର୍ଗୀକୃତ କରାଯାଇଛି। ସୋମବାର ପପୁଲାର କ୍ଲବ, ଢେଙ୍କାନାଳ ବନାମ ଜଗା ୟୁନାଇଟେଡ୍, ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳଟି ବେଶ୍ ଉତ୍କଣ୍ଠାପୂର୍ଣ୍ଣ ଥିଲା। ନିର୍ଦ୍ଧାରିତ ସମୟ ପ୍ରଥମାର୍ଦ୍ଧରେ ଭୁବନେଶ୍ୱର ଟିମ୍ ୧-୦ ଗୋଲ ସ୍କୋର କରିଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ଢେଙ୍କାନାଳ ଟିମ୍ ୧ ଗୋଲକରି ସ୍ଥିତିକୁ ୧-୧ ରେ ପହଞ୍ଚାଇଥିଲା। ଖେଳ ଅମୀମାଂସିତ ଭାବେ ଶେଷ ହେବା ଦ୍ୱାରା ଟାଇବ୍ରେକର ସହାୟତାରେ ପପୁଲାର କ୍ଲବ, ଢେଙ୍କାନାଳ ୫-୪ ଗୋଲ ବ୍ୟବଧାନରେ ଜଗା ୟୁନାଇଟେଡ୍ ଭୁବନେଶ୍ୱରକୁ ହରାଇ ସେମିଫାଇନାଲକୁ ପ୍ରବେଶ କରିଛି। ପପୁଲାର ଟିମ୍‌ର ରିକି ସ୍ୱାଇଁ ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ରାଜକନିକା ଥାନା ଅଧିକାରୀ ଇନ୍ସପେକ୍ଟର ଦିଲୀପ କୁମାର ଧଳ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଧାୟକଙ୍କ ପ୍ରତିନିଧି ବିକାଶ ଚନ୍ଦ୍ର ଦାସ, ଆର୍‌ଏନ୍ ହାଇସ୍କୁଲର ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ଦଳାଇ, ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଚିକିତ୍ସା ଅଧିକାରୀ ଡା. ବିଚିତ୍ର କୁମାର ଦାସ, କଣ୍ଟପଡ଼ାର ସରପଞ୍ଚ ବିଜୟାଲକ୍ଷ୍ମୀ ବେହେରା, ଜାଗୁଲାଇପଡ଼ାର ସରପଞ୍ଚ ଲିଲିଭା ମଲ୍ଲିକ୍, ବାଘବୁଦାର ସରପଞ୍ଚ ବୈଜୟନ୍ତୀ ନାୟକ, ସାମାଜିକ କର୍ମୀ ଦିଲୀପ କୁମାର ମଲ୍ଲିକ ପ୍ରମୁଖ ଯୋଗଦେଇ ବିଜୟୀ ଟିମ୍ ଓ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ। ଆସୋସିଏଶନ ପକ୍ଷରୁ ଉପସଭାପତି ପ୍ରାଧ୍ୟାପକ ବୈକୁଣ୍ଠନାଥ ପରିଡା, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ କପିଳେନ୍ଦ୍ର ମଲ୍ଲିକ, ସାଧାରଣ ସମ୍ପାଦକ ଅଜୟ କୁମାର ନାୟକ, ଯୁଗ୍ମ ସମ୍ପାଦକ ଡ. ଫକୀର ଚନ୍ଦ୍ର ପ୍ରଧାନ, ପ୍ରାଣବନ୍ଧୁ ରାଉତ, ମିଡିଆ ସେଲ୍ ସମ୍ପାଦକ ଅଜୟ କୁମାର ରାଉତ, ଫୁଟ୍‌ବଲ ସମ୍ପାଦକ ଶିବପ୍ରସାଦ ମଲ୍ଲିକ, କୋଷାଧ୍ୟକ୍ଷ ଦେବେନ୍ଦ୍ର ନାୟକ, ଭାଷ୍ୟକର ସୌମ୍ୟକାନ୍ତ ନାୟକ, ବରିଷ୍ଠ ସଭ୍ୟ ବେଣୁଧର ପରିଡା, ମନୋଜ ସେନାପତି, ଅଧ୍ୟାପକ ମିର୍ଜା ଇବ୍ରାହିମ ବେଗ୍, କୁଳମଣି ବେହେରା, ଶରତ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ମ୍ୟାଚ ରେଫ୍ରି ଭାବେ ସୁଦୀପ୍ତ ଦାସ ପରିଚାଳନା କରିଥିବା ବେଳେ ଶଶିକାନ୍ତ ଦାସିଆ ଓ ଜ୍ୟୋତିରଞ୍ଜନ ସ୍ୱାଇଁ ଲାଇନ୍ସରେ ସହଯୋଗ କରିଥିଲେ। ସଞ୍ଜୟ କୁମାର ନାୟକ ୪ର୍ଥ ଅଫିସିଆଲ କାର୍ଯ୍ୟ ସମ୍ପାଦନ କରିଥିଲେ। ମଙ୍ଗଳବାର ମଙ୍ଗଳବାର ମ୍ୟାଚ ଆୟୋଜକ ରାଜକନିକା ଆଥଲେଟିକ୍ ଆସୋସିଏଶନ ବନାମ ଗଣ୍ଡରପୁର ଫୁଟ୍‌ବଲ କ୍ଲବ, ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ୯ ମାସ ପରେ ବି ପାଠାଗାର ନିର୍ମାଣ କାର୍ଯ୍ୟ ହୋଇ ପାରୁନାହିଁ




**ଖଣ୍ଡପଡ଼ା,୬।୧୧(ଅଜୟ କୁମାର ମହାରଣା):** ଖଣ୍ଡପଡ଼ା ପଠାଣି ସାମନ୍ତ ମହାବିଦ୍ୟାଳୟ ପରିସରରେ ଏକ ନୂତନ ପାଠାଗାର ନିର୍ମାଣ ପାଇଁ ଫେବୃୟାରୀ ୧ରେ ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ମୁଖ୍ୟ ଅତିଥି ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା । ଖୁବ୍‌ଶୀଘ୍ର ପାଠାଗାର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଥିଲା । ମାତ୍ର ଇତିମଧ୍ୟରେ ୯ମାସ ବିତି ଯାଇଥିଲେ ହେଁ ପାଠାଗାର ନିର୍ମାଣ କାର୍ଯ୍ୟ ଲାଗି ଅନୁଦାନ ଅର୍ଥ ଏବେ ବି ମିଳି ନ ଥିବା ମହାବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି । ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଏବଂ ଉଚ୍ଚଶିକ୍ଷା ବିଭାଗ କର୍ତ୍ତୃପକ୍ଷଙ୍କ ଉଦାସୀନତା ପାଠାଗାର ନିର୍ମାଣରେ ବାଧକ ସାଜିଥିବା ଜଣାଯାଇଛି । ସୂଚନାଯୋଗ୍ୟ, ଉକ୍ତ ମହାବିଦ୍ୟାଳୟରେ ଏବେ ଯୁକ୍ତ ୨ ଓ ଯୁକ୍ତ ୩ ଶ୍ରେଣୀରେ ୨ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ଅନୁଷ୍ଠାନର ଅଧ୍ୟକ୍ଷ ବିରଞ୍ଚି ନାରାୟଣ ଶତପଥୀ କହିଛନ୍ତି । ଛାତ୍ରୀଛାତ୍ରମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ମହାବିଦ୍ୟାଳୟ ପରିସରରେ ତୁରନ୍ତ ନୂତନ ପାଠାଗାର ନିର୍ମାଣ ନିମନ୍ତେ ଆବଶ୍ୟକ ଅନୁଦାନ ଅର୍ଥ ମଞ୍ଜୁର କରିବାକୁ ସାଧାରଣରେ ଦାବି ହେଉଛି । ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟିଦେବାକୁ ଖଣ୍ଡପଡ଼ା ଅଞ୍ଚଳବାସୀ ଦାବି କରିଛନ୍ତି ।

### ସଂକୁଳସ୍ତରୀୟ ବିଦ୍ୱତ୍ ପରିଷଦ ବୈଠକ

**ଖଣ୍ଡପଡା,୬।୧୧(ଅଜୟ କୁମାର ମହାରଣା):** ଖଣ୍ଡପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସମ୍ମିଳନୀ କକ୍ଷରେ ଅନୁଷ୍ଠାନର ସମ୍ପାଦକ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ସଂକୁଳସ୍ତରୀୟ ବିଦ୍ୱତ୍ ପରିଷଦ ବୈଠକ ବିଦ୍ୟାଭାରତୀ ଶିକ୍ଷା ବିକାଶ ସମିତି ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନୟାଗଡ଼ ସଂକୁଳ ପ୍ରମୁଖ ଦିଲୀପ କୁମାର ମିଶ୍ର ଯୋଗଦେଇ ବୈଠକ ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଅଧ୍ୟାପକ ଯୋଗେନ୍ଦ୍ର ନାଥ ପରିଡ଼ା, ପ୍ରକାଶ ଜୀବନ ପାଳ ପ୍ରମୁଖ ଯୋଗଦେଇ ଭାରତୀୟ ସଂସ୍କୃତି କେତେ ମହାନ୍ ସେ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ନୟାଗଡ଼ ଜିଲାର ବିଭିନ୍ନ ସ୍ଥାନରେ ଅବସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବିଦ୍ୱତ୍ ପରିଷଦର ବରିଷ୍ଠ ସଦସ୍ୟମାନେ ବୈଠକରେ ଉପସ୍ଥିତ ରହି ନିଜ ନିଜର ମତ ରଖିଥିଲେ । ଅନୁଷ୍ଠାନର ଗୁରୁମାଗୁରୁଜୀମାନେ ବୈଠକ ପରିଚାଳନାରେ ସହଯୋଗ କରିଥିଲେ ।

# ତୋଟାପଡ଼ାକୁ ରାଜସ୍ୱ ଗାଁ ମାନ୍ୟତା ଦାବିକୁ ନେଇ ବିବାଦ

- ହରିଡାବନ୍ଧ, କଇଁଫୁଲିଆ ଗାଁର ବିରୋଧ
- କଇଁଫୁଲିଆକୁ ତୋଟାପଡାରେ ସାମିଲ ନ କରିବାକୁ ନିବେଦନ
- ଜିଲାପାଳଙ୍କୁ ଫେରାଦ ହେଲେ ୨ ଗାଁର ବାସିନ୍ଦା

**ନୟାଗଡ଼,୬।୧୧(ଲୋକନାଥ ମିଶ୍ର)**



ହରିଡାବନ୍ଧ, କଇଁଫୁଲିଆ ବାସିନ୍ଦା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରୁଛନ୍ତି ।

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ହରିଡାବନ୍ଧ ପଞ୍ଚାୟତର ପଡା ଗାଁ ତୋଟାପଡାକୁ ରାଜସ୍ୱ ଗାଁର ମାନ୍ୟତା ଦାବି ପରେ ୩ଟି ଗାଁ ମଧ୍ୟରେ ବିବାଦ ଦେଖା ଦେଇଛି । ତୋଟାପଡାକୁ ରାଜସ୍ୱ ଗାଁ ମାନ୍ୟତା ଦେବାର ଦାବି ପରେ ଆପତ୍ତି ଉଠାଇ ହରିଡାବନ୍ଧ ଓ କଇଁଫୁଲିଆ ଗ୍ରାମବାସୀ ବିରୋଧ କରିଛନ୍ତି । ଏପରିକି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ବିକ୍ଷୋଭ କରିଥିଲେ । ସେମାନେ ଜିଲାପାଳଙ୍କ ସହ ଆଲୋଚନା କରି ପୃଥକ ପୃଥକ ଭାବେ ସ୍ମାରକପତ୍ର ଦେଇଛନ୍ତି । ଅନ୍ୟପକ୍ଷେ ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ରଣପୁର ବିଧାୟକ, ରାଜସ୍ୱ ବିପର୍ଯ୍ୟୟ ପ୍ରଶାସନ ବିଭାଗ, ତହସିଲଦାର ଓଡ଼ଗାଁକୁ ଅନୁରୂପ ଭାବେ ସ୍ମାରକପତ୍ର ପଠାଇଛନ୍ତି । ଏ ନେଇ ହରିଡାବନ୍ଧର ଗୋପାଳ ସିଠ, ଟୁନା ପଢ଼ିଆଳି, ଲଡୁକିଶ୍ୱର ସିଠ, ମଧୁସୂଦନ ବେହେରା, ଭରତ ସିଠ କହିଛନ୍ତି, ହରିଡାବନ୍ଧର ପଡା ଗାଁ ତୋଟାପଡା । ତୋଟାପଡା ରାଜସ୍ୱ ଗାଁର ମାନ୍ୟତା ପାଇବାକୁ ଯାଉଥିବା ନେଇ ଆମ ଗ୍ରାମବାସୀ ଅବଗତ ନୁହନ୍ତି । ଆମ ସହ ଅନ୍ୟାୟ ଅବିଚାର କରାଯାଇ ତୋଟାପଡା ରାଜସ୍ୱ ଗାଁର ନକ୍ସା କରିବା ଠିକ୍ ହୋଇନାହିଁ । ଏ ନେଇ ଜାଣିବା ପରେ ଆମର ଭୌଗୋଳିକ ସୀମା ସରହଦକୁ ସୁରକ୍ଷା ଦେବା ପାଇଁ ଅଗେଇ ଆସିଛୁ । ତୋଟାପଡା ରାଜସ୍ୱ ଗାଁ ହେଲେ ଆମ ଗାଁର ଯାତ୍ରା ପଡିଆ, ଶିବ ମନ୍ଦିର ଚାଲିଯିବ । ପ୍ରତିବର୍ଷ ମକର ସଂକ୍ରାନ୍ତିରୁ ପ୍ରାୟ ୫ଦିନ ଦିନ ଧରି କାହିଁ କେଉଁ କାଳରୁ ମକର ଯାତ୍ରା ହୋଇ ଆସୁଛି । ଏଣୁ ଗାଁର କୌଣସି ଲୋକ ଯାତ୍ରା ପଡିଆ ଓ ଶୈବ ମନ୍ଦିରକୁ ଛାଡିବେ ନାହିଁ । ସେହିପରି ଗାଁର ସରକାରୀ ପ୍ରାଥମିକ ବିଦ୍ୟାଳୟ, ଚିକିତ୍ସାଳୟ, ଅମୁହାଁ ପୁଷ୍କରିଣୀ ମଧ୍ୟ ଚାଲି ଯାଉଛି । ପୁଣି ୩୪ ପରିବାର ବିଶିଷ୍ଟ ହରିଡାବନ୍ଧର ଏକ ସାହି ମଧ୍ୟ ତୋଟାପଡାରେ ଚାଲି ଯାଉଛି । ଏସବୁ ଚାଲିଗଲା ପରେ ଆମ ଗାଁର ମୌଳିକତା ଓ ପରିଚୟ ହଜିଯିବ । ଆମେ ଆମର ପରିଚୟ, ସଂସ୍କୃତି ଓ ମୌଳିକତାକୁ ହରାଇ ବଞ୍ଚି ପାରିବୁ ନାହିଁ । ନୂତନ ରାଜସ୍ୱ ଗାଁ ଗଠନ କରିବାକୁ ଆମେ ବିରୋଧ କରୁନାହୁଁ । ହେଲେ ନୂତନ ରାଜସ୍ୱ ଗାଁ ଗଠନ କରିବା ପୂର୍ବରୁ ଏଥିପାଇଁ ଆବଶ୍ୟକ ଭିତ୍ତିଭୂମି, ଜନସଂଖ୍ୟା, ଖେଳପଡିଆ, ଗୋପାଳନ ପାଇଁ ଚାରଣ ଭୂଇଁ, ଜଳାଶ୍ରୟ ଓ ଶ୍ମଶାନ ରହିବା ଦରକାର । ସବୁ ହରିଡାବନ୍ଧର ନେଇ ନୂଆ ତୋଟାପଡା ରାଜସ୍ୱ ଗାଁ ଗଠନ କଲେ ଆମ କିପରି ଚୁପ ରହିବୁ ବୋଲି ପ୍ରଶ୍ନ କରିଛନ୍ତି । ଏଣୁ ଆମ ଗାଁର ଭୌଗୋଳିକ ସରହଦକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ନିବେଦନ କରିଛୁ । ଆମ ଦାବକୁ ଅଣଦେଖା କଲେ ପରିସ୍ଥିତି ଦେଖି ପଦକ୍ଷେପ ନେବୁ ବୋଲି କହିଛନ୍ତି । କଇଁଫୁଲିଆ ଗାଁର ଗିରିଧାରୀ ସେନାପତି, ଜିତୁ ସେନାପତି, ଗଦାଧର ଦାସ, ବିଜୟ ବେହେରା କହିଛନ୍ତି, ଆମ ଗାଁ ହରିଡାବନ୍ଧର ପଡା ଗାଁ ହୋଇ ରହିଛୁ । ହେଲେ ଆମକୁ ତୋଟାପଡାର ନୂଆ ରାଜସ୍ୱ ଗାଁରେ ସାମିଲ କରିବାକୁ ଉଦ୍ୟମ ଆରମ୍ଭ ହୋଇଛି । ଆମେ ହରିହାବନ୍ଧ ସହ ରହିବାକୁ ସହମତି ପ୍ରକାଶ କରୁଛୁ । ଆମ ପଡା ଗାଁକୁ ସ୍ୱତନ୍ତ୍ର ଭାବେ ରାଜସ୍ୱ ଗାଁ ମାନ୍ୟତା ମିଳିଲେ ଆମେ ବିରୋଧ କରିବୁ ନାହିଁ । ତେବେ ତୋଟାପଡା ସହ ଆମେ ମିଶିବୁ ନାହିଁ । ଆମକୁ ତୋଟାପଡାରେ ସାମିଲ କରାଗଲେ ଆମର ଭୌଗୋଳିକ ପରିସୀମା ହଜିଯିବ । ଆମେ ତୋଟାପଡାରେ ରହିଲେ ଲାଭ ପରିବର୍ତ୍ତେ କ୍ଷତି ହେବ । ଏଣୁ ଆମ ଦାବିକୁ ଅଣଦେଖା ନ କରି ବିଚାରକୁ ନେବା ପାଇଁ ଦାବି କରୁଛୁ । ନଚେତ ଆମ କଇଁଫୁଲିଆ ବାସିନ୍ଦା ବାଧ୍ୟ ହୋଇ ଆନ୍ଦୋଳନକୁ ଓହ୍ଲାବକୁ ବୋଲି ସେମାନେ କହିଛନ୍ତି ।

### ରାଜସ୍ୱ ଗାଁ ପାଇଁ ଭିତ୍ତିଭୂମି ରହିଛି

ତୋଟାପଡାର ବିଭୂତି ପଟ୍ଟନାୟକ, ରବି ନାୟକ, ଟୁକୁ ନାୟକ, କୈଳାସ ବେହେରା, ଗଦାଧର ଦଳବେହେରା ପ୍ରମୁଖ କହିଛନ୍ତି, ଆମ ତୋଟାପଡା ଏକ ରାଜସ୍ୱ ଗାଁ ହେବା ପାଇଁ ଆବଶ୍ୟକ ଭିତ୍ତିଭୂମି ରହିଛି । ଆମେ ଆମ ପଡ଼ା ଗାଁକୁ ରାଜସ୍ୱ ଗାଁର ମାନ୍ୟତା ଦେବା ପାଇଁ ବହୁଦିନ ହେଲା ଦାବି କରି ଆସିଛୁ । ଏବେ ସରକାରଙ୍କ ପକ୍ଷରୁ ପଡ଼ା ଗାଁକୁ ରାଜସ୍ୱ ଗାଁର ମାନ୍ୟତା ଦେବାକୁ ବିଧି ବ୍ୟବସ୍ଥା ଆରମ୍ଭ ହୋଇଛି । ଏଣୁ ଆମେ ତୋଟାପଡାବାସୀ ଏ ନେଇ ଆବେଦନ କରିଛୁ । ସରକାରଙ୍କ ନିୟମ ଅନୁସାରେ ଆମ ଗାଁ ଭାଗରେ ପଡୁଥିବା ଅଞ୍ଚଳକୁ ଆମକୁ ଦିଆଯାଉ । ଆମେ କୌଣସି ରାଜସ୍ୱ ଗାଁ ସହ ବିବାଦ କରିବାକୁ ଚାହୁଁନାହୁଁ । ଆମେ କେବଳ ଆମର ହକ ଚାହୁଁଛୁ । ଏଥିପାଇଁ ଆମେ ଆମର ଦାବିକୁ ତ୍ୱରାନ୍ୱିତ କରିବୁ ବୋଲି କହିଛନ୍ତି । ଏ ସମ୍ପର୍କରେ ଜିଲାପାଳ ରବୀନ୍ଦ୍ର ନାଥ ସାହୁଙ୍କୁ ପଚାରିବାରେ ଓଡ଼ଗାଁ ତହସିଲ ଗୋଡିପଡା ଆର୍‌ଆଇ ଅଫିସ ଅଧୀନରେ ଥିବା ହରିଡାବନ୍ଧ ମୌଜାରେ ତୋଟାପଡ଼ା ଓ କଇଁଫୁଲିଆ ନାମରେ ୨ଟି ପଡା ଗାଁ ରହିଛି । ୨ଟି ଯାକ ପଡ଼ା ଗାଁକୁ ରାଜସ୍ୱ ଗାଁର ମାନ୍ୟତା ଦେବାକୁ ଓଡ଼ଗାଁ ତହସିଲ ପକ୍ଷରୁ ଚେଷ୍ଟା ଆରମ୍ଭ ହୋଇଛି । ଏହି ପ୍ରକ୍ରିୟାରେ ଏକ ୩୦ଦିନିଆ ଅଭିଯୋଗ କରିବାର ସୁବିଧା ରହିଥାଏ । ରାଜସ୍ୱ ଗାଁ ମାନ୍ୟତା ପାଇବାର ନୋଟିସ ରାଜସ୍ୱ ଗାଁ ପାଖରେ ଶେଷ ସମୟରେ ପହଞ୍ଚି ଥିବା ଜଣାପଡିଛି । ଏଣୁ ସେମାନେ ଅଭିଯୋଗ କରି ପାରି ନ ଥିଲେ । ଏଣୁ ହରିଡାବନ୍ଧ ବାସନ୍ଦା ସେମାନଙ୍କର ଅସୁବିଧାକୁ ପ୍ରଶସନକୁ ଅବଗତ କରାଇଛନ୍ତି । ପ୍ରଶାସନ ଅଭିଯୋଗ ଗ୍ରହଣ କରିଛି । ରାଜସ୍ୱ ଗାଁ ମାନ୍ୟତା ଦେବା ବିଷୟର ପ୍ରକ୍ରିୟା ଚାଲୁ ରହିଥିବାରୁ ଏହାକୁ ବିଚାରକୁ ନିଆଯାଇଛି ବୋଲି ସେ କହିଛନ୍ତି ।

# ଫଳକରେ ୧୪ କୋଟି ୪୧ଲକ୍ଷ, ସଭାରେ ୨୦ କୋଟି ଘୋଷଣା

## ନୟାଗଡ଼ ପାଟୁଳିସାହି ରାସ୍ତା ଶିଳାନ୍ୟାସ




ଶିଳାନ୍ୟାସ ଉତ୍ସବରେ ବିଧାୟକ ଅରୁଣ ସାହୁ ଓ ଅନ୍ୟମାନେ ।

**ନୟାଗଡ଼,୬।୧୧(ଲୋକନାଥ ମିଶ୍ର)**

ପୂର୍ତ୍ତ ବିଭାଗ ଅଧୀନ ନୟାଗଡ଼ ପାଟୁଳିସାହି ରାସ୍ତା ଉନ୍ନତୀକରଣ ପାଇଁ ସୋମବାର ଶିଳାନ୍ୟାସ ହୋଇଯାଇଛି । ଏହି ରାସ୍ତାପାଇଁ ୨୦ କୋଟି ଟଙ୍କା ବ୍ୟୟ ହେବ । ତେବେ ରାସ୍ତା ପାର୍ଶ୍ୱରେ ଲାଗିଥିବା ନାମ ଫଳକରେ ୧୪ କୋଟି ୪୧ଲକ୍ଷ ଦର୍ଶା ଯାଇଛି । ୧୨ କିଲୋମିଟର ଲମ୍ବ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ୨୦୨୪ ମାର୍ଚ୍ଚ ସୁଦ୍ଧା ଶେଷ ହେବାକୁ ଲକ୍ଷ୍ୟ ରଖାଯାଇଛି । ଏହି କାର୍ଯ୍ୟକ୍ରମରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଯୋଗଦେଇ ରାସ୍ତା ଶିଳାନ୍ୟାସ ଫଳକକୁ ଉନ୍ମୋଚନ କରିଛନ୍ତି । ଏହି ଅବସରରେ ନୟାଗଡ଼ ବ୍ଲକ କାଳିକାପ୍ରସାଦ ପଞ୍ଚାୟତ ନାଗମୁଣ୍ଡୁଳୀଠାରେ ଅନୁଷ୍ଠିତ ସଭାରେ ବିଧାୟକ ସାହୁ ବିଗତ ଦିନର ସ୍ମୃତିକୁ ମନେ ପକାଇ ନୟାଗଡ଼ ବିକାଶରେ ରାସ୍ତାଘାଟ ଉନ୍ନତୀ କରଣ ମୁଖ୍ୟ ମାଧ୍ୟମ ପାଲଟିଥିବା କହିଛନ୍ତି । ନୟାଗଡ଼ ବିଜିପୁରଠାରୁ ଓଡ଼ଗାଁ ବ୍ଲକ ଲୁଣି ପର୍ଯ୍ୟନ୍ତ ଯେକୌଣସି ଗାଁକୁ ଯିବାରେ ଏବେ ସମସ୍ୟା ନାହିଁ ବୋଲି କହିଛନ୍ତି । ବିଗତ ଦିନରେ ଗାଁ ଗାଁ ମଧ୍ୟରେ ରାସ୍ତା ଏବଂ ନାଳ ଯାତାୟାତରେ ବାଧକ ସାଜୁଥିବା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅମଳରେ ତାହାର ବିକାଶ ହୋଇଛି । ପ୍ରତ୍ୟେକ ଗାଁକୁ ପକ୍କା ରାସ୍ତା ନିର୍ମାଣ ସରିଥିବା ବେଳେ ଆବଶ୍ୟକ ସ୍ଥାନରେ ପୋଲ ମଧ୍ୟ ନିର୍ମାଣ କରାଯାଇଛି । ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କ ସୁବିଧାକୁ ଗୁରୁତ୍ୱ ଦେଇ ଶିକ୍ଷା, ସ୍ୱାସ୍ଥ୍ୟ ଭିତ୍ତିଭୂମି ପରିବର୍ତ୍ତନ କରିବାକୁ ଅନେକ ପଦକ୍ଷେପ ନେଇଛନ୍ତି । ରାଜ୍ୟରେ ୫-ଟି ଜରିଆରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ରୂପାନ୍ତରିକରଣ କରାଯାଉଥିବା ବେଳେ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକର ମଧ୍ୟ ନବକଳେବର ହେଉଛି । ମିଶନ ଶକ୍ତି ଜରିଆରେ ଓଡ଼ିଶାରେ ମହିଳା ସଶକ୍ତି କରଣକୁ ଗୁରୁତ୍ୱ ଦିଆଯାଉଥିବା କୁହାଯାଇଛି । ଏହି ସଭାରେ ନୟାଗଡ଼ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟନାୟକ ଯୋଗଦେଇ ବିକାଶ ପାଇଁ ସମସ୍ତେ ଆଗଭର ହେବାକୁ ଆହ୍ୱାନ ଦେଇଥିଲେ । ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ସାହୁ ବ୍ଲକର ଚାଲିଥିବା ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସଞ୍ଜୀବ କୁମାର ବେହେରା, ନିର୍ବାହୀ ଯନ୍ତ୍ରୀ ଅଭିଷେକ ଓଝା, ଯନ୍ତ୍ରୀ କିଶୋର କୁମାର ଶତପଥୀ ପ୍ରମୁଖ ଉପସ୍ଥିତ ରହିଥିଲେ ।

### ତଦନ୍ତ କରିବ ପିସିସି ତଥ୍ୟ ଅନୁଧ୍ୟାନକାରୀ ଟିମ

**ଓସ୍ତପଡା ଚାଷୀ ଆତ୍ମହତ୍ୟା ପ୍ରସଙ୍ଗ**

**ନୟାଗଡ଼,୬।୧୧(ଲୋକନାଥ ମିଶ୍ର):** ନୟାଗଡ ଜିଲା ରଣପୁର ତହସିଲ ଜଙ୍କିଆ ପଞ୍ଚାୟତ ଓସ୍ତପଡ଼ା ଗ୍ରାମର ଚାଷୀ ଗୋବିନ୍ଦ ଚନ୍ଦ୍ର ସାହୁ(୬୫) ଭାଗଚାଷୀ ଆତ୍ମହତ୍ୟା ପ୍ରସଙ୍ଗ ନୟାଗଡ଼ ଜିଲାର ମରୁଡି ପରିସ୍ଥିତିକୁ ଦର୍ଶାଇଛି । ଋଣଗ୍ରସ୍ତ ହୋଇ ଗୋବିନ୍ଦ ଚାଷ ଜମି ପାଖରେ ଆତ୍ମହତ୍ୟା କରିବା ଭଳି ଦୁଃଖଦ ଖବର ଗଣମାଧ୍ୟମରୁ ପ୍ରକାଶ ପରେ ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ ଘୋର ଉଦ୍‌ବେଗ ପ୍ରକାଶ କରିଛନ୍ତି । ଏ ନେଇ ପିସିସି ତଥ୍ୟ ଅନୁଧ୍ୟାନକାରୀ କମିଟି ଗଠନ କରିଛନ୍ତି । ସମ୍ପୃକ୍ତ କମିଟି ମଙ୍ଗଳବାର ଅପରାହ୍ଣରେ ମୃତ ଚାଷୀ ଗୋବିନ୍ଦଙ୍କ ଶୋକାକୁଳ ପରିବାର ବର୍ଗଙ୍କୁ ଭେଟି ମୃତ୍ୟୁର କାରଣ ଅନୁଧ୍ୟାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ୮ ଜଣିଆ କମିଟିରେ ପିସିସି ଉପସଭାପତି ତଥା ନୟାଗଡ ଜିଲା ପ୍ରଭାରୀ ବିଭୂତି ଭୂଷଣ ମିଶ୍ର କମିଟିର ଅଧ୍ୟକ୍ଷ ଥିବାବେଳେ ରାଜ୍ୟ କିଷାନ ସେଲ ଅଧ୍ୟ ଅମୀୟ ପଟ୍ଟନାୟକ, ଜିଲା କଂଗ୍ରେସ ସଭାପତି ଆଇନଜୀବୀ ରଣଜିତ ଦାଶ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ସସ୍ମିତା ଦାଶ, ରାଷ୍ଟ୍ରୀୟ ଯୁବ ମଜଦୁର କଂଗ୍ରେସ ସଭାପତି ସତ୍ୟବ୍ରତ ନାୟକ, ପିସିସି ସଭ୍ୟ ହୁସେନ ଖାନ ଏବଂ ମନୋଜ ସାହୁ ପ୍ରମୁଖ ଅଛନ୍ତି ।

### ଖଳିସାହି ପଞ୍ଚାୟତ : ୩୦ଜଣଙ୍କୁ ହରିଶ୍ଚନ୍ଦ୍ର ସହାୟତା ରାଶି ପ୍ରଦାନ



ବିଡିଓ ହରିଶ୍ଚନ୍ଦ୍ର ସହାୟତା ପ୍ରଦାନ କରୁଛନ୍ତି ।

**ଖଣ୍ଡପଡା,୬।୧୧(ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ବିଡିଓ ଅଙ୍କୁର ଅଭିଳାଷ ଖଳିସାହି ପଞ୍ଚାୟତ କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅତିଥି ରୂପେ ଯୋଗଦେଇ ୩୦ଜଣ ହିତାଧିକାରୀଙ୍କୁ ସୋମବାର ହରିଶ୍ଚନ୍ଦ୍ର ଯୋଜନାରେ ୬୯ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଛନ୍ତି । ୨୧ ଜଣ ହିତାଧିକାରୀଙ୍କୁ ୨ ହଜାର ଓ ୯ଜଣଙ୍କୁ ୩ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରାଯାଇଛି । ଖଳିସାହି ସରପଞ୍ଚ ଫକୀରମୋହନ ଦାସ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ କୁମାର ପ୍ରଧାନ, ଜିଆରଏସ୍ ରଶ୍ମିତା ବିଶୋଇଙ୍କ ସମେତ ସ୍ଥାନୀୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ ।

# ପଥରା ବୃଦ୍ଧାଶ୍ରମରେ ତ୍ରିଦିବସୀୟ ୨୦୦ କୁଣ୍ଡୀୟ ଯଜ୍ଞ ଶେଷ



ବୃଦ୍ଧାଶ୍ରମରେ ଚାଲିଥିବା ଯଜ୍ଞ ।

**ଓଡ଼ଗାଁ, ୬।୧୧(ଆଦର୍ଶ କୁମାର ପଟ୍ଟନାୟକ)**

ଓଡ଼ଗାଁ ବ୍ଲକ କୋମଣ୍ଡ ପଞ୍ଚାୟତ ପଥରା ବୃଦ୍ଧାଶ୍ରମରେ ୩ ଦିବସୀୟ ଯଜ୍ଞ ତଥା ଷଷ୍ଠ ବାର୍ଷିକୋତ୍ସବ ଶେଷ ହୋଇଯାଇଛି । ମହର୍ଷି ଦୟାନନ୍ଦ ଚାରିଟେବୁଲ ଟ୍ରଷ୍ଟ ପରିଚାଳକ ଅରୁଣ କୁମାର ଆଚାରିଙ୍କ ପରିଚାଳନା ଏବଂ ଆରଡା ଆର୍ଯ୍ୟ ସମାଜ ସହଯୋଗରେ ଅନୁଷ୍ଠିତ ଉତ୍ସବର ପ୍ରଥମ ଦିନରେ ଗୁଜୁରାଟ ରୋଜଡରୁ ଆସିଥିବା ପରିବ୍ରାଜକ ସ୍ୱାମୀ ମୁକ୍ତାନନ୍ଦ ଏବଂ ଭଞ୍ଜନଗର କଲେଜ ପୂର୍ବତନ ଅଧ୍ୟକ୍ଷ ବାଲ୍ମୀକି ପଟ୍ଟନାୟକ ଯୋଗଦେଇ ଥିଲେ । ଦ୍ୱିତୀୟ ଦିବସରେ ନୂଆପଡ଼ା ଜିଲା ହରିପୁର ଗୁରୁକୂଳ ସଞ୍ଚାଳକ ଡ. ସୁଦର୍ଶନ ଦେବ ଏବଂ ଓୟୁଏଟି ଭୁବନେଶ୍ୱର ଅବସରପ୍ରାପ୍ତ ଅଧ୍ୟକ୍ଷ ବିକାଶ କୁମାର ପଣ୍ଡା, ୨ଶହ ଦମ୍ପତିଙ୍କ ଦ୍ୱାରା ୨ଶହ କୁଣ୍ଡୀୟ ଯଜ୍ଞ ସଞ୍ଚାଳନ କରିଥିଲେ । ହରିପୁର ଗୁରୁକୂଳ ଆଶ୍ରମର ଛାତ୍ରୀ ଛାତ୍ର ମାନେ ବେଦମନ୍ତ୍ର ପାଠ କରିଥିଲେ । ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ଜିଲା ପରିଷଦ ସଭ୍ୟ ବିରଜାଲକ୍ଷ୍ମୀ ସାହୁ ପ୍ରମୁଖଙ୍କ ସହ ପଦ୍ମଶ୍ରୀ ସାବରମତୀ, ଅବସରପ୍ରାପ୍ତ ବନଖଣ୍ଡ ଅଧିକାରୀ ସୁରେଶ ଚନ୍ଦ୍ର ହୋତା, ନୟାଗଡ଼ ପୌରାଧ୍ୟକ୍ଷା ନିରୁପମା ଖଟେଇ, ନୟାଗଡ଼ ଜିଲା ଉତ୍କଳ ସାମ୍ବାଦିକ ସଂଘ ଏବଂ ଆର୍ଯ୍ୟ ସମାଜ ସଭାପତି ଶ୍ରୀକାନ୍ତ ଖଟେଇ ଯୋଗ ଦେଇଥିବା ବେଳେ ରଘୁନାଥ ନାୟକ, ଶ୍ରୁତିପ୍ରୀୟ ଶାସ୍ତ୍ରୀ, ନୃସିଂହ ବ୍ରହ୍ମଚାରୀ ଯଜ୍ଞ ସଞ୍ଚାଳନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଜନସାଧାରଣ ଜନପ୍ରତିନିଧି ଉପସ୍ଥିତ ରହି ସହଯୋଗ କରିଥିଲେ ।

# ନିମ୍ନମାନର ଭାଗବତ ଜୀଉ କୋଠ ଘର ନିର୍ମାଣ

## ବିଡିଓଙ୍କୁ ଲିଖିତ ଅଭିଯୋଗ କଲେ ଭାଗବତ ଜୀଉ କମିଟି ସଦସ୍ୟ

**ନୂଆଗାଁ, ୬।୧୧ (ଧନେଶ୍ୱର ସାହୁ)**



ବିଡିଓଙ୍କୁ ଅଭିଯୋଗ ପାଇଁ ଆସିଥିବା କମିଟି ସଦସ୍ୟ ।

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ବେରୁହାଁବାରୀ ଗ୍ରାମରେ ନିମ୍ନମାନର ଭାଗବତ ଜୀଉ କୋଠଘର ନିର୍ମାଣ କରାଯାଉଥିବା ନେଇ ଭାଗବତ ଜୀଉ କମିଟି ସଦସ୍ୟମାନେ ସୋମବାର ବିଡିଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ତେବେ ବିଡିଓ, ଯନ୍ତ୍ରୀ ଘଟଣାସ୍ଥଳକୁ ଯାଇ କାର୍ଯ୍ୟ ତଦାରଖ କରି କାମ କରିବାକୁ ନିର୍ଦ୍ଦେଶ ଦେବା ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ସ୍ଥଗିତ ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

ବେରୁହାଁବାରି ଗ୍ରାମରେ ଥିବା ଭାଗବତ ଜୀଉ କୋଠଘର ସକାଶେ ଅଧିକ ଗୃହ ଆବଶ୍ୟକ ପଡ଼ିବାରୁ ଗୃହ ନିର୍ମାଣ ନିମନ୍ତେ ଅନୁଦାନ ପାଇଁ ଗ୍ରାମବାସୀ ଓ କମିଟି ସଦସ୍ୟ ପ୍ରଶାସନକୁ ଅନୁରୋଧ କରିଥିଲେ । ଗ୍ରାମବାସୀଙ୍କ ଅନୁରୋଧ ରକ୍ଷା କରି ସରକାର ଆମ ଗାଁ ଆମ ବିକାଶ ଯୋଜନାରେ ଅଢେଇ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ । ନାନା ସମସ୍ୟା ନେଇ ଉକ୍ତ ଗୃହ ନିର୍ମାଣ କାର୍ଯ୍ୟ ହୋଇପାରି ନ ଥିବାବେଳେ ବର୍ତ୍ତମାନ ପୁରାତନ ଗୃହକୁ ଭାଙ୍ଗି ନୂତନ ଭାବେ କୋଠଘର କାର୍ଯ୍ୟ କରାଯାଉଛି । ତେବେ ଉକ୍ତ କାର୍ଯ୍ୟରେ ଭଙ୍ଗା ଯାଇଥିବା ଘରର ପୁରୁଣା ମାଙ୍ଗଡା ପଥର ବ୍ୟବହାର କରାଯାଉଥିବା ବେଳେ ପିଲରଗୁଡ଼ିକ ତଳୁ ଠିକ୍ ଭାବେ ନିର୍ମାଣ କରାଯାଇନାହିଁ । ତେଣୁ ନିମ୍ନମାନର କାମକୁ ଲୁଚାଇବା ପାଇଁ ଯନ୍ତ୍ରୀ କାର୍ଯ୍ୟ ଦେଖିବା ପୂର୍ବରୁ ତଳୁ ପ୍ଲାଷ୍ଟର କରି ଦିଆଯାଇଥିବା ଅଭିଯୋଗ ହୋଇଛି । କୋଠଘରର ଦ୍ୱାର ଯେଉଁ ପଟକୁ ଖୋଲିବା କଥା ସେହିପଟେ ଦ୍ୱାର ନିର୍ମାଣ ନ କରାଯାଇ ଠିକାଦାର ନିଜକୁ ସୁହାଇଲା ଭଳି କାମ କରିଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି । ଏ ନେଇ ଠିକାଦାରକୁ ଭାଗବତ ଜୀଉ ପରିଚାଳନା କମିଟି ସଦସ୍ୟମାନେ କହିଥିଲେ ମଧ୍ୟ ଅଭିଯୋଗକୁ ଖାତିର ନ କରି କାର୍ଯ୍ୟ ଚାଲୁ ରଖିଥିବା ନେଇ କମିଟିର ସଦସ୍ୟମାନେ ବିଡିଓ ବାସୁଦେବ ନାୟକଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ଶୁଣିବା ପରେ ତୁରନ୍ତ ସେହି କାର୍ଯ୍ୟକୁ ବନ୍ଦ କରିବା ପାଇଁ ବିଡିଓ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଅନୁରୂପ ଭାବେ ଉକ୍ତ ଗ୍ରାମରେ ଥିବା ଅଙ୍ଗନୱାଡି-୨ କେନ୍ଦ୍ରରେ ନିମ୍ନମାନର ପାଚେରୀ ନିର୍ମାଣ କରାଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ବିଡିଓ ଓ ସମ୍ପୃକ୍ତ ପଞ୍ଚାୟତର ଯନ୍ତ୍ରୀ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ପରେ କାର୍ଯ୍ୟ କରାଯିବ ବୋଲି ବିଡିଓ ନାୟକ କହିଛନ୍ତି ।

# ଶେଷ ହେଲା ଚାନ୍ଦୋଳର ପ୍ରସିଦ୍ଧ ଗଜଲକ୍ଷ୍ମୀ ମେଲଣ



ମା'ଙ୍କ ଭସାଣି ଶୋଭାଯାତ୍ରାରେ ପଞ୍ଜାବୀ ବାଜା।



ଚାନ୍ଦୋଳରେ ମା' ଗଜଲକ୍ଷ୍ମୀଙ୍କ ଭସାଣି ଶୋଭା ଯାତ୍ରାରେ ଲଉଡ଼ି ନୃତ୍ୟ।

ଡେରାବିଶ, ୬।୧୧ (ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଅଧୀନ ଚାନ୍ଦୋଳ ବଜାରରେ ଚାଲିଥିବା ମା' ଗଜଲକ୍ଷ୍ମୀଙ୍କ ପୂଜା ସୋମବାର ବିଳମ୍ବିତ ରାତିରେ ଶେଷ ହୋଇଛି। ୧୫ରୁ ଊର୍ଦ୍ଧ୍ୱ ପୂଜା ମଣ୍ଡପରେ ପୂଜା ପାଉଥିବା ମା' ଗଜଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତି ମେଲଣ ପରେ ବିସର୍ଜିତ ହୋଇଛନ୍ତି। ପରମ୍ପରା ଅନୁଯାୟୀ ସୋମବାର ସମସ୍ତ ମେଢ଼ ପାରମ୍ପରିକ ବାଦ୍ୟ ଶୋଭାଯାତ୍ରା ମଧ୍ୟରେ ଚାନ୍ଦୋଳ ଫାଣ୍ଡିଛକ ସ୍ଥିତ ମେଲଣ ପଡ଼ିଆରେ ସନ୍ଧ୍ୟା ୭ଟା ସୁଦ୍ଧା ପହଞ୍ଚିଥିଲେ। ଏହି ମେଲଣକୁ ଆସିବା ପାଇଁ ଫାଣ୍ଡିଛକ ସ୍ଥିତ ଥାନପତି ମେଢ଼ ପକ୍ଷରୁ ସମସ୍ତ ପୂଜା ମଣ୍ଡପକୁ ଫୁଲ, ପାନ ଦିଆଯାଇ ନିମନ୍ତ୍ରଣ କରାଯାଇଥିଲା। ମେଲଣରେ ପହଞ୍ଚିବା ପରେ ଥାନପତିଙ୍କ ପକ୍ଷରୁ ସମସ୍ତ ମେଢ଼ ନିକଟରେ ଭୋଗଲାଗି କରାଯାଇଥିଲା। ମେଲଣ ପରେ କ୍ରମାନ୍ୱୟରେ ସମସ୍ତ ମେଢ଼କୁ ଶୋଭାଯାତ୍ରା ମଧ୍ୟରେ ନିଆଯାଇ ରାତି ୧୨ଟାରେ ବିସର୍ଜନ କରାଯାଇଥିଲା। ଚଳିତବର୍ଷ ଏହି ମେଲଣରେ ୨୦ହଜାରରୁ ଊର୍ଦ୍ଧ୍ୱ ଦର୍ଶକ ଯୋଗ ଦେଇଥିଲେ। ଭିଡ଼କୁ ପରିଲକ୍ଷିତ କରି କେନ୍ଦ୍ରାପଡ଼ା ଏସ୍‌ଡିପିଓ ଦେବେନ୍ଦ୍ର କୁମାର ମଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଦର ଥାନା ଅଧିକାରୀ ସରୋଜ କୁମାର ସାହୁ, ଚାନ୍ଦୋଳ ଫାଣ୍ଡି ଅଧିକାରୀ ସୌମ୍ୟରଞ୍ଜନ ପାଣିଗ୍ରାହୀଙ୍କ ନେତୃତ୍ୱରେ ଜଣେ ଇନ୍ସପେକ୍ଟର ପାହ୍ୟା ପୋଲିସ ଅଧିକାରୀ, ଜଣେ ସବ୍‌ଇନ୍ସପେକ୍ଟର, ୪ ଜଣ ଏଏସ୍‌ଆଇ ସମେତ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ଚଳିତ ବର୍ଷ ମା'ଙ୍କ ପୂଜା ଓ ମେଲଣ ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଥିବାରୁ ଚାନ୍ଦୋଳ ବଜାର କମିଟି ସଭାପତି ଶିବାଶିଷ ମହାନ୍ତି ପ୍ରଶାସନ, ପୋଲିସ ପ୍ରଶାସନ, ବଜାର କମିଟିର ସମସ୍ତ ବ୍ୟବସାୟୀ ଭାଇ ଓ ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କୁ କୃତଜ୍ଞତା ଜଣାଇଛନ୍ତି।





ମେଲଣ ପଡିଆକୁ ଲକ୍ଷ୍ମୀ ନାରାୟଣ ଓ ଥାନପତି ମା' ଗଜଲକ୍ଷ୍ମୀଙ୍କୁ ନିଆଯାଉଛି।

ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଲିକୁ



@ ପିଣ୍ଟୁ



@ ରାଜେଶ



@ ସନ୍ତୋଷ



@ ସୁରେନ୍ଦ୍ର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଭସାଣି ବିବାଦ ପାଇଁ ପଡ଼ିରହିଲା ସହର ଅଳିଆ

କେନ୍ଦ୍ରାପଡ଼ା, ୬।୧୧ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ାର ଗଣପର୍ବ ମା' ଗଜଲକ୍ଷ୍ମୀ ପୂଜା ମହୋତ୍ସବ ଚଳିତବର୍ଷ ପାଇଁ ସୋମବାର ଶେଷ ହୋଇଛି। ତେବେ ଭସାଣି ସମୟରେ ଜିଲା ପୋଲିସ ଓ ଚଉରୀ ବରହମପୁରର ମେଢ଼ ବିବାଦ ପାଇଁ ସହରର ଅଳିଆ ଦୀର୍ଘ ୬ ଘଣ୍ଟା ପଡ଼ି ରହିଥିଲା। ପରେ ଉପଜିଲାପାଳ ରବୀନ୍ଦ୍ର ପ୍ରଧାନ, ଏସ୍‌ଡିପିଓ ଦେବେନ୍ଦ୍ର ମଲ୍ଲିକ, ପୌରାଧ୍ୟକ୍ଷାଙ୍କ ପ୍ରତିନିଧି ରଞ୍ଜିତ ସାହୁଙ୍କ ହସ୍ତକ୍ଷେପ ପରେ ସହରର ଅଳିଆ ଉଠାଯିବା ସହ ଚଉରୀ ବରହମପୁର ଗଜଲକ୍ଷ୍ମୀ ମେଢ଼ର ଭସାଣି ହୋଇଛି। ପରେ ପୁରୁଣା ବସ୍‌ଷ୍ଟାଣ୍ଡର ଥାନପତି ମେଢ଼କୁ ପାଣିରେ ବିସର୍ଜନ କରାଯାଇଛି। ଚଉରୀ ବରହମପୁର ମେଢ଼ର ଭସାଣି ଉତ୍ସବ ସହରର ବାଲାବାବା ନିକଟରେ ହେଉଥିଲା। ରାତି ପ୍ରାୟ ୧୧ଟାରେ ଭସାଣି ସମୟ ଶେଷ ହୋଇଥିବା କହି ଜିଲା ପୋଲିସ ପକ୍ଷରୁ ବାଜା ରୋଶଣିକୁ ବନ୍ଦକରି ଦିଆଯାଇଥିଲା। ଏଥିସହ ମେଢ଼କୁ ଜୋର ଜବରଦସ୍ତ ଆଗକୁ ନେବା ସମୟରେ ଚଉରୀ ବରହମପୁରର ସୁନୀଲ ନାୟକଙ୍କ ଗୋଡ଼ ଉପରେ ଗାଡ଼ି ଚଢ଼ିଯାଇଥିଲା। ଫଳରେ ସୁନୀଲଙ୍କ ଗୋଡ଼ ଭାଙ୍ଗିଯାଇଥିଲା। ସୁନୀଲଙ୍କ ଚିକିତ୍ସା ପାଇଁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ଼ ମେଡିକାଲକୁ ନିଆଯାଇଥିଲା। ଅପରପକ୍ଷରେ ଗ୍ରାମବାସୀ ଉତ୍ତେଜିତ ହୋଇ ମେଢ଼ ବିସର୍ଜନ ନ କରି ସହରର ଅଳିଆ ଉଠାଇ ନ ଥିଲେ। ସୋମବାର ପୂର୍ବାହ୍ନରେ ସୁନୀଲଙ୍କୁ କ୍ଷତିପୂରଣ ଦେବା ପାଇଁ ନିଷ୍ପତ୍ତି ସହ ଭସାଣି କରିବାକୁ ଅନୁମତି ଦିଆଯିବାରୁ ଏହି ସମସ୍ୟାର ସମାଧାନ ହୋଇଥିଲା।



ବିବାଦରୁ ବିସର୍ଜନ ହୋଇ ନ ଥିବା ଚଉରୀ ବରହପୁର ମା' ଗଜଲକ୍ଷ୍ମୀଙ୍କ ମୂର୍ତ୍ତି।



ପୋଲିସ ସହ ବିବାଦ ଯୋଗୁ ସହରରେ ଅଳିଆ ପଡି ରହିଛି।

## ମା'ଙ୍କ ଅଭିଯୋଗରେ ପୁଅ କୋର୍ଟ ଚାଲାଣ



ସତ୍ୟବ୍ରତ ବାରିକ

ପାଣିକୋଇଲି, ୬।୧୧ (ବିକାଶ କୁମାର ମଲିକ)

ଘରେ ଅଶାନ୍ତି ଓ ଗଣ୍ଡଗୋଳ ସୃଷ୍ଟି କରିବା ତଥା ମାରପିଟ କରୁଥିବା ଜଣେ ଯୁବକଙ୍କୁ ପାଣିକୋଇଲି ଥାନା ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଏ ସଂକ୍ରାନ୍ତରେ ତଦନ୍ତ ଚାଲିଛି । ଜଣେ ମହିଳାଙ୍କ ଅଭିଯୋଗକୁ ଆଧାର କରି ପୋଲିସ ତାଙ୍କ ପୁଅଙ୍କ ବିରୋଧରେ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

ସୂଚନା ଅନୁଯାୟୀ, ପାଣିକୋଇଲି ଥାନା ଅଧୀନ ଯାଜପୁର ବ୍ଲକ ମାଳଆନନ୍ଦପୁର ପଞ୍ଚାୟତ ଷଠିପୁର ଗ୍ରାମର ପ୍ରଫୁଲ୍ଲ ବାରିକଙ୍କ ସ୍ତ୍ରୀ ସାବିତ୍ରୀଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ସାନପୁଅ ସତ୍ୟବ୍ରତ ଓରଫ ଦିଲୁ (୩୩) ପ୍ରତିଦିନ ସାବତ୍ରୀଙ୍କ ଘରେ ଅଶାନ୍ତି ସୃଷ୍ଟି କରିବା ସହିତ ତାଙ୍କର ମଝିଆ ପୁଅ ଓ ବୋହୂଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳି ଗୁଲଜ ଓ ମାରପିଟ କରୁଛନ୍ତି। ଏ ନେଇ ସାବିତ୍ରୀଙ୍କ ବନ୍ଧୁ ପରିଜନମାନେ ସତ୍ୟବ୍ରତକୁ ବୁଝାଶୁଝା କରିବା ଲାଗି ଆସିଥିଲେ ମଧ୍ୟ ସେ ତାଙ୍କୁ ଗାଳି ମନ୍ଦ କରିଥିଲେ। ଏଥି ସହିତ ତାଙ୍କ ମଝିଆ ପୁଅଙ୍କ ପେଟକୁ କାମୁଡ଼ି ଦେଇଥିଲେ । ଏ ନେଇ ସାବତ୍ରୀ ପାଣିକୋଇଲି ଥାନାର ଦ୍ୱାରସ୍ଥ ହୋଇଥିଲେ । ପୋଲିସ ଏକ ମାମଲା(ନଂ. ୩୨୨/୨୩) ରୁଜୁ କରି ତଦନ୍ତ କରିଥିଲା। ସୋମବାର ସତ୍ୟବ୍ରତଙ୍କୁ ଗିରଫ କରି ପୋଲିସ ଅଦାଲତ ଚାଲାଣ କରିଛି ବୋଲି ତଦନ୍ତକାରୀ ଅଧିକାରୀ ଉଦୟନାଥ ସୋରେନ ପ୍ରକାଶ କରିଛନ୍ତି।

## ନିମ୍ନମାନର ରାସ୍ତା କାମ ନେଇ ଗଣଧାରଣା

ପାଣିକୋଇଲି, ୬।୧୧ (ବିକାଶ କୁମାର ମଲିକ)

ଯାଜପୁର ଜିଲା ବରୀ ବ୍ଲକର ଗୋଳକୁଣ୍ଡ-ଇନ୍ଦୁପୁର ରାସ୍ତା କାର୍ଯ୍ୟ ନିମ୍ନମାନର ଓ ଅନିୟମିତା ନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ନ ହେବାରୁ ବରୀ ଦ୍ୱୀପାଞ୍ଚଳ ପରିଷଦ ପକ୍ଷରୁ ସୋମବାର ପାଣିକୋଇଲି ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ନିମ୍ନମାନର ରାସ୍ତା କାମ ହେଉଛି ଅଭିଯୋଗ କଲେ ଠିକାଦାରଙ୍କ ହତ୍ୟାଧମକ ଦେଉଛନ୍ତି। ପ୍ରତିବାଦରେ ପାଣିକୋଇଲିସ୍ଥିତ ରାସ୍ତା ଓ ଗୃହ ନିର୍ମାଣ ବିଭାଗର କାର୍ଯ୍ୟାଳୟ ସମ୍ମୁଖରେ ବରୀ ବ୍ଲକ ଗମ୍ଭୁ ପଞ୍ଚାୟତର ଗ୍ରାମବାସୀ ଗଣଧାରଣା ଦେଇଥିଲେ।

ସୂଚନା ଅନୁଯାୟୀ, ପାଣିକୋଇଲି ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଅଧୀନ ବରୀ ବ୍ଲକ ଗମ୍ଭୁ ପଞ୍ଚାୟତଠାରୁ ଗୋଳକୁଣ୍ଡ ପର୍ଯ୍ୟନ୍ତ ୨୬ କିମି.ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଚାଲୁଛି । କିନ୍ତୁ ଉକ୍ତ ରାସ୍ତାକୁ ଠିକା ନେଇଥିବା ଠିକାଦାର ସରକାରଙ୍କ ନିର୍ଦ୍ଦେଶାକୁ ଅବଜ୍ଞା କରି କେଉଁଠାରେ ୬ ଇଞ୍ଚ ତ କେଉଁଠି ୮ ଇଞ୍ଚ ଗଭୀର ଖୋଳି ରାସ୍ତା ନିର୍ମାଣ କରୁଛନ୍ତି। ଏ ନେଇ ଉକ୍ତ ଠିକାଦାରଙ୍କୁ ଗ୍ରାମବାସୀ ଅଭିଯୋଗ କରିବାରୁ ସେ ଗ୍ରାମବାସୀଙ୍କୁ ଗାଳି କରିବା ସହ ହତ୍ୟାଧମକ ଦେଇଥିଲେ। ନିମ୍ନମାନର କାମ ଯୋଗୁ ରାସ୍ତାଟି ଅଳ୍ପ ଦିନରେ ନଷ୍ଟ ହୋଇଯିବ ବୋଲି ଗ୍ରାମବାସୀ ଆଶଙ୍କା କରୁଛନ୍ତି। ଏଥିପାଇଁ ବରୀ ଦ୍ୱୀପାଞ୍ଚଳ ଉନ୍ନୟନ ପରିଷଦର ସଭାପତି କୁଳମଣୀ ଶୁକ୍ଲ ଓ ସମ୍ପାଦକ ପ୍ରଶାନ୍ତ ପଢିହାରୀଙ୍କ ନେତୃତ୍ୱରେ ୫୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ଠିକ୍‌ମାନ ନିରୂପଣ କରି ଉକ୍ତ ରାସ୍ତାକୁ ନିର୍ମାଣ କରିବା ଲାଗି ପାଣିକୋଇଲିସ୍ଥିତ ରାସ୍ତା ଓ ଗୃହ ନିର୍ମାଣ ଡ଼ିଭିଜନ କାର୍ଯ୍ୟାଳୟ ଆଗରେ ଗଣଧାରଣା ଦେଇଥିଲେ। ନିର୍ବାହୀ ଯନ୍ତ୍ରୀ ଅନୁପସ୍ଥିତ ଥିବାରୁ ଅତିରିକ୍ତ ଯନ୍ତ୍ରୀ ଅରବିନ୍ଦ ମହାନ୍ତି ଓ ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ନରୋତ୍ତମ ଦାସ ଆନ୍ଦୋଳନକାରୀଙ୍କ ଦାବିପତ୍ର ଗ୍ରହଣ କରିବା ସହିତ ସମସ୍ତ ଦାବିକୁ ଗ୍ରହଣ କରି ଦୀପାବଳି ପରେ ବିଭାଗ ପକ୍ଷରୁ ରାସ୍ତାର ସ୍ଥିତି ଅନୁଧ୍ୟାନ କରିବେ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।



ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଉଛି।

## ଯାତ୍ରୀ, ମାଲ୍ ପରିବହନରେ ଟ୍ରେକର ନିୟୋଜିତ

■ ଜନସାଧାରଣଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ

■ ଦୁର୍ଘଟଣାରେ ଯାତ୍ରୀଙ୍କ ଜୀବନ ଗଲେ, ବୀମା ରାଶି ଦେବ କିଏ

ପଟ୍ଟାମୁଣ୍ଡାଇ, ୬।୧୧ (କଳ୍ପତରୁ ନାୟକ)

ଜନସାଧାରଣଙ୍କ ସୁରକ୍ଷାକୁ ନେଇ କେନ୍ଦ୍ରାପଡ଼ା ଜିଲା ପରିବହନ ବିଭାଗ ଓ ସ୍ଥାନୀୟ ପ୍ରଶାସନ ଖେଳ ଖେଳୁଥିବା ଅଭିଯୋଗ ହେଉଛି। ପରିବହନ ବିଭାଗର ଉଦାସୀନତା ହେତୁ ଯାତ୍ରୀଙ୍କ ସୁରକ୍ଷିତ ଯାତ୍ରାକୁ ନେଇ ପ୍ରଶ୍ନ ଉଠିଛି। ଜିଲାର ପଟ୍ଟାମୁଣ୍ଡାଇର ବିଭିନ୍ନ ରାସ୍ତାରେ ଦୈନିକ ଶହ ଶହ ସଂଖ୍ୟାରେ ଛୋଟ ଛୋଟ ଗାଡି ଯାତ୍ରୀ ପରିବହନ କରୁଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଯାତ୍ରୀ ପରିବହନ ନିମିତ ସରକାରୀ ପରମିଟ୍ ନ ଥିବା ଟ୍ରେକର ଗାଡିରେ ଚଳପ୍ରଚଳ ହେଉଛି। ଏ ନେଇ ପରିବହନ କିମ୍ବା ପୋଲିସ ପ୍ରଶାସନ ଜାଣି ମଧ୍ୟ ନୀରବତା ଅବଲମ୍ବନ କରୁଥିବା ଅଭିଯୋଗ ହେଉଛି।

ସାମାଜିକ କର୍ମୀ ପ୍ରବୀର ନାୟକ କହିଛନ୍ତି, ନୂଆ ମୋଟର ଯାନ ଆଇନ ଲାଗୁ ହେବା ପାଖାପାଖି ୪ ବର୍ଷ ହୋଇଗଲାଣି। ପ୍ରଥମାବସ୍ଥାରେ ନୂତନ ଆଇନକୁ ନେଇ ବେଆଇନ୍ ଭାବେ ଚଳାଚଳ କରୁଥିବା ଗାଡି ମାଲିକଙ୍କ ମଧ୍ୟରେ ଛନକା ପଶିଥିଲା। କରୋନା କଟକଣାରୁ ଏସବୁ ବନ୍ଦ ଥିଲା। ଏବେ ପ୍ରାୟ ସମସ୍ତ କାର୍ଯ୍ୟାଳୟ ମଧ୍ୟ ସ୍ୱାଭାବିକ ହୋଇସାରିଛି। କିନ୍ତୁ ପରିବହନ ବିଭାଗ ପକ୍ଷରୁ ସେପରି କୌଣସି ଆଖିଦୃଶିଆ





କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇ ନ ଥିବା ଜଣାପଡିଛି। ଏବେ ବି ପଟ୍ଟାମୁଣ୍ଡାଇର ବିଭିନ୍ନ ରୁଟ୍‌ରେ ବେଆଇନ୍ ଭାବେ ଟ୍ରେକର ଗାଡି ଚଳାଚଳ ଅବ୍ୟାହତ ରହିଛି। ସ୍ଥାନୀୟ ପ୍ରଶାସନ କିଛିଦିନ ପୂର୍ବରୁ ସଡ଼କ ସୁରକ୍ଷା ସପ୍ତାହ ପାଳନ କରିଥିବା ବେଳେ ଖୋଦ ପୌରପରିଷଦ କର୍ମଚାରୀ ଭଙ୍ଗା ଦଦରା ଟ୍ରେକରରେ ବିଭିନ୍ନ ମାଲ ନେବା ଆଣିବା କରୁଥିବା ଦେଖିବାକୁ ମିଳୁଛି। ସ୍ଥଳ ବିଶେଷରେ ଯଦି କୌଣସି ଦୁର୍ଘଟଣାରେ ଯାତ୍ରୀଙ୍କ ଜୀବନ ଯାଏ, ସେମାନେ ବୀମା ରାଶି କେଉଁଠୁ ପାଇବେ ଓ କିଏ ଦେବ। ରାଜ୍ୟ ସରକାର ଟ୍ରେକର ଗାଡିକୁ ନିଷେଧାଦେଶ ସତ୍ତ୍ୱେ ପୌର ପରିଷଦ ପରିବହନରେ କାହିଁକି ନିୟୋଜିତ କରିଛି ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବୁଦ୍ଧିଜୀବୀ ଦେବାଶିଷ ପଣ୍ଡା କହିଛନ୍ତି, ସରକାର ୨୦୧୫-୧୬ରେ ଟ୍ରେକରଗୁଡ଼ିକୁ ନିଷେଧାଦେଶ ଜାରି କରି ଅନୁମତି ନ ଦେବା ପାଇଁ ପରିବହନ ବିଭାଗକୁ ଜଣାଇଥିଲେ। ନିଷେଧାଦେଶ ସତ୍ତ୍ୱେ ବି ଟ୍ରେକରଗୁଡିକ ରାସ୍ତାରେ ଗଡୁଛି। ଅଧିକାଂଶ ଟ୍ରେକର ପଟ୍ଟାମୁଣ୍ଡାଇରୁ କେନ୍ଦ୍ରାପଡ଼ା, ରାଜନଗର, ଆଳି ଆଦି ଅଞ୍ଚଳକୁ ଯାଉଛି। ଯାତ୍ରୀମାନେ ଟ୍ରେକର ପଛରେ ଓହଳି ଅସୁରକ୍ଷିତ ଭାବେ ଯାତାୟାତ କରୁଛନ୍ତି। ସେହିପରି ବାଇପାସ୍ ଛକରୁ ଆଳି, ଚାନ୍ଦବାଲି ରୁଟ୍‌ରେ ମଧ୍ୟ ବହୁ ସଂଖ୍ୟକ ଛୋଟ ବଡ଼ ଗାଡି ଯାତ୍ରୀ ପରିବହନ କରିଥାନ୍ତି। ଏଥିମଧ୍ୟରେ ଛୋଟ ଛୋଟ ଗାଡି ରହିଥିବା ବେଳେ ୨୫ ଖଣ୍ଡ ଟ୍ରେକରରେ ଯାତ୍ରୀ ପରିବହନ କରାଯାଉଥିବା ଅଭିଯୋଗ ହେଉଛି। ସେମାନେ ନିୟମିତ ଭାବେ ଖୋଲାଖୋଲି ଯାତ୍ରୀଙ୍କୁ ନେବା ଆଣିବା କରୁଛନ୍ତି। ଆଇନଜୀବୀ ଭବାନୀ ଶଙ୍କର ପଣ୍ଡା କହିଛନ୍ତି, ପଟ୍ଟାମୁଣ୍ଡାଇ ସହରର ବିଭିନ୍ନ ରୁଟ୍‌ରେ ଛୋଟବଡ ଗାଡି ଚାଲିବା ସହ ଯାତ୍ରୀ ପରିବହନ କରୁଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଗାଡି ମାଲିକଙ୍କ ନିକଟରେ ପରମିଟ ନାହିଁ। କେତେକ ଗାଡ଼ି ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ନ ଥିବା ବେଳେ ବୀମା ମଧ୍ୟ ନାହିଁ। ତେଣୁ ଅତ୍ୟନ୍ତ ବିପଜ୍ଜନକ ଭାବେ ଏହି ଗାଡିଗୁଡିକ ଯାତ୍ରୀ ପରିବହନ କରୁଛନ୍ତି। ଏ ନେଇ ଯାତ୍ରୀମାନେ କିଛି ଜାଣି ପାରୁ ନ ଥିବା ବେଳେ ପରିବହନ କର୍ତ୍ତୃପକ୍ଷ ଓ ପୋଲିସ ପ୍ରଶାସନ ନୀରବ ରହୁଛନ୍ତି। ଟ୍ରେକରରେ ପୌର ପରିଷଦର ମାଲ ପରିବହନ ସମ୍ପର୍କରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରିଙ୍କୁ ପଚାରିବାରେ ଏ ବିଷୟରେ ଅବଗତ ନ ଥିଲି, ଏ ନେଇ ଯତ୍ନବାନ ହେବୁ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ପରିବହନ ଅଧିକାରୀ ଧୀରେନ୍ଦ୍ର କୁମାର ନାୟକଙ୍କୁ ପଚାରିବାରୁ ଏଭଳି ଘଟଣା ତାଙ୍କ ନଜରକୁ ଆସିନାହିଁ। ସେ ଘଟଣାସ୍ଥଳ ପରିଦର୍ଶନ ଯିବେ। ଟ୍ରେକରର ନିର୍ମାଣ ଶୈଳୀ ତ୍ରୁଟି ଯୋଗୁ ଏହା ଉପରେ ରାଜ୍ୟ ସରକାର କଟକଣା ଜାରି କରିଛନ୍ତି। ଜିଲାରେ କୌଣସି ଟ୍ରେକରକୁ ପରିବହନ ସକାଶେ ଆମେ ଅନୁମତି ଦେଇନାହୁଁ। କୌଣସି ଟ୍ରେକର ପରିବହନରେ ନିୟୋଜିତ ଥିବା ପ୍ରମାଣ ମିଳିଲେ ତାହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ପାଣି ପାଇଁ ଚାଷୀଙ୍କ ଆନ୍ଦୋଳନ

- ଧାନଗଛ ଧରି ଜିଲାପାଳଙ୍କ ଅଫିସ ଘେରିଲେ
- ପ୍ରଶାସନ ନ ଶୁଣିବାରୁ କଲେ ରାସ୍ତାରୋକୋ
- ଜିଲାପାଳଙ୍କ ଅଫିସର ମୁଖ୍ୟ ଫାଟକ ବନ୍ଦ କରି କଲେ ନାରାବାଜୀ
- ଜିଲାପାଳଙ୍କ କାର୍ଯ୍ୟାଳୟକୁ ଧସେଇ ପଶିଲେ
- ଧାନ ପାଇଁ ମାଛ ଚାଷୀ ବନ୍ଧ ପାଣି ଛାଡୁ ନ ଥିବାରୁ ବିସ୍ଫୋରକ ରୂପ

ନୟାଗଡ଼,୬।୧୧(ଲୋକନାଥ ମିଶ୍ର)


ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀମାନେ ଧାନ ଗଛ ଧରି ଆନ୍ଦୋଳନ କରୁଛନ୍ତି।

ଧାନ ବିଲ ଫାଟି ଆଁ କରି ରହିଥିବାବେଳେ ମାଛ ଚାଷୀ ବନ୍ଧ ପାଣି ଛାଡୁ ନ ଥିବାରୁ ଧାନଚାଷୀମାନେ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭିନ୍ନ ଭିନ୍ନ ତରିକାରେ ଆନ୍ଦୋଳନ କରି ଦାବି ହାସଲ କରିଥିଲେ। ନୟାଗଡ଼ ବ୍ଲକର ଭାଟସାହି, ମୁକ୍ତାପୁର, କାଳଚୁଆପଲ୍ଲୀ ଓ ମୁଆଗାଡିଆର ଚାଷୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଭିତରେ ଧାନଗଛ ଧରି ଉଜୁଡା ଧାନ ଜମି ପାଇଁ ଜିଲାପାଳଙ୍କୁ ଡିଆଁପଡା ବନ୍ଧର ପାଣି ମାଗିଥିଲେ। ଜିଲାପାଳଙ୍କ ସଦ୍ ଭାବନା କକ୍ଷରେ ଜିଲାପାଳ ଅଭିଯୋଗ ଶୁଣାଣିରେ ବ୍ୟସ୍ତ ରହି ଆସି ନ ଥିବାରୁ ଚାଷୀମାନେ ଉତ୍ତେଜିତ ହୋଇ ପଡିଥିଲେ। ଜଣେ ଡେପୁଟି କଲେକ୍ଟର ଓ ନୟାଗଡ଼ ଟାଉନ ଥାନା ପୋଲିସ ଆନ୍ଦୋଳନରତ ଚାଷୀଙ୍କୁ ବୁଝାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଚାଷୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ଛାଡି ଜିଲାପାଳଙ୍କ କାର୍ଯ୍ୟାଳୟର ମୁଖ୍ୟ ଗେଟ ୨ଟି ଆଗରେ ଶୋଇ ରହି ଯାତାୟାତକୁ ବନ୍ଦ କରି ଦେଇଥିଲେ। ଅନ୍ୟପକ୍ଷେ ଆଉ କେତେଜଣ ଚାଷୀ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥକୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅବରୋଧ କରି ଯାନବାହାନ ଚଳାଚଳକୁ ବନ୍ଦ କରାଇ ଥିଲେ। ଚାଷୀମାନେ ଧାନ ଗଛ ଦେଖାଇ ପ୍ରଶାସନକୁ ପ୍ରଶ୍ନ କରିଥିଲେ ଧାନ ଆଗ ନାଁ ମାଛ ଆଗ। ଧାନ ମରୁଥିବାବେଳେ ପ୍ରଶାସନ ମାଛ ଚାଷୀଙ୍କୁ ଗୁରୁତ୍ୱ ଦେଇ ପାଣି ଛାଡୁନାହିଁ। ପ୍ରଶାସନ ବିରୋଧରେ ଚାଷୀ ନାରାବାଜୀ ଦେଇ ପ୍ରଶାସନର ବିଭିନ୍ନ କାର୍ଯ୍ୟରେ ଡୋରୀ ବାନ୍ଧି ଦେଇଥିଲେ। ଚାଷୀଙ୍କ ଆନ୍ଦୋଳନର ତରିକା ବଦଳିବା ଦେଖି ପ୍ରଶାସନ ଓ ପୋଲିସ ବ୍ୟସ୍ତ ବିବ୍ରତ ହୋଇ ପଡିଥିଲେ। ପୋଲିସ ସଙ୍ଗେ ସଙ୍ଗେ ଜିଲାପାଳଙ୍କ ସହ ଆଲୋଚନା କରିବାକୁ ଚାଷୀଙ୍କୁ ବୁଝାଶୁଝା କରାଇଥିଲା। ଏଭଳିସ୍ଥଳେ ଅଧ ଘଣ୍ଟାଏ ଧରି ଚାଲିଥିବା ରାସ୍ତାରୋକୋ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ତେବେ ଚାଷୀ ଜିଲାପାଳଙ୍କ କାର୍ଯ୍ୟାଳୟ ଭିତରକୁ ଯାଇ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରକୁ ଧଶେଇ ପଶିଥିଲେ। ଚାଷୀ ଜିଲାପାଳ କାର୍ଯ୍ୟାଳୟକୁ ଧଶେଇ ପଶିବା ସମୟରେ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଅଭିଯୋଗ ଶୁଣାଣିରୁ ସ୍ୱଳ୍ପ ସମୟ ବିରତି ନେଇଥିଲେ। ନୟାଗଡ଼ ଏସପି ରାହୁଲ ଜୈନ୍ୟଙ୍କ ସହ ମିଳିତ ହୋଇ ଚାଷୀଙ୍କ ଭଅଭିଯୋଗ ଶୁଣିଥିଲେ। ଚାଷୀ ଜିଲାପାଳଙ୍କୁ ପ୍ରଶ୍ନ କରିଥିଲେ ମାଛ ଆଗେ ନାଁ ଧାନଚାଷୀ। ଜମିକୁ ପାଣି ନମଡାଇ ମାଛ ଚାଷକୁ ଗୁରୁତ୍ୱ ଦେଲେ ପରିସ୍ଥିତି ଭୟାବହ ହେବ ବୋଲି କହିଥିଲେ। ଏଭଳିସ୍ଥଳେ ଜିଲାପାଳ ଚାଷୀଙ୍କୁ ବୁଝାସୁଝା କରି ଆନ୍ଦୋଳକୁ ପ୍ରତ୍ୟାହୃତ କରାଇଥିଲେ।

ବର୍ଷା ଅଭାବରୁ ନୟାଗଡ଼ ଜିଲାରେ ଗୋଟିଏ ପରେ ଗୋଟିଏ ଧାନ ଜମିର ଫସଲ ଉଜୁଡିବା ଆରମ୍ଭ ହୋଇଛି। ଧାନ ଫୁଲ ଉଡାଇବା ସମୟରେ ମରୁଡିକୁ ଦେଖି ଚାଷୀ ବନ୍ଧ, ପୋଖରୀ, କୂଅ, ଉଠାଜସେଚନ, ନଦୀରୁ ପାଣି ମଡ଼ାଇବାକୁ ଚେଷ୍ଟା କରୁଛି। ତେବେ ପାଣିକୁ ନେଇ ବିଭିନ୍ନ ସ୍ଥାନରେ ଗଣ୍ଡଗୋଳ ହେବା ନୟାଗଡ ଜିଲାରେ ସାଧାରଣ ଘଟଣା ହୋଇ ପଡିଛି। ଚାଷୀ ଆନନ୍ଦ ଚନ୍ଦ୍ର ମଲ କହିଛନ୍ତି ବର୍ଷା ଅଭାବରୁ ଆମ ଅଞ୍ଚଳରେ ମରୁଡି ପରିସ୍ଥିତି ଦେଖା ଦେଇଛି। ଏଭଳି ସମୟରେ ଡିଆଁପଡା ବନ୍ଧ ସାହା ଭରସା। ଯଦିଓ ବର୍ଷା ପରି ପର୍ଯ୍ୟାପ୍ତ ପାଣି ବନ୍ଧ ଯୋଗାଇ ପାରିବ ନାହିଁ ତେବେ କିଛିକାଂଶରେ ଧାନ ବଞ୍ଚିବ। ଏଣୁ କ୍ଷୁଦ୍ର ଜଳସେଚନ ବିଭାଗର ଅନୁମତି ନେଇ ବନ୍ଧର କବାଟ ଖୋଲା ଯାଇଥିଲା। କିନ୍ତୁ ମାଛ ଚାଷୀ ଧାନ ଜମିକୁ ପାଣି ଛାଡିଲେ ନାହିଁ। ମାରପିଟ ଗଣ୍ଡଗୋଳ କଲେ। ବନ୍ଧ ମାଛ ଚାଷ ପାଇଁ ହୋଇଛି। ଚାଷ ଜମିରେ ପାଣି ମଡାଇବାକୁ ହୋଇନାହିଁ କହିଥିଲେ। ଏଣୁ ଆମେ ୪ ଖଣ୍ଡ ଗାଁର ଚାଷୀ ଗାଁରେ ସଭା କରି ଜିଲାପାଳଙ୍କ ଅଫିସକୁ ଆସି ଶୁକ୍ରବାର ଘେରାଉ କରିଥିଲେ। ଘେରାଉ ପରେ ଜମିରେ ପାଣି ମାଡିଥିଲା। ଆମେ ଘରକୁ ଆସିବା ପରେ ପାଣି ବନ୍ଦ ହୋଇଗଲା। ମାଛ ଚାଷୀ ଆମକୁ ଖରାପ ବ୍ୟବହାର କଲେ। ଏଣୁ ଧାନ ଗଛ ଧରି ବିକ୍ଷୋଭ କଲୁ। ଜିଲାପାଳ ପ୍ରତିଶ୍ରୁତି ଦେଲେ ବନ୍ଧରୁ ପାଣି ଶେଷ ପର୍ଯ୍ୟନ୍ତ ପାଣି ଛାଡ଼ିବ। ଯଦି ଜିଲାପାଳଙ୍କ ନିଷ୍ପତ୍ତିକୁ ଅଣଦେଖା କରାଯାଏ ଚାଷୀମାନେ ଆନ୍ଦୋଳନ ତୀବ୍ରତର କରିବେ ବୋଲି କହିଛନ୍ତି। ଚାଷୀ ଲକ୍ଷ୍ମୀଧର ସାହୁ କହିଛନ୍ତି, ମରି ଯାଉଥିବା ଧାନ ପାଇଁ ପାଣି ଉଦ୍ଦେଶ୍ୟରେ ଆମ ଆନ୍ଦୋଳନ ଚାଲୁ ରହିଛି। ବନ୍ଧରୁ ପାଣି ନେବା ପାଇଁ ଜିଲାପାଳଙ୍କ ଆଦେଶକୁ ବି ଅଣଦେଖା କରାଯାଉଛି। ପାଣି ପାଇଁ ୨ ଘଣ୍ଟା ଧରି ଧାରଣା ଦେବା ପରେ ଆମ ଦାବି ନଶୁଣିବାରୁ ରାସ୍ତାରୋକୋ କଲୁ। ଆମ ଦାବି ଜିଲାପାଳ ବିଳମ୍ବରେ ଶୁଣିଲେ। ପାଣି ବନ୍ଧରୁ ଦେବାରେ ଅଣଦେଖା କଲେ ଆମ ଆନ୍ଦୋଳନ ପୁଣି ତୀବ୍ରତର ହେବ ବୋଲି ସେ କହିଛନ୍ତି।


ଚାଷୀମାନେ ରାସ୍ତାରୋକୋ କରୁଥିବା ବେଳେ ପୋଲିସ ଅଟକାଉଛି।


ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଆସି ଚାଷୀମାନଙ୍କ ସହ ଆଲୋଚନା କରୁଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଲିକୁ


@ ପିଣ୍ଟୁ


@ ରାଜେଶ


@ ସନ୍ତୋଷ


@ ସୁରେନ୍ଦ୍ର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଶର୍ଟସର୍କିଟରୁ ବିଦ୍ୟୁତ ଖୁଣ୍ଟ ତାର ଜଳିଲା

## ଲାଇନମ୍ୟାନଙ୍କ ଉପସ୍ଥିତ ବୁଦ୍ଧିରୁ ଦୁର୍ଘଟଣା ଟଳିଲା

ଓଡଗାଁ,୬।୧୧(ଆଦର୍ଶ କୁମାର ପଟ୍ଟନାୟକ)



ସୋମବାର ସନ୍ଧ୍ୟା ୫ଟା ୧୫ ମିନିଟ୍‌ରେ ଓଡ଼ଗାଁ ବିଜୟ ମଣ୍ଡପ ସାହିରେ ଥିବା ଗୋଟିଏ ବିଦ୍ୟୁତ ଖୁଣ୍ଟରେ ହଠାତ ତାର ଜଳି ଉଠିଥିଲା। ସୌଭାଗ୍ୟବଶତଃ ସାହିରେ ଉପସ୍ଥିତ ଥିବା ଟାଟା ପାୱାର ଲାଇନ୍ସମ୍ୟାନ ଅରୂପ ପଟ୍ଟନାୟକ କାଳ ବିଳମ୍ବ ନ କରି ଟାଉନ ଲାଇନ ଶଟ ଡାଉନ କରାଇଥିଲେ। ବିଦ୍ୟୁତ ଯୋଗାଣ ବନ୍ଦ ହେବା ପରେ ଏହାକୁ ଲିଭାଇବାକୁ ଅଗ୍ନିଶମ କେନ୍ଦ୍ରକୁ ସୂଚନା ଦେବା ସହ ସାହି ବାସିନ୍ଦାକୁ ସୁରକ୍ଷା ଦେବାକୁ ହୁତ ହୁତ ହୋଇ ଜଳୁଥିବା ବିଦ୍ୟୁତ ଖୁଣ୍ଟ ନିକଟରେ ଜଗି ରହିଥିଲେ। ସହଯୋଗୀ ୨ଜଣ ପହଞ୍ଚିବା ପରେ ଅଧ ଘଣ୍ଟା ମଧ୍ୟରେ ତାର ପୋଡା କେବୁଲ ସହ ୧୨ରୁ ୧୫ ଜଣଙ୍କ ଘରକୁ ଯାଇଥିବା କେବୁଲ ତାର ସଜାଡି ବିଦ୍ୟୁତ ଯୋଗାଣ ସ୍ୱାଭାବିକ କରିବାରେ ସକ୍ଷମ ହୋଇଥିଲେ। ଅନ୍ୟପକ୍ଷେ ସମସ୍ତ ବିଦ୍ୟୁତ ଖୁଣ୍ଟରେ ଯାଇଥିବା ଏକାଧିକ କେବୁଲ ଟିଭି ସଂଯୋଗ ମଧ୍ୟ ଏଥିରେ ଜଳି ଯାଇଥିବା ଦେଖିବାକୁ ମିଳିଥିଲା। ହେଲେ ଏହା ଆଇନ ସମତଃ କି ନାହିଁ ଅନୁସନ୍ଧାନ ସାପେକ୍ଷ। ହେଲେ ଏଭଳି ବିଦ୍ୟୁତ୍ ଖୁଣ୍ଟରେ ଘରୋଇ ସଂଯୋଗ ପାଇଁ ଲାଗିଥିବା ପୁରୁଣା ବକ୍ସରେ ଶର୍ଟ ସର୍କିଟ ଯୋଗୁଁ ହୋଇଥିବା ଜଣାଯାଇଛି। ହେଲେ ଲାଇନ୍ସମ୍ୟାନଙ୍କ ଉପସ୍ଥିତ ବୁଦ୍ଧି ଓ ସମୟୋଚିତ ପଦକ୍ଷେପ ଯୋଗୁଁ ଏକ ବଡ ଦୁର୍ଘଟଣାକୁ ଏଡାଇ ଦିଆଯାଇଛି। ପର୍ଯ୍ୟାୟକ୍ରମେ ଏସବୁକୁ ସଜାଡ଼ିବା ସହିତ ପୁରୁଣା ଜନକ୍ସନ ବକ୍ସ ବଦଳାଇବାକୁ ପଦକ୍ଷେପ ନେବାକୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରିବି ବୋଲି ସହକାରୀ ଯନ୍ତ୍ରୀ ବିନୋଦ କୁମାର ମହାରଣା ସୂଚନା ଦେଇଛନ୍ତି।

# ୩୦ଫୁଟ୍ ବ୍ରିଜ ତଳକୁ ଖସିଲା ସିମେଣ୍ଟ ବୋଝେଇ ଟ୍ରକ

**ଦଶପଲ୍ଲା ୬।୧୧ (ପ୍ରକାଶ କୁମାର ପାଣି):** ଦଶପଲ୍ଲା ଥାନା ସାକେଣୀ ଗ୍ରାମଠାରେ ଭାରସାମ୍ୟ ହରାଇ ୩୦ଫୁଟ୍ ବ୍ରିଜ ତଳକୁ ସିମେଣ୍ଟ ବୋଝେଇ ଟ୍ରକ୍ ଓଲଟି ପଡିଛି। ହାଇଦ୍ରାବାଦରୁ ସିମେଣ୍ଟ ନେଇ ଦଶପଲ୍ଲା ଆସୁଥିବାବେଳେ ଟ୍ରକ୍‌ଟି ଦୁର୍ଘଟଣାଗ୍ରସ୍ତ ହୋଇଛି। ଚାଳକ ଜଣକ ବାର୍ତ୍ତି ଯାଇଛନ୍ତି। ଚାଳକ ଜଣଙ୍କ ବିଶାଖାପାଟଣାର ବୋଲି ଜଣାପଡିଛି। ସୂଚନା ଥାଉ କି ଏହି ସ୍ଥାନରେ କୌଣସି ସୂଚନା ଫଳକ ନ ଥିବାରୁ ମାସକ ମଧ୍ୟରେ ୫ଟି ଗାଡି ଦୁର୍ଘଟଣା ଗ୍ରସ୍ତ ହୋଇଥିଲେ ସୁଦ୍ଧା ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇନାହିଁ। ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବାରେ ଲାଗିଛି।

# ପରିବାରକୁ ଭେଟିଲେ ଭାଜପା, କଂଗ୍ରେସ ନେତା

## ରଣବୋଝରୁ ଚାଷୀଙ୍କ ଆତ୍ମହତ୍ୟା ଘଟଣା

ରଣପୁର, ୬।୧୧ (ସୁକାନ୍ତ କିଶୋର ଡ଼ାକୁଆ)

ନୟାଗଡ଼ ଜିଲା ରଣପୁର ବ୍ଲକ ଜଙ୍କିଆ ପଞ୍ଚାୟତର ଓସ୍ତାପଡ଼ା ଗାଁର ଚାଷୀ ଗୋବିନ୍ଦ ସାହୁ ଧାନ ଚାଷ ଉଜୁଡିଯିବା ଓ ରଣବୋଝ ଲାଗି ରବିବାର ଆତ୍ମହତ୍ୟା କରିଥିଲେ। ସୋମବାର ପୂର୍ବାହ୍ନରେ ରଣପୁର କଂଗ୍ରେସ ଓ ଭାଜପା ଦଳର ନେତାମାନେ ଓସ୍ତାପଡ଼ା ଗାଁରେ ପହଞ୍ଚି ମୃତ ଚାଷୀ ଗୋବିନ୍ଦଙ୍କ ପରିବାରକୁ ଭେଟିଥିଲେ। କଂଗ୍ରେସ ଦଳ ପକ୍ଷରୁ ପ୍ରଦେଶ କଂଗ୍ରେସ ସଭ୍ୟ ତଥା ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଜାତୀୟ ସଙ୍ଗଠନ ସମ୍ପାଦକ ସତ୍ୟବ୍ରତ ନାୟକ ମୃତ ଗୋବିନ୍ଦଙ୍କ ଶୋକ ସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇଥିଲେ। ସେହିପରି ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର, ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ ପ୍ରମୁଖ ପହଞ୍ଚି ତାଙ୍କ ବଡପୁଅ ବିକ୍ରମ ସାହୁ ସହ ଆଲୋଚନା କରିଥିଲେ। ବିକ୍ରମ କହିଥିଲେ, ଫସଲ ଉଜୁଡିଯିବା ଫଳରେ ବ୍ୟାଙ୍କ ଋଣ ଓ ହାତ ଉଦ୍ଧାରି ଓ ଅର୍ଥ ଅଭାବରୁ ଜମିରେ ପାଣି ନ ମଡ଼େଇ ପାରିବାରୁ ବାପା ଗୋବିନ୍ଦ(୬୫) ଚିନ୍ତାରେ ଥିଲେ। ରବିବାର ଭୋର ୪ଟାରେ ସେ ଘରୁ ଚାଷଜମି ବୁଲିବାକୁ ଯାଇ ଧାନ ଫସଲ ମାରିଯିବା ଓ ଜମି ଫାଟି ଆଁ କରିବା ଦେଖି ମାନସିକ ଭାରସାମ୍ୟ ହରାଇ ପାଖରେ ଥିବା ଆମ୍ବ ଗଛରେ ରଶି ଲଗେଇ ଆତ୍ମହତ୍ୟା କରିଥିଲେ। ଗୋବିନ୍ଦଙ୍କ ଚାଷ ଥିଲା ଜୀବନ। ତେଣୁ ସେ ଏପରି ପଦକ୍ଷେପ ନେଇଥିଲେ। ଗୋବିନ୍ଦଙ୍କ ସାନପୁଅ ଗୁଜରାଟର ସୁରାଟ କାମ କରିବାକୁ ଯାଇଛନ୍ତି। ରାଜ୍ୟ ଜଳସେଚନ ବିଭାଗ ଚାଷୀଙ୍କ ସମସ୍ୟାକୁ ଗମ୍ଭୀରତାର ସହ ନେଇ ଜଳ ଅଭାବରୁ ଚାଷୀଙ୍କ ଫସଲ ଯେପରି ନଷ୍ଟ ନ ହୁଏ ସେଥିପାଇଁ ସ୍ୱତନ୍ତ୍ର ଅର୍ଥ ବ୍ୟବସ୍ଥା କରି ଓସ୍ତପଡ଼ା, ରଣପୁର ବ୍ଲକର ବିଭିନ୍ନ ଅଞ୍ଚଳରେ ବୃହତ ଜଳ ପ୍ରକଳ୍ପ ଓ ଚେକ ଡ୍ୟାମ ନୂତନ ଭାବେ କରିବା, ରଣପୁର ଅଞ୍ଚଳରେ ଥିବା ପ୍ରକଳ୍ପଗୁଡିକୁ ଯୁଦ୍ଧକାଳୀନ ଭିତ୍ତିରେ ପୁନରୁଦ୍ଧାର କରିବା ଓ ମୃତ ଗୋବିନ୍ଦଙ୍କ ପରିବାରକୁ ରାଜ୍ୟ ସରକାର ତୁରନ୍ତ ୨୦ଲକ୍ଷ ଟଙ୍କା କ୍ଷତି ପୂରଣ ଦେବା ପାଇଁ କଂଗ୍ରେସ ନେତା ସତ୍ୟବ୍ରତ ଦାବି କରିଛନ୍ତି। ଏହି ପ୍ରତିନିଧି ଦଳରେ ନୟାଗଡ ଜିଲା କୃଷକ କଂଗ୍ରେସ ସଭାପତି ଧ୍ରୁବ ଚରଣ ପରିଡା, ମିର ଅବୁବକର ସିଦ୍ଦିକ, ପ୍ରକାଶ ଚନ୍ଦ୍ର ନାୟକ, ବାଦଲ ପ୍ରଧାନ, ସୁରେଶ ମହାରଣା, ପଠାଣି ପରିଡା ପ୍ରମୁଖ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।




ମୃତ ଚାଷୀଙ୍କ ପରିବାର ଲୋକଙ୍କ ସହ ଭାଜପା ନେତା ସମ୍ବିତ ପାତ୍ର, କଂଗ୍ରେସର ଦଳର ନେତା, କର୍ମମାନେ ଭେଟି ଆଲୋଚନା କରୁଛନ୍ତି।

# ଟିଣ ଛପର ଝାଟି କୁଡିଆରେ ମଧ୍ୟାହ୍ନଭୋଜନ ରୋଷେଇ



ଯୋଡାସାହି ପ୍ରାଥମିକ ବିଦ୍ୟାଳୟ


ମଧ୍ୟାହ୍ନଭୋଜନ ରୋଷେଇ ପାଇଁ ନିର୍ମାଣ ଝାଟିକୁଡିଆ।

ନୂଆଗାଁ, ୬।୧୧ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ସିଙ୍ଗାରପଲ୍ଲୀ ପଞ୍ଚାୟତ ଯୋଡାସାହି ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ରୋଷେଇ ପାଇଁ ରୋଷେଇ ଘର ନାହିଁ। ତେଣୁ ସ୍କୁଲ ନିକଟରେ ଥିବା ଗଛ ମୂଳେ ଝାଟିରେ ନିର୍ମାଣ କରାଯାଇ ଟିଣ ଛପର ହୋଇଥିବା କୁଡିଆରେ ମଧ୍ୟାହ୍ନ ଭୋଜନ ରୋଷେଇ କରାଯାଉଛି।

ବ୍ଲକର ସୋରଡା ପଞ୍ଚାୟତ ବାଲିସାହି ପ୍ରାଥମିକ ବିଦ୍ୟାଳୟରେ ପାଇଖାନା ଉଦ୍ଦେଶ୍ୟରେ ନିର୍ମାଣ ହୋଇଥିବା ଘରେ ମଧ୍ୟାହ୍ନ ଭୋଜନ ରୋଷେଇ ହେଉଥିବା ଅଭିଯୋଗ ପରେ ସିଙ୍ଗାରପଲ୍ଲୀ ପଞ୍ଚାୟତ ଯୋଡାସାହି ପ୍ରାଥମିକ ବିଦ୍ୟାଳୟରେ ଝାଟି କୁଡିଆରେ ବିପଦପୂର୍ଣ୍ଣ ଅବସ୍ଥାରେ ମଧ୍ୟାହ୍ନ ଭୋଜନ ରୋଷେଇ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଉକ୍ତ ସ୍କୁଲରେ ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ୧୪ ଜଣ ଛାତ୍ରୀ ଓ ୧୨ ଜଣ ଛାତ୍ର ଅଧ୍ୟୟନ କରୁଛନ୍ତି। ସେମାନଙ୍କୁ ପଢାଇବା ପାଇଁ ଜଣେ ପ୍ରଧାନ ଶିକ୍ଷକ ଓ ଜଣେ ସହକାରୀ ଶିକ୍ଷକ ନିୟୋଜିତ ହୋଇଛନ୍ତି। ସରକାର ଛାତ୍ରୀଛାତ୍ରମାନଙ୍କୁ ବିଦ୍ୟାଳୟ ଅଭିମୁଖୀ କରାଇବା ପାଇଁ ଅନେକ ଯୋଜନା କରି ଲକ୍ଷାଧିକ ଟଙ୍କା ବ୍ୟୟ କରୁଛନ୍ତି। କିନ୍ତୁ ସ୍କୁଲର ମୌଳିକ ଆବଶ୍ୟକତା ପ୍ରତି ଦୃଷ୍ଟି ନ ଦେବା ଶିକ୍ଷା ବିଭାଗ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରୁଛି। ସ୍କୁଲ ଛାତ୍ରୀଛାତ୍ରମାନଙ୍କ ନିମନ୍ତେ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରାଯାଇଛି ହେଲେ କେଉଁଠାରେ ପ୍ରସ୍ତୁତ କରାଯିବ ସେଥିପ୍ରତି ଧ୍ୟାନ ଦିଆଯାଉନାହିଁ। ମଧ୍ୟାହ୍ନ ଭୋଜନ ରୋଷେଇ ଘର ନିର୍ମାଣ ପାଇଁ ଆର୍ଥିକ ବର୍ଷ ୨୦୦୯-୧୦ରେ ୬୦ ହଜାର ଟଙ୍କା ଅନୁଦାନ ଦିଆଯାଇଥିଲା। ତେବେ ନିର୍ମାଣ କରିବାକୁ କେହି ଆଗ୍ରହ ପ୍ରକାଶ ନ କରିବାରୁ ତାହା ନିର୍ମାଣ କରାଯାଇ ପାରିଲା ନାହିଁ। ଏପରିକି ଦୀର୍ଘ ୧୩ ବର୍ଷ ହେଲା ଅନୁଦାନ ପଡି ରହିଥିଲେ ମଧ୍ୟ ରୋଷେଇ ଘର ନିର୍ମାଣ ପ୍ରତି ଦୃଷ୍ଟି ଦିଆଯାଉନାହିଁ। ପ୍ରତିବର୍ଷ ସ୍କୁଲ ପକ୍ଷରୁ ରୋଷେଇ ଘର ନ ଥିବା ବାବଦରେ ରିପୋର୍ଟ ଦାଖଲ କରାଯାଉଥିଲେ ମଧ୍ୟ ସବୁ ଜାଣି ଅଧିକାରୀମାନେ ନୀରବ ରହୁଛନ୍ତି। ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରୁଥିବା ପାଚିକା ବାସନ୍ତୀ ନାୟକ ଓ ସହାୟିକା ସୁଷମା ସାହୁ ବର୍ଷା ଦିନେ ପାଣି କାଦୁଅରେ ଗଛ ମୂଳରେ ଝାଟିରେ ନିର୍ମାଣ ଓ ଟିଣ ଛପର ଘରେ ବହୁ ଅସୁବିଧାରେ ମଧ୍ୟାହ୍ନ ଭୋଜନ ରୋଷେଇ କରି ଦେଉଥିବା କହିଛନ୍ତି। ଏ ସଂକ୍ରାନ୍ତରେ ଗ୍ରାମବାସୀ ନୟାଗଡ ଜିଲାପାଳ ରବୀନ୍ଦ୍ର ନାଥ ସାହୁ , ଜିଲା ଶିକ୍ଷାଧିକାରୀ, ବ୍ଲକ ଶିକ୍ଷାଧିକାରୀ, ବିଡିଓ ପ୍ରମୁଖଙ୍କୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଯୋଡାସାହି ପ୍ରାଥମିକ ବିଦ୍ୟାଳୟରେ ରୋଷେଇ ଘର ବାବଦରେ ବ୍ଲକ ଶିକ୍ଷାଧିକାରୀ(ବିଇଓ) ପ୍ରଶାନ୍ତ କୁମାର ସାହୁଙ୍କୁ ପଚାରିବାରେ ରୋଷେଇ ଘର ନିର୍ମାଣ କରିବାରେ କ'ଣ ଅସୁବିଧା ରହିଛି ତାହା ବୁଝିବି ବୋଲି ସେ କହିଛନ୍ତି।

## ରଘୁରାମ ମାଛ ବିଜେଡିରୁ ବହିଷ୍କୃତ

ଭୁବନେଶ୍ୱର,(ଅନିଲ ଦାସ): କୋରାପୁଟ ବିଜେଡି ନେତା ରଘୁରାମ ମାଛଙ୍କୁ ବିଜୁ ଜନତା ଦଳରୁ ବହିଷ୍କୃତ କରାଯାଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ କ୍ରମେ ଦଳ ବିରୋଧୀ କାର୍ଯ୍ୟ ପାଇଁ ତାଙ୍କୁ ବିଦା କରାଯାଇଥିବା ବିଜେଡି ପକ୍ଷରୁ ସୋମବାର ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି।



ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ ସୋମବାର ଯୋଧପୁର ଜିଲାର ସର୍ଦ୍ଦାରପୁରା ଆସନରୁ ନାମାଙ୍କନପତ୍ର ଦାଖଲ କରୁଛନ୍ତି।

## ସର୍ଦ୍ଦାରପୁରା ଆସନରୁ ନାମାଙ୍କନପତ୍ର ଦାଖଲ କଲେ ଗେହଲଟ୍

ଜୟପୁର,୬।୧୧

ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ ସୋମବାର ଯୋଧପୁର ଜିଲାର ସର୍ଦ୍ଦାରପୁରା ଆସନରୁ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସର୍ଦ୍ଦାରପୁରା କଂଗ୍ରେସର ଗଡ଼ ଭାବେ ପରିଚିତ। ଗେହଲଟ୍ ୧୯୯୮ରୁ କ୍ରମାଗତ ଭାବେ ଉକ୍ତ ଆସନରୁ ଜିତିଆସୁଛନ୍ତି। ୨୦୧୮ ବିଧାନସଭା ନିର୍ବାଚନରେ ସେ ୬୩ ପ୍ରତିଶତ ଭୋଟ ପାଇଥିଲେ। ସୋମବାର ନାମାଙ୍କନପତ୍ର ଭରିବା ବେଳେ ଗେହଲଟ୍‌ଙ୍କ ସହ ତାଙ୍କ ସ୍ତ୍ରୀ ସୁନୀତା ଗେହଲଟ୍ ଓ ପୁଅ ବୈଭବ ଥିଲେ। ନାମାଙ୍କନପତ୍ର ଦାଖଲ ପୂର୍ବରୁ ମୁଖ୍ୟମନ୍ତ୍ରୀ ତାଙ୍କ ଭଉଣୀଙ୍କ ଆଶୀର୍ବାଦ ନେଇଥିଲେ।

# ମୋଦି ପ୍ରଚାରରେ ଆସିବା ପୂର୍ବରୁ ଇଡି, ସିବିଆଇକୁ ପଠାଉଛନ୍ତି: ଖାର୍ଗେ

ଯୋଧପୁର,୬।୧୧

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ସୋମବାର ରାଜସ୍ଥାନର ଯୋଧପୁରଠାରେ ଏକ ନିର୍ବାଚନ ରାଲିକୁ ସମ୍ବୋଧିତ କଲାବେଳେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି), ସିବିଆଇ ଏବଂ ଆୟକର ବିଭାଗକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଯବାନ ବୋଲି କହିଛନ୍ତି। ମୋଦି ନିର୍ବାଚନ ପ୍ରଚାରରେ ଆସିବା ପୂର୍ବରୁ ବିରୋଧୀ ନେତାମାନଙ୍କୁ ଟାର୍ଗେଟ କରିବା ପାଇଁ ଉପରୋକ୍ତ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକୁ ପଠାଉଛନ୍ତି। ନିର୍ବାଚନ ସମୟ ହୋଇଥିବାରୁ



କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ

ପ୍ରଧାନମନ୍ତ୍ରୀ ଏବେ ଗରିବଙ୍କ କଥା ଚିନ୍ତା କରୁଛନ୍ତି। ମାଗଣା ରାଶନ ଯୋଜନାକୁ ପ୍ରଧାନମନ୍ତ୍ରୀ ଆଉ ୫ ବର୍ଷ ବଢ଼ାଇଥିବାରୁ ଖାର୍ଗେ ଏହା କହିଛନ୍ତି। ତେବେ ଏହି ସରକାର ସବୁବେଳେ ଗରିବଙ୍କୁ ଅସୁବିଧାରେ ପକାଇ ଆଦାନୀଙ୍କ ଭଳି ବନ୍ଧୁ ଶିଳ୍ପପତିମାନଙ୍କୁ ସହାୟତା କରିଆସିଛନ୍ତି। ମୋଦି ଗରିବଙ୍କ ଭୋଟ ନେଇ ଧନୀଙ୍କୁ ସହାୟତା କରୁଛନ୍ତି। ତାଙ୍କ ଶାସନ କାଳରେ ଧନୀ ଅଧିକ ଧନୀ ହେଉଥିବାବେଳେ ଗରିବମାନେ ତଳିତଳାନ୍ତ ହୋଇଯାଉଛନ୍ତି। ଆସନ୍ତା ୨୫ ତାରିଖରେ ରାଜସ୍ଥାନ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଲୋକମାନେ କଂଗ୍ରେସ ସହ ରହିଛନ୍ତି ଓ ଏହି ଦଳ କ୍ଷମତା ବଜାୟ ରଖିବ ବୋଲି ଖାର୍ଗେ କହିଛନ୍ତି।

# ଦାବି ପୂରଣ ନ ହେଲେ ନବୀନ ନିବାସ ଘେରିବୁ: ଛାତ୍ର କଂଗ୍ରେସ



ଦାବିପତ୍ର ଦେବାକୁ ଛାତ୍ର କଂଗ୍ରେସ କର୍ମକର୍ତ୍ତାମାନେ ପୋଲିସ୍ କମିଶନରଙ୍କ କାର୍ଯ୍ୟାଳୟକୁ ଯାଉଛନ୍ତି।

ଭୁବନେଶ୍ୱର, ୬।୧୧(ସୁନିତ୍ ମିଶ୍ର)

ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ସଭାପତି ୟାସିର ନୱାଜଙ୍କ ନେତୃତ୍ୱରେ କର୍ମୀମାନେ ପାୱାରହାଉସ ଛକ ରେଞ୍ଜରୋଭର ଦୁର୍ଘଟଣା ମାମଲାରେ ଝାରସୁଗୁଡ଼ା ବିଧାୟିକାଙ୍କ ଭାଇ ବିଶାଳ ଦାସଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ଦାବି କରାଯାଇଛି। ଏହି ଦାବି ନେଇ ଛାତ୍ର କଂଗ୍ରେସ କର୍ମକର୍ତ୍ତାମାନେ କମିଶନରେଟ ପୋଲିସ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବିକ୍ଷୋଭ ଶେଷରେ ଛାତ୍ର କଂଗ୍ରେସ ପକ୍ଷରୁ ଏକ ଦାବିପତ୍ର ଭୁବନେଶ୍ୱର ପୋଲିସ କମିଶନରଙ୍କୁ ପ୍ରଦାନ କରାଯାଇଛି। ଛାତ୍ର କଂଗ୍ରେସ ଆହୁରି ଦାବି କରିଛି ଯେ, ବିଶାଳ ଦାସଙ୍କୁ ତଦନ୍ତ ପରିସରଭୁକ୍ତ କରିବା ସହ ଯଦି ସେ ଗାଡ଼ି ଚଳାଇଥିବେ ତେବେ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଉ। ଦୁର୍ଘଟଣାରେ ମୃତ ଲୋପାମୁଦ୍ରା ସାହୁଙ୍କ ପରିବାରକୁ କୋଟିଏ, ଗୁରୁତର ଆହତ ହୋଇଥିବା କାହ୍ନୁ ଚରଣ ସାହୁଙ୍କୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯାଉ। ଯଦି ୭୨ ଘଣ୍ଟା ଭିତରେ ଏ ସମ୍ପର୍କରେ ନିଷ୍ପତ୍ତି ଗ୍ରହଣ କରା ନ ଯିବ ତେବେ ଛାତ୍ର କଂଗ୍ରେସ ପକ୍ଷରୁ ନବୀନ ନିବାସ ସମ୍ମୁଖରେ ବିକ୍ଷୋଭ କରାଯିବ ବୋଲି ୟାସିର ଚେତାବନୀ ଦେଇଛନ୍ତି। ଏଥିସହ ସେ କହିଛନ୍ତି, କମିଶନରେଟ ପୋଲିସ କାର୍ଯ୍ୟାଳୟର ୫୦ ମିଟର ଦୂରରେ ପାୱାର ହାଉସ ଛକଠାରେ ରେଞ୍ଜରୋଭର ଓ ବାଇକ ଦୁର୍ଘଟଣା ହୋଇଥିଲା। ଏହି ଦୁର୍ଘଟଣାରେ ପ୍ରକୃତ ଦୋଷୀକୁ ପୋଲିସ ଖସାଇ ଦେଇଥିବା ଅଭିଯୋଗ ହୋଇଛି। କିଛି ଦେଖଣାହାରୀ କହୁଛନ୍ତି, ସେହି ରେଞ୍ଜ ରୋଭର ଗାଡ଼ିରେ ଝାରସୁଗୁଡ଼ା ବିଧାୟିକାଙ୍କ ଭାଇ ଥିଲେ। ତେଣୁ ଚାପର ବଶବର୍ତ୍ତୀ ହୋଇ ବିଶାଳ ଦାସଙ୍କୁ ତଦନ୍ତ ପରିସରକୁ ଅଣାଯାଉ ନାହିଁ। ସିସିଟିଭି କ୍ୟାମେରାରେ ଘଟଣାର ସମସ୍ତ ଫୁଟେଜ ନିଶ୍ଚିତ ସଂରକ୍ଷିତ ଥିବ। ପୋଲିସ

## ତଥ୍ୟ ଅନୁଧ୍ୟାନ କମିଟି ଗଠନ କଲା କଂଗ୍ରେସ

**ରଣପୁର ଚାଷୀ ଆତ୍ମହତ୍ୟା ଘଟଣା**

ଭୁବନେଶ୍ୱର, ୬।୧୧(ସୁନିତ୍ ମିଶ୍ର)

ନୟାଗଡ଼ ଜିଲା ରଣପୁର ବ୍ଲକ ଜଙ୍କିଆ ପଞ୍ଚାୟତ ଅନ୍ତର୍ଗତ ଓସ୍ତପଡ଼ା ଗ୍ରାମର ଚାଷୀ ଗୋବିନ୍ଦ ଚନ୍ଦ୍ର ସାହୁଙ୍କ ଆତ୍ମହତ୍ୟା ଘଟଣାର ଅନୁଧ୍ୟାନ କରିବା ପାଇଁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ, ପିସିସି ଉପସଭାପତି ବିଭୂତି ଭୂଷଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ତଥ୍ୟ ଅନୁଧ୍ୟାନ କମିଟି ଗଠନ କରାଯାଇଛି। ଏହି କମିଟିରେ ସଦସ୍ୟ ଭାବେ ଅମିୟ ପଟ୍ଟନାୟକ, ରଣଜିତ ଦାଶ, ସତ୍ୟବ୍ରତ ନାୟକ, ଧ୍ରୁବଚରଣ ପରିଡ଼ା, ସସ୍ମିତା ଦାସ, ମନୋଜ ସାହୁ ଓ ହୁସେନ ଖାଁ ରହିଛନ୍ତି। ଏହି କମିଟି ମଙ୍ଗଳବାର ଘଟଣାସ୍ଥଳକୁ ଗସ୍ତ କରି ମୃତକଙ୍କ ପରିବାରବର୍ଗଙ୍କୁ ଭେଟି ଘଟଣାର ଅନୁଧ୍ୟାନ କରିବେ। ଏହାସହ ସ୍ଥାନୀୟ ପ୍ରଶାସନ ସହ ଆଲୋଚନା କରି ଏକ ରିପୋର୍ଟ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟକୁ ପ୍ରଦାନ କରିବାକୁ ପିସିସି ସଭାପତି ନିର୍ଦ୍ଦେଶ ଦେଇଛନ୍ତି।

# ୨୦୨୩ ଅଷ୍ଟ୍ରେଲିଆ, ଭାରତ ପାଇଁ ଐତିହାସିକ ବର୍ଷ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୬।୧୧(ସୁନିତ୍ ମିଶ୍ର)

**ଶିକ୍ଷା ଓ ଦକ୍ଷତା ବିକାଶ କ୍ଷେତ୍ର**

ଆଇଆଇଟି ଗାନ୍ଧୀନଗରରେ ଅନୁଷ୍ଠିତ ପ୍ରଥମ ଅଷ୍ଟ୍ରେଲିଆ-ଭାରତ ଶିକ୍ଷା ଏବଂ କୌଶଳ ପରିଷଦ ବୈଠକ(ଏଆଇଇଏସ୍‌ସି)ରେ ଶିକ୍ଷା ଓ ଦକ୍ଷତା କ୍ଷେତ୍ରରେ 'ଅଧିକ ସହଯୋଗ, ଅଧିକ ଭାଗୀଦାରି ଏବଂ ଅଧିକ ମୋବିଲିଟି' ପାଇଁ ମାର୍ଗ ପ୍ରଶସ୍ତ ହୋଇଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ଓ ଅଷ୍ଟ୍ରେଲିଆ ଶିକ୍ଷା ମନ୍ତ୍ରୀ ଜେସନ କ୍ଲେୟାରଙ୍କ ମିଳିତ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଶିକ୍ଷା ଓ ଦକ୍ଷତା ବିକାଶ କ୍ଷେତ୍ରକୁ ଦୃଢ଼ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଏଥିହ ଉଭୟେ ଶିକ୍ଷା ଏବଂ ଦକ୍ଷତା କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗର ବ୍ୟାପକ ସମୀକ୍ଷା କରିଥିଲେ। ବୈଠକ ପରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଧର୍ମେନ୍ଦ୍ର କହିଛନ୍ତି ଯେ, ବିଶେଷ ଭାବେ ଶିକ୍ଷା ଓ ଦକ୍ଷତା ବିକାଶ କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇଁ ୨୦୨୩ ଅଷ୍ଟ୍ରେଲିଆ ଏବଂ ଭାରତ ପାଇଁ ଏକ ଐତିହାସିକ ବର୍ଷ। ପ୍ରଥମ ଥର ପାଇଁ ଶିକ୍ଷା ଓ ଦକ୍ଷତାକୁ ସମାନ ଆନୁଷ୍ଠାନିକ ମଞ୍ଚ ଅଧୀନରେ ଅଣାଯାଇଛି। ଶିକ୍ଷା ଏବଂ ଦକ୍ଷତା କ୍ଷେତ୍ରରେ ପାରସ୍ପରିକ ସ୍ୱାର୍ଥର ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ସହଯୋଗ, ଭାଗୀଦାରି ଏବଂ ସମନ୍ୱୟକୁ ପ୍ରୋତ୍ସାହିତ କରିବା ଦିଗରେ ବୈଠକ ଫଳପ୍ରଦ ହୋଇଛି। କୃଷି, ଜଳ ପରିଚାଳନା, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ, ସ୍ୱାସ୍ଥ୍ୟସେବା, ଏଆଇ, ଅକ୍ଷୟ ଉର୍ଜା ଏବଂ ଜଳବାୟୁ ପରିବର୍ତ୍ତନ ଭଳି କ୍ଷେତ୍ରରେ ଅଧିକ ଗବେଷଣାଭିତ୍ତିକ





କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅଷ୍ଟ୍ରେଲିଆ ଶିକ୍ଷା ମନ୍ତ୍ରୀ ଜେସନ କ୍ଲେୟାର।

ସହଯୋଗକୁ ସୁଗମ କରିବା ପାଇଁ ଅଷ୍ଟ୍ରେଲିଆ ଏବଂ ଭାରତୀୟ ଉଚ୍ଚ ଶିକ୍ଷାନୁଷ୍ଠାନ ମଧ୍ୟରେ ଆଜି ୫ଟି ବୁଝାମଣା ପତ୍ର(ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ଏହି ଏମ୍‌ଓୟୁ ଦ୍ୱାରା ଅତ୍ୟାଧୁନିକ ଶିକ୍ଷା, ଗବେଷଣା ଓ ଇନୋଭେଶନ, ଛାତ୍ରୀଛାତ୍ର ଓ ଅଧ୍ୟାପକ ବିନିମୟ ସହ ଅଧିକ ଦ୍ୱୈତ ଡିଗ୍ରୀ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି ହେବ ବୋଲି ସେ କହିଛନ୍ତି।

**ଧାନ ସଂଗ୍ରହରେ କଟ୍‌ନୀଛଟ୍‌ନୀ**

# ରୋହିତଙ୍କ ମନ୍ତବ୍ୟକୁ ଭାଜପା କୃଷକ ମୋର୍ଚ୍ଚାର ବିରୋଧ

ସମ୍ବଲପୁର,୬।୧୧ (ପ୍ରମୋଦ ବହିଦାର)

ସମ୍ବଲପୁରରେ ଖରିଫ ଧାନ ସଂଗ୍ରହ ନୀତି ନିର୍ଦ୍ଧାରଣ ବୈଠକରେ ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ ଧାନ ସଂଗ୍ରହ ବେଳେ କଟ୍‌ନୀଛଟ୍‌ନୀ ହେଉ ନାହିଁ ବୋଲି ଦେଇଥିବା ମନ୍ତବ୍ୟକୁ ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ବିରୋଧ କରାଯାଇଛି। ଏହାକୁ ନେଇ କଚେରି ରୋଡ୍‌ସ୍ଥିତ କାର୍ଯ୍ୟାଳୟରେ ସୋମବାର ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଚନ୍ଦ୍ର ଶେଖର ପଣ୍ଡା ଯୋଗଦେଇ ଗତ ୩ ତାରିଖରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଧାନ ସଂଗ୍ରହ ନୀତି ନିର୍ଦ୍ଧାରଣ ବୈଠକରେ ବିଧାୟକ ପୂଜାରୀ ଧାନ କ୍ରୟ ପ୍ରକ୍ରିୟାରେ କଟ୍‌ନୀଛଟ୍‌ନୀ ହେଉ ନ ଥିବା କଥାରେ ଅସହମତି ପ୍ରକାଶ କରିଛନ୍ତି। ସେ କହିଛନ୍ତି, ରେଢ଼ାଖୋଲ ଓ କୁଚିଣ୍ଡା ଅଞ୍ଚଳର ଚାଷୀମାନେ କଟ୍‌ନୀଛଟ୍‌ନୀର ଶିକାର ହେଉଥିବା ଅଭିଯୋଗ କରୁଥିବା ବେଳେ ସେଠାକାର ବିଧାୟକ ଏହାକୁ ଅସ୍ୱୀକାର କରିବା ଦୁର୍ଭାଗ୍ୟଜନକ। ଏହାଛଡା ବୈଠକରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ ଟଙ୍କା ବୃଦ୍ଧି କରିବାକୁ ରାଜ୍ୟ ସରକାର କେନ୍ଦ୍ରକୁ ପ୍ରସ୍ତାବ ଦେଇଥିଲେ। ମାତ୍ର କେନ୍ଦ୍ର ସରକାର ଏ ନେଇ କୌଣସି ପଦକ୍ଷେପ ନେଉ ନ ଥିବା ନେଇ ବିଧାୟକ ପୂଜାରୀଙ୍କ ଅଭିଯୋଗକୁ ମଧ୍ୟ ସେ ଶସ୍ତା ରାଜନୀତି ବୋଲି କହିଥିଲେ। ଅନ୍ୟ ଏକ ଅଭିଯୋଗରେ ସେ କହିଥିଲେ ଯେ ଗତ ନିର୍ବାଚନରେ ରାଜ୍ୟ ସରକାରଙ୍କ





ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭାଜପା ନେତୃବୃନ୍ଦ।

ପକ୍ଷରୁ ଚାଷୀଙ୍କୁ ବୋନସ ଦେବାକୁ ପ୍ରତିଶ୍ରୁତି ଦିଆଯାଇ ଏହାକୁ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଇନାହିଁ।

ଅପରପକ୍ଷେ ଭାଜପା କୃଷକ ମୋର୍ଚ୍ଚାର ଅଭିଯୋଗକୁ ଖଣ୍ଡନ କରି ବିଧାୟକ ପୂଜାରୀ କହିଛନ୍ତି, କଟ୍‌ନୀଛଟ୍‌ନୀ ସମ୍ପର୍କରେ ତାଙ୍କ ନିକଟରେ ଅଭିଯୋଗ ନାହିଁ। କୌଣସି ମିଲର୍ ଏପରି କରୁଥିବା ଅଭିଯୋଗ ଆସିଲେ ତାଙ୍କ ବିରୋଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହା ବ୍ୟତୀତ ଧାନର ସହାୟକ ମୂଲ୍ୟ ନିର୍ଦ୍ଧାରଣ ନିୟମ ଅନୁସାରେ ହୋଇଥାଏ। ବିଧାନସଭାରେ ସର୍ବଦଳୀୟ ସହମତିରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ ଟଙ୍କା ଧାର୍ଯ୍ୟ ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହାକୁ କେନ୍ଦ୍ର ଏଗ୍ରିକଲ୍‌ଚରାଲ୍ କଷ୍ଟ ପ୍ରାଇସ୍ କମିଶନଙ୍କ ନିକଟରେ ଉପସ୍ଥାପନ କରାଯାଇଛି। ମାତ୍ର ବିଳମ୍ବ ହେଉଥିବାରୁ ଓଡ଼ିଶା ଗସ୍ତରେ ଆସୁଥିବା କେନ୍ଦ୍ରୀୟ ନେତାଙ୍କୁ ମନେ ପକାଇ ଦେବାକୁ ସେ ଭାଜପା ନେତାଙ୍କୁ ବିଭିନ୍ନ ସମୟରେ ନିବେଦନ କରିଥିଲେ। ମାତ୍ର କେହି ଏହାକୁ କର୍ଣ୍ଣପାତ କରିନାହାନ୍ତି। ଚାଷୀଙ୍କୁ ବୋନସ ଦେବା ସମ୍ପର୍କରେ ପୂଜାରୀ କହିଲେ ଯେ, ବୋନସ ଦେଉଥିବା ରାଜ୍ୟରେ ଧାନ ସଂଗ୍ରହ କରାଯିବ ନାହିଁ ବୋଲି କେନ୍ଦ୍ର ସରକାରଙ୍କ ସଂସ୍ଥା ଏଫ୍‌ସିଆଇ ପକ୍ଷରୁ ନୋଟିସ ଜାରି କରାଯାଇଛି। ତେଣୁ ରାଜ୍ୟରେ ଚାଷୀଙ୍କୁ ବୋନସ ଦିଆଯାଉନାହିଁ। ଖବରଦାତା ସମ୍ମିଳନୀରେ ଭାଜପା ଜିଲା ସଭାପତି ଗିରିଶ ପଟେଲ, ଜଲା ସାଧାରଣ ସମ୍ପାଦକ ଅନୀଲ କୁମାର ବେହେରା, କୃଷକ ମୋର୍ଚ୍ଚା ଜିଲା ସଭାପତି ସମୀର ରଞ୍ଜନ ବାବୁ, ଭାଜପା କ୍ଷେତ୍ରୀୟ ପ୍ରବକ୍ତା ତଥା ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସି ପ୍ରମୁଖ ଉପସ୍ଥିତ ଥିଲେ।

# ଭାଜପାର ୩୬ ସାଙ୍ଗଠନିକ ଜିଲା ସଭାପତି

ଭୁବନେଶ୍ୱର, ୬।୧୧(ସୁନିତ୍ ମିଶ୍ର)

ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଦାୟିତ୍ୱ ନେବାର ଦୀର୍ଘଦିନ ପରେ ୩୬ ସାଙ୍ଗଠନିକ ଜିଲାର ସଭାପତିଙ୍କ ନାମ ଘୋଷଣା କରାଯାଇଛି। ତେବେ ଏହି ଜିଲା ସଭାପତି ଚୟନ ଲାଗି ଦୀର୍ଘଦିନ ବିଳମ୍ବ ହେବାକୁ ନେଇ ରାଜନୈତିକ ମହଲରେ ଭିନ୍ନ ପ୍ରକାର ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଆସନ୍ତା ସାଧାରଣ ନିର୍ବାଚନକୁ ଆଉ କମ୍ ସମୟ ଥିବାବେଳେ ଏହି ନୂଆ ଜିଲା ସଭାପତି ହୋଇଥିବା ନେତାମାନେ କିଭଳି ସଙ୍ଗଠନ ସଜାଡିବେ ତାକୁ ନେଇ ଚର୍ଚ୍ଚା ଆଲୋଚନା ଜୋର୍ ଧରିଛି।

ତେବେ ଦଳ ପକ୍ଷରୁ ଅନୁଗୋଳ ପାଇଁ ଦିଲେଶ୍ୱର ପ୍ରଧାନ, ବାଲେଶ୍ୱରରେ ଉମାକାନ୍ତ ମହାପାତ୍ର, ବରଗଡ଼ରେ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ଭଦ୍ରକରେ ହେମନ୍ତ ପାଢ଼ୀ, ଭୁବନେଶ୍ୱରରେ ବାବୁ ସିଂ, ବଲାଙ୍ଗୀରରେ ଶିବାଜୀ ମହାନ୍ତି, ବୌଦ୍ଧରେ ବିପ୍ର ଚରଣ ମହାନ୍ତି, କଟକ ନଗରରେ ଲଲାଟେନ୍ଦୁ ବଡୁଙ୍କୁ ଜିଲା ସଭାପତି ଭାବେ ନିଯୁକ୍ତି ମିଳିଛି। ସେହିପରି କଟକ ସଦରରେ ପୂର୍ବତନ ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା, ଦେବଗଡ଼ରେ ଅରୁଣ କୁମାର ସାହୁ, ଢେଙ୍କାନାଳରେ ନରେଶ ମହାପାତ୍ର, ଗଜପତିରେ ବିଧାୟକ କେ. ନାରାୟଣ ରାଓ, ଗଞ୍ଜାମରେ ସୁବାସ ସାହୁ, ଘୁମୁସରରେ ଗୋକୁଳାନନ୍ଦ ମଲିକ, ଜଗତ୍‌ସିଂହପୁରରେ ସତ୍ୟବ୍ରତ ମହାପାତ୍ର, ଯାଜପୁରରେ ଗୌତମ ରାୟ, ଝାରସୁଗୁଡ଼ାରେ ସୁନୀଲ ପଣ୍ଡା, କଳାହାଣ୍ଡିରେ ଆର୍ତ୍ତତ୍ରାଣ ମହାପାତ୍ର, କନ୍ଧମାଳରେ ଜଗନ୍ନାଥ ସାହୁ, କେନ୍ଦ୍ରାପଡ଼ାରେ କିଶୋର ପଣ୍ଡା, କେନ୍ଦୁଝରରେ ଅଂଶୁମାନ ସବୁଜ ମହନ୍ତ ବର୍ମା, ଖୋର୍ଦ୍ଧାରେ ରଶ୍ମି ରଞ୍ଜନ ମହାପାତ୍ରଙ୍କୁ ଜିଲା ସଭାପତି ପଦବୀରେ ନିଯୁକ୍ତି ଦିଆଯାଇଛି। ସେହିଭଳି କୋରାପୁଟରେ ସୁମନ୍ତ ପ୍ରଧାନ, ମାଲକାନଗିରିରେ ନିମାଇଁ ପାଲ୍, ରାଇରଙ୍ଗପୁରରେ କୃପାସିନ୍ଧୁ ମହନ୍ତ, ବାରିପଦାରେ ପୂର୍ବତନ ବିଧାୟକ କାନ୍ଦ୍ରା ସୋରେନ, ନବରଙ୍ଗପୁରରେ ଜଗଦୀଶ ବିଶୋଇ, ନୟାଗଡ଼ରେ ତାପସ ରଞ୍ଜନ ମାର୍ଥା, ନୂଆପଡ଼ାରେ ସୁବ୍ରତ ଠାକୁର, ପୁରୀରେ ଆଶ୍ରିତ ପଟ୍ଟନାୟକ, ରାୟଗଡ଼ାରେ ଶିବ ପଟ୍ଟନାୟକ, ସମ୍ବଲପୁରରେ ଗିରିଶ ପଟେଲ, ସୁବର୍ଣ୍ଣପୁରରେ ପ୍ରମୋଦ ମହାପାତ୍ର, ସୁନ୍ଦରଗଡ଼ରେ ବିଧାୟକ ଭବାନୀ ଶଙ୍କର ଭୋଇ, ସୁନ୍ଦରଗଡ଼(ବଣାଇ)ରେ ଅନିଲ ବାର୍ଲା, ସୁନ୍ଦରଗଡ଼ (ପାନପୋଷ)ରେ ଲତିକା ପଟ୍ଟନାୟକଙ୍କୁ ଜିଲା ସଭାପତି ଦାୟିତ୍ୱ ମିଳିଛି।

# ଭୁବନେଶ୍ୱରରୁ ଜୟପୁରକୁ ଉଡ଼ିଲା ଦ୍ୱିତୀୟ ବିମାନ



ଜୟପୁର ବିମାନ ବନ୍ଦରରୁ ଜଣେ ଯାତ୍ରୀ ବାହାରକୁ ଆସୁଛନ୍ତି।

ଜୟପୁର,୬।୧୧ (ପବନ ପାଣିଗ୍ରାହୀ)

ଭୁବନେଶ୍ୱରରୁ ଜୟପୁରକୁ ସୋମବାର ଦ୍ୱିତୀୟ ବିମାନ ଉଡ଼ିଛି। ଇଣ୍ଡିଆ ୱାନ୍ ଏୟାରଲାଇନ୍ସ ପକ୍ଷରୁ ସପ୍ତାହକୁ ୨ଦିନ ସୋମବାର ଓ ଶୁକ୍ରବାର ଏହି ବିମାନ ଚଳାଚଳ କରିବ। ସୋମବାର ସକାଳ ୭ଟା ୧୦ରେ ଇଣ୍ଡିଆ ୱାନ୍ ଏୟାରଲାଇନ୍ସର 'ସେସନା' ବିମାନ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରରୁ ଜୟପୁର ଅଭିମୁଖେ ଉଡ଼ାଣ ଆରମ୍ଭ କରିଥିଲା। ଏଥିରେ ୬ଜଣ ଯାତ୍ରୀ ଯାଇଥିଲେ। ବିମାନଟି ୮ଟା ୪୫ରେ ଜୟପୁର ବିମାନବନ୍ଦରରେ ପହଞ୍ଚିଥିଲା। ପରେ ଏହା ୯ଟାରେ ଜୟପୁରରୁ ଉଡ଼ି ୧୦ଟା ୩୫ରେ ଭୁବନେଶ୍ୱରରେ ପହଞ୍ଚିଥିବା ଜଣାଯାଇଛି। ଜୟପୁରରୁ ଯାତ୍ରୀଙ୍କ ସଂଖ୍ୟା ବଢୁଥିବା ଦୃଷ୍ଟିରୁ ଏହି ଅତିରିକ୍ତ ବିମାନ ସେବା ଆରମ୍ଭ ହୋଇଛି। ଏଥିଲାଗି ରାଜ୍ୟ ସରକାର ଆର୍ଥିକ ସହାୟତା ଯୋଗାଉଛନ୍ତି। ଏହାପୂର୍ବରୁ ୨୦୨୨ ଅକ୍ଟୋବର ୩୧ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱର-ଜୟପୁର-ବିଶାଖାପାଟଣା ଏବଂ ବିଶାଖାପାଟଣା-ଜୟପୁର-ଭୁବନେଶ୍ୱର ମଧ୍ୟରେ ପ୍ରଥମ ବିମାନ ସେବାର ଶୁଭାରମ୍ଭ କରିଥିଲେ। ଏହି ବିମାନ ସପ୍ତାହରେ ୨ଦିନ ପରିବର୍ତ୍ତେ ନିୟମିତ ଉଡ଼ାଣ କରିବା ସହ ଆଗକୁ ବଡ଼ ବିମାନ ଉଡ଼ିଲେ ଅନେକ ଯାତ୍ରୀ ସୁବିଧା ପାଇପାରିବେ ବୋଲି ମତ ପ୍ରକାଶ ପାଉଛି। ଜୟପୁରରୁ ଭୁବନେଶ୍ୱରକୁ ୨୯୯୯ ଟଙ୍କା ଯାତ୍ରୀଭଡ଼ା ରହିଛି।

# ଯନ୍ତାରେ ଥିବା ବାଘର ସ୍ୱାସ୍ଥ୍ୟ ଯାଞ୍ଚ କଲା ଜୁ ଟିମ୍

ନୂଆପଡ଼ା,୬।୧୧ (ମକାରୁ ବେମାଲ)

ନୂଆପଡା ଜିଲା ସୁନାବେଡା ଅଭୟାରଣ୍ୟ ଭିତରେ ଅବସ୍ଥିତ ପାହାଡ଼ ତଳି ଗାଁରେ ଗତ ଏକ ସପ୍ତାହରୁ ଉର୍ଦ୍ଧ୍ୱ ହେବ ଆତଙ୍କ ସୃଷ୍ଟି କରିଥିବା କଲରାପତରିଆ ବାଘ ଶନିବାର ବିଳମ୍ବିତ ରାତିରେ ଯନ୍ତାରେ ଧରାପଡିଛି। ସଦର ବନ ବିଭାଗ ରେଞ୍ଜରେ ବାଘକୁ ରଖାଯାଇଛି। ବାଘର ସ୍ୱାସ୍ଥ୍ୟ ଅବସ୍ଥା ଓ ଆଚରଣ ଉପରେ ଅନୁଧ୍ୟାନ କରିବା ପାଇଁ ହୀରାକୁଦ ଡିଭିଜନ ସମ୍ବଲପୁର ଜୁ (ଚିଡ଼ିଆଖାନା)ରୁ ୩ ଜଣିଆ ଟିମ୍ ନୂଆପଡା ଆସିଛନ୍ତି। ସମ୍ବଲପୁର ଜୁ ରେଞ୍ଜର କିଶୋର କୁମାର ବୈକାର, ଫରେଷ୍ଟର ବିକ୍ରମାଦିତ୍ୟ ବେହେରା ଓ ପ୍ରାଣୀ ସମ୍ପଦ ବିଶେଷଜ୍ଞ ଡା.ନବୀନ ମିଶ୍ର ପ୍ରମୁଖ ଆସି ପ୍ରଥମେ ଯନ୍ତା ଭିତରେ ଥିବା ବାଘ ଉପରେ ଅନୁଧ୍ୟାନ କରିଥିଲେ। ବାଘ କେଉଁ ପ୍ରକାର ଆଚରଣ କରୁଛି, ଯନ୍ତା ଭିତରେ କେମିତି ରହୁଛି, କେତେ ପରିମାଣର ଖାଦ୍ୟ ଖାଉଛି, କ'ଣ ସବୁ ଖାଉଛି, କେତେ ପରିମାଣରେ ଖାଦ୍ୟ ଦେଲେ ବାଘ ସୁସ୍ଥ ରହିବ, ସେ ବାହାରେ ବୁଲି ଶିକାର କରୁଥିଲା। ଯନ୍ତା ଭିତରେ ରହିଥିବାରୁ ଆକ୍ରମଣାତ୍ମକ ଭଳି ଆଚରଣ କରୁଛି କି ଏ ସବୁର ଅନୁଧ୍ୟାନ କରିଥିଲେ। ପରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା କାର୍ଯ୍ୟାଳୟଠାରେ ସମ୍ବଲପୁର ଟିମ୍ ଓ ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. କିଶୋର କୁମାର ସାହୁ, ପ୍ରାଣୀ ସମ୍ପଦ ବିଭାଗ ଉପନିର୍ଦ୍ଦେଶକ ଡା. କେ. ପାର୍ଥ ସାରଥି ଦୋରା, ସଦର ବନ ବିଭାଗ ରେଞ୍ଜର ଅଶୋକ କୁମାର ମାଝିଙ୍କ ସହ ବାଘ ଖାଇବା, ରହିବା ଉପରେ ଆଲୋଚନା କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ୨୦୧୭ ମେ ୨୬ରେ ଖରିଆର ରୋଡ ରେଞ୍ଜ ଅଧୀନ ହଳଦି ଗାଁ ଦେବକୀ ପାଣ୍ଡେଙ୍କ ୩ ବର୍ଷର ଶିଶୁପୁତ୍ର ଛଗନ ଲାଲଙ୍କୁ ମା' କୋଳରୁ ଟେକି ନେଇ ବାଘ ଖାଇଥିଲା। ୨୦୧୭ ଜୁନ ୧୦ରେ ଆଇ ଧନବାଇ ପାଣ୍ଡେ ସହିତ ନାତୁଣୀ ଚନ୍ଦ୍ରିକା (୧୩) ଶୋଇଥିବା ସମୟରେ ବାଘ ଆସି ଚନ୍ଦ୍ରିକାଙ୍କୁ ଲହୁଲୁହାଣ କରିଥିଲା। ଗ୍ରାମବାସୀ ଦାବି ମୁତାବକ ୨ଟି ବାଘଙ୍କୁ ଜୁନ ୧୫ ଓ ୩୦ରେ ଧରି ନନ୍ଦନକାନନକୁ ନେଇ ଛାଡିଥିଲେ। ସେହିପରି ଗତ ୪ ତାରିଖ ବିଳମ୍ବିତ ରାତ୍ରିରେ ଧରିଥିବା ବାଘ ନନ୍ଦନକାନନ ନେଇ ଛାଡ଼ିବେ କି ବୋଲି ସମ୍ବଲପୁରରୁ ଆସିଥିବା ଟିମ୍‌ଙ୍କୁ ପଚାରିବାରୁ ଆମେ ଏହି ସବୁ ରିପୋର୍ଟ ହୀରାକୁଦ ଡିଭିଜନ ଡିଏଫଓଙ୍କୁ ଦେବୁ, ସେ ପିସିସିଏଫ୍ ଭୁବନେଶ୍ୱରଙ୍କୁ ପଠାଇବେ। ବାଘ ନନ୍ଦନକାନନ ଯିବ କି ସମ୍ବଲପୁର ଜୁ'କୁ ଯିବ ଉପରସ୍ତରରେ ବିଚାର କରିବେ ବୋଲି କହିଥିଲେ।



ଅନୁଧ୍ୟାନକାରୀ ଟିମ୍ ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

**TENDER CALL NOTICE SUPPLY OF FOOD & CATERING AND INSTALLATION OF TENTAGE**

2 Nos. of Tenders are invited by the Chief District Veterinary Officer, Subarnapur from the intending suppliers for supply different items like food & catering and installation of tentage for Matsya O Pranisampad Mela-2023. For details kindly visit website www.subarnapur.nic.in.

**Sd./- Chief District Veterinary Officer
Subarnapur**

**IN THE DEBTS RECOVERY TRIBUNAL AT CUTTACK**
**C-71, Sector-7, CDA, Cuttack-753014 (Odisha)**
**O.A. No. 635 of 2019**

**Utkal Grameen Bank,**
**Stressed Assets Recovery Branch, Sambalpur** ...Applicant
**-Versus-**
**Prabhas Mahendra @ Prabhas Kumar Patel**
**& Another** ...Defendants
**To,**
**Defendant No. 1: Prabhas Mahendra Patel,**
S/o: Late Mahendra Kumar Patel;
**Defendant No. 2: Sanju Patel,** W/o: Late Mahendra Kumar Patel;
Both are At: New Colony, Dengibhadi Road, Mission Chowk Main Road, Sundargarh, P.O/P.S/Dist.: Sundargarh, PIN-770001.

**SUMMONS BY PAPER PUBLICATION FOR SHOWING CAUSE AS TO WHY RELIEF PRAYED FOR SHOULD NOT BE GRANTED**

Take notice that the Applicant has instituted the aforesaid Original Application before this Tribunal for recovery of **₹72,45,160.00** only together with current and future interest, cost and other reliefs.

You are therefore hereby directed to appear before this Tribunal in person or through authorised agent, in support of your defence to show cause within **30 days** from the date of publication or on **20th day of December, 2023 at 10.30 a.m.** as to why the reliefs prayed for should not be granted.

Take notice that in case of default the Application will be heard and determined in your absence.

Given under my hand and seal of this Tribunal, on this **1st day of November, 2023.**

**Sd/- (Nikhila Ranjan Pati)
Registrar
Debts Recovery Tribunal, Cuttack**

## ରଘୁରାମ ମାଛ ବିଜେଡିରୁ ବହିଷ୍କୃତ

ଭୁବନେଶ୍ୱର,(ଅନିଲ ଦାସ): କୋରାପୁଟ ବିଜେଡି ନେତା ରଘୁରାମ ମାଛଙ୍କୁ ବିଜୁ ଜନତା ଦଳରୁ ବହିଷ୍କୃତ କରାଯାଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ କ୍ରମେ ଦଳ ବିରୋଧୀ କାର୍ଯ୍ୟ ପାଇଁ ତାଙ୍କୁ ବିଦା କରାଯାଇଥିବା ବିଜେଡି ପକ୍ଷରୁ ସୋମବାର ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି।



ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ ସୋମବାର ଯୋଧପୁର ଜିଲାର ସର୍ଦ୍ଦାରପୁରା ଆସନରୁ ନାମାଙ୍କନପତ୍ର ଦାଖଲ କରୁଛନ୍ତି।

# ୨୦୨୩ ଅଷ୍ଟ୍ରେଲିଆ, ଭାରତ ପାଇଁ ଐତିହାସିକ ବର୍ଷ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୬।୧୧(ସୁନିତ୍ ମିଶ୍ର)

ଆଇଆଇଟି ଗାନ୍ଧୀନଗରରେ ଅନୁଷ୍ଠିତ ପ୍ରଥମ ଅଷ୍ଟ୍ରେଲିଆ-ଭାରତ ଶିକ୍ଷା ଏବଂ କୌଶଳ ପରିଷଦ ବୈଠକ(ଏଆଇଇଏସ୍‌ସି)ରେ ଶିକ୍ଷା ଓ ଦକ୍ଷତା କ୍ଷେତ୍ରରେ 'ଅଧିକ ସହଯୋଗ, ଅଧିକ ଭାଗୀଦାରି ଏବଂ ଅଧିକ ମୋବିଲିଟି' ପାଇଁ ମାର୍ଗ ପ୍ରଶସ୍ତ ହୋଇଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ଓ ଅଷ୍ଟ୍ରେଲିଆ ଶିକ୍ଷା ମନ୍ତ୍ରୀ ଜେସନ କ୍ଲେୟାରଙ୍କ ମିଳିତ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଶିକ୍ଷା ଓ ଦକ୍ଷତା ବିକାଶ କ୍ଷେତ୍ରକୁ ଦୃଢ଼ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଏଥିହ ଉଭୟେ ଶିକ୍ଷା ଏବଂ ଦକ୍ଷତା କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗର ବ୍ୟାପକ ସମୀକ୍ଷା କରିଥିଲେ। ବୈଠକ ପରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଧର୍ମେନ୍ଦ୍ର କହିଛନ୍ତି ଯେ,

### ଶିକ୍ଷା ଓ ଦକ୍ଷତା ବିକାଶ କ୍ଷେତ୍ର

ବିଶେଷ ଭାବେ ଶିକ୍ଷା ଓ ଦକ୍ଷତା ବିକାଶ କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇଁ ୨୦୨୩ ଅଷ୍ଟ୍ରେଲିଆ ଏବଂ ଭାରତ ପାଇଁ ଏକ ଐତିହାସିକ ବର୍ଷ। ପ୍ରଥମ ଥର ପାଇଁ ଶିକ୍ଷା ଓ ଦକ୍ଷତାକୁ ସମାନ ଆନୁଷ୍ଠାନିକ ମଞ୍ଚ ଅଧୀନରେ ଅଣାଯାଇଛି। ଶିକ୍ଷା ଏବଂ ଦକ୍ଷତା କ୍ଷେତ୍ରରେ ପାରସ୍ପରିକ ସ୍ୱାର୍ଥର ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ସହଯୋଗ, ଭାଗୀଦାରି ଏବଂ ସମନ୍ୱୟକୁ ପ୍ରୋତ୍ସାହିତ କରିବା ଦିଗରେ ବୈଠକ ଫଳପ୍ରଦ ହୋଇଛି। କୃଷି, ଜଳ ପରିଚାଳନା, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ, ସ୍ୱାସ୍ଥ୍ୟସେବା, ଏଆଇ, ଅକ୍ଷୟ ଉର୍ଜା ଏବଂ ଜଳବାୟୁ ପରିବର୍ତ୍ତନ ଭଳି କ୍ଷେତ୍ରରେ ଅଧିକ ଗବେଷଣାଭିତ୍ତିକ ସହଯୋଗକୁ ସୁଗମ କରିବା ପାଇଁ ଅଷ୍ଟ୍ରେଲିଆ ଏବଂ ଭାରତୀୟ ଉଚ୍ଚ ଶିକ୍ଷାନୁଷ୍ଠାନ ମଧ୍ୟରେ ଆଜି ୫ଟି ବୁଝାମଣା ପତ୍ର(ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ଏହି ଏମ୍‌ଓୟୁ ଦ୍ୱାରା ଅତ୍ୟାଧୁନିକ ଶିକ୍ଷା, ଗବେଷଣା ଓ ଇନୋଭେଶନ, ଛାତ୍ରୀଛାତ୍ର ଓ ଅଧ୍ୟାପକ ବିନିମୟ ସହ ଅଧିକ ଦ୍ୱୈତ ଡିଗ୍ରୀ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି ହେବ ବୋଲି ସେ କହିଛନ୍ତି।



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅଷ୍ଟ୍ରେଲିଆ ଶିକ୍ଷା ମନ୍ତ୍ରୀ ଜେସନ କ୍ଲେୟାର।

# ତଥ୍ୟ ଅନୁଧାନ କମିଟି ଗଠନ କଲା କଂଗ୍ରେସ

### ରଣପୁର ଚାଷୀ ଆତ୍ମହତ୍ୟା ଘଟଣା

ଭୁବନେଶ୍ୱର, ୬।୧୧(ସୁନିତ୍ ମିଶ୍ର)

ନୟାଗଡ଼ ଜିଲା ରଣପୁର ବ୍ଲକ ଜଙ୍କିଆ ପଞ୍ଚାୟତ ଅନ୍ତର୍ଗତ ଓସ୍ତପଡ଼ା ଗ୍ରାମର ଚାଷୀ ଗୋବିନ୍ଦ ଚନ୍ଦ୍ର ସାହୁଙ୍କ ଆତ୍ମହତ୍ୟା ଘଟଣାର ଅନୁଧାନ କରିବା ପାଇଁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ, ପିସିସି ଉପସଭାପତି ବିଭୂତି ଭୂଷଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ତଥ୍ୟ ଅନୁଧାନ କମିଟି ଗଠନ କରାଯାଇଛି। ଏହି କମିଟିରେ ସଦସ୍ୟ ଭାବେ ଅମିୟ ପଟ୍ଟନାୟକ, ରଣଜିତ ଦାଶ, ସତ୍ୟବ୍ରତ ନାୟକ, ଧ୍ରୁବଚରଣ ପରିଡ଼ା, ସସ୍ମିତା ଦାସ, ମନୋଜ ସାହୁ ଓ ହୁସେନ ଖାଁ ରହିଛନ୍ତି। ଏହି କମିଟି ମଙ୍ଗଳବାର ଘଟଣାସ୍ଥଳକୁ ଗସ୍ତ କରି ମୃତକଙ୍କ ପରିବାରବର୍ଗଙ୍କୁ ଭେଟି ଘଟଣାର ଅନୁଧାନ କରିବେ। ଏହାସହ ସ୍ଥାନୀୟ ପ୍ରଶାସନ ସହ ଆଲୋଚନା କରି ଏକ ରିପୋର୍ଟ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟକୁ ପ୍ରଦାନ କରିବାକୁ ପିସିସି ସଭାପତି ନିର୍ଦ୍ଦେଶ ଦେଇଛନ୍ତି।

# ଦାବି ପୂରଣ ନ ହେଲେ ନବୀନ ନିବାସ ଘେରିବୁ: ଛାତ୍ର କଂଗ୍ରେସ



ଦାବିପତ୍ର ଦେବାକୁ ଛାତ୍ର କଂଗ୍ରେସ କର୍ମକର୍ତ୍ତାମାନେ ପୋଲିସ୍ କମିଶନରଙ୍କ କାର୍ଯ୍ୟାଳୟକୁ ଯାଉଛନ୍ତି।

ଭୁବନେଶ୍ୱର, ୬।୧୧(ସୁନିତ୍ ମିଶ୍ର)

ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ସଭାପତି ୟାସିର ନୱାଜଙ୍କ ନେତୃତ୍ୱରେ କର୍ମୀମାନେ ପାୱାରହାଉସ ଛକ ରେଞ୍ଜରୋଭର ଦୁର୍ଘଟଣା ମାମଲାରେ ଝାରସୁଗୁଡ଼ା ବିଧାୟିକାଙ୍କ ଭାଇ ବିଶାଳ ଦାସଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ଦାବି କରାଯାଇଛି। ଏହି ଦାବି ନେଇ ଛାତ୍ର କଂଗ୍ରେସ କର୍ମକର୍ତ୍ତାମାନେ କମିଶନରେଟ ପୋଲିସ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବିକ୍ଷୋଭ ଶେଷରେ ଛାତ୍ର କଂଗ୍ରେସ ପକ୍ଷରୁ ଏକ ଦାବିପତ୍ର ଭୁବନେଶ୍ୱର ପୋଲିସ କମିଶନରଙ୍କୁ ପ୍ରଦାନ କରାଯାଇଛି। ଛାତ୍ର କଂଗ୍ରେସ ଆହୁରି ଦାବି କରିଛି ଯେ, ବିଶାଳ ଦାସଙ୍କୁ ତଦନ୍ତ ପରିସରଭୁକ୍ତ କରିବା ସହ ଯଦି ସେ ଗାଡ଼ି ଚଳାଇଥିବେ ତେବେ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଉ। ଦୁର୍ଘଟଣାରେ ମୃତ ଲୋପାମୁଦ୍ରା ସାହୁଙ୍କ ପରିବାରକୁ କୋଟିଏ, ଗୁରୁତର ଆହତ ହୋଇଥିବା କାହ୍ନୁ ଚରଣ ସାହୁଙ୍କୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯାଉ। ଯଦି ୭୨ ଘଣ୍ଟା ଭିତରେ ଏ ସମ୍ପର୍କରେ ନିଷ୍ପତ୍ତି ଗ୍ରହଣ କରା ନ ଯିବ ତେବେ ଛାତ୍ର କଂଗ୍ରେସ ପକ୍ଷରୁ ନବୀନ ନିବାସ ସମ୍ମୁଖରେ ବିକ୍ଷୋଭ କରାଯିବ ବୋଲି ୟାସିର ଚେତାବନୀ ଦେଇଛନ୍ତି। ଏଥିସହ ସେ କହିଛନ୍ତି, କମିଶନରେଟ ପୋଲିସ କାର୍ଯ୍ୟାଳୟର ୫୦ ମିଟର ଦୂରରେ ପାୱାର ହାଉସ ଛକଠାରେ ରେଞ୍ଜରୋଭର ଓ ବାଇକ ଦୁର୍ଘଟଣା ହୋଇଥିଲା। ଏହି ଦୁର୍ଘଟଣାରେ ପ୍ରକୃତ ଦୋଷୀକୁ ପୋଲିସ ଖସାଇ ଦେଇଥିବା ଅଭିଯୋଗ ହୋଇଛି। କିଛି ଦେଖଣାହାରୀ କହୁଛନ୍ତି, ସେହି ରେଞ୍ଜରୋଭର ଗାଡ଼ିରେ ଝାରସୁଗୁଡ଼ା ବିଧାୟିକାଙ୍କ ଭାଇ ଥିଲେ। ତେଣୁ ଚାପର ବଶବର୍ତ୍ତୀ ହୋଇ ବିଶାଳ ଦାସଙ୍କୁ ତଦନ୍ତ ପରିସରକୁ ଅଣାଯାଉ ନାହିଁ। ସିସିଟିଭି କ୍ୟାମେରାରେ ଘଟଣାର ସମସ୍ତ ଫୁଟେଜ ନିଶ୍ଚିତ ସଂରକ୍ଷିତ ଥିବ। ପୋଲିସ

## ସର୍ଦ୍ଦାରପୁରା ଆସନରୁ ନାମାଙ୍କନପତ୍ର ଦାଖଲ କଲେ ଗେହଲଟ୍

ଜୟପୁର,୬।୧୧

ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ ସୋମବାର ଯୋଧପୁର ଜିଲାର ସର୍ଦ୍ଦାରପୁରା ଆସନରୁ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସର୍ଦ୍ଦାରପୁରା କଂଗ୍ରେସର ଗଡ଼ ଭାବେ ପରିଚିତ। ଗେହଲଟ୍ ୧୯୯୮ରୁ କ୍ରମାଗତ ଭାବେ ଉକ୍ତ ଆସନରୁ ଜିତିଆସୁଛନ୍ତି। ୨୦୧୮ ବିଧାନସଭା ନିର୍ବାଚନରେ ସେ ୬୩ ପ୍ରତିଶତ ଭୋଟ ପାଇଥିଲେ। ସୋମବାର ନାମାଙ୍କନପତ୍ର ଭରିବା ବେଳେ ଗେହଲଟ୍‌ଙ୍କ ସହ ତାଙ୍କ ସ୍ତ୍ରୀ ସୁନୀତା ଗେହଲଟ୍ ଓ ପୁଅ ବୈଭବ ଥିଲେ। ନାମାଙ୍କନପତ୍ର ଦାଖଲ ପୂର୍ବରୁ ମୁଖ୍ୟମନ୍ତ୍ରୀ ତାଙ୍କ ଭଉଣୀଙ୍କ ଆଶୀର୍ବାଦ ନେଇଥିଲେ।

# ମୋଦି ପ୍ରଚାରରେ ଆସିବା ପୂର୍ବରୁ ଇଡି, ସିବିଆଇକୁ ପଠାଉଛନ୍ତି: ଖାର୍ଗେ

ଯୋଧପୁର,୬।୧୧

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ସୋମବାର ରାଜସ୍ଥାନର ଯୋଧପୁରଠାରେ ଏକ ନିର୍ବାଚନ ରାଲିକୁ ସମ୍ବୋଧିତ କଲାବେଳେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି), ସିବିଆଇ ଏବଂ ଆୟକର ବିଭାଗକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଯବାନ ବୋଲି କହିଛନ୍ତି। ମୋଦି ନିର୍ବାଚନ ପ୍ରଚାରରେ ଆସିବା ପୂର୍ବରୁ ବିରୋଧୀ ନେତାମାନଙ୍କୁ ଟାର୍ଗେଟ କରିବା ପାଇଁ ଉପରୋକ୍ତ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକୁ ପଠାଉଛନ୍ତି। ନିର୍ବାଚନ ସମୟ ହୋଇଥିବାରୁ ପ୍ରଧାନମନ୍ତ୍ରୀ ଏବେ ଗରିବଙ୍କ କଥା ଚିନ୍ତା କରୁଛନ୍ତି। ମାଗଣା ରାଶନ ଯୋଜନାକୁ ପ୍ରଧାନମନ୍ତ୍ରୀ ଆଉ ୫ ବର୍ଷ ବଢ଼ାଇଥିବାରୁ ଖାର୍ଗେ ଏହା କହିଛନ୍ତି। ତେବେ ଏହି ସରକାର ସବୁବେଳେ ଗରିବଙ୍କୁ ଅସୁବିଧାରେ ପକାଇ ଆଦାନୀଙ୍କ ଭଳି ବନ୍ଧୁ ଶିଳ୍ପପତିମାନଙ୍କୁ ସହାୟତା କରିଆସିଛନ୍ତି। ମୋଦି ଗରିବଙ୍କ ଭୋଟ ନେଇ ଧନୀଙ୍କୁ ସହାୟତା କରୁଛନ୍ତି। ତାଙ୍କ ଶାସନ କାଳରେ ଧନୀ ଅଧିକ ଧନୀ ହେଉଥିବାବେଳେ ଗରିବମାନେ ତଳିତଳାନ୍ତ ହୋଇଯାଉଛନ୍ତି। ଆସନ୍ତା ୨୫ରେ ରାଜସ୍ଥାନ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। କଂଗ୍ରେସ କ୍ଷମତା ବଜାୟ ରଖିବ ବୋଲି ଖାର୍ଗେ କହିଛନ୍ତି।

# ଭାଜପାର ୩୬ ସାଙ୍ଗଠନିକ ଜିଲା ସଭାପତି

ଭୁବନେଶ୍ୱର, ୬।୧୧(ସୁନିତ୍ ମିଶ୍ର)

ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଦାୟିତ୍ୱ ନେବାର ଦୀର୍ଘଦିନ ପରେ ୩୬ ସାଙ୍ଗଠନିକ ଜିଲାର ସଭାପତିଙ୍କ ନାମ ଘୋଷଣା କରାଯାଇଛି। ତେବେ ଏହି ଜିଲା ସଭାପତି ଚୟନ ଲାଗି ଦୀର୍ଘଦିନ ବିଳମ୍ବ ହେବାକୁ ନେଇ ରାଜନୈତିକ ମହଲରେ ଭିନ୍ନ ପ୍ରକାର ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଆସନ୍ତା ସାଧାରଣ ନିର୍ବାଚନକୁ ଆଉ କମ୍ ସମୟ ଥିବାବେଳେ ଏହି ନୂଆ ଜିଲା ସଭାପତି ହୋଇଥିବା ନେତାମାନେ କିଭଳି ସଙ୍ଗଠନ ସଜାଡ଼ିବେ ତାକୁ ନେଇ ଚର୍ଚ୍ଚା ଆଲୋଚନା ଜୋର୍ ଧରିଛି।

ତେବେ ଦଳ ପକ୍ଷରୁ ଅନୁଗୋଳ ପାଇଁ ଦିଲେଶ୍ୱର ପ୍ରଧାନ, ବାଲେଶ୍ୱରରେ ଉମାକାନ୍ତ ମହାପାତ୍ର, ବରଗଡ଼ରେ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ଭଦ୍ରକରେ ହେମନ୍ତ ପାଢ଼ୀ, ଭୁବନେଶ୍ୱରରେ ବାବୁ ସିଂ, ବଲାଙ୍ଗୀରରେ ଶିବାଜୀ ମହାନ୍ତି, ବୌଦ୍ଧରେ ବିପ୍ର ଚରଣ ମହାନ୍ତି, କଟକ ନଗରରେ ଲଲାଟେନ୍ଦୁ ବଡୁଙ୍କୁ ଜିଲା ସଭାପତି ଭାବେ ନିଯୁକ୍ତି ମିଳିଛି। ସେହିପରି କଟକ ସଦରରେ ପୂର୍ବତନ ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା, ଦେବଗଡ଼ରେ ଅରୁଣ କୁମାର ସାହୁ, ଢେଙ୍କାନାଳରେ ନରେଶ ମହାପାତ୍ର, ଗଜପତିରେ ବିଧାୟକ କେ. ନାରାୟଣ ରାଓ, ଗଞ୍ଜାମରେ ସୁବାସ ସାହୁ, ଘୁମୁସରରେ ଗୋକୁଳାନନ୍ଦ ମଲିକ, ଜଗତ୍‌ସିଂହପୁରରେ ସତ୍ୟବ୍ରତ ମହାପାତ୍ର, ଯାଜପୁରରେ ଗୌତମ ରାୟ, ଝାରସୁଗୁଡ଼ାରେ ସୁନୀଲ ପଣ୍ଡା, କଳାହାଣ୍ଡିରେ ଆର୍ତ୍ତତ୍ରାଣ ମହାପାତ୍ର, କନ୍ଧମାଳରେ ଜଗନ୍ନାଥ ସାହୁ, କେନ୍ଦ୍ରାପଡ଼ାରେ କିଶୋର ପଣ୍ଡା, କେନ୍ଦୁଝରରେ ଅଂଶୁମାନ ସବୁଜ ମହନ୍ତ ବର୍ମା, ଖୋର୍ଦ୍ଧାରେ ରଶ୍ମି ରଞ୍ଜନ ମହାପାତ୍ରଙ୍କୁ ଜିଲା ସଭାପତି ପଦବୀରେ ନିଯୁକ୍ତି ଦିଆଯାଇଛି। ସେହିଭଳି କୋରାପୁଟରେ ସୁମନ୍ତ ପ୍ରଧାନ, ମାଲକାନଗିରିରେ ନିମାଇଁ ପାଲ୍, ରାଇରଙ୍ଗପୁରରେ କୃପାସିନ୍ଧୁ ମହନ୍ତ, ବାରିପଦାରେ ପୂର୍ବତନ ବିଧାୟକ କାନ୍ଦ୍ରା ସୋରେନ, ନବରଙ୍ଗପୁରରେ ଜଗଦୀଶ ବିଶୋଇ, ନୟାଗଡ଼ରେ ତାପସ ରଞ୍ଜନ ମାର୍ଥା, ନୂଆପଡ଼ାରେ ସୁବ୍ରତ ଠାକୁର, ପୁରୀରେ ଆଶ୍ରିତ ପଟ୍ଟନାୟକ, ରାୟଗଡ଼ାରେ ଶିବ ପଟ୍ଟନାୟକ, ସମ୍ବଲପୁରରେ ଗିରିଶ ପଟେଲ, ସୁବର୍ଣ୍ଣପୁରରେ ପ୍ରମୋଦ ମହାପାତ୍ର, ସୁନ୍ଦରଗଡ଼ରେ ବିଧାୟକ ଭବାନୀ ଶଙ୍କର ଭୋଇ, ସୁନ୍ଦରଗଡ଼(ବଣାଇ)ରେ ଅନିଲ ବାର୍ଲା, ସୁନ୍ଦରଗଡ଼ (ପାନପୋଷ)ରେ ଲତିକା ପଟ୍ଟନାୟକଙ୍କୁ ଜିଲା ସଭାପତି ଦାୟିତ୍ୱ ମିଳିଛି।

### ଧାନ ସଂଗ୍ରହରେ କଟ୍‌ନୀଛଟ୍‌ନୀ

# ରୋହିତଙ୍କ ମନ୍ତବ୍ୟକୁ ଭାଜପା କୃଷକ ମୋର୍ଚ୍ଚାର ବିରୋଧ

ସମ୍ବଲପୁର,୬।୧୧ (ପ୍ରମୋଦ ବହିଦାର)

ସମ୍ବଲପୁରରେ ଖରିଫ ଧାନ ସଂଗ୍ରହ ନୀତି ନିର୍ଦ୍ଧାରଣ ବୈଠକରେ ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ ଧାନ ସଂଗ୍ରହ ବେଳେ କଟ୍‌ନୀଛଟ୍‌ନୀ ହେଉ ନାହିଁ ବୋଲି ଦେଇଥିବା ମନ୍ତବ୍ୟକୁ ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ବିରୋଧ କରାଯାଇଛି। ଏହାକୁ ନେଇ କଚେରି ରୋଡ଼ସ୍ଥିତ କାର୍ଯ୍ୟାଳୟରେ ସୋମବାର ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଚନ୍ଦ୍ର ଶେଖର ପଣ୍ଡା ଯୋଗଦେଇ ଗତ ୩ ତାରିଖରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଧାନ ସଂଗ୍ରହ ନୀତି ନିର୍ଦ୍ଧାରଣ ବୈଠକରେ ବିଧାୟକ ପୂଜାରୀ ଧାନ କ୍ରୟ ପ୍ରକ୍ରିୟାରେ କଟ୍‌ନୀଛଟ୍‌ନୀ ହେଉ ନ ଥିବା କଥାରେ ଅସହମତି ପ୍ରକାଶ କରିଛନ୍ତି। ସେ କହିଛନ୍ତି, ରେଢ଼ାଖୋଲ ଓ କୁଚିଣ୍ଡା ଅଞ୍ଚଳର ଚାଷୀମାନେ କଟ୍‌ନୀଛଟ୍‌ନୀର ଶିକାର ହେଉଥିବା ଅଭିଯୋଗ କରୁଥିବା ବେଳେ ସେଠାକାର ବିଧାୟକ ଏହାକୁ ଅସ୍ୱୀକାର କରିବା ଦୁର୍ଭାଗ୍ୟଜନକ। ଏହାଛଡା ବୈଠକରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ ଟଙ୍କା ବୃଦ୍ଧି କରିବାକୁ ରାଜ୍ୟ ସରକାର କେନ୍ଦ୍ରକୁ ପ୍ରସ୍ତାବ ଦେଇଥିଲେ। ମାତ୍ର କେନ୍ଦ୍ର ସରକାର ଏ ନେଇ କୌଣସି ପଦକ୍ଷେପ ନେଉ ନ ଥିବା ନେଇ ବିଧାୟକ ପୂଜାରୀଙ୍କ ଅଭିଯୋଗକୁ ମଧ୍ୟ ସେ ଶସ୍ତା ରାଜନୀତି ବୋଲି କହିଥିଲେ। ଅନ୍ୟ ଏକ ଅଭିଯୋଗରେ ସେ କହିଥିଲେ ଯେ ଗତ ନିର୍ବାଚନରେ ରାଜ୍ୟ ସରକାରଙ୍କ





ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭାଜପା ନେତୃବୃନ୍ଦ।

ପକ୍ଷରୁ ଚାଷୀଙ୍କୁ ବୋନସ ଦେବାକୁ ପ୍ରତିଶ୍ରୁତି ଦିଆଯାଇ ଏହାକୁ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଇନାହିଁ।

ଅପରପକ୍ଷେ ଭାଜପା କୃଷକ ମୋର୍ଚ୍ଚାର ଅଭିଯୋଗକୁ ଖଣ୍ଡନ କରି ବିଧାୟକ ପୂଜାରୀ କହିଛନ୍ତି, କଟ୍‌ନୀଛଟ୍‌ନୀ ସମ୍ପର୍କରେ ତାଙ୍କ ନିକଟରେ ଅଭିଯୋଗ ନାହିଁ। କୌଣସି ମିଲର୍ ଏପରି କରୁଥିବା ଅଭିଯୋଗ ଆସିଲେ ତାଙ୍କ ବିରୋଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହା ବ୍ୟତୀତ ଧାନର ସହାୟକ ମୂଲ୍ୟ ନିର୍ଦ୍ଧାରଣ ନିୟମ ଅନୁସାରେ ହୋଇଥାଏ। ବିଧାନସଭାରେ ସର୍ବଦଳୀୟ ସହମତିରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ ଟଙ୍କା ଧାର୍ଯ୍ୟ ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହାକୁ କେନ୍ଦ୍ର ଏଗ୍ରିକଲ୍ଚରାଲ୍ କଷ୍ଟ ପ୍ରାଇସ୍ କମିଶନଙ୍କ ନିକଟରେ ଉପସ୍ଥାପନ କରାଯାଇଛି। ମାତ୍ର ବିଳମ୍ବ ହେଉଥିବାରୁ ଓଡ଼ିଶା ଗସ୍ତରେ ଆସୁଥିବା କେନ୍ଦ୍ରୀୟ ନେତାଙ୍କୁ ମନେ ପକାଇ ଦେବାକୁ ସେ ଭାଜପା ନେତାଙ୍କୁ ବିଭିନ୍ନ ସମୟରେ ନିବେଦନ କରିଥିଲେ। ମାତ୍ର କେହି ଏହାକୁ କର୍ଣ୍ଣପାତ କରିନାହାନ୍ତି। ଚାଷୀଙ୍କୁ ବୋନସ ଦେବା ସମ୍ପର୍କରେ ପୂଜାରୀ କହିଲେ ଯେ, ବୋନସ ଦେଉଥିବା ରାଜ୍ୟରେ ଧାନ ସଂଗ୍ରହ କରାଯିବ ନାହିଁ ବୋଲି କେନ୍ଦ୍ର ସରକାରଙ୍କ ସଂସ୍ଥା ଏଫ୍‌ସିଆଇ ପକ୍ଷରୁ ନୋଟିସ ଜାରି କରାଯାଇଛି। ତେଣୁ ରାଜ୍ୟରେ ଚାଷୀଙ୍କୁ ବୋନସ ଦିଆଯାଉନାହିଁ। ଖବରଦାତା ସମ୍ମିଳନୀରେ ଭାଜପା ଜିଲା ସଭାପତି ଗିରିଶ ପଟେଲ, ଜଲା ସାଧାରଣ ସମ୍ପାଦକ ଅନୀଲ କୁମାର ବେହେରା, କୃଷକ ମୋର୍ଚ୍ଚା ଜିଲା ସଭାପତି ସମୀର ରଞ୍ଜନ ବାବୁ, ଭାଜପା କ୍ଷେତ୍ରୀୟ ପ୍ରବକ୍ତା ତଥା ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସି ପ୍ରମୁଖ ଉପସ୍ଥିତ ଥିଲେ।

## ଭୁବନେଶ୍ୱରରୁ ଜୟପୁରକୁ ଉଡ଼ିଲା ଦ୍ୱିତୀୟ ବିମାନ



ଜୟପୁର ବିମାନ ବନ୍ଦରରୁ ଜଣେ ଯାତ୍ରୀ ବାହାରକୁ ଆସୁଛନ୍ତି।

ଜୟପୁର,୬।୧୧ (ପବନ ପାଣିଗ୍ରାହୀ)

ଭୁବନେଶ୍ୱରରୁ ଜୟପୁରକୁ ସୋମବାର ଦ୍ୱିତୀୟ ବିମାନ ଉଡ଼ିଛି। ଇଣ୍ଡିଆ ୱାନ୍ ଏୟାରଲାଇନ୍ସ ପକ୍ଷରୁ ସପ୍ତାହକୁ ୨ଦିନ ସୋମବାର ଓ ଶୁକ୍ରବାର ଏହି ବିମାନ ଚଳାଚଳ କରିବ। ସୋମବାର ସକାଳ ୭ଟା ୧୦ରେ ଇଣ୍ଡିଆ ୱାନ୍ ଏୟାରଲାଇନ୍ସର 'ସେସନା' ବିମାନ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରରୁ ଜୟପୁର ଅଭିମୁଖେ ଉଡ଼ାଣ ଆରମ୍ଭ କରିଥିଲା। ଏଥିରେ ୬ଜଣ ଯାତ୍ରୀ ଯାଇଥିଲେ। ବିମାନଟି ୮ଟା ୪୫ରେ ଜୟପୁର ବିମାନବନ୍ଦରରେ ପହଞ୍ଚିଥିଲା। ପରେ ଏହା ୯ଟାରେ ଜୟପୁରରୁ ଉଡ଼ି ୧୦ଟା ୩୫ରେ ଭୁବନେଶ୍ୱରରେ ପହଞ୍ଚିଥିବା ଜଣାଯାଇଛି। ଜୟପୁରରୁ ଯାତ୍ରୀଙ୍କ ସଂଖ୍ୟା ବଢୁଥିବା ଦୃଷ୍ଟିରୁ ଏହି ଅତିରିକ୍ତ ବିମାନ ସେବା ଆରମ୍ଭ ହୋଇଛି। ଏଥିଲାଗି ରାଜ୍ୟ ସରକାର ଆର୍ଥିକ ସହାୟତା ଯୋଗାଉଛନ୍ତି। ଏହାପୂର୍ବରୁ ୨୦୨୨ ଅକ୍ଟୋବର ୩୧ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱର-ଜୟପୁର-ବିଶାଖାପାଟଣା ଏବଂ ବିଶାଖାପାଟଣା-ଜୟପୁର-ଭୁବନେଶ୍ୱର ମଧ୍ୟରେ ପ୍ରଥମ ବିମାନ ସେବାର ଶୁଭାରମ୍ଭ କରିଥିଲେ। ଏହି ବିମାନ ସପ୍ତାହରେ ୨ଦିନ ପରିବର୍ତ୍ତେ ନିୟମିତ ଉଡ଼ାଣ କରିବା ସହ ଆଗକୁ ବଡ଼ ବିମାନ ଉଡ଼ିଲେ ଅନେକ ଯାତ୍ରୀ ସୁବିଧା ପାଇପାରିବେ ବୋଲି ମତ ପ୍ରକାଶ ପାଉଛି। ଜୟପୁରରୁ ଭୁବନେଶ୍ୱରକୁ ୨୯୯୯ ଟଙ୍କା ଯାତ୍ରୀଭଡ଼ା ରହିଛି।

# ଯନ୍ତାରେ ଥିବା ବାଘର ସ୍ୱାସ୍ଥ୍ୟ ଯାଞ୍ଚ କଲା ଜୁ ଟିମ୍

ନୂଆପଡ଼ା,୬।୧୧ (ମକାରୁ ବେମାଲ)

ନୂଆପଡା ଜିଲା ସୁନାବେଡା ଅଭୟାରଣ୍ୟ ଭିତରେ ଅବସ୍ଥିତ ପାହାଡ଼ ତଳି ଗାଁରେ ଗତ ଏକ ସପ୍ତାହରୁ ଉର୍ଦ୍ଧ୍ୱ ହେବ ଆତଙ୍କ ସୃଷ୍ଟି କରିଥିବା କଲରାପତରିଆ ବାଘ ଶନିବାର ବିଳମ୍ବିତ ରାତିରେ ଯନ୍ତାରେ ଧରାପଡିଛି। ସଦର ବନ ବିଭାଗ ରେଞ୍ଜରେ ବାଘକୁ ରଖାଯାଇଛି। ବାଘର ସ୍ୱାସ୍ଥ୍ୟ ଅବସ୍ଥା ଓ ଆଚରଣ ଉପରେ ଅନୁଧାନ କରିବା ପାଇଁ ହୀରାକୁଦ ଡିଭିଜନ ସମ୍ବଲପୁର ଜୁ (ଚିଡ଼ିଆଖାନା)ରୁ ୩ ଜଣିଆ ଟିମ୍ ନୂଆପଡା ଆସିଛନ୍ତି। ସମ୍ବଲପୁର ଜୁ ରେଞ୍ଜର କିଶୋର କୁମାର ବୈକାର, ଫରେଷ୍ଟର ବିକ୍ରମାଦିତ୍ୟ ବେହେରା ଓ ପ୍ରାଣୀ ସମ୍ପଦ ବିଶେଷଜ୍ଞ ଡା.ନବୀନ ମିଶ୍ର ପ୍ରମୁଖ ଆସି ପ୍ରଥମେ ଯନ୍ତା ଭିତରେ ଥିବା ବାଘ ଉପରେ ଅନୁଧାନ କରିଥିଲେ। ବାଘ କେଉଁ ପ୍ରକାର ଆଚରଣ କରୁଛି, ଯନ୍ତା ଭିତରେ କେମିତି ରହୁଛି, କେତେ ପରିମାଣର ଖାଦ୍ୟ ଖାଉଛି, କ'ଣ ସବୁ ଖାଉଛି, କେତେ ପରିମାଣରେ ଖାଦ୍ୟ ଦେଲେ ବାଘ ସୁସ୍ଥ ରହିବ, ସେ ବାହାରେ ବୁଲି ଶିକାର କରୁଥିଲା। ଯନ୍ତା ଭିତରେ ରହିଥିବାରୁ ଆକ୍ରମଣାତ୍ମକ ଭଳି ଆଚରଣ କରୁଛି କି ଏ ସବୁର ଅନୁଧାନ କରିଥିଲେ। ପରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା କାର୍ଯ୍ୟାଳୟଠାରେ ସମ୍ବଲପୁର ଟିମ୍ ଓ ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. କିଶୋର କୁମାର ସାହୁ, ପ୍ରାଣୀ ସମ୍ପଦ ବିଭାଗ ଉପନିର୍ଦ୍ଦେଶକ ଡା. କେ. ପାର୍ଥ ସାରଥି ଦୋରା, ସଦର ବନ ବିଭାଗ ରେଞ୍ଜର ଅଶୋକ କୁମାର ମାଝିଙ୍କ ସହ ବାଘ ଖାଇବା, ରହିବା ଉପରେ ଆଲୋଚନା କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ୨୦୧୭ ମେ ୨୬ରେ ଖରିଆର ରୋଡ ରେଞ୍ଜ ଅଧୀନ ହଲଦି ଗାଁ ଦେବକୀ ପାଣ୍ଡେଙ୍କ ୩ ବର୍ଷର ଶିଶୁପୁତ୍ର ଛଗନ ଲାଲଙ୍କୁ ମା' କୋଳରୁ ଟେକି ନେଇ ବାଘ ଖାଇଥିଲା। ୨୦୧୭ ଜୁନ ୧୦ରେ ଆଈ ଧନବାଇ ପାଣ୍ଡେ ସହିତ ନାତୁଣୀ ଚନ୍ଦ୍ରିକା (୧୩) ଶୋଇଥିବା ସମୟରେ ବାଘ ଆସି ଚନ୍ଦ୍ରିକାଙ୍କୁ ଲହୁଲୁହାଣ କରିଥିଲା। ଗ୍ରାମବାସୀ ଦାବି ମୁତାବକ ୨ଟି ବାଘଙ୍କୁ ଜୁନ ୧୫ ଓ ୩୦ରେ ଧରି ନନ୍ଦନକାନନକୁ ନେଇ ଛାଡିଥିଲେ। ସେହିପରି ଗତ ୪ ତାରିଖ ବିଳମ୍ବିତ ରାତ୍ରିରେ ଧରିଥିବା ବାଘ ନନ୍ଦନକାନନ ନେଇ ଛାଡ଼ିବେ କି ବୋଲି ସମ୍ବଲପୁରରୁ ଆସିଥିବା ଟିମଙ୍କୁ ପଚାରିବାରୁ ଆମେ ଏହି ସବୁ ରିପୋର୍ଟ ହୀରାକୁଦ ଡିଭିଜନ ଡିଏଫଓଙ୍କୁ ଦେବୁ, ସେ ପିସିସିଏଫ୍ ଭୁବନେଶ୍ୱରଙ୍କୁ ପଠାଇବେ। ବାଘ ନନ୍ଦନକାନନ ଯିବ କି ସମ୍ବଲପୁର ଜୁ'କୁ ଯିବ ଉପରସ୍ତରରେ ବିଚାର କରିବେ ବୋଲି କହିଥିଲେ।



ଅନୁଧାନକାରୀ ଟିମ୍ ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।


**DISTRICT PROJECT OFFICE,SAMAGRA SHIKSHA, SUBARNAPUR**

**SHORT QUOTATION CALL NOTICE**

**No. 2289** **Dated: 06.11.2023**

Sealed quotations are invited from Registered Travel Agencies/ Individuals for hiring of a Taxi Registered vehicle i.e. Scorpio/Creta/ Mahindra Marazzo/INNOVA (for official use of Collector-cum-Chairman, Samagra Shiksha, Subarnapur). The details terms & conditions and bid documents are available in the district project office, Samagra Shiksha, Subarnapur and official website **www.subarnapur.nic.in, www.opepa.in**. The last date of receive of quotation is 16.11.2023 upto 4.00 P.M. The undersigned reserves the right to accept/reject any/all quotations without assigning any reason thereof.

**Sd./- District Project Coordinator**
**Samagra Shiksha, Subarnapur**

**TENDER CALL NOTICE SUPPLY OF FOOD & CATERING AND INSTALLATION OF TENTAGE**

2 Nos. of Tenders are invited by the Chief District Veterinary Officer, Subarnapur from the intending suppliers for supply different items like food & catering and installation of tentage for Matsya O Pranisampad Mela-2023. For details kindly visit website www.subarnapur.nic.in.

**Sd./- Chief District Veterinary Officer**
**Subarnapur**

**IN THE DEBTS RECOVERY TRIBUNAL AT CUTTACK**
**C-71, Sector-7, CDA, Cuttack-753014 (Odisha)**
**O.A. No. 635 of 2019**

**Utkal Grameen Bank,**
**Stressed Assets Recovery Branch, Sambalpur** ...Applicant
-Versus-
**Prabhas Mahendra @ Prabhas Kumar Patel**
**& Another** ...Defendants
**To,**
**Defendant No. 1: Prabhas Mahendra Patel,**
S/o: Late Mahendra Kumar Patel;
**Defendant No. 2: Sanju Patel,** W/o: Late Mahendra Kumar Patel;
Both are At: New Colony, Dengibhadi Road, Mission Chowk Main Road, Sundargarh, P.O/P.S/Dist.: Sundargarh, PIN-770001.

**SUMMONS BY PAPER PUBLICATION FOR SHOWING CAUSE AS TO WHY RELIEF PRAYED FOR SHOULD NOT BE GRANTED**

Take notice that the Applicant has instituted the aforesaid Original Application before this Tribunal for recovery of **₹72,45,160.00** only together with current and future interest, cost and other reliefs.

You are therefore hereby directed to appear before this Tribunal in person or through authorised agent, in support of your defence to show cause within **30 days** from the date of publication or on **20th day of December, 2023 at 10.30 a.m.** as to why the reliefs prayed for should not be granted.

Take notice that in case of default the Application will be heard and determined in your absence.

Given under my hand and seal of this Tribunal, on this **1st day of November, 2023.**

**Sd/- (Nikhila Ranjan Pati)**
**Registrar**
**Debts Recovery Tribunal, Cuttack**

# ବକ୍ସାଇଟ୍ ବିଶୋଧନ ପ୍ରକ୍ରିୟାରେ ବେଦାନ୍ତର ଅଭିନବ ସଫଳତା

ଭୁବନେଶ୍ୱର,୬।୧୧ (ଅଭୟ ଦାଶ)




ବେଦାନ୍ତ ଆଲୁମିନିୟମ ଲିମିଟେଡକୁ ନିକଟରେ ଆଉ ଏକ ଉଲ୍ଲେଖନୀୟ ସଫଳତା ମିଳିଛି। ବିଶେଷ କରି ଦେଶର ଆଲୁମିନିୟମ ନିର୍ମାତା ବକ୍ସାଇଟ ଅବଶିଷ୍ଟ ଉତ୍ପାଦକୁ ବହୁମାତ୍ରାରେ ହ୍ରାସ କରିବା ଲାଗି ଏକ ନୂତନ ବିଶୋଧନ ପ୍ରକ୍ରିୟାର ଶୁଭାରମ୍ଭ କରିଛି, ଯାହା ଆଲୁମିନିୟମ ବିଶୋଧନ ପ୍ରକ୍ରିୟାରେ ବିନିଯୋଗ ସହ ବକ୍ସାଇଟ ଅବଶିଷ୍ଟାଂଶକୁ ୩୦%ହ୍ରାସ କରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏପରିକି ଉକ୍ତ ପ୍ରକ୍ରିୟା ଦକ୍ଷତା ଉତ୍ସକୁ ବୃଦ୍ଧି କରିବ ଓ ବିଶୋଧନ ସମୟରେ କମ ଶକ୍ତି ଦରକାର କରିବ। ଉକ୍ତ ଗବେଷଣା ପ୍ରକଳ୍ପକୁ ବେଦାନ୍ତର ବିଶ୍ୱସ୍ତରୀୟ ଆଲୁମିନା ହାଉସ ଲାଞ୍ଜିଗଡ଼ର ସମର୍ଥନ ସହିତ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ ଟେକନୋଲୋଜି ଖଡ଼ଗପୁରଙ୍କ ସହଯୋଗରେ କମ୍ପାନିର ଗବେଷଣା ଓ ବିକାଶ ବିଭାଗ ଦ୍ୱାରା ପରିଚାଳିତ କରାଯିବ। ଏହା ଗ୍ଲୋବାଲ ଆଲୁମିନିୟମ ଶିଳ୍ପ ଉପରେ ସ୍ଥାୟୀ ପ୍ରଭାବ ପକାଇବ। ସେହିଭଳି ଆଲୁମିନିୟମ ପ୍ରସ୍ତୁତି ପାଇଁ ବକ୍ସାଇଟ ହେଉଛି ଏକ ମୌଳିକ ଧାତୁ ଓ ଏହାକୁ ବିଶୋଧନ କରାଯାଇ ଆଲୁମିନିୟମ ଉତ୍ପାଦ ପ୍ରସ୍ତୁତ କରାଯାଏ। ଏହି ବିଶୋଧନ ପ୍ରକ୍ରିୟାରୁ ବକ୍ସାଇଟର ଅବଶିଷ୍ଟାଂଶ ସୃଷ୍ଟିହୋଇଥାଏ। ଏ ସମ୍ପର୍କରେ ବେଦାନ୍ତ ଲିମିଟେଡର ଡେପୁଟି ସିଇଓ (ଆଲୁମିନା ବ୍ୟବସାୟ) ଜି.ଜି.ପାଲ କହିଛନ୍ତି, ସ୍ଥିରତା ହାସଲ କରିବାରେ କମ୍ପାନୀର କାର୍ଯ୍ୟକାରୀ ଦକ୍ଷତା ଆମ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ ହୋଇଥିବାବେଳେ ଉକ୍ତ ଲକ୍ଷ୍ୟ ଉଦ୍ଦେଶ୍ୟରେ ବର୍ତ୍ତମାନ ଆମେ ଶିଳ୍ପ ସମସ୍ୟାର ସମାଧାନ ପାଇଁ ବୈଷୟିକ ନେତୃତ୍ୱାଧୀନ ଅଭିନବ ସମାଧାନ ଲାଗି ଘରୋଇ ଆର ଆଣ୍ଡ ଡି ପଦକ୍ଷେପ ଉପରେ ଧ୍ୟାନ ଦେଉଛୁ। ସେହିଭଳି ବେଦାନ୍ତ ଆଲୁମିନିୟମର ମୁଖ୍ୟ ଗବେଷଣା ଓ ବିକାଶ ଅଧିକାରୀ ଡ. ଅମିତ ଚାଟାର୍ଜି କହିଛନ୍ତି, ବକ୍ସାଇଟର ବଳକା ପଦାର୍ଥର ସଦୁପଯୋଗ ଆମ ପାଇଁ ଏକ ମାଇଲଖୁଣ୍ଟି ହେବ ଓ ଶକ୍ତି ସଂରକ୍ଷଣ ପାଇଁ ଏକ ପଥ ପ୍ରଦାନ କରିବ ଏବଂ ବିଶ୍ୱର ଆଲୁମିନିୟମ ଶିଳ୍ପକୁ ପୁନଃନିର୍ମାଣ କରିବାରେ ଏହା ବେଶ୍ ସହାୟକ ହେବ। ସେହିପରି ଆଇଆଇଟି ଖଡ଼ଗପୁରର ମେଟାଲର୍ଜିକାଲ ଓ ସାମଗ୍ରୀ ଇଞ୍ଜିନିୟରିଂ ବିଭାଗର ସହକାରୀ ପ୍ରଫେସର ଡ. ଚେନ୍ନାରାଓ ବୋରା କହିଛନ୍ତି, ସ୍ଥିରତା ଲକ୍ଷ୍ୟ ପାଇଁ ବେଦାନ୍ତ ଆଲୁମିନିୟମ ଆର ଆଣ୍ଡ ଡି ପ୍ରତି ସମର୍ପିତ ହେବା ପ୍ରକୃତରେ ପ୍ରେରଣାଦାୟକ । ବିଶେଷ କରି ବକ୍ସାଇଟ ବଳକା ପଦାର୍ଥ ହ୍ରାସ ଆଲୁମିନିୟମ ଶିଳ୍ପ ପାଇଁ ଏକ ପ୍ରମୁଖ ଆହ୍ୱାନ ହୋଇଥିବାବେଳେ ଯାହାକୁ ବୈଷୟିକୀ ଦ୍ୱାରା ସମ୍ଭବ କରାଯାଇପାରେ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଆଇଆଇଟି ଖଡ଼ଗପୁର ଓ ବେଦାନ୍ତ ଲିମିଟେଡର ମିଳିତ ପ୍ରୟାସରେ ବିକଶିତ ହୋଇଥିବା ଉକ୍ତ ପ୍ରକ୍ରିୟା କେବଳ ବକ୍ସାଇଟ ବଳକା ପରିଚାଳନାରେ ସହାୟତା କରିବ ନାହିଁ, ଅପରପକ୍ଷରେ ମଧ୍ୟ କାର୍ବନ ଫୁଟପ୍ରିଣ୍ଟକୁ ହ୍ରାସ କରିବ।

## ଶେୟାର ବଜାର କାରବାରରେ ଉତ୍ସାହ

ଭୁବନେଶ୍ୱର, ୬।୧୧

କ୍ରମାଗତ ୩ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢାଇଛନ୍ତି। ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ)ର ସେନସେକ୍ସ ୫୯୪.୯୧ ପଏଣ୍ଟ ବଢି ୬୪,୯୫୮.୬୯ ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନଏସଇ)ର ନିଫ୍ଟି-୫୦ରେ ମଧ୍ୟ ୧୮୧ (୧୮୧.୧୫) ପଏଣ୍ଟ ବୃଦ୍ଧି ଘଟି ୧୯,୪୧୨(୧୯,୪୧୧.୭୫) ଅଙ୍କରେ କାରବାର ବନ୍ଦ କରିଥିଲା। ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲ କ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ଘଟିଥିଲା।

## ୟୁକୋ ବ୍ୟାଙ୍କର ଦ୍ୱିତୀୟ ତ୍ରୈମାସିକ ଫଳାଫଳ

ଭୁବନେଶ୍ୱର, ୬।୧୧


ଅଶ୍ୱନୀ କୁମାର

ୟୁକୋ ବ୍ୟାଙ୍କର ନିର୍ଦ୍ଦେଶକମଣ୍ଡଳୀ ବୋର୍ଡ ବୈଠକ ନିକଟରେ ଶେଷ ହୋଇଯାଇଛି। ଉକ୍ତ ବୈଠକରେ ବ୍ୟାଙ୍କର କାରବାର ଓ ଅନ୍ୟାନ୍ୟ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲାବେଳେ ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକ ଏବଂ ପ୍ରଥମ ୬ମାସର ଆର୍ଥିକ ଫଳାଫଳ ଆଦି ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ୨୦୨୩ ସେପ୍ଟେମ୍ବର ଶେଷ ସୁଦ୍ଧା ବ୍ୟାଙ୍କ ମୋଟ ୪୦୨କୋଟି ଟଙ୍କାର ନେଟ ଲାଭ କରିଥିବାବେଳେ ୨୦୨୩-୨୪ଆର୍ଥିକ ବର୍ଷର ପ୍ରଥମ ୬ମାସରେ ମୋଟ ୬୨୫ କୋଟି ଟଙ୍କାର ନେଟ୍ ଲାଭ ସଂଗ୍ରହ କରିଛି,ଏଥି ସହିତ ବ୍ୟାଙ୍କ ପ୍ରମୁଖ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ସେହିଭଳି ବ୍ୟାଙ୍କର ଅଣକାର୍ଯ୍ୟକାରୀ ସମ୍ପତ୍ତି ହ୍ରାସ ପାଇ ୨୦୨୩ ସେପ୍ଟେମ୍ବର ସୁଦ୍ଧା ୧.୧୧%ରେ ପହଞ୍ଚିଛି। ଏପରିକି ବ୍ୟାଙ୍କର ମୋଟ୍ ଗ୍ଲୋବାଲ ବ୍ୟବସାୟ ୪,୧୭,୧୪୫ କୋଟି ଟଙ୍କା ହୋଇଥିବା ବେଳେ ବ୍ୟାଙ୍କର ଅଗ୍ରିମ ପରିମାଣରେ ମଧ୍ୟ ବୃଦ୍ଧି ଘଟିଛି,ବିଶେଷ କରି ପୂର୍ବ ଆର୍ଥିକ ବର୍ଷର ସମାନ ଅବଧି ତୁଳନାରେ ଚଳିତ ଆର୍ଥିକ ବର୍ଷରେ ୧୭.୯୯% ଅଭିବୃଦ୍ଧି ହାର ହାସଲ ସହ ମୋଟ ୧,୬୭,୭୩୪ କୋଟି ଟଙ୍କାରେ ପହଞ୍ଚିଛି। ସେହିପରି ପରିଚାଳନା ଲାଭ କ୍ଷେତ୍ରରେ ମଧ୍ୟ ବ୍ୟାଙ୍କ ଦ୍ୱିତୀୟ ତ୍ରୈମାସରେ ମୋଟ ୯୮୨କୋଟି ଟଙ୍କାର ପରିଚାଳନା ଲାଭ ସଂଗ୍ରହ କରି ୧୮.୩୪% ଏବଂ ପ୍ରଥମ ୬ମାସରେ ୨,୧୮୪କୋଟି ଟଙ୍କାର ପରିଚାଳନା ଲାଭ ସଂଗ୍ରହ କରି ୩୪.୦୩ %ର ଅଭିବୃଦ୍ଧି ହାର ହାସଲ କରିଥିଲାବେଳେ ରିଟେଲ ୧୭.୦୯%, କୃଷି ୧୪.୩୨% ଏବଂ ଏମ୍‌ଏସ୍‌ଏମ୍‌ଇ ଅଗ୍ରିମ କ୍ଷେତ୍ରରେ ବ୍ୟାଙ୍କ ୨୦.୮୩% ଅଭିବୃଦ୍ଧି ହାର ହାସଲ କରିଥିବା ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱନୀ କୁମାର ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

## ମାଲାବାରର ସ୍ୱତନ୍ତ୍ର ଦୀପାବଳି ଅଫର୍

ଭୁବନେଶ୍ୱର,୬।୧୧
(ଅନୁରାଧା ମହାରଣା)

ଦେଶର ଅନ୍ୟତମ ଅଗ୍ରଣୀ ଅଳଙ୍କାର ରିଟେଲ୍ କମ୍ପାନି ମାଲାବାର ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡସ୍ ପକ୍ଷରୁ ଦୀପାବଳି ଅବସରରେ ସ୍ୱତନ୍ତ୍ର ଅଫର ଘୋଷଣା କରାଯାଇଛି। ସୁନା, ହୀରା, ପୋଲକୀ, ଆଣ୍ଟିକ୍, ରୂପାରୁ ସ୍ୱତନ୍ତ୍ର ଡିଜାଇନର ଅଳଙ୍କାର ଗ୍ରାହକଙ୍କ ପାଇଁ ଉପଲବ୍ଧ ହେଉଛି। ଏହାସହ ପ୍ରତି ୩୦ ହଜାର ଟଙ୍କାର ସୁନା ଅଳଙ୍କାର କ୍ରୟରେ ୧୦୦ମିଲିଗ୍ରାମର ଗୋଲ୍ଡ କଏନ୍ ଉପହାର ଭାବେ ପ୍ରଦାନ କରାଯିବ। ଏନେଇ ଷ୍ଟୋରର ସର୍ତ୍ତାବଳିର ଅନୁପାଳନ କରିବାକୁ ପଡ଼ିବ। ସେହିପରି ହୀରା ଗହଣା ଉପରେ ୩୦ ପ୍ରତିଶତ ପର୍ଯ୍ୟନ୍ତ ରିଆତି, ପୋଲକି ଅଳଙ୍କାର ଗଢ଼ା ମଜୁରୀରେ ୩୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ଆଦି ଅଫର ରହିଛି। ସେହିପରି ଅଳଙ୍କାର ବଦଳ ସହ ନୂଆ ଗହଣା କ୍ରୟ ଉପରେ ବିଭିନ୍ନ ଅଫର ରହିଛି। ସୂଚନାଥାଉକି, ଏହି ଗ୍ରୁପର ୧୧ଟି ଦେଶରେ ୩୩୬ଟି ଷ୍ଟୋର ରହିଛି। ପ୍ରତିବର୍ଷ ହେଉଥିବା ଲାଭାଂଶର ୫ ପ୍ରତିଶତ ବିଭିନ୍ନ ସିଏସଆର କାର୍ଯ୍ୟରେ ବିନିଯୋଗ କରାଯାଇଥାଏ।

## ଟିପିସିଓଡିଏଲ୍ ପକ୍ଷରୁ 'କ୍ୱାଲିଟି ମନ୍ଥ୍'ର ଶୁଭାରମ୍ଭ

ଭୁବନେଶ୍ୱର,୬।୧୧




ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଏକ ଅଭିନବ/ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'କ୍ୱାଲିଟି ମନ୍ଥ୍-୨୦୨୩'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ସମସ୍ତ ଟିପିସିଓଡିଏଲ୍ କର୍ମଚାରୀଙ୍କ ସହ ଦୃଢ଼ ସମ୍ପର୍କ ସ୍ଥାପନ କରିବା ଲାଗି ଏଭଳି ଏକ କାର୍ଯ୍ୟକ୍ରମକୁ ଉଭୟ ଭର୍ଚୁଆଲ୍ ଓ ପ୍ରତ୍ୟକ୍ଷ ଉପାଦାନ ସହ ହାଇବ୍ରିଡ୍ ମୋଡ୍‌ରେ ମଧ୍ୟ ଆୟୋଜନ କରାଯାଇଥିଲା। ଚଳିତ ବର୍ଷର ବିଷୟବସ୍ତୁ ହେଉଛି 'କ୍ୱାଲିଟି-ନିଜର ପ୍ରତିଯୋଗିତାମୂଳକ ସମ୍ଭାବନାକୁ ସାକାର କରିବା'। ଏହା ଚାର୍ଟର୍ଡ କ୍ୱାଲିଟି ଇନ୍‌ଷ୍ଟିଚ୍ୟୁଟ୍ (ସିକ୍ୟୁଆଇ)ର ଅଭିଯାନ ବିଶ୍ୱ କ୍ୱାଲିଟି ଦିବସର ଭାବ ଅନୁସାରେ ରହିଛି, ଯାହା କ୍ୱାଲିଟି ପ୍ରଫେସନାଲମାନଙ୍କ ଯୋଗଦାନକୁ ସ୍ୱୀକୃତି ପ୍ରଦାନ କରୁଛି।

ଏହି ପରିପ୍ରେକ୍ଷୀରେ ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ ସିଂହ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଟିପିସିଓଡିଏଲର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ସେହିଭଳି ଉକ୍ତ କାର୍ଯ୍ୟକ୍ରମ ଟିପିସିଓଡିଏଲ୍‌ର କ୍ୱାଲିଟି ଅଭିଯାନର ଉଲ୍ଲେଖନୀୟ ସମ୍ଭାବନାକୁ ପ୍ରତିଫଳନ କରିବାର ଏକ ମଞ୍ଚ ପ୍ରଦାନ କରିଥିଲା। ଏଥିରେ ଦକ୍ଷତା ବିକାଶ ଓ ଅଭିନବ କର୍ମକ୍ଷେତ୍ର ପରିଚାଳନା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। କ୍ୱାଲିଟି ମନ୍ଥ୍- ୨୦୨୨ର ଉଲ୍ଲେଖନୀୟ ସଫଳତାର ଭାବପୂର୍ଣ୍ଣ ପ୍ରତିଫଳନ ଚଳିତ ସମାରୋହରେ ଦେଖିବାକୁ ମିଳିଥିଲା ଏବଂ ଏହି ଅବସରରେ କମ୍ପାନିର ସିଇଓ ଏବଂ ବରିଷ୍ଠ ଅଧିକାରୀଙ୍କ ଟିମ୍‌ର ସମସ୍ତ ସଦସ୍ୟ କ୍ୱାଲିଟି ମନ୍ଥର ଗୁରୁତ୍ୱ ସମ୍ପର୍କରେ ଅଭିଜ୍ଞତା ଓ ଦୃଷ୍ଟିକୋଣ ବର୍ଣ୍ଣନା କରିଥିଲେ। ପରିଶେଷରେ ସିଇଓଙ୍କ ଦ୍ୱାରା ଟିପିସିଓଡିଏଲ୍‌ର ନ୍ୟୁଜ୍‌ଲେଟର 'ଆଲୋକର ପଥେ' ଉନ୍ମୋଚିତ ହୋଇଥିଲା। ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ ସିଂହ କହିଛନ୍ତି, ଗୁଣାତ୍ମକ ମାନରେ ଉନ୍ନତି ନୀତି ଓ ପଦ୍ଧତି ଜରିଆରେ ନିଜ ଭିତରର ଦୃଢ଼ତାକୁ ଜାଗ୍ରତ କରିବା ଏବଂ ଉତ୍କର୍ଷ ହାସଲ କରିବା ପାଇଁ ଆମର ରହିଥିବା ଅତୁଟ ପ୍ରତିବଦ୍ଧତାକୁ କ୍ୱାଲିଟି ମନ୍ଥ୍ ପ୍ରତିଫଳିତ କରୁଛି, ଏହା ହେଉଛି ଆତ୍ମସନ୍ଧାନ ଓ ନବସୃଜନ ଆଡ଼କୁ ଏକ ସାମଗ୍ରିକ ଯାତ୍ରା, ଯେଉଁଥିରେ ଗ୍ରାହକ ଓ ଅଂଶୀଦାରଙ୍କୁ ଶ୍ରେଷ୍ଠତା ପ୍ରଦାନ କରିବା ଲାଗି ଆମେ ଆମର ପୂର୍ଣ୍ଣ ସମ୍ଭାବନାକୁ ବ୍ୟବହାର କରୁଛୁ।

## କାନାରା ବ୍ୟାଙ୍କ ପକ୍ଷରୁ ସଚେତନତା ସପ୍ତାହ

ଭୁବନେଶ୍ୱର,୬।୧୧

କାନାରା ବ୍ୟାଙ୍କର ଭଦ୍ରକ କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ସତର୍କତା ସଚେତନତା ସପ୍ତାହ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ରୀୟ ସଚେତନତା ଆୟୋଗ ଦ୍ୱାରା ଦୁର୍ନୀତି ନିବାରଣ ପୂର୍ବକ ଦେଶ ଗଠନର ବାର୍ତ୍ତା ଦିଆଯାଇଥିଲା। ଏହି ଅବସରରେ କାନାରା ବ୍ୟାଙ୍କ କ୍ଷେତ୍ରୀୟ କାର୍ଯ୍ୟାଳୟର ମୁଖ୍ୟ ପି. ମଧୁସୂଦନ ରାଓଙ୍କ ନେତୃତ୍ୱରେ ଏକ ପଦଯାତ୍ରା ଭଦ୍ରକ ବାଇପାସ ଛକଠାରୁ ଦକ୍ଷିଣକାଳୀ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ଉକ୍ତ ପଦଯାତ୍ରାରେ କାନାରା ବ୍ୟାଙ୍କର ବହୁ ବରିଷ୍ଠ ଅଧିକାରୀଙ୍କ ସମେତ ଅନ୍ୟ କର୍ମଚାରୀ ଓ ସାଧାରଣ ଜନତା ଦୁର୍ନୀତି ନିବାରଣ ପାଇଁ ଶପଥ ଗ୍ରହଣ କରିଥିଲେ। ସେହିଭଳି ରାଓ ସମସ୍ତଙ୍କୁ କର୍ମକ୍ଷେତ୍ରରେ ସଚ୍ଚୋଟ ରହିବା ପାଇଁ ପରାମର୍ଶ ଦେଇଥିଲେ। ଏପରିକି କେବଳ ଗୋଟିଏ ସପ୍ତାହ ପାଇଁ ନୁହେଁ ପୂରା ଚାକିରି କାଳ ପର୍ଯ୍ୟନ୍ତ ସଚ୍ଚୋଟ ଓ ସତ କହିବାକୁ ସେ ଉପସ୍ଥିତ ବ୍ୟାଙ୍କ କର୍ମଚାରୀ ଓ ସାଧାରଣ ଜନତାଙ୍କୁ ପ୍ରବର୍ତ୍ତାଇଥିଲେ।

ଫୁର୍‌ସତ୍

# କର୍କଟକୁ ହରାଇବା

**ଜାତୀୟ କର୍କଟ ସଚେତନତା ଦିବସ**



କର୍କଟଠାରୁ ନ ହାରି ଏହାକୁ ହରାଇବା ନେଇ ଲୋକଙ୍କ ମଧ୍ୟରେ ବିଶେଷ ଚିନ୍ତାଧାରା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ନଭେମ୍ବର ୭ରେ ସର୍ବଭାରତୀୟ ସ୍ତରରେ ଜାତୀୟ କର୍କଟ ସଚେତନତା ଦିବସ ପାଳନ କରାଯାଇଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପରିସଂଖ୍ୟାନ ଅନୁଯାୟୀ, କର୍କଟ ସମ୍ବନ୍ଧୀୟ ମୃତ୍ୟୁହାର ସ୍ୱଳ୍ପ ଏବଂ ମଧ୍ୟମ ଆୟକାରୀ ଦେଶରେ ୭୦ ପ୍ରତିଶତ ରହିଛି। ଧୂମପାନ, ମଦ୍ୟପାନ, ଅଳ୍ପ ଫଳ ଏବଂ ପନିପରିବା ଖାଇବା ଏବଂ ଯଥେଷ୍ଟ ବ୍ୟାୟାମ ନ କରିବା ଭଳି କାରଣ ଯୋଗୁ ପ୍ରାୟ ଏକ ତୃତୀୟାଂଶ ମୃତ୍ୟୁ କର୍କଟ କାରଣରୁ ହୋଇଥାଏ। କର୍କଟ ଯୋଗୁ ଗୁରୁତର ଆର୍ଥିକ ସ୍ଥିତି ସୃଷ୍ଟି ହୋଇଥାଏ। ସମଗ୍ର ବିଶ୍ୱରେ କର୍କଟ ମୃତ୍ୟୁରେ ସ୍ତନ କର୍କଟର ପ୍ରାୟ ୨.୨୬ ନିୟୁତ ମାମଲା ଥିବାବେଳେ ଫୁସ୍‌ଫୁସ୍ କର୍କଟ ମୃତ୍ୟୁ ସଂଖ୍ୟା ୨.୨୧ ନିୟୁତ ରହିଛି। କୋଲନ ଏବଂ ରେକ୍ଟମ କର୍କଟ ମାମଲା ୧.୯୩ ନିୟୁତ ଥିବାବେଳେ ପ୍ରୋଷ୍ଟେଟ କର୍କଟ ମାମଲା ୧.୪୧ ନିୟୁତ ରହିଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଅନୁଯାୟୀ, ବିଶ୍ୱରେ କର୍କଟ ହେଉଛି ମୃତ୍ୟୁର ଦ୍ୱିତୀୟ ପ୍ରମୁଖ କାରଣ। ୨୦୪୦ ସୁଦ୍ଧା ଭାରତରେ ନୂତନ ମାମଲା ସଂଖ୍ୟା ଦ୍ୱିଗୁଣିତ ହେବ ବୋଲି ଆକଳନ କରାଯାଇଛି। ୪୨ଟି କର୍କଟ ପ୍ରତିରୋଧୀ ଔଷଧ ପାଇଁ ନ୍ୟାଶନାଲ ଫାର୍ମାସ୍ୟୁଟିକାଲ ପ୍ରାଇସିଂ ଅଥରିଟି (ଏନ୍‌ପିପିଏ) ଦ୍ୱାରା ଏକ ପାଇଲଟ ପ୍ରକଳ୍ପ ଆରମ୍ଭ କରାଯାଇଥିଲା। ପୀଡ଼ିତମାନଙ୍କ ପାଇଁ ସ୍ୱାସ୍ଥ୍ୟସେବାକୁ ଅଧିକ ସୁଲଭ କରିବା ଦିଗରେ ଏହା ଏକ ପଦକ୍ଷେପ ।

କର୍କଟ ଆର୍ଥିକ ବୋଝ, ପରିବାର ପାଇଁ ଦୁଃଖ ଏବଂ ଦାରିଦ୍ର୍ୟ ଆଣିଥାଏ। ଏପରିସ୍ଥଳେ ପ୍ରାରମ୍ଭିକ ଚିହ୍ନଟ ପାଇଁ ଗୁରୁତ୍ୱାରୋପ କରିବା ଦ୍ୱାରା କର୍କଟରୁ ମୁକ୍ତି ମିଳିପାରିଥାଏ। ୨୦୧୪ ନଭେମ୍ବର ୭ରେ ଏହି ଦିବସ ପ୍ରଥମଥର ପାଇଁ ପାଳନ କରାଯାଇଥିଲା ଏବଂ କର୍କଟ ରୋଗର ଶୀଘ୍ର ଚିହ୍ନଟ ଏବଂ ଉପଶମ ଉପରେ ଧ୍ୟାନ ଦିଆଯାଇଥିଲା।

## 'ଭାଇରାଲ ଭିଡିଓ ଖୁବ୍ କଷ୍ଟ ଦେଇଛି'


ରଶ୍ମିକା ମନ୍ଦାନା

**ମୁମ୍ବାଇ:** ନିକଟରେ ଭାଇରାଲ ହେଉଥିବା ସାଉଥ୍ ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କ ଡିପ୍‌ଫେକ୍ ଭିଡିଓ ନେଇ ସେ ପ୍ରତିକ୍ରିୟା ରଖିଛନ୍ତି। ସେ ଏଥିନେଇ ଦୁଃଖପ୍ରକାଶ କରିବା ସହ ଟେକ୍ନୋଲୋଜିର ଭୁଲ୍ ବ୍ୟବହାର ଉପରେ ଚିନ୍ତା ପ୍ରକଟ କରିଛନ୍ତି। ଏଥିସହ ତାଙ୍କୁ ସମର୍ଥନ କରିଥିବା ପ୍ରିୟଜନ, ବନ୍ଧୁ ଏବଂ ପ୍ରଶଂସକଙ୍କୁ ଧନ୍ୟବାଦ ଜଣାଇଛନ୍ତି। ରଶ୍ମିକା 'ଏକ୍ସ'ରେ ଏକ ପୋଷ୍ଟ ଶେୟାରକରି କହିଛନ୍ତି, ଯେଉଁଭଳି ଭାବେ ଟେକ୍ନୋଲୋଜିର ଦୁରୁପଯୋଗ କରାଯାଉଛି, ତାହା କେବଳ ତାଙ୍କ ପାଇଁ ନୁହେଁ ସମସ୍ତଙ୍କ ପାଇଁ ଅତ୍ୟନ୍ତ କ୍ଷତିକାରକ। ତାଙ୍କ କଲେଜ ଜୀବନରେ ଏପରି ଏକ ଘଟଣାର ସମ୍ମୁଖୀନ ହୋଇଥିବା କହିଥିଲେ। ପ୍ରକାଶ ଥାଉ କି, ନିକଟରେ ରଶ୍ମିକାଙ୍କ ଏକ ଏଆଇ ଏଡିଟେଡ୍ ଭିଡିଓ ଭାଇରାଲ୍ ହୋଇଥିଲା। ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ(ଏଆଇ)ର ଡିପ୍‌ଫେକ୍ ଟେକ୍ନୋଲୋଜି ବ୍ୟବହାର କରାଯାଇ ଏହି ଭିଡିଓ ଏଡିଟ୍ କରାଯାଇଥିଲା, ଯାହା ରଶ୍ମିକାଙ୍କ ଚରିତ୍ର ଉପରେ ଅଙ୍ଗୁଳି ଉଠାଇବା ସଦୃଶ ଥିଲା। ଏହା ତାଙ୍କୁ ବେଶ୍ ଆଘାତ ଦେଇଛି ବୋଲି ସେ କହିଛନ୍ତି। ଏହାକୁ ନେଇ ବିଗ୍ ବି ଅମିତାଭ ବଚ୍ଚନ ଏବଂ ବରିଷ୍ଠ ବ୍ୟକ୍ତି ଚିନ୍ତା ପ୍ରକଟ କରିଥିଲେ। ଏହାର ଦୁରୁପଯୋଗ ଉପରେ ରୋକ ଲଗାଇବା ପାଇଁ ସେମାନେ ଦାବି କରିଥିଲେ।

## ଅସହାୟଙ୍କ ପାଇଁ ତିଆରିକଲେ ୯୯ ଘର





ଅଟାୱା

କାନାଡାର ଜଣେ ବ୍ୟକ୍ତି ଏପରି ଏକ କାମ କରିଛନ୍ତି, ଯେଉଁଥିପାଇଁ ତାଙ୍କୁ ସବୁଆଡୁ ଶୁଭେଚ୍ଛା ମିଳୁଛି। ଯେଉଁମାନଙ୍କ ରହିବାକୁ ଘର ନାହିଁ, ସେ ସେମାନଙ୍କ ପାଇଁ ଘର ତିଆରି କରିଥିବା ଜଣାପଡ଼ିଛି। ମାର୍ସେଲ ଲେବ୍ରୁନ୍ ନିଜର ଏକ ସଫ୍ଟୱେର କମ୍ପାନୀକୁ ଲକ୍ଷାଧିକ ଟଙ୍କାରେ ବିକ୍ରିକରିବା ପରେ ସେହି ଟଙ୍କାକୁ ଏକ ଭଲ କାମରେ ଲଗାଇବାକୁ ସ୍ଥିର କରିଥିଲେ। ସେଥିପାଇଁ ସେ ତାଙ୍କର ପୂରା ଧ୍ୟାନ ଅସହାୟ ତଥା ଘର ନ ଥିବା ଲୋକଙ୍କୁ ଘର ପ୍ରଦାନ ପାଇଁ ଲାଗି ପଡ଼ିଲେ। ସେ ବର୍ତ୍ତମାନ ନ୍ୟୁ ବ୍ରୁନ୍‌ସ୍ୱିକ୍‌ରେ ପାଖାପାଖି ୬ଶହ ଲୋକଙ୍କ ପାଇଁ ଘର ତିଆରି କରିବାରେ ଲାଗି ପଡ଼ିଛନ୍ତି। ଲେବ୍ରୁନ୍ ଯେଉଁ ଘର ସବୁ ତିଆରି କରିଛନ୍ତି, ସେଠାରେ ରହିବାକୁ ଥିବା ଅସହାୟ ଲୋକଙ୍କୁ ନିଜ ରୋଜଗାରର ମାତ୍ର ୩୦ ପ୍ରତିଶତ ଦେବାକୁ ହେବ। ତିଆରି ହୋଇଥିବା ୯୯ଟି ଘର ଛୋଟ ହୋଇଥିଲେ ମଧ୍ୟ ତା' ଭିତରେ ସମସ୍ତ ପ୍ରକାର ସବୁଧା ରହିଛି। ଏଥିସହ ସେହି ଘର ସବୁ ଦୃଷ୍ଟିରୁ ସୁରକ୍ଷିତ ମଧ୍ୟ। ଏହାକୁ ପ୍ରାୟ ୧୨ ଜଣ ସଦସ୍ୟ ସହାୟତାରେ ତିଆରି କରିଯାଇଛି। ଏହି ୯୯ ଘର ପ୍ରସ୍ତୁତ ପାଇଁ ଲେବ୍ରୁନ୍ ଓ ତାଙ୍କ ସ୍ତ୍ରୀ ନିଜ ଟଙ୍କାରୁ ପ୍ରାୟ ୪ମିଲିୟନ ଡଲାର ଅର୍ଥାତ୍ ୩୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରିଛନ୍ତି। ଏଥିସହ ପ୍ରାନ୍ତୀୟ ଏବଂ ସଂଘୀୟ ଯୋଗଦାନ ଦ୍ୱାରା ୮ ମିଲିୟନ ଡଲାର ଅର୍ଥାତ୍ ୬୬ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଛି। ଏହି ପ୍ରୋଜେକ୍ଟ ପାଇଁ ମୋଟ ୧୨ ମିଲିୟନ ଡଲାର ଖର୍ଚ୍ଚ ହୋଇଥିବା ଲେବ୍ରୁନ୍ କହିଛନ୍ତି।

## ୮ ଫୁଟ ଲମ୍ବର ଜୁକିନି



**ଅଟାୱା:** କାନାଡା ଓଣ୍ଟାରିଓର ଜଣେ ମାଳୀ ନିକଟରେ ତାଙ୍କ ବଗିଚାରେ ୮ ଫୁଟ, ୪.୭୯ ଇଞ୍ଚର ଜୁକିନି (ଆମେରିକା, ଅଷ୍ଟ୍ରେଲିଆ ଅଞ୍ଚଳରେ ହେଉଥିବା ସବୁଜ ଲାଉ ପରି ପରିବା) ଲଗାଇଛନ୍ତି। ସେହି ମାଳୀଙ୍କ ନାମ ହେଉଛି, ହେନେରି ଡି' ଆଞ୍ଜେଲା। ହେନେରି ଜୁକିନିକୁ ଦୁନିଆର ସବୁଠୁ ବଡ଼ ସବୁଜ ପରିବା ଭାବେ ଗିନିଜ୍ ରେକର୍ଡରେ ଅନ୍ତର୍ଭୁକ୍ତ କରିବାକୁ ଆବେଦନ କରିଛନ୍ତି। ରିପୋର୍ଟ ମୁତାବକ, ଏହା ଆଶ୍ଚର୍ଯ୍ୟଜନକ ବୋଲି ହେନେରି କହିଛନ୍ତି। ନାଏଗ୍ରା ଜଳପ୍ରପାତରୁ ୩୦ କି.ମି. ପଶ୍ଚିମରେ ଥିବା ଥୋରାଲ୍ଡ ସହରରେ ହେନେରି ୧୦ ବର୍ଷ ହେବ ଜୁକିନି ଚାଷ କରିବା ଆରମ୍ଭ କରିଥିଲେ। ତେବେ ଜୁକିନିର ଏପରି ଲମ୍ବ ନେଇ ସୂର୍ଯ୍ୟକିରଣ ଏବଂ ଉତ୍ତମ ସାର ଓ ପାଣି ବୋଲି ସେ କହିଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ସବୁଠାରୁ ବଡ଼ ଜୁକିନି ସବୁଜ ପରିବା କରିଥିବା ରେକର୍ଡ ନାଏଗ୍ରା ଜଳପ୍ରପାତର ଜନ୍ ଜିଓଭାନି ସ୍କୋଜାଫାଭେନ୍‌ଙ୍କ ପାଖରେ ଅଛି। ସେ ୨୦୧୪ରେ ୮ ଫୁଟ୍ ଏବଂ ୩.୩ ଇଞ୍ଚ ଲମ୍ବର ଜୁକିନି ଫଳାଇ ଏହି ରେକର୍ଡର ଅଧିକାରୀ ହୋଇଥିଲେ। ତେବେ ହେନେରିଙ୍କୁ ଲାଗୁଛି କି ତାଙ୍କ ଜୁକିନି ବିଶ୍ୱ ରେକର୍ଡରେ ସ୍ଥାନ ପାଇବ। ସେଥିପାଇଁ ସେ ଅପେକ୍ଷା କରିଛନ୍ତି। ସେ ଜୁକିନିକୁ ଅତି ସାବଧାନତାର ସହ ତାଙ୍କ ଗ୍ୟାରେଜରେ ସାଇତି ରଖିଛନ୍ତି।

ଫ୍ୟାଶନ

# ଦୀପାବଳି ଆଉଟ୍‌ଫିଟ୍

**ଦୀପାବଳି ନିମନ୍ତେ ଏବେଠାରୁ ଆରମ୍ଭ ହେଲାଣି ପ୍ରସ୍ତୁତି। ତେବେ ପୂଜାପର୍ବର ସୁନ୍ଦର ଅବସର ଭିତରେ କିଭଳି ଓ କେଉଁ ରଙ୍ଗର ପୋଷାକ ପିନ୍ଧି ନିଜକୁ ସଜେଇବେ ସେ ସମ୍ପର୍କରେ ଜାଣିରଖନ୍ତୁ କିଛି ଟିପ୍ସ...**

■ ପରିଷ୍କାର ଓ ସୁନ୍ଦର ପୋଷାକ ପିନ୍ଧି ପୂଜାରେ ଯୋଗଦେଲେ ମନକୁ ଢେର୍ ଅଧିକ ଗୁଣ ଶାନ୍ତି ଲଗିଥାଏ। ତେଣୁ ପୂଜା ସମୟରେ କେଉଁ ସବୁ ରଙ୍ଗର ପୋଷାକ ପିନ୍ଧିବେ ସେଥିପାଇଁ ଧ୍ୟାନ ଦେବାକୁ ଭୁଲନ୍ତୁ ନାହିଁ।

■ ଲାଲ୍, ହଳଦିଆ, ସବୁଜ, ନାରଙ୍ଗୀ, ଧଳା କିମ୍ବା କୌଣସି ହାଲ୍‌କା ରଙ୍ଗର ପୋଷାକ ପିନ୍ଧି ପୂଜାରେ ଯୋଗଦେଇପାରିବେ। ତେବେ ଭୁଲ୍‌ରେ ବି କଳାରଙ୍ଗର ପୋଷାକ ଏହି ସମୟରେ ପିନ୍ଧନ୍ତୁ ନାହିଁ।

■ ଦୀପାବଳି ପୂର୍ବରୁ ଧନ୍‌ତେରସ ସମୟରେ ଆପଣ ଲାଲ୍ ରଙ୍ଗର ଶାଢ଼ି କିମ୍ବା ସାଲ୍‌ୱାର ପିନ୍ଧିଲେ ବେଶ୍ ଭଲ ଲାଗିବ। ଏହି ରଙ୍ଗର ପୋଷାକ ସହ ଏଥେନିକ୍ ଲୁକ୍ ମହିଳାଙ୍କୁ ବେଶ୍ ଆକର୍ଷଣୀୟ କରିପାରିବ।

■ ଦୀପାବଳି ପୂର୍ବରୁ ନରକ ଚତୁର୍ଦ୍ଦଶୀ କିମ୍ବା ଅନ୍ୟ କୌଣସି ପୂଜାରେ ଆପଣ ସବୁଜ ରଙ୍ଗର ପୋଷାକ ମଧ୍ୟ ପିନ୍ଧିପାରିବେ। ଏହି ରଙ୍ଗର ସବୁ ପ୍ରକାର ପୋଷାକ ବଜାରରେ ଉପଲବ୍ଧ। ତେଣୁ ନିଜ ପସନ୍ଦରେ ଆପଣ ଯେକୌଣସି ଆଉଟ୍‌ଫିଟ୍ ନେଇପାରିବେ।

■ ଦୀପାବଳିରେ ପିନ୍ଧିବା ପାଇଁ ହଳଦିଆ ରଙ୍ଗର ପ୍ରିଣ୍ଟେଡ୍ ଶାଢ଼ି କିମ୍ବା ପୋଷାକ ବେଶ୍ ସୁନ୍ଦର ଲାଗିବ। ଏହି ରଙ୍ଗର ଲେହେଙ୍ଗା ମଧ୍ୟ ସୌନ୍ଦର୍ଯ୍ୟକୁ ଆହୁରି ଆକର୍ଷଣୀୟ କରିପାରିବ।



■ ଦୀପାବଳି ପରେ ଗୋବର୍ଦ୍ଧନ ପୂଜା, ଭାଇଦୁଜ୍ ଭଳି ବିଭିନ୍ନ ଉତ୍ସବରେ ଆପଣ ନାରଙ୍ଗୀ ପ୍ରିଣ୍ଟେଡ୍ କିମ୍ବା ହାଲୁକା ରଙ୍ଗର ଶାଢ଼ି ଅଥବା ସାଲ୍‌ୱାର ସୁଟ୍ ପିନ୍ଧି ବେଶ୍ ଷ୍ଟାଇଲିଶ୍ ହୋଇପାରିବେ।

# ମାଟିପାତ୍ରରେ ରାନ୍ଧିବା ଆଗରୁ...

**ସ୍ୱାସ୍ଥ୍ୟ ସଚେତନତା ଦୃଷ୍ଟିରୁ ଆଜିକାଲି ଅନେକେ ମାଟିପାତ୍ରରେ ରୋଷେଇ କରିବା ଆରମ୍ଭ କଲେଣି। କିନ୍ତୁ ମାଟିପାତ୍ରକୁ ଗ୍ୟାସ୍‌ରେ ରୋଷେଇ କରିବା ପୂର୍ବରୁ କିଭଳି ସଚେତନତା ଅବଲମ୍ବନ କରିବେ ଜାଣିରଖନ୍ତୁ।**

- ବଜାରରୁ ମାଟିପାତ୍ର ଆଣିବା ପରେ ପ୍ରଥମେ ତାକୁ ଗୋଟିଏ ଦିନ ପାଣିରେ ଭିଜାଇ ରଖନ୍ତୁ। ଏହାପରେ ପାଣି ବାହାର କରି ଖରାରେ ଶୁଖାନ୍ତୁ। ଶୁଖିବା ପରେ ସେଥିରେ ସବୁଆଡ଼େ ଭଲ ଭାବେ ତେଲ ଲଗାଇ ପୁଣି ଥରେ ଖରାରେ ୨-୪ ଘଣ୍ଟା ରଖନ୍ତୁ।
- ମାଟିପାତ୍ରକୁ ପ୍ରଥମ ଥର ପାଇଁ ଗ୍ୟାସ୍‌ରେ ବସାଇବାକୁ ଯାଉଥିଲେ ସେଥିରେ ପ୍ରଥମେ ତେଲ ପକାଇ ଆଳୁ କିମ୍ବା ଅନ୍ୟ କିଛି ଭଜା କରନ୍ତୁ। ପ୍ରଥମ ଥର ମାଟିପାତ୍ରର ଏହି ଭଜାକୁ ବାହାରକରି ଫିଙ୍ଗି ଦିଅନ୍ତୁ। ଏହାପରେ ପୁଣି ଥରେ ରୋଷେଇ କରି ଖାଆନ୍ତୁ।
- ମାଟିପାତ୍ରରେ ପ୍ରଥମ ଥର ଅଧିକ ପାଣି ଦେଇ ଭାତ ବି ରାନ୍ଧିପାରିବେ। ଯଦି ପ୍ରଥମ ଥର ଖରାପ ହୁଏ ତେବେ ଦ୍ୱିତୀୟ ଥର ରାନ୍ଧି ଖାଆନ୍ତୁ।
- ମାଟିପାତ୍ରକୁ ଗ୍ୟାସରେ ଧିରେ ଆଞ୍ଚରେ ବସାନ୍ତୁ। ଅଧିକ ଆଞ୍ଚରେ ମାଟିପାତ୍ର ଫାଟିଯିବା ସମ୍ଭାବନା ରହିଥାଏ।

# ଫିଟ୍‌ନେସ୍ ମନ୍ତ୍ର



**ଯୋଗ ଓ ବ୍ୟାୟାମର ବିକଳ୍ପ ହେଉଛି ଘରକାମ। ଏମିତି ଭ୍ରାନ୍ତଧାରଣା ରହିଛି ଅନେକ ମହିଳାଙ୍କର। ଫିଟ୍ ରହିବା ପାଇଁ ଅଧିକରୁ ଅଧିକ ଘରକାମ ଯଥେଷ୍ଟ ବୋଲି ଭାବନ୍ତି ସେମାନେ। ମାତ୍ର ସୁସ୍ଥ ଜୀବନ ପାଇଁ ବ୍ୟାୟାମ ନିହାତି ଜରୁରୀ।**

ଘରର ବିଭିନ୍ନ କାମ କରିବାକୁ କେତେଜଣ ମହିଳା ଯୋଗ ବା ବ୍ୟାୟାମ କରିବା ସହ ସମାନ ବୋଲି ଭାବିନିଅନ୍ତି। କାରଣ ଘରକାମ କରି ସେମାନେ ଥକିଯାଆନ୍ତି। ତେଣୁ ଝାଳବୁହା ପରିଶ୍ରମ କରି ସେମାନେ ବ୍ୟାୟାମ କରିବାର ଲାଭ ପାଉଛନ୍ତି ବୋଲି ଭାବିଥାନ୍ତି। ମାତ୍ର ସେମାନଙ୍କର ଏହି ଧାରଣା ହିଁ ତାଙ୍କୁ ଏକ ସୁସ୍ଥ ଜୀବନଠାରୁ ଦୂରେଇ ରଖେ। କାରଣ ବର୍ତ୍ତମାନର ଲାଇଫ୍‌ଷ୍ଟାଇଲ୍ ଅନୁସାରେ ଘରର ସବୁ କାମ କରିବା ବ୍ୟାୟାମ ସହ ଆଦୌ ତୁଳନୀୟ ନୁହେଁ। ତେଣୁ ମହିଳାମାନେ କିଛି ସମୟ ବ୍ୟାୟାମ କରିବା ନିହାତି ଜରୁରୀ।

**ସମୟ ବଦଳିଛି:** ଆଗ ସମୟରେ ମହିଳାମାନେ ଘରର ସବୁକାମ କରୁଥିଲେ, କିନ୍ତୁ ଏବେ ମହିଳା ଘର କାମ ସହ ବାହାର କାମ ବି କରୁଛନ୍ତି। ତେଣୁ କମ୍ ସମୟରେ ଶୀଘ୍ର କାମ କରିବା ପାଇଁ ସେମାନେ ବିଭିନ୍ନ ପ୍ରକାର ଯନ୍ତ୍ରପାତିର ସହାୟତା ନେଉଛନ୍ତି। କିନ୍ତୁ ଆଗକାଳରେ ଚକି, ଢିଙ୍କି, ଶିଳ ଆଦି ବ୍ୟବହାର କରି ସେମାନେ କାମ କରୁଥିଲେ, ଯାହାକି ସେମାନଙ୍କୁ ବ୍ୟାୟାମ କରିବା ଭଳି ଲାଭ ଦେଉଥିଲା। କିନ୍ତୁ ଏବେ ଆମେ ସମସ୍ତେ ଯନ୍ତ୍ର ଉପରେ ନିର୍ଭରଶୀଳ। ତେଣୁ କମ୍ ସମୟରେ ଗୋଟିଏ ସ୍ଥାନରେ ରହି ଅନେକ କାମ କରିବାକୁ ହେଉଛି। ଫଳରେ କାମ କରି ଥକିଯାଉଛନ୍ତି ସିନା ହେଲେ ବ୍ୟାୟାମର ଲାଭ ମିଳିପାରୁନାହିଁ।

**ଶାରୀରିକ ପରିଶ୍ରମ:** ଘରକାମ ମାଧ୍ୟମରେ ଶାରୀରିକ ପରିଶ୍ରମ ହୁଏ ସତ, କିନ୍ତୁ ବ୍ୟାୟାମ ନିମନ୍ତେ ତାହା ପର୍ଯ୍ୟାପ୍ତ ନୁହେଁ। କାରଣ ସବୁ କାମର ସମୟ ଅବଧି ଓ କାମର ପ୍ରକାରଭେଦ ଅନୁସାରେ ଶାରୀରିକ ପରିଶ୍ରମର ଲାଭ ମିଳିଥାଏ। ବେଳେବେଳେ ଘଣ୍ଟା ଘଣ୍ଟାର ଘରକାମରୁ ଶରୀରକୁ ଫାଇଦା ମିଳିବା ବଦଳରେ ବିଭିନ୍ନ ସମସ୍ୟା ଦେଖାଦେଇଥାଏ। ସେହି ତୁଳନାରେ ମାତ୍ର କିଛି ମିନିଟ୍‌ର ବ୍ୟାୟାମ ଶରୀରର ସୁସ୍ଥତା ପାଇଁ ବେଶ୍ ଫଳପ୍ରଦ। ତେଣୁ ସ୍ୱାସ୍ଥ୍ୟ ଦୃଷ୍ଟିରୁ ବିଚାରକଲେ ଶରୀରକୁ ଲାଭ ମିଳୁଥିବା ଭଳି ବ୍ୟାୟାମର ଆବଶ୍ୟକତା ରହିଛି।

**ଶରୀର ଥକେ:** କାମ କଲେ ଶରୀର ଥକିଯାଏ, ଠିକ୍ ବ୍ୟାୟାମ କରିବା ଭଳି। ହେଲେ ବ୍ୟାୟାମ କରିବା ପରେ ଶରୀରରେ ଏକ ନୂତନ ଉର୍ଜା ସୃଷ୍ଟି ହୁଏ। ଫଳରେ ଅଧିକ କାମ କରିବା ପାଇଁ ଆଗ୍ରହ ସୃଷ୍ଟି ହୁଏ। କିନ୍ତୁ ଘରକାମ କରିବା ପରେ ଶରୀର ଥକିଯାଏ ଓ ହାଲିଆ ଲାଗେ। କିଛି କାମ କରିବାକୁ ଇଚ୍ଛା ହୁଏ ନାହିଁ। ତେଣୁ ବ୍ୟାୟାମ କରିବା ପରେ ଶରୀର ଯେଉଁଭଳି ଥକିଯାଏ ସେଭଳି ଘରକାମ କରିବା ପରେ ଅନୁଭବ କରିବା ଏକା ବୋଲି ଭାବିବା ଠିକ୍ ନୁହେଁ।

**ପ୍ରକୃତ ସତ୍ୟ:** ଗୋଟେ କଥା ମନେରଖିବାକୁ ହେବ କି ଶରୀରକୁ ସୁସ୍ଥ ରଖିବା ପାଇଁ ହିଁ ବ୍ୟାୟାମ କରାଯାଏ। କିନ୍ତୁ ଘରକୁ ସଫାସୁତୁରା ରଖିବା ପାଇଁ ଘର କାମ କରାଯାଏ। ବ୍ୟାୟାମ କରିବା ସମୟରେ ହୃଦୟକୁ ସୁସ୍ଥ ରଖିବା, ଶରୀରର ବିଭିନ୍ନ ଅଂଶରେ ଥିବା ମାଂସପେଶୀକୁ ସୁସ୍ଥ ରଖିବା ଏବଂ ଆବଶ୍ୟକ ଅନୁସାରେ କ୍ୟାଲୋରି କମ୍ କରିବା ପାଇଁ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରଖାଯାଇଥାଏ। କିନ୍ତୁ ଘରକାମ କରିବା ସମୟରେ ଏସବୁକୁ ଆଦୌ ଧ୍ୟାନ ଦିଆଯାଏ ନାହିଁ। ଫଳରେ ବ୍ୟାୟାମର ଉପକାରିତା ମିଳି ନ ଥାଏ।

## ଏମାନେ କ'ଣ କରନ୍ତି



**ସମୟ ମିଳେନି:** ଏକ୍ସରସାଇଜ୍ କିମ୍ବା ଯୋଗ କରିବା ପାଇଁ ସମୟ ନାହିଁ। ସକାଳୁ ଉଠି ଘରକାମ ସାରି ଅଫିସ୍ ଯିବାକୁ ହୁଏ। ଘରେ ଏତେ କାମ ଥାଏ ଯେ ଅଫିସ୍ ବାହାରିବାକୁ ବିଳମ୍ବ ହେଇଯାଏ। ଏତେ ସବୁ କାମ ଭିତରେ ଏକ୍ସରସାଇଜ୍ କରିବା କଥା ମୁଁ ଚିନ୍ତା କରିପାରେନାହିଁ। କିନ୍ତୁ ଘରକାମ ମାଧ୍ୟମରେ ଏକ୍ସରସାଇଜ୍‌ର ଫାଇଦା ମିଳିପାରିବ ବୋଲି ଭାବେ। ହେଲେ ଏବେ ଅଧିକ କାମ କରିବାକୁ ଇଚ୍ଛା ହେଉନାହିଁ। ଖୁବ୍ ଶୀଘ୍ର ଥକିଯାଉଛି।

*– ସ୍ମିତା ପଟ୍ଟନାୟକ, କର୍ମଜୀବୀ, ନୟାପଲ୍ଲୀ, ଭୁବନେଶ୍ୱର*



**ସ୍ୱାସ୍ଥ୍ୟ ଚିନ୍ତା ସର୍ବପ୍ରଥମ:** ସୁସ୍ଥ ରହିବାକୁ ହେଲେ ପ୍ରତିଦିନ ନିଜ ପାଇଁ କିଛି ସମୟ ବାହାର କରିବାକୁ ହେବ। ଏଥିପାଇଁ ଏବେ ସବୁଦିନ ସକାଳୁ ଯୋଗ ଓ ପ୍ରାଣାୟାମ କରୁଛି। ଘରେ ସମସ୍ତଙ୍କୁ ସେହି ଅନୁସାରେ ଆଡ୍‌ଜଷ୍ଟ କରିବା ପାଇଁ ବ୍ୟବସ୍ଥା କରି ସବୁଦିନ ସନ୍ଧ୍ୟାରେ ଜିମ୍ ଯାଉଛି। ପ୍ରଥମେ ଖରାପ ଲାଗୁଥିଲା, ମାତ୍ର ନିଜ ସ୍ୱାସ୍ଥ୍ୟ ଠିକ୍ ରହିଲେ ପରିବାର ଓ ଅନ୍ୟମାନଙ୍କୁ ଭଲରେ ରଖିବା ପାଇଁ କାମ କରିପାରିବି ଭାବି ଜିମ୍ ଯାଉଛି। ଅବଶ୍ୟ କିଛି ବର୍ଷ ପରେ ଏକ୍ସରସାଇଜ୍ କରିବା ଶିଖିଗଲେ ଆଉ ଜିମ୍ ଯିବିନାହିଁ ବୋଲି ଭାବିଛି।

*– ପ୍ରଭାସିନୀ ବେହେରା, କର୍ମଜୀବୀ, ପ୍ରତାପନଗରୀ, କଟକ*



**ଯୋଗ ଓ ବ୍ୟାୟାମର ବିକଳ୍ପ ନାହିଁ:** ଶରୀରକୁ ସୁନ୍ଦରଭାବେ ପରିଚାଳନା କରିବା ପାଇଁ ଯୋଗ ଓ ବ୍ୟାୟାମ ଏକ ମାଧ୍ୟମ। ଏଇ ମାଧ୍ୟମରେ ଶରୀରର ସବୁ ଅଙ୍ଗ ଓ ନିଶ୍ୱାସର ପ୍ରବାହକୁ ସକ୍ରିୟ କରିପାରିବା। ଜିମ୍‌ରେ ବିଭିନ୍ନ ଯନ୍ତ୍ରପାତି ମାଧ୍ୟମରେ ଶରୀରକୁ ସୁସ୍ଥ ରଖିହୁଏ କିନ୍ତୁ ଯୋଗ ମାଧ୍ୟମରେ ପ୍ରଥମେ ମନକୁ ସୁସ୍ଥ ରଖିହୁଏ ଫଳରେ ଶରୀର ସୁସ୍ଥ ରହିଥାଏ। ବିଭିନ୍ନ ପ୍ରକାରର ଆସନ ଓ ଯୋଗ ମାଧ୍ୟରେ ଶରୀରର ପ୍ରାୟ ସବୁ ସମସ୍ୟା ଦୂର କରିହେବ କିମ୍ବା ନିୟନ୍ତ୍ରଣରେ ରଖିହେବ।

*– ସାଗରିକା ଶତପଥୀ, ଯୋଗ ଶିକ୍ଷୟିତ୍ରୀ, ଭୁବନେଶ୍ୱର*



**କମ୍ ସମୟରେ ଅଧିକ ଲାଭ:** କେବଳ ଯୋଗ ହିଁ ମନୁଷ୍ୟକୁ ସୁସ୍ଥ, ସବଳ କରିବା ସହ ଶକ୍ତି ସଂଚୟ କରିବାକୁ ଯୋଗ୍ୟ ବନାଏ। ଶରୀରରେ ଥିବା ସମସ୍ତ ଗ୍ରନ୍ଥିମାନଙ୍କର ରସସ୍ରାବ ନିୟନ୍ତ୍ରିତ ହୁଏ। ଶ୍ୱାସକ୍ରିୟା ନିୟନ୍ତ୍ରିତ ହେବା ଦ୍ୱାରା ଶାରିରୀକ ଓ ମାନସିକ ସ୍ତରରେ ଅନେକ ଲାଭ ମିଳିଥାଏ ତଥା ଫୁସ୍‌ଫୁସ୍ ମଜବୁତ ହୁଏ। ସ୍ଥୂଳ ଶରୀର ସହ ସୂକ୍ଷ୍ମ ଶରୀର ମଧ୍ୟ ପ୍ରଭାବିତ ହୋଇ ମନ ନିୟନ୍ତ୍ରିତ ରହେ। ସୁନିୟୋଜିତ ଢଙ୍ଗରେ ଶରୀରର ସର୍ବାଙ୍ଗୀଣ ବିକାଶ ହେବା ସହ ସୌନ୍ଦର୍ଯ୍ୟ ବୃଦ୍ଧି ହୁଏ ଓ ଚେହେରା କାନ୍ତିମୟ ହୁଏ। କମ୍ ସମୟ ଓ କମ୍ ଶକ୍ତି ଖର୍ଚ୍ଚ କରି ଅଧିକ ଲାଭ କେବଳ ଯୋଗରୁ ହିଁ ମିଳେ।

*– ପ୍ରଣତି ଦାସ, ଯୋଗ ଶିକ୍ଷୟିତ୍ରୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର*





ସୌନ୍ଦର୍ଯ୍ୟ

# ଚାଉଳରୁ ଫେସ୍‌ପ୍ୟାକ୍

**ସୁନ୍ଦର ଗ୍ଲୋଇଂ ସ୍କିନ୍ ପାଇଁ ଚାଉଳର ଫେସ୍‌ପ୍ୟାକ୍ ଅତ୍ୟନ୍ତ ଫଳପ୍ରଦ। ଏମିତିକି ୨୪ ଘଣ୍ଟାରୁ ଅଧିକ ସମୟ ରନ୍ଧାହୋଇ ରହିଥିବା ଭାତକୁ ବି ଫେସ୍‌ପ୍ୟାକ୍‌ରେ ବ୍ୟବହାର କରିହେବ।**



- ଚାଉଳରୁ ଫେସ୍‌ପ୍ୟାକ୍ ତିଆରି କରିବା ପାଇଁ ପ୍ରଥମେ ଭାତ ତିଆରି କରି ଦିଅନ୍ତୁ। ତେବେ ବାସି ହୋଇଯାଇଥିବା ଭାତକୁ ମଧ୍ୟ ଫେସ୍‌ପ୍ୟାକ୍‌ରେ ବ୍ୟବହାର କରିହେବ।
- ପ୍ରଥମେ ବାସିଭାତକୁ ପାଣିରୁ ଛାଣି ଗ୍ରାଇଣ୍ଡିଂ କରି ଦିଅନ୍ତୁ। ଏବେ ଏଥିରେ କିଛି ମହୁ ଓ କ୍ଷୀର ମିଶାଇ ମୁହଁରେ ଲଗାନ୍ତୁ। ଶୁଖିଯିବା ପରେ ସ୍କ୍ରବ୍ କରିବା ଭଳି ଧୀରେ ଧୀରେ ଘଷନ୍ତୁ। ଏହାପରେ ମୁହଁ ଧୋଇ ଦିଅନ୍ତୁ।
- ଶୁଷ୍କ ତ୍ୱଚା ପାଇଁ ବି ବାସିଭାତକୁ ବ୍ୟବହାର କରିହେବ। ଅଧାକପ୍ ଗ୍ରାଇଣ୍ଡିଂ ହୋଇଥିବା ଭାତରେ ୨ ଚାମଚ ଡାଳଚିନି ଗୁଣ୍ଡ ଏବଂ ୧ ଚାମଚ ଗ୍ଲିସେରିନ୍ ମିଶାଇ ଲଗାନ୍ତୁ। କିଛି ସମୟ ରଖି ଶୁଖିବା ପରେ ଧୀରେ ଧୀରେ ଘଷି ଛଡ଼ାନ୍ତୁ। ଏହାପରେ ଧୋଇଦିଅନ୍ତୁ। କିଛିଦିନ ଏପରି କରିବା ପରେ ତ୍ୱଚାର ଉଜ୍ଜ୍ୱଳତା ବହୁତ ବଢ଼ିଯିବ।
- ସେହିପରି ତୈଳୀୟ ତ୍ୱଚା ନିମନ୍ତେ ଗ୍ରାଇଣ୍ଡିଂ ହୋଇଥିବା ଭାତରେ ମହୁ, ଦହି, ଗୋଲାପଜଳ ଭଲଭାବେ ମିଶାଇ ମୁହଁରେ ଲଗାନ୍ତୁ। ଶୁଖିବା ପରେ ମୁହଁ ଧୋଇଦିଅନ୍ତୁ। ଏହି ପ୍ୟାକ୍ ତ୍ୱଚାରେ ଥିବା ଅତିରିକ୍ତ ତୈଳ ଅଂଶକୁ କମ୍ କରିବା ସହ ଉଜ୍ଜ୍ୱଳତା ବୃଦ୍ଧି କରିବ।



## ଘରକରଣା

- ତରକାରି ଅଧିକ ରାଗ ହୋଇଥିଲେ ସେଥିରେ ତୁରନ୍ତ କିଛି ଘିଅ କିମ୍ବା ବଟର ମିଶାଇ ଦିଅନ୍ତୁ।
- ଆବଶ୍ୟକ ଅନୁସାରେ ତରକାରିରେ ଲେମ୍ବୁରସ ପକାଇଲେ ତାହା କିଛି ପରିମାଣରେ ରାଗ କମାଇ ଦିଏ।
- ରୋଷେଇ କରିବା ସମୟରେ ସବୁବେଳେ କମ୍ ଲୁଣ ଓ କମ୍ ରାଗ ପକାଇବାକୁ ଚେଷ୍ଟା କରନ୍ତୁ। ଆବଶ୍ୟକ ହେଲେ ପରେ ଲୁଣ ଓ ରାଗ ମିଶାଇପାରିବେ।
- ତରକାରିରେ କ୍ରିମ୍ କିମ୍ବା ଦହି ମିଶାଇ ଦେଲେ ତା'ର ରାଗ କମିଯାଇଥାଏ।
- ତରକାରିରେ ରାଗ କମ୍ କରିବା ପାଇଁ ଟମାଟୋ ପ୍ୟୁରି ମଧ୍ୟ ପକାଇପାରିବେ। କିନ୍ତୁ ଟମାଟୋ ପ୍ୟୁରିକୁ ପ୍ରଥମେ ଅନ୍ୟ ଏକ କଡ଼େଇରେ ଅଳ୍ପ ତେଲ ପକାଇ ଗରମ କରି ଦିଅନ୍ତୁ।
- ତରକାରିର ସ୍ୱାଦ ଅଧିକ କରିବା ପାଇଁ ସିଝା ଆଳୁକୁ ଚକଟି ସେଥିରେ ମିଶାଇ ଦିଅନ୍ତୁ। ତରକାରି ଅଧିକ ରାଗ ହୋଇଥିଲେ କମ୍ ହୋଇଯିବ।
- ତରକାରିରେ ଅଳ୍ପ ବେସନ ଭାଜି ମିଶାଇଦେଲେ ତାହା ସ୍ୱାଦିଷ୍ଟ ହେବା ସହ ରାଗ କମାଇ ଦିଏ।
- ପନିର କିମ୍ବା କୋଫ୍ତା ଆଦି କରୁଥିଲେ ସେଥିରେ ଅଳ୍ପ କିଛି ଚିନି ପକାଇ ଦିଅନ୍ତୁ ତାହା ଅଧିକ ସ୍ୱାଦିଷ୍ଟ ହେବ।

ଖାଦ୍ୟରୁଚି

# ମୋତିଚୁର୍ ଲଡୁ



**ଆବଶ୍ୟକ ସାମଗ୍ରୀ–** ବେସନ- ୨କପ୍, ଚିନି-୩ କପ୍, କ୍ଷୀର- ୧ ଲିଟର, ଘିଅ- ୬କପ୍, ପାଣି- ୪କପ୍, ଗୁଜୁରାତି ଗୁଣ୍ଡ- ୧ ଚାମଚ, ବେକିଂ ସୋଡ଼ା- ଅଳ୍ପ, ଫୁଡ୍ କଲର -ଅଳ୍ପ।

**ପ୍ରସ୍ତୁତି ପ୍ରଣାଳୀ–** ପ୍ରଥମେ ସିରା ପ୍ରସ୍ତୁତ କରନ୍ତୁ। ଏଥିପାଇଁ ପାଣି ଗରମ କରି ସେଥିରେ ଚିନି ମିଶାଇ ଗୋଳାନ୍ତୁ। ଚିନି ଭଲଭାବେ ମିଶିଗଲା ପରେ ସେଥିରେ ଅଳ୍ପ କ୍ଷୀର ମିଶାନ୍ତୁ। କ୍ଷୀର ମିଶାଇବା ପରେ ଲଗାତର ଗୋଳାନ୍ତୁ। କ୍ଷୀର ମିଶ୍ରିତ ଏହି ସିରା ଗାଢ଼ ହୋଇଯିବା ପରେ ତଳକୁ ଓହ୍ଲାଇ ସେଥିରେ ଗୁଜୁରାତି ଗୁଣ୍ଡ ପକାଇ ରଖନ୍ତୁ।

ଏବେ ଏକ ବଡ଼ ପାତ୍ରରେ ବେସନ, କ୍ଷୀର ଓ ବେକିଂ ପାଉଡର ମିଶାଇ ଭଲଭାବେ ଗୋଳାନ୍ତୁ। ବେସନର ଘୋଳକୁ ବେଶି ଗାଢ଼ କରନ୍ତୁ ନାହିଁ। ଏବେ କଡ଼େଇରେ ଘିଅ ଗରମ କରି ବୁନ୍ଦି ଛାଣି ଦିଅନ୍ତୁ। କିଛି ସମୟ ପରେ ବୁନ୍ଦି ସବୁକୁ ନେଇ ସିରାରେ ମିଶାନ୍ତୁ। ଶେଷରେ ବୁନ୍ଦିକୁ ସିରାରୁ ବାହାରକରି ଲଡୁ ତିଆରି କରି ନିଅନ୍ତୁ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ............................



ଟିଟୁଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆନ୍ତଃଜୋନ ମହିଳା ବାସ୍କେଟବଲ୍: ଜିସିପିଇ ଚାମ୍ପିୟନ

**ଭୁବନେଶ୍ୱର, ୬।୧୧ (ତପନ ସ୍ୱାଇଁ)**

ଉତ୍କଳ ବିଶ୍ୱବିଦ୍ୟାଳୟର ପୋଷ୍ଟ ଗ୍ରାଜୁଏଟ୍ ଆଥ୍‌ଲେଟିକ କ୍ଲବ ଆନୁକୂଲ୍ୟରେ ଆନ୍ତଃଜୋନ ମହିଳା ବାସ୍କେଟବଲ୍ ଟୁର୍ନାମେଣ୍ଟ ବିଜୁ ପଟ୍ଟନାୟକ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଉଦ୍‌ଯାପିତ ହୋଇଯାଇଛି। ଏହାର ଫାଇନାଲରେ ସରକାରୀ ଶାରୀରିକ ଶିକ୍ଷା ମହାବିଦ୍ୟାଳୟ (ଜିସିପିଇ) ନୟାପଲ୍ଲୀର ଡିଆର ମହାବିଦ୍ୟାଳୟକୁ ହରାଇ ଚାମ୍ପିୟନ ହୋଇଛି। ପୂର୍ବରୁ ଜିସିପିଇ ବିଜେବି ମହାବିଦ୍ୟାଳୟକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲା। ଅଧ୍ୟାପିକା ପତ୍ରପୁଷ୍ପା ମହାନ୍ତି ଓ ପୂର୍ବତନ ଛାତ୍ର ପ୍ରସନ୍ନଙ୍କ ତତ୍ତ୍ୱାବଧାନରେ ସରସ୍ୱତୀ, ଅଙ୍କିତା, ସ୍ମୃତିରେଖା, ପାପଲି, ଦେବସ୍ମିତା, ତୁଳସୀ, ଉଷା, ଜ୍ୟୋତ୍ସ୍ନା ପ୍ରମୁଖ ଉତ୍ତମ କ୍ରୀଡା ପ୍ରଦର୍ଶନ କରି ଦଳକୁ ବିଜୟୀ କରାଇଥିଲେ। ଅଧ୍ୟକ୍ଷା ସଙ୍ଗୀତାରାଣୀ ଟପ୍ପୋ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଭର୍ଷ୍ଟାପେନ୍ ଜିତିଲେ ବ୍ରାଜିଲିଆନ ଗ୍ରାଁ ପ୍ରି

**ସାଓ ପାଉଲୋ, ୬।୧୧ (ଏପି)**

ତିନି ଥର ଚାମ୍ପିୟନ ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ବ୍ରାଜିଲିଆନ ଫର୍ମୁଲା ୱାନ୍ ଗ୍ରାଁ ପ୍ରି ମୋଟର ରେସ୍ ଜିତିଛନ୍ତି। ସିଜନରେ ତାଙ୍କ ସର୍ବକାଳୀନ ବିଜୟ ରେକର୍ଡ ସଂଖ୍ୟା ୧୭କୁ ବୃଦ୍ଧି ପାଇଛି। ତାଙ୍କ ଟିମ୍‌ମେଟ ସର୍ଗିଓ ପେରେଜଙ୍କୁ ୪ର୍ଥ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ସ୍ଥାନରେ ମ୍ୟାକଲରେନର ଲାଣ୍ଡୋ ନୋରିସ ଓ ଆଷ୍ଟନ ମାର୍ଟିନର ଫର୍ନାଣ୍ଡୋ ଆଲୋନ୍ସୋ ରେସ୍‌ରେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ। ଯଥାକ୍ରମେ ୫ମରୁ ୧୦ମ ସ୍ଥାନ ଅଧିକାର କରିଥିବା ଡ୍ରାଇଭରମାନେ ହେଲେ ଲାନ୍ସ ଷ୍ଟ୍ରୋଲ (ଆଷ୍ଟନ ମାର୍ଟିନ), କାର୍ଲୋସ ସେଞ୍ଜ ଜୁନିୟର (ଫେରାରି), ପିଏରେ ଗାସ୍‌ଲି (ଆଲପାଇନ୍), ଲୁଇସ୍ ହାମିଲଟନ (ମର୍ସିଡିଜ), ୟୁକି ତିସୁନୋଦା (ଆଲ୍‌ଫତାଉରି) ଓ ଏଷ୍ଟିବାନ ଓକନ (ଆଲପାଇନ୍)। ଭର୍ଷ୍ଟାପେନ୍ ରେସ୍ ଆରମ୍ଭରେ ଲାଣ୍ଡୋ ନୋରିସଙ୍କଠାରୁ କଡ଼ା ମୁକାବିଲାର ସମ୍ମୁଖୀନ ହୋଇଥିଲେ। ମାତ୍ର ପରେ ସେ ରେସ୍‌କୁ ନିଜ ନିୟନ୍ତ୍ରଣକୁ ନେଇ ଆସିଥିଲେ। ୨୦୨୩ରେ ମର୍ସିଡିଜର ଏହା ସବୁଠାରୁ ଖରାପ ପ୍ରଦର୍ଶନ ଥିଲା। ହାମିଲଟନ ୮ମ ସ୍ଥାନରେ ରହିଥିବା ବେଳେ ଜର୍ଜ ରସେଲ ଏକାଦଶ ସ୍ଥାନରେ ରହିଥିବା ବେଳେ ରିଟାୟର୍ଡ ନେଇଯାଇଥିଲେ। ଚଳିତ ସିଜନର ଅବଶିଷ୍ଟ ଦୁଇଟି ରେସ୍ ନଭେମ୍ବର ୧୯ରେ ଲାସ ଭେଗାସ ଏବଂ ସପ୍ତାହ ପରେ ଆବୁଧାବିରେ ହେବାକୁଥିବା ବେଳେ ରନରଅପ୍ ସ୍ଥାନ ପାଇଁ ପେରେଜ ଓ ହାମିଲଟନଙ୍କ ମଧ୍ୟରେ ପ୍ରତିଯୋଗିତା ଚାଲିଛି। ପେରେଜ ବର୍ତ୍ତମାନ ହାମିଲଟନଙ୍କଠାରୁ ୩୨ ପଏଣ୍ଟ ଆଗରେ ରହିଛନ୍ତି।

# ସ୍ୱିଟେକ୍-ପେଗୁଲା ଫାଇନାଲ

**କାନକୁନ୍, ୬।୧୧ (ଏପି):** ପୋଲାଣ୍ଡର ଇଗା ସ୍ୱିଟେକ୍ ତାଙ୍କର ପ୍ରଥମ ଡବ୍ଲ୍ୟୁଟିଏ ଫାଇନାଲ୍ସ ଟାଇଟଲ ନିକଟତର ହୋଇଛନ୍ତି। ସେମିଫାଇନାଲରେ ସେ ବିଶ୍ୱର ନମ୍ବର ୱାନ ମହିଳା ଖେଳାଳି ଆରିନା ସାବାଲେଙ୍କାଙ୍କୁ ୬-୩, ୬-୨ ସେଟ୍‌ରେ ହରାଇ ଦେଇଛନ୍ତି। ସେ ଫାଇନାଲରେ ଆମେରିକାର ଜେସିକା ପେଗୁଲାଙ୍କ ସହ ମୁକାବିଲା କରିବେ।



ଗୋଆରେ ଚାଲିଥିବା ଜାତୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ବିଜୟୀ ଓଡ଼ିଶା ମହିଳା ଫୁଟବଲ ଦଳକୁ ସୋମବାର ଭୁବନେଶ୍ୱରରେ ଭବ୍ୟ ସ୍ୱାଗତ କରାଯାଉଛି।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ADMISSION OPEN**
Bhava Institute Of Medical Science & Research
Recognised by DMET, ON&MC, Health & FW Dept.,Govt. of Odisha

**GNM** Duration : 3 Year, Eligibility : +2 Pass (Any Stream) 40% Mark

**ANM** Duration : 2 Year, Eligibility : +2 Pass (Any Stream)

**DMRT / DMLT** Duration : 2 Year, Eligibility : +2 Science

**CBCA** Certified Blood Collection Assistant Duration : 6 months, Eligibility : 10+

Stipend for SC/ST, OBC & SEBC
•Own Building •Hostel in Campus
•Transport facility •Placement Assistantance
ନର୍ସିଂ ଓ ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୨ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
9040009727
8456845313

**ଲୋନ୍! ଲୋନ୍! ଲୋନ୍!**
ଦୀପାବଳି ଧମାକା
Global Finance (Govt. Regd)
ସମସ୍ତ ସରକାରୀ ଯୋଜନା ଅଧୀନରେ ଆଧାରକାର୍ଡ, ପର୍ସନାଲ, ମାର୍କଶିଟ୍, ପ୍ରପର୍ଟି, ବିଜ୍‌ନେସ୍, ହୋମ୍ ଲୋନ୍, ସବୁ ଲୋନ୍ ପାଆନ୍ତୁ।
2% ସୁଧ 40% ଛାଡ଼
(ଏଜେଣ୍ଟ ଆମନ୍ତ୍ରିତ)
8765514686

**ଦିୱାଲି ଧମାକା**
ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା ଅଧୀନରେ
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି
ମହିଳାଙ୍କ ପାଇଁ ବିଶେଷ ରିହାତି
ଅନ୍‌ଲାଇନ୍ ସୁବିଧା।
ମୁଦ୍ରା ଫାଇନାନ୍ସ
Mob. 7382841797


**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଆବୁଧାବୀ ବିଶ୍ୱ ଜୁ-ଜିତ୍‌ସୁ: ଅନୁପମାଙ୍କୁ ବ୍ରୋଞ୍ଜ

**ଭୁବନେଶ୍ୱର, ୬।୧୧ (ତପନ ସ୍ୱାଇଁ)**

ଏକାଧିକ କ୍ରୀଡ଼ାରେ ପାରଙ୍ଗମ ଓଡ଼ିଶାର ଅନୁପମା ସ୍ୱାଇଁ କ୍ୟାରିୟରରେ ଆଉ ଏକ ସଫଳତା ଫର୍ଦ୍ଦ ଯୋଡ଼ିଛନ୍ତି। ଆବୁଧାବୀଠାରେ ଅନୁଷ୍ଠିତ ବିଶ୍ୱ ଜୁ-ଜିତସୁ ପ୍ରତିଯୋଗିତାରେ ସେ ମହିଳା ହ୍ୱାଇଟ ବେଲ୍ଟ ୪୯ କିଲୋ ବର୍ଗରେ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ବିଶ୍ୱର ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ଅନୁପମା ଦୁବାଇର ଆଟ୍ରିକ୍ସନ ଏକାଡେମୀରେ ନିଜକୁ ପ୍ରସ୍ତୁତ କରିଥିଲେ। ୧୬ ଜଣିଆ ବ୍ରାକେଟ୍ ଥିବା ଏହି ପ୍ରତିଯୋଗିତାର ପ୍ରଥମ ରାଉଣ୍ଡରେ ଦୁବାଇ ପ୍ରତିଯୋଗୀଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଥିଲେ ଅନୁପମା। ମାତ୍ର ଏହି ରାଉଣ୍ଡରେ ସେ ସ୍ୱର୍ଣ୍ଣ ପଦକ ବିଜୟିନୀ କାଜାକସ୍ତାନ ପ୍ରତିଯୋଗୀଠାରୁ ପଏଣ୍ଟ ବ୍ୟବଧାନରେ ପରାସ୍ତ ହେବାପରେ ରିପ୍‌ଚେଜ୍ ବ୍ରାକେଟକୁ ଯାଇଥିଲେ। ଏହି ପର୍ଯ୍ୟାୟର ଫାଇନାଲରେ ବ୍ରାଜିଲ ପ୍ରତିଯୋଗୀଙ୍କୁ ପରାସ୍ତ କରି ବ୍ରୋଞ୍ଜ ପଦକ ଜିତିଥିଲେ ଓଡ଼ିଶାର ଏହି ସାହସୀ ଯୁବତୀ। ଭାରତର ଜଣେ ଶ୍ରେଷ୍ଠ ସାମରିକ କ୍ରୀଡାବିତ୍‌ଭାବେ ପରିଚିତ ଅନୁପମା ଓଡ଼ିଶା ପୋଲିସରେ କନ୍‌ଷ୍ଟେବଲ ଚାକିରି ପାଇ କ୍ରୀଡ଼ା ବିଭାଗ ଅଧୀନରେ କାର୍ଯ୍ୟରତ ଅଛନ୍ତି। ୩ଟି ଏସିଆ ଜୁ-ଜିତ୍‌ସୁ ପ୍ରତିଯୋଗିତାରେ ପଦକ, ଏସିଆନ ଶକ୍ତିଉତ୍ତୋଳନରେ ସ୍ୱର୍ଣ୍ଣ ପଦକ ଜିତିଥିବା ଅନୁପମା କରାଟେରେ ଜଣେ ଅନ୍ତର୍ଜାତୀୟ କ୍ରୀଡ଼ାବିତ୍। ଏହି ପ୍ରତିଯୋଗିତା ନିମନ୍ତେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ ଏବଂ ବିଏନ୍‌ପି ଗ୍ରୁପ୍ ଅଧ୍ୟକ୍ଷ ଡ. ବିଶ୍ୱନାଥ ପଟ୍ଟନାୟକ ସମସ୍ତ ଖର୍ଚ୍ଚ ବହନ କରିଥିଲେ। ୮ ତାରିଖରେ ଫେରିବା ପରେ ତାଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ରାଜ୍ୟ ଜୁ ଜିତ୍‌ସୁ ସଂଘ ପକ୍ଷରୁ ପ୍ରକାଶ କରାଯାଇଛି।



ପଦକ ସହ ଅନୁପମା ସ୍ୱାଇଁ।

# କଷ୍ଟସାଧ୍ୟ ଗ୍ରୁପ୍‌ରେ ଭାରତ

## ମହିଳା ହକି ଅଲିମ୍ପିକ କ୍ୱାଲିଫାୟର

**ନୂଆଦିଲ୍ଲୀ, ୬।୧୧ (ପି.ଟି.)**

ଏଫ୍‌ଆଇଏଚ୍ ହକି ଅଲିମ୍ପିକ କ୍ୱାଲିଫାୟର୍ସ ଜାନୁୟାରୀ ୧୩ରୁ ୧୯ ପର୍ଯ୍ୟନ୍ତ ରାଞ୍ଚିଠାରେ ଖେଳାଯିବ। ଭାରତ ଏକ କଷ୍ଟସାଧ୍ୟ ଗ୍ରୁପ୍‌ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ ବିଶ୍ୱର ୫ ନମ୍ବର ଜର୍ମାନୀ ରହିଛି। ଭାରତ ପର୍ଯ୍ୟାୟ ପ୍ରତିଯୋଗିତାରେ ବିଶ୍ୱର ୬ନମ୍ବର ମାନ୍ୟତାପ୍ରାପ୍ତ ଭାରତ ଅଲିମ୍ପିକ କ୍ୱାଲିଫାୟର୍ସରେ ଭେଟିବାକୁ ଥିବା ଅନ୍ୟ ଦଳଗୁଡ଼ିକ ହେଲେ ନ୍ୟୁଜିଲାଣ୍ଡ (୯ମ), ଜାପାନ (୧୧ତମ), ଚିଲି (୧୪ତମ), ଯୁକ୍ତରାଷ୍ଟ୍ର ଆମେରିକା (୧୫ତମ), ଇଟାଲୀ (୧୯ତମ) ଏବଂ ଚେକ୍ ରିପବ୍ଲିକ୍ (୨୫ତମ)। ଅଲିମ୍ପିକରେ ସ୍ଥାନ ପାଇଁ ସ୍ପେନର ଭାଲେନ୍‌ସିଆରେ ଲଢେଇ କରୁଥିବା ଅନ୍ୟ ୮ଟି ଦଳ ହେଲେ ବେଲଜିୟମ, ଗ୍ରେଟ୍ ବ୍ରିଟେନ, ଜର୍ମାନୀ, ନ୍ୟୁଜିଲାଣ୍ଡ, ମାଲେସିଆ, ପାକିସ୍ତାନ, କାନାଡା, ଚିଲି ଓ ଚାଇନା। ପୁରୁଷ କ୍ୱାଲିଫାୟର୍ସ ମସ୍କାଟ ଓ ଭାଲେନ୍‌ସିଆରେ ହେବ। ମସ୍କାଟଠାରେ ଅନୁଷ୍ଠିତ ହେବାକୁଥିବା ପ୍ରତିଯୋଗିତାରେ ୮ଟି ଦଳ ଅଂଶଗ୍ରହଣ କରିବେ। ସେଗୁଡ଼ିକ ହେଲା ଗ୍ରେଟ୍ ବ୍ରିଟେନ, ଜର୍ମାନୀ, ନ୍ୟୁଜିଲାଣ୍ଡ, ମାଲେସିଆ, ପାକିସ୍ତାନ, କାନାଡା, ଚିଲି ଓ ଚାଇନା। ସେହିପରି ଭାଲେନ୍‌ସିଆରେ ଭାଗନେବାକୁ ଥିବା ଦଳଗୁଡ଼ିକ ହେଲେ ବେଲଜିୟମ, ସ୍ପେନ, କୋରିଆ, ଆୟର୍ଲାଣ୍ଡ, ଜାପାନ, ଅଷ୍ଟ୍ରିଆ, ଇଜିପ୍ଟ ଓ ୟୁକ୍ରେନ। ସମସ୍ତ କଣ୍ଟିନେଣ୍ଟାଲ ଚାମ୍ପିୟନଶିପ୍ ଶେଷ ହେବା ପରେ ବିଶ୍ୱ ର୍‍ୟାଙ୍କିଙ୍ଗ ଭିତ୍ତିରେ ପୁରୁଷ ଓ ମହିଳା ଦଳଗୁଡ଼ିକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯିବ। ପାନ୍ ଆମେରିକାନ ଗେମ୍ସ ଏବଂ ଆଫ୍ରିକାନ ହକି ରୋଡ୍ ଟୁ ପ୍ୟାରିସ ୨୦୨୪ରେ ହକି ଇଭେଣ୍ଟଗୁଡ଼ିକ ଶେଷ ହେବାପରେ କଣ୍ଟିନେଣ୍ଟାଲ ଚାମ୍ପିୟନ ହିସାବରେ ୫ ପୁରୁଷ ଏବଂ ମହିଳା ଦଳ ଆସନ୍ତାବର୍ଷ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିବେ। ଆୟୋଜକ ଫ୍ରାନ୍ସ ଆପେ ଯୋଗ୍ୟତା ହାସଲ କରିସାରିଛି।


# Classified Everyday 0674-2580101, 2549949



REAL ESTATE

**SALE**

**Twincity** ମଧ୍ୟଭାଗରେ **Grand Bazar (Nakhara NH-16)** ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି **Plot** ସୁଲଭ ମୂଲ୍ୟରେ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ - **9658562429.** D-75259

ଜଟଣୀଗେଟ୍ NHରୁ ଅଳ୍ପଦୂରତାରେ sqft.-300/-, ଛତାବର-500/-, ନଖରା SC/Gen plot-300/-. 7978663279. D-75249

**Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable price. Call- 9439856856, 7008982279, 6371097442, 9040116788.** D-1735

2BHK flat house for sale near Hi-Tech Plaza, Sundarpada, Bhubaneswar. (M) 9861150062. D-46566

ଭୁବନେଶ୍ୱର ତମାଣ୍ଡୋ ଥାନା ପାଖରେ ଏବଂ ଯାଆଁଳା, ଭୁଆସୁଣୀ ମନ୍ଦିର ପାଖରେ **(General / SC) possession plot** ବହୁତ କମ୍ ମୂଲ୍ୟରେ ବିକ୍ରି ହେଉଛି। **9438315973 / 9938066403.** D-1655

ଭୁବନେଶ୍ୱର ସତ୍ୟନଗର ପଞ୍ଜାବୀ କଲୋନୀଠାରେ 1,15,00,000/-ରେ resale 3BHK flat ମିଳୁଛି। (Bank Loan available). 9437114429, 8093465134. D-75258

ଭୁବନେଶ୍ୱର ତମାଣ୍ଡୋ **Hyundai Showroom** ପାଖରେ ଏବଂ ଯାଆଁଳା **Overbridge**ଠାରୁ **1 Km** ଦୂରରେ ସ୍ଥିତିବାନ **possession plot** ସୁଲଭ ମୂଲ୍ୟରେ ବିକ୍ରି ହେଉଛି। **Contact: 9777067303.** D-1656

**Few Office space left for immediate sale in a prime locality. For details Plz Contact- 7605932509.** D-1713

ଭୁବନେଶ୍ୱର, ଉତ୍ତରା କୃପାଜଳ କଲେଜ ନିକଟରେ ଘରବାଡ଼ି ପାଚେରୀ ପ୍ଲଟ୍ ପଟ୍ଟାରୁ ବିକ୍ରିହେବ। 9178660666. D-1720

**Triplex for sale in a posh locality near AIIMS for details Plz contact. Mob- 7605932509.** D-1714

**Commercial plot 3 sides road facing to NH Nakhara to Niali road frontage 60 feet facing to south 10000sqft., 8KM from Nakhara, 13KM from Bhubaneswar. 8249851363, 7809525452.** D-75056



Newly open health benefits SPA special offer @999. Contact: 7749034655. D-75168

Full body massage in homely atmosphere in all therapy. Mob: 8114881641. D-73446

**Newly open Spa positively health benefits with expert therapist. 9938843929.** D-75167

Full body massage by expert therapist positively health benefits. 7381172169. D-75165

**Relax, Refresh your body, Mind at Saikrupa Spa with best therapies. 8984068077.** D-1696

Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-75054

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


## LOST

I, Pankaj Kumar, Son of Dilip Kumar resident of At: Green Medical, Gram: Chamotha, P.O.- Laund, Nawada, Bihar do hereby solemly state that I have been issued MCA Certificate from B.P.U.T, Rourkela in the session of 2012-2015 & the said original MCA Certificate has been lost in Bhubaneswar. Inspite of my best efforts I could not trace it out. D-1734

## AFFIDAVIT

Affidavit before Notary, Dhenkanal dtd. 30.10.23, I have changed my name from Ambika Biswal to Ambika Samal after my marriage to Susant Kumar Samal. My husband serving at 1189 DSC Platoon and service No.- 10135825W. Henceforth, I shall be known as Ambika Samal, W/o. Susant Kumar Samal, Rank-L/NK, Village- Ballav, P.O.-Bainsia, P.S.-Gondia, Dist.- Dhenkanal, Odisha for all purposes. D-75404

Affidavit No.- 68/ 01 Nov. 2023 before Executive Magistrate, Bhubaneswar, I, FAGU BEHERA, S/o Late Anama Behera, Aadhaar No.- xxxxxxxx5550 Plot No.- 925, Kunjapatana sahi, Old Town, P.S.- Shri Lingaraj, Dist- Khurda, Pin- 751002 change my name from - Phaua Behera to FAGU BEHERA for all future purpose. D-1731


**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com


## LEGAL NOTICE

ମାନ୍ୟବର ଅତିରିକ୍ତ ଆୟୁକ୍ତ, କୋର୍ଟ ନଂ.-୪, ଇଜିଲାସ୍, ଭୁବନେଶ୍ୱର।

ଓ.ଏସ୍.ଏସ୍.କେସ୍ ନଂ.-୬୭/୨୦୨୨ ଏବଂ ୬୮/୨୦୨୨

ଜ୍ୟୋତିରେଖା ରାଉତ, ବୟସ ୫୪ବର୍ଷ, ସ୍ୱାମୀ: ପ୍ରଶାନ୍ତ କୁମାର ମାନ୍ଧତା, ସା/ପ୍ଲଟ୍- ନଂ.-ଜି.ପି.ଏନ୍ ନଂ.-୩୪, ଗଜପତି ନଗର, ପୁରୀ, ପୋ- ପୁରୀ, ଥାନା: କୁମ୍ଭାରପଡ଼ା, ଜିଲ୍ଲା: ପୁରୀ।

.......ଦରଖାସ୍ତକାରିଣୀ

ବନାମ

ପଞ୍ଚାନନ ଚାନ୍ଦୁଆ ଓଗେର .....ଅପରପକ୍ଷ

ପ୍ରାପ୍ତେଷୁ,

ଅପରପକ୍ଷ ନଂ.-୧, ପଞ୍ଚାନନ ଚାନ୍ଦୁଆ, ପିତା: ବିଶ୍ୱାନାଥ ଚାନ୍ଦୁଆ, ପରିଚାଳନା ନିର୍ଦ୍ଦେଶକ, ମାକ୍ସ ରିଏଲନକନ୍ ପ୍ରାଇଭେଟ୍ ଲିମିଟେଡ୍, ସା: ହରିପ୍ରିୟା ହାଉସିଂ ନଂ.-ପି-୩, ନିକଟ ଜାତୀୟ ରାଜପଥ ନଂ.୦୫, ଖଣ୍ଡଗିରି, ଥାନା: ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା

ନୋଟିସ

ଦେୱାନୀ ନ୍ୟାୟବିଧି ସଂହିତାର ଆଦେଶ-୫, ନିୟମ-୨୦ ମୁତାବକ ଦରଖାସ୍ତକାରିଣୀଙ୍କ ଦ୍ୱାରା ଓଡ଼ିଶା ଭୂବନ୍ଦୋବସ୍ତ ଆକ୍ଟ ୧୯୫୮, ଧାରା-୧୫ (ଖ) ମୁତାବକ ମାନ୍ୟବର ଅତିରିକ୍ତ ଆୟୁକ୍ତ, କୋର୍ଟ ନଂ.-୪, ଇଜିଲାସରେ ତାଙ୍କର କ୍ରୟ ଓ ଦଖଲ ଦୃଷ୍ଟ ପୃଥକ୍ ଜମି ରେକର୍ଡ ପାଇଁ ଉପରୋକ୍ତ ରିଭିଜନ୍ ମକଦ୍ଦମା ଦାଏର ହୋଇଅଛି। ଦରଖାସ୍ତକାରିଣୀଙ୍କ ଦ୍ୱାରା ଦିଆଯାଇଥିବା ଅପରପକ୍ଷ ନଂ.-୧ ଠିକଣାର ନୋଟିସ ଡାକ ଦ୍ୱାରା ଯାଇ ତାହା ଜାରିହୋଇ ନ ପାରି ଫେରସ୍ତ ଆସୁଥିବାରୁ ଉକ୍ତ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଉପରୋକ୍ତ ଅପରପକ୍ଷ ନଂ.-୧ ସ୍ୱ ଦ୍ୱାରା ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଉପରଲିଖିତ ମକଦ୍ଦମାର ଶୁଣାଣିର ମାନ୍ୟବର ଅତିରିକ୍ତ ଆୟୁକ୍ତ, କୋର୍ଟ ନଂ.-୪, ୟୁନିଟ୍ ନଂ.-୫, ହେଡ୍ ଅଫ୍ ଡିପାର୍ଟମେଣ୍ଟ ବିଲ୍‌ଡିଙ୍ଗ, ଭୁବନେଶ୍ୱର କାର୍ଯ୍ୟାଳୟର ଆସନ୍ତା ତା ୨୦।୧୧।୨୦୨୩ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ପାଇଁ ଦିନ ଧାର୍ଯ୍ୟ ହୋଇଅଛି। ଉକ୍ତ ମକଦ୍ଦମାର ସମ୍ପତ୍ତିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ସାବକ ଖାତା: ୨୭୦, ୨୭୦, ସାବକ ପ୍ଲଟ୍: ୫୨୯, ୫୨୯, ହାଲ୍ ଖାତା: ୧୮୩୯, ୬୩୪, ହାଲ୍ ପ୍ଲଟ୍: ୯୦୯/୪୧୫୫, ୯୦୯, ରକବା: ଏ୦.୦୧୭ଡି ସ୍ଥିତିବାନ, ଏ୦.୦୬୧ଡି ସ୍ଥିତିବାନ

ଏଣୁ ଉପରୋକ୍ତ ମାମଲାର ଅପରପକ୍ଷ ନଂ.-୧ଙ୍କର କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସ୍‌ରେ ଉପସ୍ଥିତ ରହି ଉପରୋକ୍ତ ମକଦ୍ଦମାର ପକ୍ଷ ରଖିବେ। ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମକଦ୍ଦମାର ବିଚାର କରାଯିବ।

ଇତି

ମାନ୍ୟବର ଅତିରିକ୍ତ ଆୟୁକ୍ତ, କୋର୍ଟ ନଂ.-୪, ୟୁନିଟ୍-୫, ହେଡସ୍ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଙ୍ଗ, ଭୁବନେଶ୍ୱର
ସ୍ୱା./- କୋର୍ଟ ଅଫିସର

ଧ-୭୧୫୭୦

## ମନେ ପଡ଼ନ୍ତି

୨୬ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ କୁଳମଣି ଆଚାର୍ଯ୍ୟ**
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ଚକ୍ରୋଡ଼ା ସ୍କୁଲ
(କାଡୁଆ ଚକ୍ରୋଡ଼ା, କେନ୍ଦ୍ରାପଡ଼ା)
ତିରୋଧାନ: ୧୪।୧୦।୧୯୯୭ (କାର୍ତ୍ତିକ କୃଷ୍ଣ ଦଶମୀ)

ଚାହୁଁ ଚାହୁଁ ୨୬ବର୍ଷ ବିତିଗଲା। ଆପଣଙ୍କର ଅନୁପସ୍ଥିତିର ଶୂନ୍ୟତା ପ୍ରତ୍ୟେକ ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ, କର୍ତ୍ତବ୍ୟନିଷ୍ଠା, ଧାର୍ମିକ ଭାବନା, ସମାଜ ସେବା, ସଠିକ ମାର୍ଗଦର୍ଶନ ସର୍ବଦା ଆମ୍ଭମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ। ଆଜି ଶ୍ରାଦ୍ଧ ଦିବସରେ ଆପଣଙ୍କ ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦ ପଙ୍କଜରେ ବିନମ୍ର ପ୍ରାର୍ଥନା କରୁଛୁ। **ଶୋକସନ୍ତପ୍ତ:** ପୁତ୍ର: ହରିପଦ, ପୁତ୍ରବଧୂ: ରତ୍ନମଣି, ନାତି: ସତ୍ୟଜିତ୍, ନାତୁଣୀବୋହୂ: ଜସ୍ମିନ୍, ଝିଅଜ୍ୱାଇଁମାନେ, ନାତି ନାତୁଣୀମାନେ, ଅଣନାତି ଓ ଅଣନାତୁଣୀମାନେ, ବନ୍ଧୁ ଓ ପରିବାରବର୍ଗ, ଆତ୍ମୀୟସ୍ୱଜନ ତଥା ଚକ୍ରୋଡ଼ା ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ବୃନ୍ଦ।

ଧ-୭୧୫୬୯


## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।






## ଭାରତଠାରୁ ପରାଜୟ ପରେ ଶ୍ରୀଲଙ୍କା କ୍ରିକେଟ ବୋର୍ଡ ଭଙ୍ଗ

**କଲମ୍ବୋ, ୬।୧୧ (ପି.ଟି.)**

ସରକାର ଶ୍ରୀଲଙ୍କା କ୍ରିକେଟ ବୋର୍ଡ (ଏସ୍ଏଲ୍ସି)କୁ ସୋମବାର ଭଙ୍ଗ କରିଦେଇଛନ୍ତି। ଚଳିତ କ୍ରିକେଟ ବିଶ୍ୱକପ୍ରେ ଆୟୋଜକ ଭାରତଠାରୁ ଲଜ୍ଜାଜନକ ପରାଜୟ ପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ନଭେମ୍ବର ୨ରେ ମୁମ୍ବାଇଠାରେ ଭାରତଠାରୁ ଶ୍ରୀଲଙ୍କାର ୩୦୨ରନରେ ଶୋଚନୀୟ ପରାଜୟ ପରେ ଦେଶର ଜନ ଅସନ୍ତୋଷ ପ୍ରକାଶ ପାଇଥିଲା। ପରାଜୟ ପରଠାରୁ ଏସ୍ଏଲ୍ସି କାର୍ଯ୍ୟାଳୟ ସମ୍ମୁଖରେ ଖେଳପ୍ରେମୀଙ୍କ ତରଫରୁ ଅନେକଥର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଶାମି ସିଲ୍ଭାଙ୍କ ନେତୃତ୍ୱାଧୀନ ପ୍ରଶାସନକୁ ବରଖାସ୍ତ କରିବା ଲାଗି ସେମାନେ ଦାବି କରିଥିଲେ। କାର୍ଯ୍ୟାଳୟର ସୁରକ୍ଷା ପାଇଁ ପୋଲିସ ମୁତୟନ କରିବାକୁ ପଡ଼ିଥିଲା। କ୍ରୀଡ଼ା ମନ୍ତ୍ରୀ ରୋଶନ ରଣସିଙ୍ଘେ ଶ୍ରୀଲଙ୍କା କ୍ରିକେଟ ବୋର୍ଡ କର୍ମକର୍ତ୍ତାଙ୍କୁ ଇସ୍ତଫା ଦେବା ଲାଗି ନିର୍ଦ୍ଦେଶ ଦେଇଥିଲେ। ଏସ୍ଏଲ୍ସିର କାର୍ଯ୍ୟ ସମ୍ପାଦନ କରିବା ଲାଗି କ୍ରୀଡ଼ାମନ୍ତ୍ରୀ ବିଶ୍ୱକପ୍ ବିଜୟୀ ଅଧିନାୟକ ଅର୍ଜୁନ ରଣତୁଙ୍ଗାଙ୍କ ଅଧ୍ୟକ୍ଷାରେ ୭ଜଣ ସଦସ୍ୟ ବିଶିଷ୍ଟ ଏକ କାମଚଳା କମିଟି ଗଠନ କରିଛନ୍ତି। ୧୯୭୩ର କ୍ରୀଡ଼ା ଆଇନ ନମ୍ବର-୨୫ ଅନୁସାରେ ରଣସିଙ୍ଘେ ଏହି କମିଟି ଗଠନ କରିଛନ୍ତି। କମିଟିରେ ୩ଜଣ ଅବସରପ୍ରାପ୍ତ ବିଚାରପତି ରହିଛନ୍ତି। ସେମାନଙ୍କ ମଧ୍ୟରେ ୨ଜଣ ମହିଳା ଥିବାବେଳେ ପୂର୍ବତନ ଏସ୍ଏଲ୍ସି ଚେୟାରମ୍ୟାନ ଉପାଲି ଧର୍ମଦାସା ଅଛନ୍ତି। ସୂଚନାଯୋଗ୍ୟ, ଶ୍ରୀଲଙ୍କା କ୍ରିକେଟ ବ୍ୟାପାର ବୁଝାଶୁଝା କରିବା ଲାଗି ୨୦୦୮ରେ ରଣତୁଙ୍ଗାଙ୍କୁ ଏହିଭଳି ଏକ ଅନ୍ତରୀଣ କମିଟିର ମୁଖ୍ୟ କରାଯାଇଥିଲା। ରଣତୁଙ୍ଗାଙ୍କୁ ନ୍ୟାଶନାଲ ସ୍ପୋର୍ଟ୍ସ କାଉନ୍ସିଲର ମୁଖ୍ୟ ଭାବେ ନିଯୁକ୍ତି ଦେଇଛନ୍ତି ରଣସିଙ୍ଘେ। ରଣତୁଙ୍ଗା ଇତିମଧ୍ୟରେ ସିଲ୍ଭା ପ୍ରଶାସନକୁ ବିଭିନ୍ନ ପ୍ରଶ୍ନର ଜବାବ ମାଗି ସାରିଛନ୍ତି। ସିଲ୍ଭା ଗତ ମେ' ମାସରେ କ୍ରମାଗତ ତୃତୀୟ ଥର ପାଇଁ ଏସ୍ଏଲ୍ସି ମୁଖ୍ୟ ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କ କାର୍ଯ୍ୟକାଳ ୨୦୨୫ ପର୍ଯ୍ୟନ୍ତ ରହିଥିଲା।

# ଶ୍ରୀଲଙ୍କାକୁ ଏଲିମିନେଟ୍ କଲା ବାଂଲାଦେଶ

**ନୂଆଦିଲ୍ଲୀ, ୬।୧୧**

ଚଳିତ ଦିନିକିଆ କ୍ରିକେଟ ବିଶ୍ୱକପରୁ ଶ୍ରୀଲଙ୍କାକୁ ଏଲିମିନେଟ କରିଛି ବାଂଲାଦେଶ। ଉଭୟ ବୋଲିଂ ଓ ବ୍ୟାଟିଂରେ ଉନ୍ନତ ପ୍ରଦର୍ଶନ କରି ବାଂଲାଦେଶ ସୋମବାର ଅନୁଷ୍ଠିତ ମ୍ୟାଚରେ ଶ୍ରୀଲଙ୍କାକୁ ୩ ଉଇକେଟରେ ପରାସ୍ତ କରିଛି। ଫଳରେ ପୂର୍ବରୁ ଏଲିମିନେଟ ହୋଇ ସାରିଥିବା ବାଂଲାଦେଶ ଏବେ ଶ୍ରୀଲଙ୍କାର ସେମିଫାଇନାଲ ଆଶା ଶେଷ କରିଛି। ଶ୍ରୀଲଙ୍କା ୪୯.୩ ଓଭରରେ ୨୭୯ ରନରେ ଅଲ୍ଆଉଟ ହୋଇଥିଲା। ବାଂଲାଦେଶ ୪୧.୧ ଓଭରରେ ୭ ଉଇକେଟ ହରାଇ ୨୮୨ ରନ ସଂଗ୍ରହ କରି ନେଇଥିଲା। ଏହି ମ୍ୟାଚପରେ ଶ୍ରୀଲଙ୍କା ଓ ବାଂଲାଦେଶ ୮ଟି ଲେଖାଏ ମ୍ୟାଚ ଖେଳି ୪ ପଏଣ୍ଟ ଲେଖାଏ ପାଇଛନ୍ତି। ଉଭୟ ଦଳ ଆଉ ଗୋଟିଏ ଲେଖାଏ ମ୍ୟାଚ କେବଳ ଔପଚାରିକତା ଦୃଷ୍ଟିରୁ ଖେଳିବେ।

ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା ବାଂଲାଦେଶ। ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ପରେ ପଥୁମ ନିସଙ୍କା ଓ ସଦିରା ସମରବିକ୍ରମା ୪୧ ରନ ଲେଖାଏ କରି ପ୍ୟାଭିଲିୟନ ଫେରିଥିଲେ। ୨୫ତମ ଓଭରରେ ନାଟକୀୟ ଘଟଣା ଦେଖିବାକୁ ମିଳିଥିଲା। ସମରବିକ୍ରମା ଆଉଟ ହେବାପରେ କ୍ରିଜ୍କୁ ଆସିଥିବା ଆଞ୍ଜେଲୋ ମାଥ୍ୟୁସ ହେଲମେଟ୍ରେ ଅସୁବିଧା ଥିବା ଅନୁଭବ କରିଥିଲେ। ଫଳରେ ସେ ଆଉ ଏକ ହେଲ୍ମେଟ ମଗାଇଥିଲେ। ନିୟମ ଅନୁସାରେ ବିଶ୍ୱକପରେ ଜଣେ ବ୍ୟାଟର ଆଉଟ ହେବାପରେ ୨ ମିନିଟ ମଧ୍ୟ ଅନ୍ୟଜଣେ ବ୍ୟାଟର ଖେଳ ଆରମ୍ଭ କରିବା କଥା। ମାଥ୍ୟୁସ ଏହା କରିପାରି ନ ଥିଲେ। ଫଳରେ ବାଂଲାଦେଶ ଅଧିନାୟକ ଶକିବ ଅଲ୍ ହାସନ ଟାଇମ୍ ଆଉଟ ଆବେଦନ କରିଥିଲେ। ମାଥ୍ୟୁସ ବାଂଲାଦେଶ ଖେଳାଳି ଓ ଅମ୍ପାୟରଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ ମଧ୍ୟ କିଛି ଲାଭ ହୋଇ ନ ଥିଲା। ତାଙ୍କୁ ଟାଇମ୍ ଆଉଟ ଘୋଷଣା କରାଯାଇଥିଲା। ଫଳରେ କୌଣସି ବଲ୍ର ସମ୍ମୁଖୀନ ହେବା ପୂର୍ବରୁ ପଡ଼ିଆ ଛାଡ଼ିଥିଲେ ଅଭିଜ୍ଞ ମାଥ୍ୟୁସ। ଅନ୍ତର୍ଜାତୀୟ କ୍ରିକେଟରେ କୌଣସି ଖେଳାଳି ଟାଇମ୍ ଆଉଟ ହେବା ଏହାଥିଲା ପ୍ରଥମ ଦୃଷ୍ଟାନ୍ତ। ଏପରି କ୍ଷେତ୍ରରେ ଚରିଥ ଆସାଲଙ୍କାଙ୍କ ଶତକ ଶ୍ରୀଲଙ୍କାର ସମ୍ମାନ ରଖିଥିଲା। କ୍ୟାରିୟରର ଦ୍ୱିତୀୟ ଦିନିକିଆ ଶତକ ହାସଲ କରିଥିବା ଆସାଲଙ୍କା ୧୦୫ଟି ବଲ୍ର ସମ୍ମୁଖୀନ ହୋଇ ୬ ଚୌକା ଓ ୫ ଛକା ସହାୟତାରେ ୧୦୮ ରନ କରିଥିଲେ। ଶେଷଭାଗ ବ୍ୟାଟରଙ୍କ ବିଫଳତା ଯୋଗୁ ଆହୁରି ୩ ବଲ୍ ବାକିଥାଇ ଦଳ ଅଲ୍ଆଉଟ ହୋଇ ଯାଇଥିଲା। ବାଂଲାଦେଶ ପକ୍ଷରୁ ତନଜିମ ହାସନ ସକିବ ୩ଟି, ଶୋରିଫୁଲ ଇସଲାମ ଓ ଶକିବ ଅଲ୍ ହାସନ ୨ଟି ଲେଖାଏ ଏବଂ ମେହିଦି ହାସନ ମିରାଜ ଗୋଟିଏ ଉଇକେଟ ନେଇଥିଲେ।

୨୮୦ ରନ ବିଜୟ ଲକ୍ଷ୍ୟନେଇ ପଡ଼ିଆକୁ ଓହ୍ଲାଇଥିବା ବାଂଲାଦେଶ ୪୧ ରନ ମଧ୍ୟରେ ଦୁଇ ଓପନର ତାନଜିଦ ହାସନ ଓ ଲିଟନ ଦାସଙ୍କ ଉଇକେଟ ହରାଇଥିଲା। ତେବେ ଅଧିନାୟକ ଶକିବ ଅଲ୍ ହାସନ ଓ ନଜମୁଲ ହୋସେନ ଶାନ୍ତୋ ତୃତୀୟ ଉଇକେଟରେ ୧୬୯ ରନର ଭାଗୀଦାରି ଗଢ଼ି ଦଳକୁ ବିଜୟ ପଥରେ ନେଇ ଯାଇଥିଲେ। ୩୨ତମ ଓଭରର ପ୍ରଥମ ବଲ୍ରେ ଶକିବଙ୍କୁ ଆଉଟ କରି ଶ୍ରୀଲଙ୍କାକୁ ବ୍ରେକ୍ ଥ୍ରୁ ଦେଇଥିଲେ ମାଥ୍ୟୁସ। ପରବର୍ତ୍ତୀ ଓଭରରେ ସେ ଅନ୍ୟତମ ସେଟ୍ ବ୍ୟାଟର ଶାନ୍ତୋଙ୍କୁ ମଧ୍ୟ ପ୍ୟାଭିଲିୟନ ଫେରାଇଥିଲେ। ମାତ୍ର ସେତେବେଳକୁ ବିଳମ୍ବ ହୋଇ ଯାଇଥିଲା। ଶକିବ ୮୨ (୧୨ ଚୌକା, ୨ ଛକା) ଓ ଶାନ୍ତୋ ୯୦ (୧୨ ଚୌକା) ରନ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ୪୯.୩ ଓଭରରେ ୨୭୯/ଅଲ୍ଆଉଟ (ଚରିଥ ଆସାଲଙ୍କା-୧୦୮, ପଥୁମ ନିସଙ୍କା-୪୧, ସଦିରା ସମରବିକ୍ରମା-୪୧, ଧନଞ୍ଜୟ ଡି'ସିଲ୍ଭା-୩୪, ତନଜିମ ହାସନ ସକିବ-୩/୮୦, ଶୋରିଫୁଲ ଇସଲାମ-୨/୫୨, ଶକିବ ଅଲ୍ ହାସନ-୨/୫୭, ମେହିଦି ହାସନ ମିରାଜ-୧/୪୯)। ବାଂଲାଦେଶ ୪୧.୧ ଓଭରରେ ୨୮୨/୭ (ନଜମୁଲ ହୋସେନ ଶାନ୍ତୋ-୯୦, ଶକିବ ଅଲ୍ ହାସନ-୮୨, ଦିଲସାନ ମଦୁଶଙ୍କା-୩/୬୯, ଆଞ୍ଜେଲୋ ମାଥ୍ୟୁସ-୨/୩୫, ମହେଶ ଥିକସାନା-୨/୪୪)।

### ଦିନିକିଆ ବିଶ୍ୱକପ




**(ଆଜିର ମ୍ୟାଚ)**

**ଅଷ୍ଟ୍ରେଲିଆ ବନାମ ଆଫଗାନିସ୍ତାନ**

ସ୍ଥାନ: ମୁମ୍ବାଇ,
ସମୟ: ଅପରାହ୍ନ ୨ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

### ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ୍‌ହାର |
|---|---|---|---|---|---|
| ଭାରତ | ୮ | ୮ | ୦ | ୧୬ | +୨.୪୫୬ |
| ଦକ୍ଷିଣ ଆଫ୍ରିକା | ୮ | ୬ | ୨ | ୧୨ | +୧.୩୭୬ |
| ଅଷ୍ଟ୍ରେଲିଆ | ୭ | ୫ | ୨ | ୧୦ | +୦.୯୨୪ |
| ନ୍ୟୁଜିଲାଣ୍ଡ | ୮ | ୪ | ୪ | ୮ | +୦.୩୯୮ |
| ପାକିସ୍ତାନ | ୮ | ୪ | ୪ | ୮ | +୦.୦୩୬ |
| ଆଫଗାନିସ୍ତାନ | ୭ | ୪ | ୩ | ୮ | -୦.୩୩୦ |
| ବାଂଲାଦେଶ | ୮ | ୨ | ୬ | ୪ | -୧.୧୪୨ |
| ଶ୍ରୀଲଙ୍କା | ୮ | ୨ | ୬ | ୪ | -୧.୧୬୦ |
| ନେଦରଲାଣ୍ଡସ୍ | ୭ | ୨ | ୫ | ୪ | -୧.୩୯୮ |
| ଇଂଲଣ୍ଡ | ୭ | ୧ | ୬ | ୨ | -୧.୫୦୪ |



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୭/୨୦୨୩ Bhubaneswar, Tuesday, November 7/ 2023

# ବୈଶାଳୀ, ଭିଦିତଙ୍କୁ ଟାଇଟଲ

**ଆଇଲ ଅଫ୍ ମ୍ୟାନ (ୟୁ.କେ.), ୬।୧୧(ପି.ଟି.)**

ଆର୍. ବୈଶାଳୀ ଓ ଭିଦିତ ଗୁଜରାଠୀ ଫିଡେ ଗ୍ରାଣ୍ଡ୍ ସୁଇସ୍ ଚେସ୍ ପ୍ରତିଯୋଗିତାରେ ଯଥାକ୍ରମେ ମହିଳା ଓ ଓପନ କାଟେଗୋରିରେ ଚାମ୍ପିୟନ ହୋଇଛନ୍ତି। ବିଶ୍ୱସ୍ତରରେ ସେମାନେ ଭାରତ ପାଇଁ ବିରଳ ଡବଲ ସଫଳତା ଆଣିଦେଇଛନ୍ତି। ଏଥିସହିତ ଦୁହେଁ କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ ମଧ୍ୟ କରିଛନ୍ତି। ପ୍ରତିଯୋଗିତାର ୧୧ତମ ଓ ଫାଇନାଲ ରାଉଣ୍ଡରେ

## ଫିଡେ ସୁଇସ୍ ଚେସ୍

ବୈଶାଳୀ ମଙ୍ଗୋଲିଆର ବାତ୍‌ଖୁୟାଗ ମୁଙ୍ଗୁନ୍ତୁଲ ସହ ତାଙ୍କ ଗେମ୍ ଡ୍ର ରଖିଥିବା ବେଳେ ଭିଦିତ ସର୍ବିୟାର ଆଲେକାଣ୍ଡର ପ୍ରିଡେକି ଇଭେଣ୍ଟରେ ତାଙ୍କ ୭ମ ବିଜୟ ସହ ଓପନ ବିଭାଗରେ ଶୀର୍ଷ ସ୍ଥାନ ଅଧିକାର କରିନେଇଥିଲେ। ଉଭୟ ବୈଶାଳୀ ଓ ଭିଦିତ ୮.୫ ପଏଣ୍ଟ ଲେଖାଏ ଅର୍ଜନ କରିଥିଲେ ଏବଂ ସେମାନଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ଅଧା ପଏଣ୍ଟ ଆଗରେ ରହିଥିଲେ। ଆସନ୍ତାବର୍ଷ ଏପ୍ରିଲରେ କାନାଡାରେ ଖେଳାଯିବାକୁଥିବା କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟ ଲାଗି ଯୋଗ୍ୟତା ଅର୍ଜନ ସହ ବୈଶାଳୀ ୨୫,୦୦୦ ଆମେରିକୀୟ ଡଲାର (୨୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ) ଆର୍ଥିକ ପୁରସ୍କାର ଲାଭ କରିଛନ୍ତି। ଅନ୍ୟପକ୍ଷରେ ଭିଦିତ ୮୦,୦୦୦ ଡଲାର (୬୬ ଲକ୍ଷ ଟଙ୍କାରୁ ଅଧିକ) ପକେଟସ୍ଥ କରିଛନ୍ତି। ମହିଳା ବର୍ଗର ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ ୟୁକ୍ରେନର ଆନ୍ନା ମୁଜିଚୁକ୍। ସେ ସୁଇଡେନର ଭେଟେରାନ ଗ୍ରାଣ୍ଡମାଷ୍ଟର ପିଆ କ୍ରାମ୍‌ଲିଙ୍ଗଙ୍କ ବିପକ୍ଷ ଗେମ୍ ଡ୍ର ରଖିଥିଲେ। ଦ୍ୱିତୀୟ ମହିଳା ଖେଳାଳି ଭାବେ କ୍ୟାଣ୍ଡିଡେଟ୍ସକୁ ଯୋଗ୍ୟତା ଅର୍ଜନ କରିଥିଲେ ତୃତୀୟ ସ୍ଥାନରେ ରହିଥିବା ତାନ୍ ଝୋଙ୍ଗୟି। କାରଣ ମୁଜିଚୁକ୍ ପୂର୍ବରୁ ମହିଳା ବିଶ୍ୱକପ୍‌ରେ ଯୋଗ୍ୟତା ହାସଲ କରିସାରିଥିଲେ। ଓପନ ବିଭାଗରେ ହିକାରୁ ନାକାମୁରା ଭାରତର ଅର୍ଜୁନ ଏରିଗେସିଙ୍କ ସହ ଡ୍ର ରଖି ଚତୁର୍ଥ ସ୍ଥାନରେ ରହିଥିଲେ। ଇଭେଣ୍ଟରେ ସେ କିନ୍ତୁ ଅପରାଜେୟ ରହିଥିଲେ।



ଟ୍ରଫି ସହ ଆର୍. ବୈଶାଳୀ ଓ ଭିଦିତ ଗୁଜରାଠୀ।

# କୁଚବିହାର ଟ୍ରଫି ପାଇଁ ଓଡ଼ିଶା ଦଳ ଘୋଷିତ

**ଭୁବନେଶ୍ୱର, ୬।୧୧ (ସରୋଜ ଜେନା):** ସୋମବାର ୨୦୨୩-୨୪ ସିଜନର ୧୯ ବର୍ଷରୁ କମ୍ କୁଚବିହାର ଟ୍ରଫିର ପ୍ରଥମ ଦୁଇ ମ୍ୟାଚ୍ ପାଇଁ ଓଡ଼ିଶା ଦଳ ଘୋଷଣା କରାଯାଇଛି। ଜୁନିୟର ଚୟନ କମିଟି ମୁଖ୍ୟ ପ୍ରଭଞ୍ଜନ ମଲିକ ଏହି ଦଳ ଘୋଷଣା କରିଛନ୍ତି। ଉଇକେଟ କିପର ଆଶୀର୍ବାଦ ସ୍ୱାଇଁଙ୍କୁ ଏହି ଦଳର ଅଧିନାୟକ ଘୋଷଣା କରାଯାଇଛି। ଓଡ଼ିଶା ଏହାର ପ୍ରଥମ ମ୍ୟାଚ୍ ସମ୍ବଲପୁରର ଭିସିଏ ଷ୍ଟାଡିୟମରେ ପୁଡୁଚେରୀ ବିପକ୍ଷରେ ୧୭ ନଭେମ୍ବରରେ ଖେଳିବ। ସେହିପରି ୨୪ ତାରିଖରେ ବରୋଦାରେ ଦଳ ବରୋଦା ବିପକ୍ଷରେ ଏହାର ଦ୍ୱିତୀୟ ମ୍ୟାଚ୍ ଖେଳିବ।

**ଓଡ଼ିଶା ଦଳ:** ପାନକଳା ଶଶାଙ୍କ, ଆଶୀର୍ବାଦ ସ୍ୱାଇଁ (ଉଇକେଟ କିପର, ଅଧିନାୟକ), ଶ୍ରେୟାଂସ ଭରଦ୍ୱାଜ, ଶ୍ରେୟାଂସୁ ପଟ୍ଟନାୟକ, ଏମ୍‌ଡି ସୋହେଲ, ଗୌରବ ଡି କୁମାର, ଆଦର୍ଶ ରାଇଗୁରୁ (ଉଇକେଟ କିପର), ସ୍ୱୟମ ଶ୍ରୀବାସ୍ତବ, କରଣ ମହାପାତ୍ର, ସମ୍ବିତ କେ ବେଜା, ସୟଦ ଟି ଅହମଦ, ସାର୍ଥକ ଜି ପଣ୍ଡା, ଶୁଭମ୍ ପ୍ରିୟଦର୍ଶୀ, ଶ୍ରୀରାଜ ପଟ୍ଟନାୟକ, ସୌଭାଗ୍ୟ ଓଝା, ଅର୍ନବ ପଟ୍ଟନାୟକ।

# କ୍ରୀଡ଼ା କୋର୍ଟରେ ଅପିଲ କଲା ରୁଷିଆ

**ଲାଉସାନେ (ସୁଇଜରଲାଣ୍ଡ), ୬।୧୧ (ଏପି)**

ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି)ର ସସ୍‌ପେଣ୍ଡ ଆଦେଶ ବିରୋଧରେ କୋର୍ଟ ଅଫ୍ ଆର୍ବିଟ୍ରେଶନ (କାସ୍)ରେ ସୋମବାର ଅପିଲ କରିଛି ରୁଷିଆର ଅଲିମ୍ପିକ କମିଟି (ଆରଓସି)। ଶୁଣାଣି ସୁଇଜରଲାଣ୍ଡର ଲାଉସାନେଠାରେ ହେବ; ଯେଉଁଠାରେ କୋର୍ଟ ଏବଂ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି(ଆଇଓସି)ର ମୁଖ୍ୟ କାର୍ଯ୍ୟାଳୟ ରହିଛି। ରୁଷିଆ ଅଲିମ୍ପିକ କମିଟି ନିକଟରେ ଅଧିକୃତ ୟୁକ୍ରେନ ପୂର୍ବାଞ୍ଚଳର ୫ଟି ଅଞ୍ଚଳକୁ ସ୍ପୋର୍ଟ୍ସ କାଉନ୍‌ସିଲରେ ଅନ୍ତର୍ଭୁକ୍ତ କରିବା ପରେ ଆଇଓସି ରୁଷିଆକୁ ସସ୍‌ପେଣ୍ଡ କରିଛି। କାରଣ ଏହାଦ୍ୱାରା ଆଞ୍ଚଳିକ ଅଖଣ୍ଡତା ନିୟମର ଉଲ୍ଲଂଘନ ହେଉଛି। ଏଥିପାଇଁ ୟୁକ୍ରେନଠାରୁ ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ ଆଣିବାକୁ ହେବ। ଆସନ୍ତା ବର୍ଷର ପ୍ୟାରିସ ଅଲିମ୍ପିକ୍ସ ଯୋଗ୍ୟତା ଅର୍ଜନ ସକାଶେ ପ୍ରସ୍ତୁତି ପାଇଁ ରୁଷୀୟ ଆଥ୍‌ଲେଟମାନଙ୍କ କ୍ଷେତ୍ରରେ ଏହି ଆଇନ ବିବାଦ ଲାଗି ଯେପରି କୌଣସି ଅସୁବିଧା ନ ଉପୁଜେ ସେଥିପ୍ରତି ଧ୍ୟାନ ଦିଆଯିବା ଉଚିତ ବୋଲି ଆଇଓସି କହିଛି।




# 'ମୋ ବାପାଙ୍କୁ ମୁକ୍ତ କର'



ଲୁଇସ୍ ଡିଆଜ୍

**ଲୁଟନ୍,୬।୧୧(ପି.ଟି.)**

ଅପହୃତ ପିତାଙ୍କୁ ମୁକ୍ତ କରିବା ପାଇଁ ନିବେଦନ କରି ଚର୍ଚ୍ଚାରେ ଲିଭରପୁଲ୍ ଫୁଟବଲର ଲୁଇସ୍ ଡିଆଜ୍। କଲମ୍ବିଆର ଏକ ଗରିଲା ଗ୍ରୁପ୍ ଡିଆଜଙ୍କ ମାତା ପିତାଙ୍କୁ ଅପହରଣ କରି ନେଇଥିଲେ। ମା'ଙ୍କୁ ଛାଡି ଦେଇଥିଲେ ମଧ୍ୟ ଅପହର୍ତ୍ତା ମାନେ ତାଙ୍କ ପିତାଙ୍କୁ ଛାଡି ନାହାନ୍ତି। ଏହାକୁ ନେଇ ଅନନ୍ୟ ଉପାୟରେ ଆବେଦନ କରିଛନ୍ତି ଲୁଇସ୍। ଅତିରିକ୍ତ ସମୟରେ ଏକ ଚମତ୍କାର ହେଡର ଜରିଆରେ ଗୋଲ ଦେଇ ଲୁଇସ୍ ମ୍ୟାଚ୍‌କୁ ଡ୍ର କରିଥିଲେ। ଗୋଲ ସ୍କୋର କରିବା ପରେ ନିଜ ଟି ଶାର୍ଟ ଉପରକୁ ଉଠାଇ ଏଥିରେ ଲେଖାଥିବା ମେସେଜ୍ ଦେଖାଇଥିଲେ। ଏଥିରେ ଲେଖାଥିଲା 'ଲିବେର୍ଟାଡା ପାରା ପାପା' ଯାହାର ଅର୍ଥ ହେଉଛି ମୋର ପିତାଙ୍କୁ ମୁକ୍ତ କର। ମ୍ୟାଚ୍ ପରେ ଏକ ଇନ୍‌ଷ୍ଟାଗ୍ରାମ ପୋଷ୍ଟ କରିଥିଲେ ଲୁଇସ୍। ଏଥିରେ ଲେଖା ଥିଲା ଆଜି ମ୍ୟାଚ୍ ସମୟରେ ଫୁଟବଲର ଲୁଇସ୍ ଡିଆଜ୍ ନୁହେଁ ବରଂ ଲୁଇସ୍ ମାନୁଏଲ ଡିଆଜଙ୍କ ପୁଅ ହିସାବରେ ମୁଁ ଅନୁରୋଧ କରିଥିଲି। ପିତାଙ୍କ ଅପହରଣ ପରେ ମୋ ପରିବାର ଓ ମୁଁ ଗଭୀର ମାନସିକ ଦୁଶ୍ଚିନ୍ତା ମଧ୍ୟରେ ଅଛୁ ତେଣୁ ତାଙ୍କୁ ମୁକ୍ତ କର ବୋଲି ସେ ଅନୁରୋଧ କରିଥିଲେ। କଲମ୍ବିଆର ସହର ବାରାନ୍‌କାସରୁ ତାଙ୍କର ପିତା ମାତାଙ୍କୁ ଅପହରଣ କରାଯାଇଥିବା ବେଳେ କିଛି ଘଣ୍ଟା ମଧ୍ୟରେ ତାଙ୍କ ମା'ଙ୍କୁ ପୋଲିସ୍ ଉଦ୍ଧାର କରିଥିଲେ ମଧ୍ୟ ପିତାଙ୍କର କୌଣସି ଖୋଜ ଖବର ମିଳିନାହିଁ।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ